# ଧରିତ୍ରୀ
DHARITRI

ମଙ୍ଗଳବାର, ମେ ୫/୨୦୨୦ (୨୦ ପୃଷ୍ଠା) | Tuesday, May 5/2020

୪୬ଶ ଭାଗ ୧୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଚହଲ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସ୍ପିନ୍ ବୋଲର**

ବର୍ତ୍ତମାନର ଅନ୍ତର୍ଜାତୀୟ କ୍ରିକେଟରେ ଶ୍ରେଷ୍ଠ ଲେଗ୍ ସ୍ପିନରଙ୍କ ମଧ୍ୟରେ ଯୁଜବେନ୍ଦ୍ର ଚହଲ ଅନ୍ୟତମ ବୋଲି କହିଛନ୍ତି ପୂର୍ବତନ ପାକିସ୍ତାନ ସ୍ପିନର ମୁସ୍ତାକ ଅହମ୍ମଦ।

**୨୦ ୧୦**

**ଚିକିତ୍ସକଙ୍କୁ ଧନ୍ୟବାଦ ଜଣାଇଲେ ନୀତୁ**

ଦୁଇବର୍ଷ ଧରି ଋଷି କପୁରଙ୍କୁ ନିଜଲୋକ ଭଳି ଯତ୍ନନେଇ ଚିକିତ୍ସା କରୁଥିବା ଚିକିତ୍ସକଙ୍କୁ ଧନ୍ୟବାଦ ଜଣାଇଛନ୍ତି ସ୍ତ୍ରୀ ନୀତୁ।



# ଚିନ୍ତା ବଢ଼ାଉଛି ଯାଜପୁର ଜିଲା

ଭୁବନେଶ୍ୱର, (ବ୍ୟୁରୋ)/ ଯାଜପୁର ଅଫିସ୍, ୪।୫

- ଆଉ ୭ କରୋନା ଆକ୍ରାନ୍ତ ଚିହ୍ନଟ
- ଯାଜପୁରର ୪, ଭଦ୍ରକର ୨, ସୁନ୍ଦରଗଡ଼ର ୧
- ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୧୬୯କୁ ବୃଦ୍ଧି

ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ାଉଛି ଯାଜପୁର ଜିଲା। ଏହି ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ତାହା ପୁଣି ପଶ୍ଚିମବଙ୍ଗ ଫେରନ୍ତାଙ୍କ ପାଇଁ ହେଉଛି। ସୋମବାର ରାଜ୍ୟରେ ୭ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଯାଜପୁରର ୪ଜଣ ଥିବାବେଳେ ଭଦ୍ରକର ୨ଜଣ ଓ ସୁନ୍ଦରଗଡ଼ର ଜଣେ ରହିଛନ୍ତି। ଯାଜପୁର ଜିଲାରେ ରାଜ୍ୟର ସର୍ବାଧିକ କରୋନା ଆକ୍ରାନ୍ତ ଅଛନ୍ତି। ବର୍ତ୍ତମାନ ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୬୯ ଥିବା ବେଳେ ଯାଜପୁର ଜିଲାରେ ୫୨ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ହୋଇଥିବାବେଳେ ୫୧ଜଣ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଯାଜପୁରରେ ଚିହ୍ନଟ ୪ ନୂଆ ସଂକ୍ରମିତ କୋଲକାତା ଫେରନ୍ତା। ସେମାନେ ସମସ୍ତେ ପୁରୁଷ ଓ ସେମାନଙ୍କ ବୟସ ହେଲା ୪୮, ୫୫, ୬୦, ୬୨ବର୍ଷ। ସେମାନଙ୍କ ଘର ଯାଜପୁର ବ୍ଲକର ଏରବାଙ୍କ ପଞ୍ଚାୟତରେ। ପୂର୍ବରୁ ଯାଜପୁର ବ୍ଲକର ପଣସା, ବାସୁଦେବପୁର, ଜାହାନପୁର, ନାଥସାହି ପଞ୍ଚାୟତରୁ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଏରବାଙ୍କରେ ପ୍ରଥମ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାର ୬ ବ୍ଲକର ୧୬ ପଞ୍ଚାୟତରେ କରୋନା ସଂକ୍ରମଣ ଦେଖିବାକୁ ମିଳିଛି। ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଏରବାଙ୍କ ପଞ୍ଚାୟତର ଏରବାଙ୍କ, ଇନ୍ଦରୋଇ, ରଘୁନାଥପୁର ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି।

ଭଦ୍ରକରେ ଚିହ୍ନଟ ୨ ଆକ୍ରାନ୍ତଙ୍କ ବୟସ ହେଲା ୪୫ ଓ ୫୫ ବର୍ଷ। ଏମାନେ ମଧ୍ୟ କୋଲକାତାରୁ ଫେରିଛନ୍ତି। ବର୍ତ୍ତମାନ ସୁଦ୍ଧା ଭଦ୍ରକ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୧ ହୋଇଛି। ଏଠାରେ ୧୨ଜଣ ସୁସ୍ଥ ହୋଇଯାଇଥିବାବେଳେ ୯ଜଣ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେହିପରି ସୁନ୍ଦରଗଡ଼ ଜିଲା ରାଉରକେଲାର ଜଣେ ☞ପୃଷ୍ଠା-୪

## ବିଶୃଙ୍ଖଳିତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୫(ବ୍ୟୁରୋ)



ନିୟମ ମାନୁନାହାନ୍ତି ପ୍ରବାସୀ ଓଡ଼ିଆ

କରୋନା(କୋଭିଡ୍-୧୯) ସଂକ୍ରମଣ ଆଶଙ୍କା କରି କେନ୍ଦ୍ର ସରକାର ସମଗ୍ର ଦେଶକୁ ତୃତୀୟ ପର୍ଯ୍ୟାୟରେ ମେ ୧୭ ତାରିଖ ଯାଏ ଲକ୍‌ଡାଉନରେ ରହିବାକୁ ଘୋଷଣା କରିଛନ୍ତି। ଏହି ସମୟରେ ବିଭିନ୍ନ ରାଜ୍ୟରେ ଫସି ରହିଥିବା ପ୍ରବାସୀ ଓଡ଼ିଆମାନେ ରାଜ୍ୟକୁ ଫେରୁଛନ୍ତି। ରାଜ୍ୟ ବାହାରୁ ଆସୁଥିବା ଓଡ଼ିଆମାନଙ୍କ ସୁରକ୍ଷା ତଥା ସେମାନଙ୍କ ପରିବାର ସୁରକ୍ଷା ପାଇଁ ରାଜ୍ୟ ସରକାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ୧୪ ଦିନିଆ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା କରିଛନ୍ତି। ରହିବା, ଖାଇବା, ☞ପୃଷ୍ଠା-୪

# ରଥ ନିର୍ମାଣ ପାଇଁ ସୁପାରିସ

ପୁରୀ ଅଫିସ,୪।୫

**ବସିଲା ପରିଚାଳନା କମିଟି ବୈଠକ**



- ରାଜ୍ୟ ସରକାରଙ୍କ ଅନୁମତିକୁ ଅପେକ୍ଷା
- ରଥଯାତ୍ରା ସଂକ୍ରାନ୍ତରେ ହେଲାନି ଆଲୋଚନା
- ୧୭ ପରେ ପୁଣି ବୈଠକ ବସିବ

ରଥ ତିଆରି ଏକ ଧର୍ମୀୟ କାର୍ଯ୍ୟ ନୁହେଁ, ଏହା ନିର୍ମାଣ କାର୍ଯ୍ୟ। ତେଣୁ ସରକାର ଲକ୍‌ଡାଉନ ପାଇଁ ଯେଉଁ ଗାଇଡ୍‌ଲାଇନ କରିଛନ୍ତି ତାହାର କୌଣସି ପ୍ରକାର ଉଲ୍ଲଂଘନ ହେବ ନାହିଁ। ମହାପ୍ରଭୁଙ୍କ ରଥ ନିର୍ମାଣ ସଂକ୍ରାନ୍ତରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ସମ୍ମତି ପ୍ରକାଶ ପାଇଛି। ରଥ ନିର୍ମାଣ ଲାଗି ସମସ୍ତ ସଦସ୍ୟ ସୁପାରିସ କରିବା ପରେ ଏନେଇ ରାଜ୍ୟ ସରକାରଙ୍କୁ ପରିଚାଳନା କମିଟି ପକ୍ଷରୁ ନିବେଦନ କରାଯାଇଛି। ସରକାର ଅନୁମତି ଦେଲେ ଖୁବ୍ ଶୀଘ୍ର ରଥ ନିର୍ମାଣ ଆରମ୍ଭ ହେବ ବୋଲି ବୈଠକ ପରେ କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବ ସୂଚନା ଦେଇଛନ୍ତି।

କରୋନାର ଭୟାବହତା ଭିତରେ ରଥଯାତ୍ରାକୁ ନେଇ କିଛିଦିନ ହେବ ନାନା ପ୍ରକାର ଚର୍ଚ୍ଚା ଚାଲିଛି। ଲକ୍‌ଡାଉନ କଟକଣା ଯୋଗୁ ଗତମାସ ୨୬ତାରିଖ ପବିତ୍ର ଅକ୍ଷୟ ତୃତୀୟାରେ ବିଧି ଅନୁଯାୟୀ ଶ୍ରୀମନ୍ଦିର ଭିତରେ ରଥ ନିର୍ମାଣ ଅନୁକୂଳ ହୋଇଥିଲା। କିନ୍ତୁ ମେ' ୩ ପର୍ଯ୍ୟନ୍ତ ୨ୟ ପର୍ଯ୍ୟାୟ ଲକ୍‌ଡାଉନ ଥିବାରୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ରଥଯାତ୍ରା ହେବ କି ନାହିଁ ତାକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ସରକାର ମେ' ୧୭ପର୍ଯ୍ୟନ୍ତ ଲକ୍‌ଡାଉନକୁ ବୃଦ୍ଧି କରିବା ସହ ନୂଆ ଗାଇଡ୍‌ଲାଇନ ଆସିଛି। ଏଭଳିସ୍ଥିତିରେ ସୋମବାର ପରିଚାଳନା କମିଟିର ଏକ ଜରୁରୀ ବୈଠକ ବସିଥିଲା। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ବୈଠକ ପରେ ଗଜପତି ମହାରାଜା କହିଥିଲେ, ପ୍ରାୟ ୨ମାସ ଧରି ରଥ ନିର୍ମାଣ ହୋଇଥାଏ। କିନ୍ତୁ ଏଥର କୋଭିଡ-୧୯ ଗାଇଡଲାଇନ ଯୋଗୁ ଅନୁକୂଳ ପରେ ଏପର୍ଯ୍ୟନ୍ତ ରଥ ନିର୍ମାଣ ଆରମ୍ଭ ହୋଇନାହିଁ। ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ଅବଧି ଶେଷ ହେବା ପରେ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା ରହିଥିଲା। ବୈଠକରେ ନୂଆ ଗାଇଡ୍‌ଲାଇନକୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁଧ୍ୟାନ କରାଗଲା। ନିର୍ଦ୍ଦେଶନାମାରେ ଧର୍ମୀୟ କାର୍ଯ୍ୟକ୍ରମକୁ ବାରଣ କରାଯାଇଥିବାବେଳେ ରେଡ୍, ଅରେଞ୍ଜ ଓ ଗ୍ରୀନ ଜୋନ୍‌ରେ ନିର୍ମାଣ କାର୍ଯ୍ୟକୁ ସର୍ତ୍ତମୂଳକ ଅନୁମତି ରହିଛି। ପୁରୀ ଗ୍ରୀନ୍ ଜୋନ୍‌ରେ ଆସୁଥିବାରୁ ରଥ ନିର୍ମାଣ ହୋଇପାରିବ ବୋଲି ବୈଠକରେ ସମସ୍ତେ ମତ ଦେଇଥିଲେ। ତେଣୁ ରଥ ନିର୍ମାଣ ଆରମ୍ଭ କରିବାକୁ କମିଟି ରାଜ୍ୟ ସରକାରଙ୍କୁ ନିବେଦନ କରିଛି। କେନ୍ଦ୍ର ସରକାରଙ୍କ ଗାଇଡଲାଇନ ଅନୁସାରେ ରାଜ୍ୟ ସରକାର ରଥ ନିର୍ମାଣ ସଂକ୍ରାନ୍ତରେ ନିଷ୍ପତ୍ତି ନେବେ। ମଙ୍ଗଳବାର ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରନ୍ତି ☞ପୃଷ୍ଠା-୪

## ରଥଯାତ୍ରା ନ ହେଲେ କିଛି ଅସୁବିଧା ନାହିଁ: ଗଜପତି



ବୈଠକ ଶେଷରେ ଖବରଦାତାଙ୍କ ପ୍ରଶ୍ନରେ ଗଜପତି ମହାରାଜା କହିଥିଲେ, ରଥଯାତ୍ରା ହେବ କି ନାହିଁ ତାହା ଏବେଠାରୁ କେହି କହିପାରିବେ ନାହିଁ। ଏପ୍ରିଲ୍ ୨୬ରେ ରଥ ନିର୍ମାଣ ଆରମ୍ଭ ହୋଇଥାନ୍ତା। ଇତିମଧ୍ୟରେ ୭/୮ ଦିନ ପଳାଇଲାଣି। ମଙ୍ଗଳବାର କିମ୍ବା ବୁଧବାର ରଥ ନିର୍ମାଣ ଆରମ୍ଭ ହେବ। ଅଧିକ ମହାରଣା ସେବକ ଏବଂ ଭୋଇ ସେବକଙ୍କୁ ଲଗାଇ ସମୟକୁ ଭରଣା କରାଯାଇପାରିବ। କିନ୍ତୁ ନୂଆ ଗାଇଡଲାଇନ ଅନୁଯାୟୀ ଯଦି ☞ପୃଷ୍ଠା-୪

## ସିଭିଲ୍ ସର୍ଭିସ ପ୍ରିଲିମ୍ ପରୀକ୍ଷା ଘୁଞ୍ଚିଲା

**ନୂଆଦିଲ୍ଲୀ,୪।୫(ପି.ଟି.):** କରୋନା ମହାମାରୀ ପାଇଁ ସିଭିଲ୍ ସର୍ଭିସ ପ୍ରିଲିମ୍ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଥିବା କେନ୍ଦ୍ର ଜନସେବା ଆୟୋଗ (ୟୁପିଏସ୍‌ସି) ପକ୍ଷରୁ କୁହାଯାଇଛି। ମେ' ୩୧ରେ ଏହି ପରୀକ୍ଷା ହେବା ଲାଗି ପୂର୍ବରୁ ଧାର୍ଯ୍ୟ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ଶେଷ ହେବା ପରେ ଦେଶରେ କରୋନା ସ୍ଥିତିକୁ ନେଇ ସୋମବାର ୟୁପିଏସ୍‌ସି ବୈଠକରେ ସମୀକ୍ଷା କରାଯାଇଥିଲା। କଟକଣା ମିଆଦ ବଢ଼ାଯାଇଥିବାରୁ ବର୍ତ୍ତମାନ ପରୀକ୍ଷା ଓ ସାକ୍ଷାତକାର କରାଇବା ସମ୍ଭବ ନୁହେଁ ବୋଲି କର୍ତ୍ତୃପକ୍ଷ ଅନୁଭବ କରିବା ପରେ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ପରବର୍ତ୍ତୀ ପରୀକ୍ଷା ତାରିଖ ସମ୍ପର୍କରେ ପ୍ରାର୍ଥୀମାନଙ୍କୁ ୩୦ ଦିନ ପୂର୍ବରୁ ଜଣାଇଦିଆଯିବ ବୋଲି ୟୁପିଏସ୍‌ସି ପକ୍ଷରୁ କୁହାଯାଇଛି।

**ଆଜିର ସମ୍ପାଦକୀୟ**

**ଆଜି ମାରୁଛି ବିମୁଦ୍ରୀକରଣ**

# ସୁରଟରେ ପ୍ରବାସୀ ଶ୍ରମିକ-ପୋଲିସ ସଂଘର୍ଷ



ସୁରଟ,୪।୫(ପି.ଟି.)

- ପୋଲିସ୍‌ର ଲାଠିଚାଳନା
- ନିଜ ରାଜ୍ୟକୁ ଫେରିବା ଦାବିରେ ରାଜକୋଟରେ ଆନ୍ଦୋଳନ
- ଘରକୁ ଫେରି ନ ପାରି ଲଣ୍ଡାହେଲେ ୫୦ ଶ୍ରମିକ

ଲକ୍‌ଡାଉନ୍ ଯୋଗୁ ଗୁଜରାଟର ସୁରଟରେ ଅଟକି ରହିଥିବା ବାହାର ରାଜ୍ୟର ହଜାର ହଜାର ପ୍ରବାସୀ ଶ୍ରମିକ ଘରକୁ ଫେରିବା ଲାଗି ସୋମବାର ପୋଲିସ ସହିତ ସଂଘର୍ଷ କରିବା ସହ ଢେଲାମାଡ଼ କରିଛନ୍ତି। ବିଶୃଙ୍ଖଳିତ ଶ୍ରମିକମାନଙ୍କୁ ଘଉଡାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲାଠିଚାଳନା କରିଥିଲା। ରାଜକୋଟରେ ମଧ୍ୟ ଅନେକ ଶ୍ରମିକ ଘରକୁ ଫେରିବା ଦାବିରେ ରାସ୍ତାକୁ ଓହ୍ଲାଇଛନ୍ତି। ସୁରଟରେ ଘରକୁ ଫେରିପାରି ନ ଥିବା କେତେଜଣ ଶ୍ରମିକ ଲଣ୍ଡା ହୋଇଥିବା ଦେଖାଯାଇଛି।

ଗୁଜରାଟର ଭିନ୍ନ ଭିନ୍ନ ଶିଳ୍ପସଂସ୍ଥାରେ ବିଭିନ୍ନ ରାଜ୍ୟରୁ ଶ୍ରମିକମାନେ ଆସି କାମ କରୁଥିଲେ। ଲକ୍‌ଡାଉନ ଯୋଗୁ ସେହି ଶିଳ୍ପସଂସ୍ଥାଗୁଡ଼ିକ ବନ୍ଦ ରହିଛି। ଫଳରେ କାମଧନ୍ଦା ହରାଇ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ କମ୍ପାନୀ କର୍ମଚାରୀମାନଙ୍କୁ ବେତନ ଦେଉ ନ ଥିବା ଅଭିଯୋଗ ହୋଇଛି। ଉତ୍ତରପ୍ରଦେଶ, ବିହାର ଏବଂ ଓଡ଼ିଶାର ଅନେକ ଶ୍ରମିକ ଗୁଜରାଟର ବିଭିନ୍ନ ସହରରେ ଅଟକି ରହିଛନ୍ତି। କେନ୍ଦ୍ର ସରକାର ବାରମ୍ବାର ☞ପୃଷ୍ଠା-୪

# ମଦ ବିକ୍ରି: ଅମଙ୍ଗ କାହିଁକି

ଜ୍ୟୋତିରଞ୍ଜନ ମହାପାତ୍ର
ଭୁବନେଶ୍ୱର,୪।୫(ବ୍ୟୁରୋ)

- ଯାଞ୍ଚ ହେଲେ ଅସଲ ମୁଖା ଖୋଲିବ
- ବିଭାଗ ନେବ ଦୃଢ଼ କାର୍ଯ୍ୟାନୁଷ୍ଠାନ: କମିଶନର

ସରକାରୀ ଲାଇସେନ୍ସଧାରୀ ମଦ ଦୋକାନୀମାନେ ମଦ ବିକ୍ରି କରିବାର ଅବଧିକୁ ବଢ଼ାଇବାକୁ ସରକାରଙ୍କୁ ଅନୁରୋଧ କରିବା ସହ ଅନେକେ ବର୍ତ୍ତମାନ ବିକ୍ରି ପାଇଁ ଅମଙ୍ଗ ହେଉଛନ୍ତି, ଯାହାକୁ ନେଇ ଜନସାଧାରଣ ତଥା ବୁଦ୍ଧିଜୀବୀ ମହଲରେ ଭିନ୍ନ ମତ ପ୍ରକାଶ ପାଉଛି। ଲାଇସେନ୍ସଧାରୀ ଦୋକାନୀମାନେ ମଦ ବିକ୍ରି କରିବାକୁ ଅମଙ୍ଗ ହେବାର କାରଣ ପଛରେ ଅନେକ ରହସ୍ୟ ଲୁଚିରହିଛି। ଜନସାଧାରଣଙ୍କ ସ୍ୱାସ୍ଥ୍ୟଗତ ଲାଭ ପାଇଁ ନୁହେଁ ବରଂ ଅନେକ ଦୋକାନୀ ଭିନ୍ନ କାରଣରୁ ଦୋକାନ ଖୋଲିବାକୁ ଭୟଭୀତ ହୋଇ ଏପରି ବାହାନା କରୁଥିବା ଚର୍ଚ୍ଚା ଜୋର ଧରିଛି।

ସମଗ୍ର ଦେଶରେ ଲକ୍‌ଡାଉନ ଲାଗୁ ହେବାରୁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଲାଇସେନ୍ସପ୍ରାପ୍ତ ଦେଶୀ, ବିଦେଶୀ ମଦ ଦୋକାନ ସମେତ ବାର୍‌କୁ ବନ୍ଦ କରାଯାଇଥିଲା। କୋଭିଡ-୧୯ ମୁକାବିଲାର ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ ସରକାରଙ୍କ ଆଭିମୁଖ୍ୟ ଘୋଷଣା କରିବା ସହ ମଦ ନ ଛୁଇଁବାକୁ ରାଜ୍ୟବାସୀଙ୍କୁ ଅନୁରୋଧ କରିଥିଲେ। ମାତ୍ର ଅନେକ ସରକାରୀ ଲାଇସେନ୍ସଧାରୀ ଅସାଧୁ ମଦ ଦୋକାନୀ ସରକାରଙ୍କ ନିୟମକୁ ଉଲ୍ଲଂଘନ କରି ଲୋକଙ୍କ ଜୀବନ ସହ ଖେଳ ଖେଳିଛନ୍ତି। ଦୋକାନ ସିଲ୍ ହୋଇ ନ ଥିବାରୁ ବିଳମ୍ବିତ ରାତିରେ ଅନେକ ମଦ ଦୋକାନରୁ ବେଆଇନ ଭାବେ ପେଟି ପେଟି ମଦ ବାହାର କରାଯାଇଛି। ଏଥିସହ ମନଇଚ୍ଛା ଚଢ଼ା ଦରରେ ଦୋକାନୀମାନେ ବେଆଇନ ଭାବେ ଖୁଚୁରା ଚୋରା ମଦ ବେପାରୀଙ୍କୁ ବିକ୍ରି କରିଦେଇଛନ୍ତି, ଯାହାକି ଟୁଇନ୍‌ସିଟି କମିଶନରେଟ ପୋଲିସ ସମେତ ବିଭିନ୍ନ ଜିଲା ପୋଲିସ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କାର ଦେଶୀ, ବିଦେଶୀ ମଦ ସମେତ କାର୍ ଜବତ କରାଯିବା ଘଟଣାରୁ ସ୍ପଷ୍ଟ ହୋଇଥିଲା। ଟୁଇନ୍‌ସିଟି କଟକ, ଭୁବନେଶ୍ୱରରେ ଅନେକ ଅସାଧୁ ବ୍ୟକ୍ତି ଲକ୍‌ଡାଉନ ସମୟରେ ନାମୀଦାମୀ କାର୍‌ରେ ପୋଲିସ ପାସ୍ ବ୍ୟବହାର କରି ମଦ ଚାଲାଣ ବେଳେ ଧରାପଡିବା ସହ ଜେଲ ଯାଇଛନ୍ତି। ରାତିଅଧରେ ଦୋକାନ ଖୋଲି ଚୋରାରେ ମଦ ବିକ୍ରି ହୋଇଯାଇଥିବାରୁ ଦୋକାନୀଙ୍କ ପାଖରେ ଯଥେଷ୍ଟ ପରିମାଣର ମଦ ନ ଥିବା ଜଣାପଡ଼ିଛି। ମଦ ଦୋକାନ ଖୋଲିଲେ ସେମାନେ ଗ୍ରାହକଙ୍କ ଆକ୍ରୋଶର ଶିକାର ହେବାର ଭୟ ରହିଛି। ତେଣୁ ମଦ ଫ୍ୟାକ୍ଟ୍ରିରୁ ମଦ ସପ୍ଲାଇ ଆରମ୍ଭ ପରେ ଦୋକାନ ଖୋଲିବାକୁ ଅନେକେ ଯୋଜନା କରୁଛନ୍ତି। ଏପରିକି ଅନେକ ଦୋକାନୀ ଅବକାରୀ ବିଭାଗୀୟ କର୍ମଚାରୀଙ୍କୁ ଧରି ଷ୍ଟକ୍ କାଗଜପତ୍ର ସଜାଡ଼ିବାରେ ଲାଗି ପଡିଛନ୍ତି ବୋଲି ହାଇକୋର୍ଟର ଯୁବ ଆଇନଜୀବୀ ବିସ୍ମୟ କୁମାର ଷ୍ଟାଲିନ୍ କହିଛନ୍ତି। ସେ କହିଛନ୍ତି, ଲକ୍‌ଡାଉନ ସମୟରେ ସମଗ୍ର ରାଜ୍ୟରେ ଯେତେ ☞ପୃଷ୍ଠା-୪

# ଫେରୁଥିବା ରାଜ୍ୟରୁ ଅନୁମତି ଆଣିବା ବାଧ୍ୟତାମୂଳକ

ଭୁବନେଶ୍ୱର,୪।୫(ବ୍ୟୁରୋ)



ଯେଉଁ ରାଜ୍ୟରୁ ଲୋକମାନେ ଓଡ଼ିଶାକୁ ଫେରୁଛନ୍ତି ସେଠାରୁ ସେମାନେ ଅନୁମତିପତ୍ର ଆଣିବା ସହିତ ଯାନବାହନର ସମ୍ପୂର୍ଣ୍ଣ ବିବରଣୀ ରାଜ୍ୟ ସରକାରଙ୍କ କୋଭିଡ୍ ପୋର୍ଟାଲରେ ପଞ୍ଜୀକରଣ କରିବା ବାଧ୍ୟତାମୂଳକ କରାଯାଇଛି। ସୋମବାର ଗୀତଗୋବିନ୍ଦ ସଦନଠାରେ ଆୟୋଜିତ କୋଭିଡ୍-୧୯ ସମ୍ପର୍କିତ ଖବରଦାତା ସମ୍ମିଳନୀରେ ରାଜ୍ୟ ପରିବହନ କମିଶନର ସଞ୍ଜୀବ ପଣ୍ଡା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଅନ୍ୟ ରାଜ୍ୟରୁ ଫେରୁଥିବା ଲୋକମାନଙ୍କ ଯାନବାହନ ଓଡ଼ିଶାକୁ ପ୍ରବେଶ କରିବା ବେଳକୁ ୧୨ ନିର୍ଦ୍ଧାରିତ ସୀମା ଚେକ୍ ପଏଣ୍ଟ ଦେଇଯିବାକୁ ପଡ଼ିବ। ଆସୁଥିବା ରାଜ୍ୟରୁ ଯଦି କୌଣସି ଅନୁମତି ପତ୍ର ନ ଥିବ ତେବେ ସମ୍ପୃକ୍ତ ଯାନକୁ ରାଜ୍ୟରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ପଣ୍ଡା ସୂଚନା ଦେଇଛନ୍ତି। ବାହାର ରାଜ୍ୟ ଫେରନ୍ତାଙ୍କ ତଦାରଖ ପାଇଁ ରାଜ୍ୟ ସରକାର ଏକ ୱେବ୍ ପୋର୍ଟାଲ ଖୋଲିଛନ୍ତି। ସରକାରୀ କର୍ମଚାରୀମାନେ ପଞ୍ଜୀକରଣ, ଯାନବାହନ ଏବଂ ଯାତ୍ରୀମାନଙ୍କ ସମସ୍ତ ବିଷୟକୁ ଭଲଭାବେ ଯାଞ୍ଚ କରିବେ। ଏହାପରେ ଲକ୍ଷ୍ୟସ୍ଥଳକୁ ଯିବା ପାଇଁ ସୀମା ଚେକ୍ ପୋଷ୍ଟରେ ଓଡ଼ିଶା ମଧ୍ୟରେ କେଉଁ ଜିଲା ଓ କେଉଁ ରାସ୍ତାରେ ଯିବେ ସେ ନେଇ ସମ୍ପୂର୍ଣ୍ଣ ବିବରଣୀ ଥିବା ଏକ ଅନୁମତିପତ୍ର ପ୍ରଦାନ କରାଯିବ। ବାହାର ରାଜ୍ୟ ଫେରନ୍ତାଙ୍କ ହାତରେ ଏକ ଅଲିଭା କାଳିରେ ଷ୍ଟାମ୍ପିଂ କରାଯିବ। ଯେଉଁମାନେ ଓଡ଼ିଶା ଆସିବାକୁ ଚାହୁଁଛନ୍ତି, ସମାନେ ପୂର୍ବରୁ ପଞ୍ଜୀକରଣ କରି ନେଲେ ସୀମାରେ ଥିବା ଚେକ୍ ପଏଣ୍ଟରେ ଅଯଥା ବିଳମ୍ବ ହେବ ନାହିଁ। ସୁବିଧାରେ ପହଞ୍ଚିବା ନେଇ ଜିଲାପାଳ ଓ ଏସ୍‌ପି ସମସ୍ତ ବ୍ୟବସ୍ଥା କରିବେ। ଗାଡ଼ି ଚାଳକମାନଙ୍କୁ ମଧ୍ୟ ପାସ୍ ଇସ୍ୟୁ କରାଯିବ। ସେମାନେ ପହଞ୍ଚିବା ସ୍ଥଳରେ ନୋଡାଲ ଅଫିସରଙ୍କୁ ସେହି ପାସ୍ ପ୍ରଦାନ କରିବେ। କୌଣସି ପ୍ରକାର ଓଭରଲୋଡ କିମ୍ବା ଦ୍ରୁତଗତିକୁ ଅନୁମତି ଦିଆଯିବ ନାହିଁ ବୋଲି ପରିବହନ କମିଶନର ସୂଚନା ଦେଇଛନ୍ତି।

# ଚାଇନାରେ ପୁଣି ଦେଖାଦେଇପାରେ କରୋନା ପ୍ରକୋପ

ବେଜିଂ,୪।୫



- ୨ ସପ୍ତାହ ହେଲା ଦେଖିବାକୁ ମିଳୁଛି ନୂଆ ସ୍ଥାନୀୟ ସଂକ୍ରମଣ ମାମଲା
- ମାର୍ଚ୍ଚ ୨୫ ସୁଦ୍ଧା ବିଶ୍ୱର ଶୀର୍ଷ ସ୍ଥାନରେ ଥିଲା, ଏବେ ୧୧ ସ୍ଥାନରେ

ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା କରୋନା ଭାଇରସ୍ ପୁଣିଥରେ ଚାଇନାରେ ତାହାର ପ୍ରକୋପ ଦେଖାଇପାରେ। ଏଭଳି ଆଶଙ୍କା ପ୍ରକାଶ କରିଛନ୍ତି ଚାଇନାର ଜଣେ ପ୍ରମୁଖ ସ୍ୱାସ୍ଥ୍ୟ ଅଧିକାରୀ। ଗତ ଦୁଇ ସପ୍ତାହ ମଧ୍ୟରେ ଦେଶର ୧୦ ପ୍ରଦେଶରେ ନୂଆ ସ୍ଥାନୀୟ କରୋନା ସଂକ୍ରମଣ ମାମଲା ଦେଖିବାକୁ ମିଳିଛି। ଅର୍ଥାତ୍ ଉକ୍ତ ସଂକ୍ରମିତଙ୍କ କୌଣସି ଟ୍ରାଭେଲ ହିଷ୍ଟ୍ରି ନାହିଁ। ସେମାନେ ଅନ୍ୟ କାହାଠାରୁ ସଂକ୍ରମିତ ହୋଇଛନ୍ତି। ଏଥିରୁ ପୁଣି ସଂକ୍ରମଣ ବ୍ୟାପିପାରେ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଜଣକ ଚେତାଇ ଦେଇଛନ୍ତି। ଚାଇନାର ଜାତୀୟ ସ୍ୱାସ୍ଥ୍ୟ ଆୟୋଗ(ଏନ୍‌ଏଚ୍‌ସି) କହିଛି ଯେ, ରବିବାର ୩ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିଲେ। ସେମାନେ ସମସ୍ତେ ବିଦେଶ ଫେରନ୍ତା। ଏହାବ୍ୟତୀତ ୧୩ ନୂଆ ମାମଲା ମଧ୍ୟରେ ୨ ବିଦେଶ ଫେରନ୍ତା ଥିବାବେଳେ ସମସ୍ତଙ୍କଠାରେ ରୋଗର କୌଣସି ଲକ୍ଷଣ ପ୍ରକାଶ ପାଇନାହିଁ। ଏନ୍‌ଏଚ୍‌ସି ରବିବାର ପର୍ଯ୍ୟନ୍ତ ୯୬୨ ମାମଲା ଉପରେ ନଜର ରଖିଥିଲା, ଯେଉଁଥିରେ ରୋଗର କୌଣସି ଲକ୍ଷଣ ଦେଖାଯାଇନାହିଁ। ସେଥିମଧ୍ୟରୁ ୯୮ ଜଣ ହେଉଛନ୍ତି ବିଦେଶ ଫେରନ୍ତା। ସେମାନେ ଅନ୍ୟମାନଙ୍କୁ ସଂକ୍ରମିତ କରିବା ଆଶଙ୍କା ରହିଛି ବୋଲି ଏନ୍‌ଏଚ୍‌ସି ମୁଖପାତ୍ର ମି ଫେଙ୍ଗ୍ କହିଛନ୍ତି।

ମହାମାରୀ କରୋନା ପ୍ରଥମେ ଚାଇନାର ଉହାନ୍ ସହରରେ ଦେଖିବାକୁ ମିଳିଥିଲା। ଧୀରେ ଧୀରେ ତାହା ୨୧୨ ଦେଶକୁ ବ୍ୟାପି ୩୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସଂକ୍ରମିତ କରିଥିବାବେଳେ ୨ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଲାଣି। ପ୍ରାୟ ଦେଢ଼ ମାସ ହେଲା ଚାଇନାରେ କରୋନା ସଂକ୍ରମଣ ହ୍ରାସ ☞ପୃଷ୍ଠା-୪

**ଖବରଦାତାଙ୍କୁ ସହାୟତା ଲାଗି ଡବ୍ଲ୍ୟୁଏପିସିର ଆହ୍ୱାନ**

କରୋନା ମହାମାରୀ ସମ୍ପର୍କିତ ଖବର ପ୍ରସାରଣରେ ଖବରଦାତାମାନେ ଯତ୍ନବାନ ହେବାକୁ ୱାର୍ଲ୍ଡ ଆସୋସିଏଶନ ଅଫ୍ ପ୍ରେସ୍ କାଉନସିଲ୍ସ (ଡବ୍ଲ୍ୟୁଏପିସି) ପରାମର୍ଶ ଦେଇଛି। ଏହି ମହାମାରୀ ବିରୋଧରେ ଲଢ଼େଇ କରୁଥିବା ଖବରଦାତାମାନଙ୍କୁ ସବୁ ସହାୟତା ଯୋଗାଇଦେବା ଲାଗି ଡବ୍ଲ୍ୟୁଏପିସି ସମସ୍ତ ସରକାରଙ୍କୁ ଆହ୍ୱାନ ଦେଇଛି।





୪୦ ଦିନ ପରେ ଖୋଲିଲା ଲୁଗା ଦୋକାନ। ନାଗାଓଁରେ ଜଣେ ଦୋକାନୀ ପୋଷାକ ସଜାଉଛନ୍ତି।

# କଶ୍ମୀରରେ ୩ ଯବାନ ଶହୀଦ

**ବଡ଼ଗାଓଁ, ହନ୍ଦୱାରାରେ ଆତଙ୍କବାଦୀ ଆକ୍ରମଣ**

**ଶ୍ରୀନଗର, ୪।୫:** ଜମ୍ମୁ-କଶ୍ମୀରର କୁପୱାରା ଜିଲାରେ ସୋମବାର ଆତଙ୍କବାଦୀଙ୍କ ଆକ୍ରମଣରେ ୩ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଛନ୍ତି। ଜିଲାର କ୍ରାଲଗଣ୍ଡ ଅନ୍ତର୍ଗତ ୱାଙ୍ଗମ କାଜିଆବାଦ ଅଞ୍ଚଳରେ ସିଆର୍‌ପିଏଫ୍‌ନାକା ପାର୍ଟିଉପରେ ଗୁଳିମାଡ଼ ହୋଇଥିଲା। ଘଟଣାସ୍ଥଳରେ ୩ ଯବାନ ପ୍ରାଣ ହରାଇଥିଲେ। ପାଟ୍ରୋଲିଂ ପାର୍ଟିକୁ ଟାର୍ଗେଟ୍ କରି ଆତଙ୍କବାଦୀମାନେ ଏଭଳି କାଣ୍ଡ ରଚିଥିବା ଅନୁମାନ କରାଯାଉଛି। ଏଭଳି ଘଟଣା ପରେ ସେହି ଅଞ୍ଚଳକୁ ଅଧିକ ଫୋର୍ସ ପଠାଯାଇ ଘେରାବନ୍ଦୀ କରାଯାଇଥିବା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୭ ଯବାନ ଆହତ ହୋଇଛନ୍ତି। ସେହିଭଳି ସେନା ଗୁଳିମାଡ଼ରେ ୨ ଜଣ ଆତଙ୍କବାଦୀ ନିହତ ହୋଇଥିବା ଜଣାପଡ଼ିଛି। ପ୍ରକାଶଥାଉ କି, ରବିବାର ଉତ୍ତର କଶ୍ମୀରର ହନ୍ଦୱାରାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଭାରତର ଜଣେ ସେନା କଲୋନେଲ ଓ ଜଣେ ମେଜରଙ୍କ ସମେତ ୫ ଯବାନ ଶହୀଦ ହୋଇଥିଲେ।

## ଠିକଣା ଜବାବ ଦିଆଯିବ: ସେନାମୁଖ୍ୟ



ଏମ୍.ଏମ୍. ନରୱଣେ

**ନୂଆଦିଲ୍ଲୀ:** ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବା ପାକିସ୍ତାନ ସରକାରର ଏଜେଣ୍ଡା ହୋଇ ରହିଛି। ଇସ୍‌ଲାମାବାଦ ଯଦି ଏହାର ରାଷ୍ଟ୍ର ପ୍ରାୟୋଜିତ ଆତଙ୍କବାଦ ନୀତିରୁ ନିବୃତ୍ତ ନ ହୁଏ, ତେବେ ଭାରତ ଠିକଣା ଜବାବ ଦେବ ବୋଲି ସେନାମୁଖ୍ୟ ଜେନେରାଲ ଏମ୍.ଏମ୍. ନରୱଣେ ଚେତାବନୀ ଦେଇଛନ୍ତି। ଆତଙ୍କବାଦୀଙ୍କୁ ଭାରତରେ ଅନୁପ୍ରବେଶ କରାଇବା ଲାଗି ପାକ୍ ସେନା ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରୁଛି। ଏହାର ଉପଯୁକ୍ତ ଜବାବ ଦିଆଯିବ। ରବିବାର ହନ୍ଦୱାରା ଏନ୍‌କାଉଣ୍ଟରରେ ଜଣେ କଲୋନେଲ୍ ଓ ଜଣେ ମେଜରଙ୍କ ସମେତ ୫ ଯବାନ ଶହୀଦ ହୋଇଥିଲେ। ସୋମବାର ପୁଣି ୩ ଯବାନଙ୍କ ଜୀବନ ଯାଇଛି। ଆତଙ୍କବାଦୀଙ୍କ କବଳରୁ ସ୍ଥାନୀୟ ଲୋକଙ୍କୁ ସୁରକ୍ଷା ଦେବାକୁ ଯାଇ ଯବାନମାନେ ଆତ୍ମବଳିଦାନ ଦେଇଥିବାରୁ ଦେଶ ସେମାନଙ୍କ ପାଇଁ ଗର୍ବିତ ବୋଲି ଜେନେରାଲ ନରୱଣେ କହିଥିଲେ। ସାରା ବିଶ୍ୱ କରୋନା ଭୂତାଣୁ ବିରୋଧରେ ଲଢୁଥିବାବେଳେ ଭାରତରେ ଅନୁପ୍ରବେଶକାରୀ ପୂରାଇବା ପାକିସ୍ତାନର ଏକମାତ୍ର ଲକ୍ଷ୍ୟ ହୋଇଛି। କରୋନା ବିରୋଧରେ ମିଳିତ ପ୍ରୟାସ ଲାଗି ସାର୍କ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଏକ ଭିଡିଓ କନ୍‌ଫରେନ୍ସର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ମଧ୍ୟ ଇସ୍‌ଲାମାବାଦ ସଂକୀର୍ଣ୍ଣ ମନୋଭାବ ଦେଖାଇଥିଲା। ମହାମାରୀରୁ ନାଗରିକଙ୍କ ସୁରକ୍ଷା ପ୍ରତି ଧ୍ୟାନ ନ ଦେଇ ଉକ୍ତ ମଞ୍ଚରେ ସେ କଶ୍ମୀରରେ ମାନବାଧିକାର ଉଲ୍ଲଂଘନ ହେଉଥିବା କଥା ଉଠାଇଥିଲା।

# ପ୍ଲାଜ୍‌ମା ଥେରାପିର ଅଧିକ ପରୀକ୍ଷା ଆବଶ୍ୟକ

**ବିଶେଷଜ୍ଞଙ୍କ ମତ**

**ନୂଆଦିଲ୍ଲୀ,୪।୫:** କରୋନା ଭୂତାଣୁକୁ ନାଶ କରିବା ପାଇଁ ପ୍ଲାଜ୍‌ମା ଥେରାପି ଉପଯୁକ୍ତ ଚିକିତ୍ସା ବୋଲି କହିହେବ ନାହିଁ। ଏହି ଚିକିତ୍ସାର ପ୍ରଭାବ ସମ୍ପର୍କରେ ନିଶ୍ଚିତ ହେବାକୁ ହେଲେ ବ୍ୟାପକ ନିୟନ୍ତ୍ରିତ ପରୀକ୍ଷା କରାଇବାକୁ ପଡ଼ିବ ବୋଲି ଚିକିତ୍ସା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଗୁରୁତର ଅସୁସ୍ଥ କୋଭିଡ୍-୧୯ ରୋଗୀଙ୍କ ଚିକିତ୍ସା ଲାଗି ଅନେକ ରାଜ୍ୟ ପ୍ଲାଜ୍‌ମା ଚିକିତ୍ସା ସମ୍ପର୍କରେ ବିଚାର କରୁଛନ୍ତି। ଏହି ଚିକିତ୍ସାରେ ଆରୋଗ୍ୟ ହୋଇଥିବା କରୋନା ରୋଗୀଙ୍କ ରକ୍ତରୁ ଆଣ୍ଟିବଡ଼ି ସଂଗ୍ରହ କରାଯାଇ ଏହାକୁ ସକ୍ରିୟ କରୋନା ଆକ୍ରାନ୍ତଙ୍କ ଶରୀରରେ ଛଡ଼ାଯାଇଥାଏ। ଏହା ସଂକ୍ରମଣ ବିରୋଧରେ ଶରୀରର ରୋଗ ପ୍ରତିରୋଧ ଶକ୍ତିକୁ ସକ୍ରିୟ କରିଥାଏ ବୋଲି କୁହାଯାଉଛି। ତେବେ ଏହି ଚିକିତ୍ସା ପରୀକ୍ଷାମୂଳକ ପର୍ଯ୍ୟାୟରେ ଥିବାରୁ ଏହାକୁ ପ୍ରୟୋଗ ନ କରିବା ଲାଗି ଗତ ସପ୍ତାହରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସତର୍କ କରାଇଥିଲା। ଏପରି ଚିକିତ୍ସା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି କୁହାଯାଇଥିଲା। ଏହାସତ୍ତ୍ୱେ ରାଜସ୍ଥାନ, ପଞ୍ଜାବ, ମହାରାଷ୍ଟ୍ର ଓ ଦିଲ୍ଲୀ ସରକାର ପ୍ଲାଜ୍‌ମା ଥେରାପି ଚିକିତ୍ସା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଅଳ୍ପ ସଂଖ୍ୟକ କରୋନା ଆକ୍ରାନ୍ତଙ୍କୁ ଏଭଳି ଚିକିତ୍ସା କରାଇବାକୁ କେନ୍ଦ୍ର ସରକାର କେତେକ ରାଜ୍ୟକୁ ଅନୁମତି ପ୍ରଦାନ କରିଛନ୍ତି। ତେବେ ବର୍ତ୍ତମାନର ଚିକିତ୍ସାଠାରୁ ଏହି ଚିକିତ୍ସାରେ ବିଶେଷ ଫରକ ଆସିବ ନାହିଁ ବୋଲି ଚିକିତ୍ସା ବିଶେଷଜ୍ଞମାନେ ଅନୁଭବ କରୁଛନ୍ତି। ଏହା ଉପରେ ବ୍ୟାପକ ପରୀକ୍ଷାର ଆବଶ୍ୟକତା ରହିଛି। ମାତ୍ର ଅଳ୍ପ କେତେଜଣ ରୋଗୀ ଏହି ଚିକିତ୍ସାରୁ ଉପକୃତ ହୋଇଥିବା ଦିଲ୍ଲୀ ଏମ୍ସର ନିର୍ଦ୍ଦେଶକ ରଣଦୀପ୍ ଗୁଲେରିଆ କହିଛନ୍ତି। ପ୍ଲାଜ୍‌ମା ଚିକିତ୍ସା ଶରୀରର ରୋଗ ପ୍ରତିରୋଧ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ। ତେବେ ଏଥିପାଇଁ ଚିକିତ୍ସାରେ ନାଟକୀୟ ପରିବର୍ତ୍ତନ ଆସିବା ସମ୍ଭାବନା ନାହିଁ ବୋଲି ସେ ମତ ଦେଇଛନ୍ତି।

# ୨୪ ଘଣ୍ଟାରେ ୧,୦୭୪ ସୁସ୍ଥ

- କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୪,୨୩୪
- ଭଲ ହେଲେଣି ୧୨ ହଜାରରୁ ଊର୍ଦ୍ଧ୍ୱ
- ଦେଶରେ ଗଲାଣି ୧,୪୪୧ ଜୀବନ

**ନୂଆଦିଲ୍ଲୀ, ୪।୫:** କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଭାରତରେ ବଢ଼ିବା ସହ ପରିସ୍ଥିତିକୁ ଗୋଳମାଳିଆ କରିପକାଇଛି। ଏହା ଭିତରେ ଏକ ଖୁସିଖବର ମଧ୍ୟ ସାମ୍ନାକୁ ଆସିଛି। ତାହାହେଲା ଗତ ୨୪ ଘଣ୍ଟା ମଧ୍ୟରେ ରେକର୍ଡ ସଂଖ୍ୟକ ୧,୦୭୪ କରୋନା ରୋଗୀ ସୁସ୍ଥ ହୋଇଛନ୍ତି। ଗୋଟିଏ ଦିନରେ ଏତେରୋଗୀ ସୁସ୍ଥ ହେବା ଘଟଣା ପ୍ରଥମ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟର ଯୁଗ୍ମସଚିବ ଲଭ୍ ଅଗ୍ରୱାଲ କହିଛନ୍ତି, ସୁସ୍ଥ ହୋଇଥିବା ରୋଗୀଙ୍କ ସଂଖ୍ୟା ମୋଟ୍ ଆକ୍ରାନ୍ତଙ୍କ ୨୭.୫୨%। ଅଦ୍ୟାବଧି ୪୪,୨୩୪ ଭୂତାଣୁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨,୦୪୨ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେଉଥିବା ଅଗ୍ରୱାଲ କହିଛନ୍ତି। ଟେଷ୍ଟିଂ କିଟ୍‌ର ଅଭାବ ନାହିଁ ଓ ଦିନକୁ ପ୍ରାୟ ୭୦ ହଜାର ଟେଷ୍ଟ କରାଯାଉଥିବା ସେ ପ୍ରକାଶ କରିଛନ୍ତି।

ଭାରତରେ କରୋନା ନେଲାଣି ୧,୪୪୧ ଜୀବନ। ମୋଟ ରୋଗୀଙ୍କ ମଧ୍ୟରେ ୩୦,୭୪୭ ଆକ୍ଟିଭ ମାମଲା ରହିଛି। ସବୁଠାରୁ ବଡ଼କଥା ହେଲା, ସୋମବାର ୧,୪୫୬ ନୂଆ ମାମଲା ସାମ୍ନାକୁ ଆସିଛି। ସଚେତନତା ସତ୍ତ୍ୱେ ଏତେମାତ୍ରାରେ ନୂଆରୋଗୀ ଚିହ୍ନଟ ହେବା ଚିନ୍ତାର ବିଷୟ। ମହାରାଷ୍ଟ୍ରରେ କେବଳ ୧୨, ୯୭୪ ଭୂତାଣୁ ସଂକ୍ରମିତ ଥିବା ବେଳେ ପ୍ରାଣ ହରାଇଲେଣି ୫୪୮ ଜଣ। ଗୁଜରାଟରେ ୫,୮୦୪ ସଂକ୍ରମିତ ଥିବା ବେଳେ ୩୧୯ ଲୋକଙ୍କ ଜୀବନ ଗଲାଣି। ସେହିଭଳି ରାଜଧାନୀ ଦିଲ୍ଲୀରେ ଆକ୍ରାନ୍ତଙ୍କ ସଂଖ୍ୟା ୪,୫୪୯କୁ ବୃଦ୍ଧିପାଇଥିବା ବେଳେ ୬୪ ମୃତ୍ୟୁମୁଖରେ ପଡ଼ିଛନ୍ତି। ତାମିଲନାଡ୍ରୁ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶରେ ମୋଟ ୯ ହଜାର କରୋନା ଆକ୍ରାନ୍ତ ଥିବା ବେଳେ ମୃତ୍ୟୁସଂଖ୍ୟା ୨୩୦କୁ ବୃଦ୍ଧିପାଇଛି। କେବଳ ତାମିଲନାଡୁରେ ସୋମବାର ୫୨୭ ନୂଆରୋଗୀ ଚିହ୍ନଟ ହୋଇଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ରାଜସ୍ଥାନରେ ୩ ହଜାରରୁ ଅଧିକ ସଂକ୍ରମିତ ଥିବା ବେଳେ ୭୫ ଜଣ ଜୀବନ ହାରିଲେଣି। ପଶ୍ଚିମବଙ୍ଗରେ ୧,୨୬୦ ସଂକ୍ରମିତ ଥିବା ବେଳେ ମୃତ୍ୟୁସଂଖ୍ୟା ୬୧ ଛୁଇଁଛି। ପଞ୍ଜାବରେ ୨୩, କର୍ନାଟକରେ ୨୭, ତେଲଙ୍ଗାନାରେ ୨୯, ଆନ୍ଧ୍ରପ୍ରଦେଶରେ ୩୩ ବ୍ୟକ୍ତି ଏହି ମହାମାରୀର ଶିକାର ହୋଇଛନ୍ତି। ଲକ୍‌ଡାଉନ୍ ଅବଧି ବୃଦ୍ଧି ସହ ସାମାଜିକ ଦୂରତ୍ୱ ରକ୍ଷାକରିବାକୁ ପରାମର୍ଶ ଦିଆଯାଇଥିଲେ ହେଁ ରୋଗୀ ସଂଖ୍ୟା କମିବାର ନାଁ ନେଉନାହିଁ। କେତେକ ରାଜ୍ୟରେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ପୁଣି ପ୍ରବାସୀଙ୍କ ଆଗମନ ଚିନ୍ତା ବଢ଼ାଇଦେଇଛି। ଯଦିଓ କୌଣସି ସଫଳ ଔଷଧ ଏପର୍ଯ୍ୟନ୍ତ ବାହାରିନି, ତଥାପି ଅତ୍ୟାଧୁନିକ ଚିକିତ୍ସା ବିଜ୍ଞାନର ସଫଳତା ଭୂତାଣୁ ଆକ୍ରାନ୍ତଙ୍କୁ ଆରୋଗ୍ୟକରିବାରେ କେତେକାଂଶରେ ସହାୟକ ହୋଇପାରିଛି କହିଲେ ଅତ୍ୟୁକ୍ତି ହେବନାହିଁ।



## ବିଶ୍ୱରେ କରୋନା ସ୍ଥିତି

| ଦେଶ | ମୋଟ ସଂକ୍ରମିତ | ସୋମବାର ସଂକ୍ରମିତ | ମୋଟ ମୃତ୍ୟୁ | ସୋମବାର ମୃତ୍ୟୁ | ଆରୋଗ୍ୟ ହୋଇଛନ୍ତି | ଚିକିତ୍ସାଧୀନ |
|---|---|---|---|---|---|---|
| ଆମେରିକା | ୧,୧୯୨,୯୦୬ | ୪,୭୮୪ | ୬୮,୯୫୭ | ୩୫୯ | ୧୭୮,୯୧୧ | ୯୪୫,୦୩୮ |
| ସ୍ପେନ | ୨୪୮,୩୦୧ | ୧,୧୭୯ | ୨୫,୪୨୮ | ୧୬୪ | ୧୫୧,୬୩୩ | ୭୧,୨୪୦ |
| ଇଟାଲୀ | ୨୧୦,୭୧୭ | | ୨୮,୮୮୪ | | | ୧୫୭,୮୦୯ |
| ଜର୍ମାନୀ | ୧୬୫,୭୪୫ | ୮୧ | ୬,୮୬୬ | | ୧୩୨,୭୦୦ | ୨୬,୧୭୯ |
| ଫ୍ରାନ୍ସ | ୧୬୮,୬୯୩ | | ୨୪,୮୯୫ | | ୫୦,୭୮୪ | ୯୩,୦୧୪ |
| ଚାଇନା | ୮୨,୮୮୦ | ୩ | ୪,୬୩୩ | ୨ | ୭୭,୭୬୬ | ୪୮୧ |
| ଇରାନ | ୯୮,୬୪୭ | ୧,୨୨୩ | ୬,୨୭୭ | ୭୪ | ୭୯,୩୭୯ | ୧୨,୯୯୧ |
| ବ୍ରିଟେନ | ୧୮୬,,୫୯୯ | | ୨୮,୪୪୬ | | | ୧୫୭,୮୦୯ |
| ଭାରତ | ୪୪,୨୩୪ | ୧,୪୫୩ | ୧,୪୪୧ | ୫୦ | ୧୨,୦୪୨ | ୩୦,୭୪୭ |
| ପାକିସ୍ତାନ | ୨୦,୮୮୪ | ୮୦୦ | ୪୭୬ | ୧୯ | ୫,୬୩୫ | ୧୪,୭୭୩ |
| ସାରା ବିଶ୍ୱ | ୧୪,୫୪,୮୨୫ | ୨୩,୯୦୬ | ୮୩,୬୦୭ | ୧,୫୭୩ | ୩,୦୯,୮୧୮ | ୧୦, ୬୧,୪୦୦ |

* ସୋମବାର ରାତି ୯ଟା ୩୦ ସୁଦ୍ଧା ମିଳିଥିବା ତଥ୍ୟ



ଲକ୍‌ଡାଉନ୍ କଟକଣା କୋହଳ ହେଲା ପରେ ରାସ୍ତାରେ ବଢ଼ିଲା ଭିଡ଼। ସୋମବାର ଗୁଆହାଟୀର ଜିଏସ୍ ରୋଡ୍‌ରେ ଗାଡ଼ିଗୁଡ଼ିକର ଲମ୍ବା ଲାଇନ୍।

# ବିଦେଶରୁ ଫେରିବେ ଭାରତୀୟ

**ନୂଆଦିଲ୍ଲୀ,୪।୫(ପି.ଟି.)**

**୭ରୁ ମେଗା ଅଭିଯାନ**

କରୋନା ସଂକ୍ରମଣ ରୋକିବାକୁ ଅନ୍ତର୍ଜାତୀୟ ବିମାନ ଚଳାଚଳ ବନ୍ଦ ରହିଥିବାରୁ ବିଭିନ୍ନ ଦେଶରେ ହଜାର ହଜାର ଭାରତୀୟ ଅଟକି ରହିଛନ୍ତି। ସେମାନଙ୍କୁ ଫେରାଇ ଆଣିବା ଲାଗି ମେ' ୭ରୁ ବଡ଼ ଅଭିଯାନ ଆରମ୍ଭ ହେବ ବୋଲି ସୋମବାର ସରକାର ଘୋଷଣା କରିଛନ୍ତି। ପ୍ରଥମେ ଉପସାଗରୀୟ ଦେଶରୁ ଭାରତୀୟ ଫେରିବେ। ସେଠାରେ ୭୦ ପ୍ରତିଶତ ପ୍ରବାସୀ ହେଉଛନ୍ତି ଭାରତୀୟ। ପ୍ରଥମ ପର୍ଯ୍ୟାୟରେ ୧୯ ଲକ୍ଷ ଫେରିବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥିପାଇଁ କେବଳ ବିମାନ ବ୍ୟବହାର କରାଯିବନି, ନୌସେନା ଯୁଦ୍ଧଜାହାଜକୁ ମଧ୍ୟ ନିୟୋଜିତ କରାଯିବ। ଯାତ୍ରୀମାନେ ପହଞ୍ଚିବା ପରେ ସେମାନଙ୍କୁ ହସ୍ପିଟାଲ କିମ୍ବା କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ୧୪ ଦିନ ରଖାଯିବ। ୧୪ ଦିନ ପରେ ସେମାନଙ୍କର କୋଭିଡ୍-୧୯ ପରୀକ୍ଷା ହେବ। ଭାରତର ଅନୁରୋଧକୁ ୟୁଏଇ ଏବଂ କୁଏଟ୍ ସରକାର ଗ୍ରହଣ କରିଛନ୍ତି। ଏହାବ୍ୟତୀତ ବ୍ରିଟେନ୍, କାନାଡା, ଆମେରିକା, ରୁଷିଆ, ଫିଲିପାଇନ୍ସ ଓ ସିଙ୍ଗାପୁରରେ ଥିବା ହଜାର ହଜାର ଛାତ୍ରୀଛାତ୍ରଙ୍କୁ ଫେରାଇ ଅଣାଯିବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ମଦ ଦୋକାନରେ ପ୍ରବଳ ଭିଡ଼




- ସାମାଜିକ ଦୂରତ୍ୱକୁ ଭୁଲିଗଲେ ଗ୍ରାହକ
- ଭିଡ଼ ଯୋଗୁ ବନ୍ଦ ହେଲା ଦିଲ୍ଲୀର ଅଧିକାଂଶ ଦୋକାନ

**ନୂଆଦିଲ୍ଲୀ,୪।୫:** କରୋନା ସଂକ୍ରମଣ ରୋକିବା ଲାଗି ଲକ୍‌ଡାଉନ ଯୋଗୁ ସାରା ଦେଶରେ ୪୦ ଦିନ ମଦ ଦୋକାନ ବନ୍ଦ ରହିବା ପରେ ସୋମବାରଠାରୁ ଖୋଲିବାକୁ ଅନୁମତି ମିଳିଛି। ପ୍ରଥମ ଦିନରେ ମଦ ଦୋକାନଗୁଡ଼ିକ ସମ୍ମୁଖରେ ପ୍ରବଳ ଭିଡ଼ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ମଦ କିଣିବା ପାଇଁ ଗ୍ରାହକମାନେ ସାମାଜିକ ଦୂରତ୍ୱକୁ ଭୁଲିଯାଇଥିଲେ। ଦିଲ୍ଲୀରେ ପରିସ୍ଥିତି ଏପରି ହେଲା ଯେ ଅଧିକାଂଶ ମଦ ଦୋକାନକୁ ବନ୍ଦ କରିଦେବାକୁ ପଡ଼ିଛି।

ସରକାର ଲକ୍‌ଡାଉନ ଅବଧିକୁ ୧୭ ତାରିଖ ପର୍ଯ୍ୟନ୍ତ ବଢ଼ାଇବା ସହ କଟକଣା କୋହଳ କରିଛନ୍ତି। ଏହି କ୍ରମରେ ଦେଶବ୍ୟାପୀ ମଦ ଦୋକାନ କେତେକ ସର୍ତ୍ତରେ ଖୋଲିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗାଇଡଲାଇନ ଜାରି କରିଥିଲା। ଗ୍ରାହକଙ୍କ ମଧ୍ୟରେ ୬ ଫୁଟ୍ ସାମାଜିକ ଦୂରତ୍ୱ ରଖିବା ଏବଂ ଦୋକାନ ସମ୍ମୁଖରେ ୫ରୁ ଅଧିକ ଲୋକ ରହିବେ ନାହିଁ ବୋଲି ସର୍ତ୍ତ ରଖାଯାଇଥିଲା। ଦୀର୍ଘ ଦିନ ପରେ ମଦ ଦୋକାନ ଖୋଲିଥିବାରୁ ବହୁସଂଖ୍ୟାରେ ଲୋକ କିଣିବା ପାଇଁ ସକାଳ ୮ଟାରୁ ଧାଡ଼ି ଲଗାଇଥିଲେ। ଗ୍ରାହକ ଛିଡ଼ାହେବା ଲାଗି ଦୋକାନୀ ଚକ୍‌ରେ ବୃତ୍ତ ଚିତ୍ର କରିଥିଲେ ହେଁ ତାକୁ କେହି ଭ୍ରୂକ୍ଷେପ କରି ନ ଥିଲେ। ଦିଲ୍ଲୀରେ ପାଖାପାଖି ୧୫୦ ମଦ ଦୋକାନ ଖୋଲିଥିଲା। ଲଜପତ ନଗର ଏବଂ ଲାଡୋ ସରାଇରେ ମଦ ଦୋକାନ ବାହାରେ ଲମ୍ବା ଲାଇନ ଯୋଗୁ ଟ୍ରାଫିକ୍ ଜାମ୍ ହୋଇଥିଲା। ଭିଡ଼ ନିୟନ୍ତ୍ରଣ ବାହାରକୁ ଯିବାରୁ ଶେଖ୍ ସରାଇ ଫେଜ୍-୧ ଅଞ୍ଚଳରେ ମଦ ଦୋକାନ ବନ୍ଦ କରିଦିଆଯାଇଥିଲା। ତୁରନ୍ତ ମଦ ଦୋକାନ ବନ୍ଦ କରି ସ୍ଥିତି ସମୀକ୍ଷା କରିବା ଲାଗି ବାସିନ୍ଦା କଲ୍ୟାଣ ସଂଘ (ଆର୍‌ଡବ୍ଲ୍ୟୁଏ) ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ପଶ୍ଚିମବଙ୍ଗ ଭଳି ମଦ ହୋମ୍ ଡେଲିଭରି କରିବାକୁ କେତେକ ପ୍ରସ୍ତାବ ଦେଇଥିଲେ।

ରାଜସ୍ଥାନର ବିଭିନ୍ନ ମଦ ଦୋକାନରେ ଭିଡ଼ ଦେଖାଯାଇଥିଲା। ଗ୍ରାହକମାନଙ୍କ ମୋବାଇଲ ନମ୍ବର ରଖିବା ପାଇଁ ଅବକାରୀ ବିଭାଗ ନିର୍ଦ୍ଦେଶ ଦେଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ଦୋକାନ ଆଗରେ ପୋଲିସ ମୁତୟନ କରିବାକୁ ପଡ଼ିଥିଲା। ଗୋଆରେ ମାସ୍କ ନାହିଁ ତ ମଦ ନାହିଁ ନୀତି ଯୋଗୁ ଲୋକେ ସାମାଜିକ ଦୂରତ୍ୱ ରକ୍ଷାକରି ଧାଡ଼ିରେ ଛିଡ଼ା ହୋଇଥିବା ଦେଖାଯାଇଥିଲା। ମହାରାଷ୍ଟ୍ରର କେତେକ ସହରରେ ମଦ ଦୋକାନ ଆଗରେ ସକାଳୁ ଲମ୍ବା ଲାଇନ ଲାଗିଥିଲେ ହେଁ ଦୋକାନ ଖୋଲି ନ ଥିଲା। ଦୋକାନ ନ ଖୋଲିବା ଲାଗି ନିର୍ଦ୍ଦେଶନାମା ଆସିଥିବା କେତେକ ମଦ ବ୍ୟବସାୟୀ କହିଥିଲେ। ସେହିପରି ଆନ୍ଧ୍ରପ୍ରଦେଶ ଓ କର୍ନାଟକରେ ମଦ ଦୋକାନ ସମ୍ମୁଖରେ ଗହଳି ଦେଖିବାକୁ ମିଳିଛି। ଭିଡ଼କୁ ଦେଖି ଛତିଶଗଡ଼ ସରକାର ହୋମ୍ ଡେଲିଭରି ଆରମ୍ଭ କରିଛନ୍ତି।

# ନିଷ୍ପତ୍ତି ବଦଳାଇଲେ ସରକାର

- ଆଦାୟ ହେବନି ଶ୍ରମିକଙ୍କଠାରୁ ଟ୍ରେନ୍ ଭଡ଼ା
- ରେଲୱେ ୮୫%, ରାଜ୍ୟ ସରକାର ୧୫% ଭଡ଼ା ଭରଣା କରିବେ



**ନୂଆଦିଲ୍ଲୀ,୪।୫:** ଲକ୍‌ଡାଉନ୍ ଯୋଗୁ ବିଭିନ୍ନ ରାଜ୍ୟରେ ଅଟକି ରହିଥିବା ପ୍ରବାସୀ ଶ୍ରମିକଙ୍କୁ ସେମାନଙ୍କ ରାଜ୍ୟକୁ ଫେରାଇ ନେବା ଲାଗି ସରକାର ଟ୍ରେନ ଚଳାଚଳକୁ ଅନୁମତି ଦେଇଛନ୍ତି। ତେବେ ଶ୍ରମିକମାନଙ୍କ ଭଡ଼ା କିଏ ଦେବ ତାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେବା ପରେ ସରକାର ନିଷ୍ପତ୍ତି ବଦଳାଇଛନ୍ତି। ପ୍ରବାସୀ ଶ୍ରମିକଙ୍କୁ ଟ୍ରେନ୍ ଭଡ଼ା ଦେବାକୁ ପଡ଼ିବ ନାହିଁ। ଭଡ଼ାର ୮୫% ରେଲୱେ ଭରଣା କରିବ ଏବଂ ରାଜ୍ୟ ସରକାର ଅବଶିଷ୍ଟ ୧୫ % ପ୍ରଦାନ କରିବେ ବୋଲି କେନ୍ଦ୍ର ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି।

ଶ୍ରମିକଙ୍କଠାରୁ ରାଜ୍ୟ ସରକାର ଭଡ଼ା ସଂଗ୍ରହ କରି ରେଲୱେ ନିକଟରେ ଜମା କରିବେ ବୋଲି ରବିବାର ଗାଇଡ୍‌ଲାଇନରେ କୁହାଯାଇଥିଲା। ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ଶ୍ରମିକମାନଙ୍କୁ ସେମାନଙ୍କ ରାଜ୍ୟକୁ ଫେରାଇନେବା ଲାଗି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳକୁ ଅନୁମତି ମିଳିଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି। ଶ୍ରମିକଙ୍କଠାରୁ ଭଡ଼ା ଆଦାୟ ନେଇ କିଛି କୁହାଯାଇ ନ ଥିଲା। ରେଲୱେ ଓ ସମ୍ପୃକ୍ତ ରାଜ୍ୟ ଭଡ଼ା ବହନ କରିବ ବୋଲି ଗଣମାଧ୍ୟମକୁ ସରକାର ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଘରକୁ ଫେରୁଥିବା ପ୍ରବାସୀ ଶ୍ରମିକଙ୍କ ରେଳଭଡ଼ା ସମ୍ପୃକ୍ତ ରାଜ୍ୟ ଶାଖା କଂଗ୍ରେସ ଯୋଗାଇଦେବ ବୋଲି ଦଳ ଅଧ୍ୟକ୍ଷ ସୋନିଆ ଗାନ୍ଧୀ ଘୋଷଣା କରିଥିଲେ। ରେଳ ମନ୍ତ୍ରଣାଳୟ ପିଏମ୍-କେୟାର ପାଣ୍ଠିକୁ ୧୫୧ କୋଟି ଟଙ୍କା ଦାନ କରିଥିବାବେଳେ ଦାଦନ ଶ୍ରମିକଙ୍କଠାରୁ ଭଡ଼ା ନେଉଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଟୁଇଟ୍ କରିଥିଲେ। ପରେ ସରକାର ତାଙ୍କ ନିଷ୍ପତ୍ତି ବଦଳାଇଛନ୍ତି।




# ବର୍ଷ ଶେଷ ସୁଦ୍ଧା ପ୍ରସ୍ତୁତ ହେବ କରୋନା ଟିକା: ଟ୍ରମ୍ପ

ୱାଶିଂଟନ୍,୪।୫

କରୋନା ମହାମାରୀରୁ ଲୋକଙ୍କୁ ରକ୍ଷା କରିବା ପାଇଁ ବିଶ୍ୱର ସବୁ ରାଷ୍ଟ୍ରର ବୈଜ୍ଞାନିକମାନେ ଯଥାସମ୍ଭବ ଉଦ୍ୟମ ଜାରି ରଖିଛନ୍ତି। ସବୁଆଡ଼େ କରୋନା ଭାଇରସ୍ କାୟା ବିସ୍ତାର କରିଚାଲିଥିବାବେଳେ ଲକ୍ଷାଧିକ ଲୋକଙ୍କ ମୁଣ୍ଡ ନେଲାଣି। ସବୁଦେଶ ଏବଂ ରାଜ୍ୟ ଏହି ମହାମାରୀକୁ କିପରି ରୋକିବେ ସେଥିପାଇଁ ଚେଷ୍ଟିତ। ତେଣୁ ଯଥାଶୀଘ୍ର କରୋନା ଭାଇରସ୍ ଟିକା କିପରି ବାହାରିପାରିବ ଗବେଷକମାନେ ସେମାନଙ୍କ ଉଦ୍ୟମ ଜାରି ରଖିଛନ୍ତି। ଚଳିତବର୍ଷ ଶେଷ ସୁଦ୍ଧା ଆମେରିକା କରୋନା ଭାଇରସ୍ ଟିକା ପ୍ରସ୍ତୁତ କରିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର କହିଛନ୍ତି। ଯଦିଓ ଗତ ସପ୍ତାହରେ ହ୍ୱାଇଟ ହାଉସ ପକ୍ଷରୁ 'ଅପରେଶନ ୱାର୍ପ ସ୍ପିଡ' କାର୍ଯ୍ୟକ୍ରମରେ ଆମେରିକାର ସ୍ୱାସ୍ଥ୍ୟ ଅଧିକାରୀମାନେ ୨୦୨୧ ଜାନୁୟାରୀରେ କରୋନା ଭାଇରସ୍ ଟିକା ଉପଲବ୍ଧ ନେଇ ସୂଚନା ଦେଇଥିଲେ, ତଥାପି ଆମେ ଏହା ପୂର୍ବରୁ ଟିକା ଉପଲବ୍ଧ କରିବାକୁ ଚାହୁଁଛୁ ବୋଲି ଟ୍ରମ୍ପ କହିଛନ୍ତି। ଆମେ ଖୁବ୍ କମ୍ ସମୟ ମଧ୍ୟରେ କରୋନା ଭାଇରସ୍ ଟିକା ପ୍ରସ୍ତୁତ କରିବାରେ ଇତିହାସ ତିଆରି କରିବୁ ବୋଲି ଟ୍ରମ୍ପ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ ଏପ୍ରିଲ୍ ୨୦ରେ ଆମେରିକାରେ କରୋନା ଆକ୍ରାନ୍ତରେ ୬୦ହଜାର ଲୋକଙ୍କ ମୃତ୍ୟୁ ଘଟିବ ବୋଲି କହିଥିଲେ। ହେଲେ ଏବେ ତାହା ଅଧିକ ହେଲାଣି। ଆଗାମୀ ଦିନରେ ଆମେରିକାରେ ମୃତ୍ୟୁସଂଖ୍ୟା ୮୦ ରୁ ୯୦ ହଜାର ହୋଇପାରେ ବୋଲି ଟ୍ରମ୍ପ କହିଛନ୍ତି।




ଅପରପକ୍ଷରେ ଗତ ସପ୍ତାହରେ ହ୍ୱାଇଟ ହାଉସ କରୋନା ଭାଇରସ୍ ଟାସ୍କ ଫୋର୍ସର ସଦସ୍ୟ ଡକ୍ଟର ଦେବୋରାହ ବିର୍କ୍ସ କହିଥିଲେ ଯେ, ଆସନ୍ତା ଜାନୁୟାରୀ ସୁଦ୍ଧା ସମସ୍ତ ଆମେରିକୀୟଙ୍କୁ ଟିକା ଦେବାକୁ ପ୍ରସ୍ତୁତ ରହିଛୁ। ତଥାପି ଏହା ପୂର୍ବରୁ ମଧ୍ୟ ଆମେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛୁ। ଟିକା ପ୍ରସ୍ତୁତ କାର୍ଯ୍ୟକ୍ରମରେ ୧୪ ଜଣ ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ଟେଷ୍ଟିଂ ପାଇଁ ନିୟୋଜିତ କରାଯିବ। ୫ ରୁ ୬ ଭିନ୍ନ ଶ୍ରେଣୀର ଲୋକଙ୍କୁ ଏହି ଟେଷ୍ଟିଂ ପ୍ରକ୍ରିୟାରେ ସାମିଲ କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଅବିରତ ଏକାଧିକବାର ପରୀକ୍ଷା କରି ଉତ୍ତମ ଓ ସୁରକ୍ଷିତ ତଥ୍ୟ ହାସଲ କରାଯାଇପାରିବ ବୋଲି ବିର୍କ୍ସ କହିଥିଲେ। ସେପଟେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଭେଷଜ ଗବେଷକ ଜନ୍ ବେଲ୍ କହିଛନ୍ତି ଯେ, ବ୍ରିଟିସ୍ ବୈଜ୍ଞାନିକ ପ୍ରସ୍ତୁତ କରିଥିବା ଟିକାକୁ ଆସନ୍ତା ଜୁନ୍ ମଧ୍ୟରେ ସଫଳ ଭାବେ ପରୀକ୍ଷଣ କରିବାକୁ ସଙ୍କେତ ପ୍ରଦାନ କରିଛନ୍ତି। ତେବେ ଟିକା ବାହାରିବା ପାଇଁ ଏକାଧିକ ବର୍ଷ ଲାଗିବ ବୋଲି କିଛି ଗବେଷକ କରିଥିବା ଯୁକ୍ତିକୁ ବେଲ୍ ଖଣ୍ଡନ କରିଛନ୍ତି। କରୋନା ଭାଇରସ୍ ଚିକିତ୍ସା ପାଇଁ ଟିକା ପ୍ରସ୍ତୁତ ନିମନ୍ତେ ଅନ୍ତଃରାଷ୍ଟ୍ରୀୟସ୍ତରରେ କିପରି ଅଧିକରୁ ଅଧିକ ପାଣ୍ଠି ଯୋଗାଡ଼ କରାଯାଇପାରିବ, ସେଥିପାଇଁ ଆଗ୍ରହୀ ରାଷ୍ଟ୍ରଗୁଡ଼ିକୁ ଉତ୍ସାହିତ କରିବାକୁ ବ୍ରିଟେନରେ ଏକ ସମ୍ମିଳନୀ ସୋମବାର ଆୟୋଜନ କରାଯାଇଛି। କରୋନା ଭାଇରସ୍‌ରୁ ଲୋକମାନଙ୍କୁ ସୁରକ୍ଷା ଦେବା ପାଇଁ ସମସ୍ତେ ମିଳିମିଶି ଏକ ଅବିଶ୍ୱସନୀୟ ଢ଼ାଲ ପ୍ରସ୍ତୁତ କରିପାରିବା ବୋଲି ଏହି ସମ୍ମିଳନୀରେ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ କହିଛନ୍ତି। ତେଣୁ ଖୁବ୍‌ଶୀଘ୍ର ଟିକା ପ୍ରସ୍ତୁତ କରିବାକୁ ଅନ୍ତଃରାଷ୍ଟ୍ରୀୟ ସମୂହ ଚେଷ୍ଟିତ ବୋଲି ବେଲ୍ କହିଛନ୍ତି।

## ସଂକ୍ଷେପରେ

### ଗ୍ୟାସ୍ ଏଜେନ୍ସି କର୍ମଚାରୀଙ୍କୁ ଆକ୍ରମଣ ୧୦ ଲକ୍ଷ ୮୦ ହଜାର ଲୁଟ୍

**ଭଦ୍ରକ ଅଫିସ, ୪।୫:** ଭଦ୍ରକ ଜିଲା ତିହିଡି ବ୍ଲକ ଜିଝାରପୁର ରେଳଧାରଣା ନିକଟରେ ସୋମବାର ଜଣେ ଗ୍ୟାସ୍ ଏଜେନ୍ସି କର୍ମଚାରୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରାଯାଇ ତାଙ୍କଠାରୁ ୧୦ଲକ୍ଷ ୮୦ହଜାର ଟଙ୍କା ଲୁଟ୍ କରାଯାଇଛି। ଲୁଟ୍‌ର ଶିକାର ହୋଇଥିବା କର୍ମଚାରୀ ହେଲେ ବୋଡକ ପଞ୍ଚାୟତର ପ୍ରମୋଦ ଭଞ୍ଜ। ସ୍ଥାନୀୟ ଲୋକେ ପ୍ରମୋଦଙ୍କୁ ଉଦ୍ଧାରକରି ଚିକିତ୍ସା ଲାଗି ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଏନେଇ ତିହିଡି ଥାନାରେ ଅଭିଯୋଗ ହେବା ପରେ ପୋଲିସ ବିଭିନ୍ନ ରାସ୍ତାକୁ ବନ୍ଦ କରି ତଦନ୍ତ ଆରମ୍ଭ କରିଛି।

ପାଳିଆବିନ୍ଧା ରାଉତ ଗ୍ରାମୀଣ ଗ୍ୟାସ୍ ଏଜେନ୍ସିର କର୍ମଚାରୀ ପ୍ରମୋଦ ବାଇକ୍ ଯୋଗେ ୧୦ ଲକ୍ଷ ୮୦ହଜାର ଟଙ୍କା ନେଇ ତିହିଡ଼ିସ୍ଥିତ ୟୁକୋ ବ୍ୟାଙ୍କକୁ ଜମା କରିବାକୁ ଯାଉଥିଲେ। ଜିଝାରପୁର ରେଳଧାରଣା ନିକଟରେ ୩ ଜଣ ଦୁର୍ବୃତ୍ତ ଏକ ନମ୍ବର ପ୍ଲେଟ ନ ଥିବା ବାଇକ୍‌ରେ ଆସି ତାଙ୍କୁ ଅଟକାଇବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହାପରେ ତାଙ୍କ ହାତରେ ଥିବା ଟଙ୍କା ବ୍ୟାଗ୍ ଝାମ୍ପି ନେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ପୋଲିସ ଦୁର୍ବୃତ୍ତଙ୍କ ପତ୍ତା ପାଇପାରି ନାହିଁ।

### ପାଣିରେ ବୁଡ଼ି ବାପ ପୁଅଙ୍କ ଜୀବନ ଗଲା

#### ମାଛ ଧରିବାକୁ ଯାଇ ନିଖୋଜ ଥିଲେ

**ବଡ଼ସାହି,୪।୫(ସ୍ୱ.ପ୍ର.):** ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ମାଣତ୍ରୀ ଶିବମନ୍ଦିର ସଂଲଗ୍ନ ଜଳାଶୟରେ ବୁଡ଼ି ବାପ ପୁଅଙ୍କ ପ୍ରାଣହାନି ଘଟିଛି। ମୃତକ ହେଲେ ଗଣେଶ୍ୱର ଦେହୁରୀ(୩୪) ଓ ତାଙ୍କ ୮ବର୍ଷର ପୁଅ ଓମ୍ ପ୍ରକାଶ। ମାଛ ଧରିବାକୁ ଯାଇ ରବିବାର ଉଭୟେ ନିଖୋଜ ହୋଇଯାଇଥିଲେ। ସୋମବାର ସକାଳେ ଜଳାଶୟରୁ ମୃତଦେହ ୨ଟି ଉଦ୍ଧାର ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ସୂଚନା ଅନୁଯାୟୀ, ବସ୍ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ଗଣେଶ୍ୱର ତୃତୀୟ ଶ୍ରେଣୀରେ ପଢୁଥିବା ତାଙ୍କ ସାନ ପୁଅ ସହ ଏକ ବାଇକ୍‌ରେ ମାଣତ୍ରୀ ଶିବମନ୍ଦିର ସଂଲଗ୍ନ ଜଳାଶୟକୁ ମାଛ ଧରିବା ପାଇଁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ମନ୍ଦିର ପାଖରୁ ତାଙ୍କ ବାଇକ୍ ଏବଂ ଡିକିରୁ ମୋବାଇଲ ଫୋନ୍ ମିଳିଥିଲା। ଗ୍ରାମବାସୀ, ପୋଲିସ ଓ ଦମକଳବାହିନୀ ରାତି ସାରା ପାଣିରେ ଖୋଜି ବାପ ପୁଅଙ୍କୁ ପାଇ ନ ଥିଲେ। ସୋମବାର ସକାଳେ ଉଭୟଙ୍କ ମୃତଦେହ ଉକ୍ତ ଜଳାଶୟରୁ ଉଦ୍ଧାର ହୋଇଥିଲା। ଏନେଇ ବୈଶିଙ୍ଗା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଟିକ୍‌ଟକ୍

ଭଦ୍ରକ ଅଫିସ, ୪।୫

■ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ
■ ୬ ଜଣଙ୍କ ନାଁରେ ମାମଲା ରୁଜୁ

କରୋନା ମହାମାରୀ ସହ ସାରା ବିଶ୍ୱ ଲଢ଼େଇ କରୁଥିବା ବେଳେ ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଭାଟପଡ଼ା ପଞ୍ଚାୟତ କ୍ୱାରାଣ୍ଟାଇନ କେନ୍ଦ୍ରରେ କୋଲକାତା ଫେରନ୍ତାଙ୍କ ଟିକ୍‌ଟକ୍ ଭିଡିଓ ଏବେ ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି। ଉଚ୍ଛୃଙ୍ଖଳିତ ଢଙ୍ଗରେ ସେମାନେ ସାମାଜିକ ଦୂରତ୍ୱ କଟକଣାକୁ ନ ମାନି ଭିଡିଓ କରି ସୋସିଆଲ ମିଡିଆରେ ଭାଇରାଲ କରିବା ଘଟଣା ଅଡୁଆ ସୃଷ୍ଟି କରିଛି। ଏନେଇ ସ୍ଥାନୀୟ ମହିଳା ସରପଞ୍ଚ ସ୍ୱର୍ଣ୍ଣମୟୀ ଜେନାଙ୍କ ଅଭିଯୋଗକୁ ଭିତ୍ତିକରି ତିହିଡ଼ି ଥାନାରେ ୬ ଜଣଙ୍କ ବିରୋଧରେ ଦଫା ୧୮୮, ୨୬୯, ୨୭୦ ଆଇପିସି ଓ ୫୧ ଡିଏମ୍ ଆକ୍ଟରେ ମାମଲା(ନଂ. ୧୭୨/୨୦୨୦) ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, କୋଲକାତାରୁ ଫେରିଥିବା ପ୍ରାୟ ୧୫ରୁ ଅଧିକ ଯୁବକଙ୍କୁ ଭାତପଡା ପଞ୍ଚାୟତ କ୍ୱାରାଣ୍ଟାଇନ କେନ୍ଦ୍ରରେ ରଖାଯାଇଛି। ରବିବାର ଉକ୍ତ କେନ୍ଦ୍ରରେ କେତେଜଣ ଯୁବକ ମଉଜମସ୍ତି କରିବା ସହ ଟିକ୍‌ଟକ୍ ଭିଡିଓ କରିଥିଲେ। ଯାତ୍ରା ସଂଳାପ ଓ ଆଲ୍‌ବମ ଗୀତର ତାଳେ ତାଳେ ହାତରେ ଝାଡୁ, ଥାଳି, ଗିନା ଆଦି ଧରି ନାଚୁଥିବା ଦେଖିବାକୁ ମିଳିଥିଲା। ଭିଡିଓ ଭାଇରାଲ ହେବା ପରେ ସ୍ଥାନୀୟ ପ୍ରଶାସନର ନଜରକୁ ଆସିଥିଲା। ତେବେ କ୍ୱାରାଣ୍ଟାଇନ କେନ୍ଦ୍ରରେ ଟିକ୍‌ଟକ୍ କରିବା ସରକାରୀ ନିୟମ ଉଲ୍ଲଂଘନ ହୋଇଥିବାରୁ ଭିଡିଓ କରିଥିବା ୬ ଜଣଙ୍କ ନାଁରେ ସରପଞ୍ଚ ଥାନାରେ ଏତଲା ଦେଇଥିଲେ। ଏନେଇ ସରପଞ୍ଚ ଜେନା କହିଛନ୍ତି ଯେ, ସେମାନଙ୍କ ସ୍ୱାବ୍ ଟେଷ୍ଟ କରାଯାଇଥିଲା। ରିପୋର୍ଟ ନେଗେଟିଭ୍ ଆସିବା ପରେ ସେମାନେ ଘରକୁ ଯିବାକୁ ଜିଦ୍ ଧରିଥିଲେ। ମାତ୍ର ୧୪ ଦିନ କ୍ୱାରାଣ୍ଟାଇନ୍ ଅବଧିପୂର୍ଣ୍ଣ କରି ନ ଥିବାରୁ ପ୍ରଶାସନ ସେମାନଙ୍କୁ ଘରକୁ ଯିବାକୁ ଅନୁମତି ଦେଇ ନ ଥିଲା। ଫଳରେ ସେମାନେ ବଦନାମ କରିବା ଲାଗି ଏଭଳି ଭିଡିଓ ଭାଇରାଲ କରିଥିବା ସରପଞ୍ଚ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ,ବର୍ତ୍ତମାନ ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲା ସମେତ ଭୁବନେଶ୍ୱର ମହାନଗର ନିଗମ ରେଡ୍ ଜୋନ୍‌ରେ ରହିଛି। ମୁଖ୍ୟତଃ କୋଲକାତା ଫେରନ୍ତା ଭଦ୍ରକ ଜିଲାକୁ ଆସି ସଂକ୍ରମଣର କାରଣ ପାଲଟିଛନ୍ତି। ଅନ୍ୟପକ୍ଷେ କ୍ୱାରାଣ୍ଟାଇନ୍ ନିୟମ ଭାଙ୍ଗିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସରକାରଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ତେଣୁ ଟିକ୍‌ଟକ୍ ଭିଡିଓ କରିଥିବା ଯୁବକମାନଙ୍କ ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।


କ୍ୱାରାଣ୍ଟାଇନ୍ କେନ୍ଦ୍ରରେ କରାଯାଉଥିବା ଟିକ୍‌ଟକ୍।

# ମୁଖ୍ୟମନ୍ତ୍ରୀଙ୍କ ଅନୁମତି ଲୋଡ଼ିଲେ ପରିବହନ ମନ୍ତ୍ରୀ

ଭୁବନେଶ୍ୱର,୪।୫(ବ୍ୟୁରୋ)

## ଗ୍ରୀନ୍ ଜୋନ୍‌ରେ ବସ୍ ଚଳାଚଳ ନେଇ ହଟ୍ଟଗୋଳ ଦ୍ୱନ୍ଦ୍ୱ

ଗ୍ରୀନ୍ ଜୋନ୍ କରୋନା(କୋଭିଡ୍-୧୯) ମୁକ୍ତ। ସେହି ସବୁ ଅଞ୍ଚଳରେ ଗମନାଗମନ ପାଇଁ ବସ୍ ଚାଲିପାରିବ ବୋଲି କେନ୍ଦ୍ର ଓ ରାଜ୍ୟ ସରକାର ଗାଇଡ ଲାଇନ ଜାରି କରିଛନ୍ତି। ୫୦ ପ୍ରତିଶତ ଯାତ୍ରୀଙ୍କୁ ନେଇ ବସ୍ ଚଲାଇବାକୁ ଅନୁମତି ଦିଆଯାଇଛି। ତେବେ ଏ ନେଇ କୌଣସି ସ୍ପଷ୍ଟ ଗାଇଡ ଲାଇନ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇ ନ ଥିବାରୁ ଘରୋଇ ବସ୍ ମାଲିକମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ରାଜ୍ୟ ଘରୋଇ ବସ୍ ମାଲିକ ସଂଘର କହିବା କଥା ହେଲା ୫୦ ପ୍ରତିଶତ ଯାତ୍ରୀ ନେଇ ବସ ଚଲାଇବା ସମ୍ଭବ ନୁହେଁ। ଏହାଦ୍ୱାରା ବସ୍ ମାଲିକଙ୍କୁ ବହୁ କ୍ଷତି ସହିବାକୁ ପଡ଼ିବ। କେଉଁଠି ଗ୍ରୀନ୍ ଜୋନ୍ ଆରମ୍ଭ ହେଉଛି ଓ ଶେଷ ହେଉଛି ସେ ନେଇ ସ୍ପଷ୍ଟ କରାଯାଇ ନାହିଁ। ଗାଡି ଚଳାଇବା ନେଇ ରାଜ୍ୟ ସରକାର ଏକ ଆଡଭାଇଜରି ଜାରି କରନ୍ତୁ ବୋଲି ସଂଘ ଦାବି କରିଛି। ଏ ନେଇ ସଂଘ ସରକାରଙ୍କ ନିକଟରେ କେତେକ ଦାବି ଉପସ୍ଥାପନ କରିଛି। ବୀମା ଅବଧି ୬ ମାସ ବୃଦ୍ଧି, ବ୍ୟାଙ୍କ ଋଣର ସୁଧ ୬ ମାସ ପାଇଁ ଛାଡ଼, ଡିଜେଲ ଉପରୁ ଭ୍ୟାଟ୍ ଓ ସେସ୍ ଛାଡ଼, ଟୋଲ୍‌ଗେଟ ଶୁଳ୍କ ଛାଡ଼ କରିବା, ରାଜ୍ୟ ସରକାର ବସ୍‌ଗୁଡ଼ିକ ଉପରୁ ୬ ମାସ ପାଇଁ ଟିକସ ଛାଡ଼ ସହ ଅନ୍ୟାନ୍ୟ ଦାବିକୁ ସଂଘ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିଛି। ସରକାର ଏହା ଉପରେ ବିଚାର କରିବା ପରେ ବସ୍ ଚାଲିବ ବୋଲି ରବିବାର ଅନୁଷ୍ଠିତ ସଂଘର ଜରୁରୀ ବୈଠକରେ ନିଷ୍ପତ୍ତି ହୋଇଥିଲା। ଅନ୍ୟପକ୍ଷରେ ଗ୍ରୀନ୍ ଜୋନ୍‌ରେ ବସ୍ ଚାଲିବା ନେଇ ଏକ ପ୍ରସ୍ତାବ ସୋମବାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ୍ ଗ୍ରୀନ୍ ଜୋନ୍‌ରେ ଯାତ୍ରୀବାହୀ ବସ୍ ଚାଲିବା ନେଇ ବ୍ୟବସ୍ଥା ହେଉଛି। ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଫାଇଲ ଯାଇଛି। ଅନୁମୋଦନ ପରେ ବସ୍ ଚାଲିବା ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଛନ୍ତି। ଘରୋଇ ବସ୍ ମାଲିକମାନେ ମଧ୍ୟ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ଗ୍ରୀନ୍ ଜୋନ୍‌ରେ କେବଳ ବସ ଚାଲିପାରିବ। ଗ୍ରୀନ୍ ଜୋନ୍‌କୁ ଯିବାବେଳେ ଯେପରି ରେଡ୍ କିମ୍ବା ଅରେଞ୍ଜ ଜୋନ୍ ଦେଇ ବସ୍ ନ ଯିବ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଅର୍ଥାତ ଗ୍ରୀନ ଜୋନ୍‌ରେ ଆସୁଥିବା ଜିଲା ସମ୍ବଲପୁରରୁ ଅନୁଗୋଳ, କଳାହାଣ୍ଡିରୁ ନୂଆପଡ଼ାକୁ ବସ୍ ଚଳାଚଳ କରିପାରିବ ବୋଲି ସେ କହିଛନ୍ତି।

ସରକାରଙ୍କୁ ଦାବି ସମ୍ପର୍କରେ ଜଣାଇ ଦିଆଯାଇଛି। ସରକାରଙ୍କ ନିଷ୍ପତ୍ତି ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି।


ମନ୍ତ୍ରୀ ପଦ୍ମନାଭ ବେହେରା

# ବୀମାଭୁକ୍ତ ହେବେ ଆର୍‌ଟିଓ କର୍ମଚାରୀ, ଡ୍ରାଇଭର, ହେଲ୍‌ପର

**ରାଜ୍ୟ ପରିବହନ ପ୍ରାଧିକରଣର ନିଷ୍ପତ୍ତି**
■ ନିୟୋଜିତ କର୍ମଚାରୀଙ୍କ ତଥ୍ୟ ରଖିବାକୁ ନିର୍ଦ୍ଦେଶ
■ ମୃତ୍ୟୁ ହେଲେ ପରିବାର ଲୋକଙ୍କୁ ମିଳିବ ୫୦ ଲକ୍ଷର ବୀମାରାଶି

**କଟକ ଅଫିସ,୪।୫:** କରୋନା ମୁକାବିଲା ପାଇଁ ନିୟୋଜିତ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ମୃତ୍ୟୁ ହେଲେ ସେମାନଙ୍କ ପରିବାର ଲୋକଙ୍କୁ ୫୦ ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ) ଏବଂ ନିୟୋଜିତ ସମସ୍ତ ଯାନବାହନର ଡ୍ରାଇଭର୍ ଓ ହେଲ୍‌ପର୍‌ମାନେ ଏହି ବୀମାରେ ସାମିଲ ହେବେ ବୋଲି ସୋମବାର ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ନିୟୋଜିତ ସମସ୍ତ କର୍ମଚାରୀଙ୍କ ତଥ୍ୟ ରଖିବାକୁ ସମସ୍ତ ଆର୍‌ଟିଓ, ଏଆର୍‌ଟିଓ ଏବଂ ଡେପୁଟି କମିଶନର୍‌ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ପରିବହନ କମିଶନର୍ ତଥା ଏସ୍‌ଟିଏ ଅଧକ୍ଷଙ୍କ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶରେ କୁହାଯାଇଛି, କରୋନା ସମ୍ପର୍କିତ କାର୍ଯ୍ୟରେ ନିୟୋଜିତ ସମସ୍ତ କର୍ମଚାରୀଙ୍କୁ ବୀମାଭୁକ୍ତ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରବାସୀମାନେ ଫେରିବା ପରେ ସେମାନଙ୍କୁ ନେବାଆଣିବା କରିବା କାର୍ଯ୍ୟରେ ନିୟୋଜିତ ଗାଡ଼ିଗୁଡ଼ିକର ଡ୍ରାଇଭର୍ ଏବଂ ହେଲପର୍, ରେଲୱେ ଷ୍ଟେଶନ୍‌ରେ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି। ଯଦି ସେମାନଙ୍କର ମୃତ୍ୟୁ ହୁଏ, ତେବେ ତାଙ୍କ ପରିବାର ଲୋକଙ୍କୁ ୫୦ ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରାଯିବ। କରୋନା ମୁକାବିଲା କାର୍ଯ୍ୟରେ ନିୟୋଜିତ ଆର୍‌ଟିଓର ସମସ୍ତ କର୍ମଚାରୀଙ୍କ ବ୍ୟକ୍ତିଗତ ତଥ୍ୟ ରଖାଯାଉ। ଏପରି କି ଆଉଟ୍‌ସୋର୍ସିଂରେ ନିୟୋଜିତ କର୍ମଚାରୀଙ୍କ ତଥ୍ୟ ମଧ୍ୟ ରଖାଯିବ। ଏଣୁ ବର୍ତ୍ତମାନ ନିୟୋଜିତ ହୋଇଥିବା ଗାଡ଼ିର କର୍ମଚାରୀ ଏବଂ ଭବିଷ୍ୟତରେ ନିୟୋଜିତ ହେବାକୁ ଥିବା ଗାଡ଼ିର କର୍ମଚାରୀଙ୍କ ତଥ୍ୟ ରଖିବାକୁ ନିର୍ଦ୍ଦେଶରେ କୁହାଯାଇଛି।

# ପ୍ରବାସୀ ଶ୍ରମିକଙ୍କ ଫେରିବା ଖର୍ଚ୍ଚ ବହନ କରିବାକୁ ସୁଯୋଗ ଦିଅ

■ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନିରଞ୍ଜନ
■ ହେଲ୍ପଲାଇନ ନମ୍ବର ଜାରି କଲା କଂଗ୍ରେସ

**ଭୁବନେଶ୍ୱର, ୪।୫(ବ୍ୟୁରୋ):** ରାଜ୍ୟ ବାହାରେ ଫସି ରହିଥିବା ଶ୍ରମିକମାନଙ୍କୁ ଫେରାଇ ଆଣିବା ଲାଗି ଯାତ୍ରା ଖର୍ଚ୍ଚ ବହନ କରିବା ପାଇଁ କଂଗ୍ରେସ ପକ୍ଷରୁ ଘୋଷଣା କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ସୋମବାର ଚିଠି ଲେଖି କହିଛନ୍ତି ଯେ, ଭାରତୀୟ ଜାତୀୟ କଂଗ୍ରେସ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ସହଯୋଗକରି ବାହାରେ ଫସିଥିବା ଶ୍ରମିକଙ୍କୁ ଫେରାଇ ଆଣିବାକୁ ଚାହୁଁଛି। ରାଜ୍ୟର ଶ୍ରମିକ ଏବଂ କାର୍ଯ୍ୟକର୍ତ୍ତା ହେଉଛନ୍ତି ଅର୍ଥନୀତିର ମେରୁଦଣ୍ଡ। ସେମାନଙ୍କ କଠିନ ପରିଶ୍ରମ ଦେଶର ମୂଳଦୁଆ ପକାଇଥାଏ। ଏଭଳି ସମୟରେ ପ୍ରବାସୀ ଶ୍ରମିକମାନଙ୍କୁ ଫେରିବା ଲାଗି ଟଙ୍କା ମିଳୁନାହିଁ, ଯେଉଁଥିପାଇଁ ସେମାନେ ନିଜ ଘଣ୍ଟା ଏବଂ ମୋବାଇଲ ବିକ୍ରି କରିଦେଉଛନ୍ତି। ଏହି ଅର୍ଥରେ ସେମାନେ ବସ୍ ଏବଂ ରେଳ ଟିକେଟ କରୁଛନ୍ତି। ଏଭଳି ସମୟରେ ସେହି ପ୍ରବାସୀ ଶ୍ରମିକଙ୍କ ଟ୍ରେନ୍ ଓ ବସ୍ ଟିକେଟ ଖର୍ଚ୍ଚ କଂଗ୍ରେସ ପକ୍ଷରୁ ବହନ କରିବାକୁ ସୁଯୋଗ ଦିଆଯାଉ। ତେଣୁ ସରକାରଙ୍କ ନିକଟରେ ବାହାରେ ଫସିଥିବା ଶ୍ରମିକଙ୍କ ଯେଉଁ ତାଲିକା ରହିଛି ତାହା ଦେବାକୁ ନିରଞ୍ଜନ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପଟେ ଟ୍ରେନ୍ ଟିକେଟ କିଣିବାକୁ ଅକ୍ଷମ ଥିବା ପ୍ରବାସୀ ଶ୍ରମିକଙ୍କ ସାହାଯ୍ୟ ଲାଗି ପ୍ରଦେଶ କଂଗ୍ରେସ ପକ୍ଷରୁ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ୯୯୩୮୬୧୪୩୯୯, ୯୨୩୮୫୭୦୮୩୪ ନମ୍ବର ଯୋଗେ ଯୋଗାଯୋଗକରି ପ୍ରବାସୀ ଶ୍ରମିକମାନେ ସାହାଯ୍ୟ ପାଇପାରିବେ ବୋଲି ନିରଞ୍ଜନ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି।

# କଣ୍ଟେନମେଣ୍ଟ ଜୋନ୍‌ରେ ପୋଲିସକୁ ପଥର ମାଡ଼

ରାଉରକେଲା ଅଫିସ,୪।୫

■ ବ୍ୟାରିକେଡ୍ ଭଙ୍ଗାରୁଜା
■ ୫ ପୋଲିସ କର୍ମଚାରୀ ଆହତ
■ ୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ
■ ନାଲାରୋଡ୍ ଅଞ୍ଚଳରେ ଆଉ ଜଣେ କରୋନା ପଜିଟିଭ

ସ୍ଥାନୀୟ ନାଲାରୋଡ୍ କଣ୍ଟେନମେଣ୍ଟ ଅଞ୍ଚଳରେ ସୋମବାର ଉତ୍ତେଜନା ପ୍ରକାଶ ପାଇଥିଲା। ଅପରାହ୍ନ ପ୍ରାୟ ସାଢେ ୧ଟା ସମୟରେ ଉତ୍ତ୍ୟକ୍ତ ଲୋକେ ପୋଲିସ ଉପରକୁ ପଥରମାଡ କରିବା ସହ ବ୍ୟାରିକେଡ୍ ଭାଙ୍ଗି ଦେଇଥିଲେ। ଶତାଧିକ ମହିଳା ଓ ପୁରୁଷ ମହତାବ ରୋଡ୍ ଆନନ୍ଦ ଭବନ ଲେନ୍ ନିକଟରେ ପହଞ୍ଚି ହୋହାଲ୍ଲା କରିଥିଲେ। ଏହାକୁ ପୋଲିସ ପ୍ରତିରୋଧ କରିବାରୁ ସେମାନେ ପୋଲିସ ଉପରକୁ ପଥର ମାଡ଼ କରିଥିଲେ। ଫଳରେ ସୁରକ୍ଷା କର୍ମୀ ନିଜକୁ ବଞ୍ଚାଇବାକୁ ପାଖରେ ଥିବା ଦୋକାନ ଛାତ ତଳକୁ ଚାଲି ଆସିଥିଲେ। ତଥାପି ପଥର ମାଡରେ ୪ରୁ ୫ଜଣ ପୋଲିସ ଆହତ ହୋଇଥିବା ସୂଚନା ମିଳିଛି। ଏହି ଘଟଣା ଜଣାପଡିବା ପରେ ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ, ଏସ୍‌ପି କେ.ଶିବା ସୁବ୍ରମଣିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ସମ୍ପୃକ୍ତ ଅଞ୍ଚଳକୁ ସାନିଟାଇଜ କରାଯିବା ପରେ ପୋଲିସ ଅଧିକାରୀମାନେ ବ୍ୟାରିକେଡ୍ ନିକଟକୁ ଆସି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ସୂଚନାଯୋଗ୍ୟ, ଗତ ୭ ଦିନ ହେବ ଉପରୋକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ସୋମବାର ସକାଳୁ ସମ୍ପୃକ୍ତ ଅଞ୍ଚଳରେ ଆଉ ଜଣେ କରୋନା ପଜିଟିଭ ମହିଳା(୨୯)ଙ୍କୁ ଚିହ୍ନଟ କରାଯାଇଛି। ଚିକିତ୍ସା ନିମନ୍ତେ ତାଙ୍କୁ ହାଇଟେକ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୭ ଦିନ ହେବ ଆବଦ୍ଧ ହୋଇ ରହିଥିବା ସ୍ଥାନୀୟ ବାସିନ୍ଦା ଗତ ଦୁଇଦିନ ହେବ ପୋଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ସର୍ଭେ ପାଇଁ ଆସିଥିବା ଆଶାକର୍ମୀଙ୍କୁ ମଧ୍ୟ ସହଯୋଗ କରି ନ ଥିଲେ। ଘରୁ ପଦାକୁ ବାହାରିପାରୁ ନ ଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିବା ଅନୁମାନ କରାଯାଉଛି। ଏହି ଅଞ୍ଚଳରୁ ଆଉ ଜଣେ କରୋନା ପଜିଟିଭ ଚିହ୍ନଟ ହେବା ସ୍ଥାନୀୟ ଲୋକଙ୍କୁ ନିରାଶ କରିଛି। ଆଗାମୀ ଦିନରେ କଣ୍ଟେନମେଣ୍ଟ ଉଠିବା ନେଇ ଆଶା କରୁଥିବା ଲୋକେ ନିରାଶ ହେବା ପରେ ଏଭଳି କାଣ୍ଡ ଭିଆଇଥିବା ଅନୁମାନ କରାଯାଉଛି। ତେବେ ଉକ୍ତ ଘଟଣା ପଛରେ ରହିଥିବା ଅନ୍ୟ କାରଣ ଖୋଜିବାକୁ ଜିଲା ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଉକ୍ତ ଘଟଣା ପରେ ନାଲା ରୋଡ୍ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି।



ଉତ୍ତେଜନାସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

**ଆଜିର ମନ୍ତବ୍ୟ**

"ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପଶ୍ଚିମବଙ୍ଗଙ୍କୁ ପୋଲିସ୍ ରାଜ୍ୟରେ ପରିଣତ କରିଛନ୍ତି।"
– ଜଗଦୀପ୍ ଧନ୍‌ଖର, ପଶ୍ଚିମବଙ୍ଗ ରାଜ୍ୟପାଳ



# 'ଉହାନ୍ ଲାବ୍‌ରୁ କରୋନା ଉତ୍ପତ୍ତିର ବଳିଷ୍ଠ ପ୍ରମାଣ ରହିଛି'



**ୱାଶିଂଟନ,୪।୫**

ଚାଇନାର ଉହାନ୍‌ସ୍ଥିତ ଲାବ୍‌ରୁ ହିଁ କରୋନା ଭାଇରସ୍ ଉତ୍ପତ୍ତି ହୋଇଛି ବୋଲି ଆମେରିକାର ସେକ୍ରେଟାରୀ ଅଫ୍ ଷ୍ଟେଟ୍ ମାଇକ୍ ପୋମ୍ପେଓ ଦାବି କରିଛନ୍ତି। ଆମ ପାଖରେ ଏନେଇ ବଳିଷ୍ଠ ପ୍ରମାଣ ରହିଛି ବୋଲି ସେ ଗଣମାଧ୍ୟମ ସଂସ୍ଥା ଏବିସିକୁ କହିଛନ୍ତି। ଏହି ଭାଇରସ୍ ସଂକ୍ରମଣଜନିତ ମାମଲାକୁ ପରିଚାଳନା କରିବା କ୍ଷେତ୍ର ଚାଇନାକୁ ପୋମ୍ପେଓ କଡ଼ା ସମାଲୋଚନା କରିଛନ୍ତି। କିନ୍ତୁ ଚାଇନା ଜାଣିଶୁଣି ଏହି ଭାଇରସ୍‌କୁ ବିସ୍ତାର କରିଛି କି ନାହିଁ ସେନେଇ ପୋମ୍ପେଓ କିଛି କହିନାହାନ୍ତି।

କରୋନା ଭାଇରସ୍‌ରେ ବର୍ତ୍ତମାନ ବିଶ୍ୱରେ ପ୍ରାୟ ୩୬ ଲକ୍ଷ ଲୋକ ସଂକ୍ରମିତ ହୋଇଥିବାବେଳେ ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ଜଣଙ୍କ ଜୀବନ ଗଲାଣି। ଏହି ମହାମାରୀରେ ଚାଇନାର ଭୂମିକାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆକ୍ରମଣାତ୍ମକ ସମାଲୋଚନା କରି ଆସୁଛନ୍ତି। ସୂଚନା ଲୁଚାଇଥିବାରୁ ସେ ବେଜିଂକୁ ଦାୟୀ କରିଛନ୍ତି। ସେ କହିଛନ୍ତି ଯେ, ଏହି ଦାୟିତ୍ୱହୀନତା ପାଇଁ ଚାଇନା ଉତ୍ତରଦାୟିତ୍ୱ ଗ୍ରହଣ କରିବା ଉଚିତ।

ଏକ ନ୍ୟୁଜ୍ ରିପୋର୍ଟ ଅନୁଯାୟୀ, କରୋନା ଭାଇରସ୍‌ର ଉତ୍ପତ୍ତି ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିବା ପାଇଁ ଆମେରିକାର ଗୁପ୍ତଚରମାନଙ୍କୁ ଟ୍ରମ୍ପ୍ ନିର୍ଦ୍ଦେଶ ଦେଇଥିଲେ। ବାଦୁଡ଼ି ଓ ଅନ୍ୟାନ୍ୟ ପ୍ରାଣୀ ବିକ୍ରି ହେଉଥିବା ଉହାନ୍‌ର ବଜାରରୁ ଏହି ଭାଇରସ୍ ଉତ୍ପନ୍ନ ହୋଇଥିବା ପ୍ରଥମେ କୁହାଯାଉଥିଲା। କିନ୍ତୁ ଏବେ ଉକ୍ତ ଭାଇରସ୍ ଉହାନ୍‌ର ରିସର୍ଚ୍ଚ ଲାବରେଟୋରିହିଁ ବ୍ୟାପିଥିବା ସନ୍ଦେହ କରାଯାଉଛି।

ବୈଜ୍ଞାନିକମାନଙ୍କ ବ୍ୟାପକ ମତ ଅନୁଯାୟୀ କୋଭିଡ୍-୧୯ ଭୂତାଣୁ ମଣିଷ ଦ୍ୱାରା ନିର୍ମିତ ହୋଇନାହିଁ କିମ୍ବା ତାହାକୁ ଅନୁବଂଶିକ ରୂପରେ ବିକଶିତ କରାଯାଇ ନାହିଁ ବୋଲି ଗତ ଗୁରୁବାର ଆମେରିକାର ଇଣ୍ଟେଲିଜେନ୍ସ କମ୍ୟୁନିଟି ଏକ ବିବୃତି ଦେଇଥିଲା। ପୂର୍ବରୁ ଆମେରିକାର ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସିର ନିର୍ଦ୍ଦେଶକ ଥିବା ପୋମ୍ପେଓ ଏବିସି ସହ କଥାବାର୍ତ୍ତାବେଳେ ଏହି ବିବୃତି ସହ ଏକମତ ହୋଇଥିଲେ। କିନ୍ତୁ ଉହାନ୍ ଲାବ୍‌ରୁ କରୋନା ଭାଇରସ୍‌ର ଉତ୍ପତ୍ତି ହୋଇଥିବାର ଗୁରୁତ୍ୱପୂର୍ଣ୍ଣ ଏବଂ ପକ୍କା ପ୍ରମାଣ ଥିବା ଦର୍ଶାଇ ପୋମ୍ପେଓ ଟ୍ରମ୍ପ୍‌ଙ୍କଠାରୁ ବି କଥା ଆଗକୁ ବଢ଼ାଇଛନ୍ତି। ଚାଇନା ବିଶ୍ୱକୁ ସଂକ୍ରମିତ କରିବା ଏବଂ ନିକୃଷ୍ଟ ଲାବରେଟୋରି ଚଳାଇବାର ଇତିହାସ ରହିଛି। ମୁଁ ଭାବୁଛି ସମଗ୍ର ବିଶ୍ୱ ବର୍ତ୍ତମାନ ଏହା ଦେଖିପାରିବ ଏବଂ ମନେରଖିବ ବୋଲି ପୋମ୍ପେଓ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅରଜି ନ ପାରେ ମୁଣ୍ଡ**
**ଖାଇ ଲୋଡ଼ୁଥାଏ ତୁଣ୍ଡ।**

ମଣିଷ ସ୍ୱାବଲମ୍ବୀ ହେବା ଉଚିତ। ନିଜ ରୋଜଗାରରେ ନିଜ ପେଟ ପୋଷିବା ମଣିଷ ପକ୍ଷେ ଗର୍ବ ଓ ଗୌରବର ବିଷୟ ହୋଇଥାଏ। ଯିଏ ଆୟକ୍ଷମ ନ ହୋଇ ପର ଉପରେ ନିର୍ଭର କରି ଚଳୁଥାଏ ତାକୁ ଅନେକ ସମୟରେ କଟୁକଥା ଶୁଣିବାକୁ ପଡ଼ିଥାଏ, ବେଳ ଅବେଳରେ ନିନ୍ଦିତ ହେବାକୁ ମଧ୍ୟ ପଡ଼ିଥାଏ। ରୋଜଗାର କରିବାର ସାମର୍ଥ୍ୟ ନାହିଁ ଅଥଚ ଭଲ ଖାଇବାକୁ ଆଗଭର। ଆୟକ୍ଷମ ନ ହୋଇ ସର୍ବଦା ଭଲ ଭଲ ଜିନିଷ ବା ଖାଦ୍ୟ ଖାଇବାକୁ ମନ ବଳାଉଥିବା ବ୍ୟକ୍ତି ପ୍ରତି ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

**ଅନ୍ଧାର ନଗରୀ ଅବୁଝା ରଜା**
**ଟଙ୍କା ସେର ଭାଜି ତ, ଟଙ୍କା ସେର ଖଜା।**

ସାଧାରଣତଃ ବିଚାର ଜ୍ଞାନର କୌଣସି ମୂଲ୍ୟ ନ ରହିଲେ ସୁଫଳ ମିଳିପାରି ନ ଥାଏ। ଅନ୍ଧ ରାଇଜରେ ଜିନିଷ ମଧ୍ୟରେ କିଛି ବି ବାଛବିଚାର ରହି ନ ଥିବା ଭଳି ମୂର୍ଖ ଲୋକଙ୍କୁ ଓଲୁ ବା ବୋକା ବନାଇବା ଅତି ସହଜ କାର୍ଯ୍ୟ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ–ଫ୍ରେଣ୍ଡ୍‌ସ ପବ୍ଲିଶର୍ସ

# କଟକଣା ମାନି ରଥଯାତ୍ରା ଆୟୋଜନ ହେଉ

## ମୁଖ୍ୟମନ୍ତ୍ରୀଙ୍କୁ ଦଇତାପତି ନିୟୋଗର ଚିଠି

**ପୁରୀ ଅଫିସ, ୪।୫**

ମହାମାରୀ କରୋନା ପାଇଁ ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ହେବ କି ନାହିଁ ତାକୁ ନେଇ ଅନିଶ୍ଚିତତା ଲାଗିରହିଛି। ଏଭଳି ସ୍ଥିତିରେ ପୁଣିଥରେ ରଥଯାତ୍ରାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛି ଦଇତାପତି ନିୟୋଗ। କରୋନା ପାଇଁ ରଥଯାତ୍ରା ସମ୍ପୂର୍ଣ୍ଣ ବନ୍ଦ ନ କରି କଟକଣା ମଧ୍ୟରେ ଆୟୋଜନ କରିବା ଲାଗି ନିୟୋଗ ପକ୍ଷରୁ ଅନୁରୋଧ କରାଯାଇଛି। କେଉଁଭଳି କଟକଣା କଲେ ଜୀବନ ସୁରକ୍ଷିତ ସାଙ୍ଗକୁ ରଥଯାତ୍ରା ସମ୍ପନ୍ନ ହୋଇପାରିବ ସେ ନେଇ ନିୟୋଗ କେତେକ ପ୍ରସ୍ତାବ ମଧ୍ୟ ଦେଇଛି।

ପୁରୀ ଗ୍ରୀନ୍ ଜୋନ୍‌ରେ ଥିବାରୁ ରଥଯାତ୍ରା କରାଯାଉ। ଏହାଦ୍ୱାରା ପରମ୍ପରା ରକ୍ଷା କରାଯାଇପାରିବ। ଏବେ ବି ସମୟ ଅଛି, ରଥ ନିର୍ମାଣ ପାଇଁ ଅନୁମତି ଦିଆଗଲେ ଠିକଣା ସମୟକୁ ତିନିରଥ ପ୍ରସ୍ତୁତ ହୋଇଯିବେ। ରଥଖଳାକୁ ନିୟମିତ ସାନିଟାଇଜ କରାଯିବା ସହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିମାନଙ୍କ କୋଭିଡ୍ ଟେଷ୍ଟ ସାଙ୍ଗକୁ ଘରେ ସେମାନେ ସଙ୍ଗରୋଧ ରହିବେ। ସରକାରଙ୍କ ସବୁ କଟକଣାକୁ ମାନି ରଥଯାତ୍ରା ଆୟୋଜନ କରିବା ଲାଗି ନିୟୋଗ ଏଭଳି ପ୍ରସ୍ତାବ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛି। ସୂଚନାଥାଉ କି ପୂର୍ବରୁ ମଧ୍ୟ ଦଇତାପତି ନିୟୋଗ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲା।

**ପ୍ରଥମ ପୃଷ୍ଠାରୁ...**

### ରଥ ନିର୍ମାଣ...

ବୋଲି ଗଜପତି ମହାରାଜା କହିଛନ୍ତି।

ଅନ୍ୟପକ୍ଷରେ ବୈଠକରେ ରଥଯାତ୍ରା କିମ୍ବା ସ୍ନାନ ଯାତ୍ରାକୁ ନେଇ କୌଣସି ଆଲୋଚନା ହୋଇନାହିଁ। ସୋମବାରଠାରୁ ଲାଗୁ ହୋଇଥିବା ନୂଆ ଗାଇଡ଼ଲାଇନ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ରହିବ। ପୁଣି କେନ୍ଦ୍ର ସରକାର ନୂଆ ଗାଇଡ଼ ଲାଇନ ଦେବା ପରେ ପରିଚାଳନା କମିଟି ବୈଠକ ବସି ସ୍ନାନଯାତ୍ରା ଏବଂ ରଥଯାତ୍ରା ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ବୋଲି ଗଜପତି ମହାରାଜା କହିଛନ୍ତି। ଭିଡିଓ କନ୍‌ଫରେନ୍ସିଂରେ ହୋଇଥିବା ଏହି ବୈଠକରେ ଭୁବନେଶ୍ୱରରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର, ରାଜ୍ୟ ସଭା ସଦସ୍ୟ ରଘୁନାଥ ମହାପାତ୍ର, ଦେବୋତ୍ତର କମିଶନର ଏବଂ ଆଇନ ବିଭାଗ ସଚିବ ଉପସ୍ଥିତ ଥିବାବେଳେ ପୁରୀରେ ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶଙ୍କ ସମେତ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

### ରଥଯାତ୍ରା ନ...

୧୭ ତାରିଖ ପର୍ଯ୍ୟନ୍ତ ଯଦି ଅପେକ୍ଷା କରିବାକୁ ହେବ ତେବେ ରଥ ନିର୍ମାଣ କରିବା ସମ୍ଭବ ନୁହେଁ। ରଥ ନିର୍ମାଣ ନ ହେଲେ ବଡ଼ଦାଣ୍ଡରେ ରଥଯାତ୍ରା ମଧ୍ୟ ସମ୍ଭବ ହେବ ନାହିଁ। ତେବେ କମିଟି ସଦସ୍ୟମାନେ କହିଥିଲେ, ରଥ ନିର୍ମାଣ ହେଉ, ପରିସ୍ଥିତିକୁ ଦେଖି ସରକାର ଯଦି ରଥଯାତ୍ରା ହେବ ନାହିଁ ବୋଲି ନିଷ୍ପତ୍ତି ନେବେ ତେବେ କିଛି ଅସୁବିଧା ନାହିଁ। ସରକାରଙ୍କ ଏଥିରେ ସମ୍ପୂର୍ଣ୍ଣ ଅଧିକାର ରହୁଛି। କାରଣ କୋଭିଡ୍ ରୋଗ କବଳରୁ ଜନସାଧାରଣଙ୍କୁ ସୁରକ୍ଷା ପ୍ରାଧାନ୍ୟ ଦେବାକୁ ପଡ଼ିବ। ଜନଜୀବନ ଅସୁବିଧାରେ ପକାଇ ଧର୍ମର ବାଖ୍ୟା କରାଯାଇପାରେନା। ତେଣୁ ସରକାର କୋଭିଡ୍ ପରିସ୍ଥିତିକୁ ଦେଖି ଯେ ,କୌଣସି ମୁହୂର୍ତ୍ତରେ ରଥଯାତ୍ରା ହେବ ନାହିଁ ବୋଲି ଘୋଷଣା କରିପାରିବେ। ଯଦି ଏପରି କରିବେ କିଛି ଅସୁବିଧା ନାହିଁ। ପ୍ରତ୍ୟେକ ବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ପରେ ତିନିରଥ ଭଙ୍ଗାଯାଇ ରୋଷଘରକୁ ଯିବାର ପରମ୍ପରା ରହିଛି। ରୋଷ ଚୁଲାରେ ଏହା ବ୍ୟବହାର ହୋଇ ମହାପ୍ରସାଦ ପ୍ରସ୍ତୁତ ହୋଇଥାଏ। ତେଣୁ ଯେଉଁ ସମୟରେ ସରକାର ରଥଯାତ୍ରା ହେବ ନାହିଁ ନିଷ୍ପତ୍ତି ନେବେ ସେହିଠାରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିବ। ଏହାପରେ ରଥ ଖୋଲା ହୋଇ ମହାପ୍ରଭୁଙ୍କ ରୋଷଘରକୁ ଯିବ ବୋଲି ଗଜପତି ମହାରାଜା କହିଛନ୍ତି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଆପଣଙ୍କର ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ପୂର୍ବପରି ରହିବ। ଅର୍ଥ, ସୁଖ ଓ ସମ୍ମାନର ଅଭାବ ରହିବ ନାହିଁ। କିନ୍ତୁ କର୍ମକ୍ଷେତ୍ରରେ ଅତ୍ୟଧିକ ଯୁକ୍ତିତର୍କ କରିବା ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ** – ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ପାରିବାରିକ ସ୍ଥିତି ଭଲ ରହିବା ସହ ଅର୍ଥନୈତିକ ପ୍ରଗତି ସାମୂହିକ ଜୀବନଯାତ୍ରାକୁ ସୁଖମୟ କରିବ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ଅତ୍ୟଧିକ କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ।

**ମିଥୁନ** – ପୂର୍ବର ସମସ୍ୟା ସମାଧାନ ହେବା କାରଣରୁ ମାନସିକ ଶାନ୍ତି ପାଇବେ। ବହୁତ ଦିନରୁ ରହିଯାଇଥିବା ଅପୂର୍ଣ୍ଣ କାମକୁ ଆଜି ସନ୍ଧ୍ୟା ସୁଦ୍ଧା ସମ୍ପୂର୍ଣ୍ଣ କରିବେ। ସାମାଜିକ ସ୍ତରରେ ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ। ଅଫିସରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ** – ଆଶା ଓ ଆଶଙ୍କା ମଧ୍ୟରେ ସମୟ କଟଇବା ସାଙ୍ଗକୁ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆର୍ଥିକ ଅନଟନ ଲାଗି ରହିଲେ ମଧ୍ୟ ଆପଣ ପରିସ୍ଥିତିକୁ ସମ୍ଭାଳି ନେବେ। ପାରିଶ୍ରମିକ କମ ହେବ, ଯାହାକି ମନଦୁଃଖର କାରଣ ହୋଇପାରେ। ଆତ୍ମୀୟମାନେ ପ୍ରତ୍ୟେକ କ୍ଷେତ୍ର ସକାଶେ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ସିଂହ** – ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରି ମାନସିକ ପରିସ୍ଥିତି ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି ସହକର୍ମୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଏହା ସାଙ୍ଗକୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**କନ୍ୟା** – ଆଜି ଆପଣ ଯିବା ରାସ୍ତାରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ବ୍ୟବସାୟ ଓ ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, କଚେରି ମାମଲା ବିଷୟରେ ଚିନ୍ତା କରିବାକୁ ପଡ଼ିପାରେ। ପାରିବାରିକ ସ୍ତରରେ ଅର୍ଥ ସମ୍ପର୍କୀୟ ଚିନ୍ତାରେ ଚିନ୍ତିତ ରହିବେ।

**ତୁଳା** – ଆଜି ଅର୍ଥ ଓ ସମ୍ମାନ ପାଇବେ ଏବଂ ଏହା ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଦିନକ ମଧ୍ୟରେ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ଅଫିସରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ସୌଜନ୍ୟରୁ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**ବିଛା** – ନିକଟ ସମ୍ପର୍କୀୟମାନଙ୍କୁ ନିଜ ସପକ୍ଷରେ ଆଣିବାରେ ସମର୍ଥ ହେବେ। ବାରମ୍ବାର ଚେଷ୍ଟାର ପରିଣାମ ସ୍ୱରୂପ ଆଜି ସାମାନ୍ୟ ବିଳମ୍ବ ହେଲେ ମଧ୍ୟ କାର୍ଯ୍ୟସାଧିତ ହେବ। କିନ୍ତୁ ଭୁଲ ବୁଝାମଣା ହେତୁ ଜ୍ୟେଷ୍ଠାର ପାରିବାରିକ କଳହ ଦେଖାଦେଇପାରେ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କାରଣରୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ଧନୁ** – ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ସବୁ କିଛି ଠିକ୍ ହୋଇଯିବ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଏଣୁ ସାବଧାନ ରହିବା ଭଲ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବାରେ କିଛି ଅସୁବିଧା ହେବ ନାହିଁ। ଜମିଜମା କାରବାରରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ମକର** – ଆଜିର ଯାତ୍ରା, ବାଣିଜ୍ୟ ତଥା ପାରିବାରିକ ଜୀବନକୁ ପ୍ରଭାବିତ କରିପାରେ। ନିଜ ଲୋକମାନଙ୍କ ଦ୍ୱାରା ସମସ୍ୟାଗ୍ରସ୍ତ ହୋଇପାରନ୍ତି। ଅବଶ୍ୟ ବନ୍ଧୁମାନଙ୍କ ସହ ଆଲୋଚନା କରି ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ କୌଣସି ଯୋଜନା କରିବେ। ନିଜର ଦୂରଦର୍ଶିତା ହେତୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟାଇବେ।

**କୁମ୍ଭ** – ହାତକୁ ନେଇଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବାରେ ପ୍ରତିବନ୍ଧକ ରହିବ ନାହିଁ। କିନ୍ତୁ ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଆତ୍ମୀୟମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି ଟଣାଓଟରା ଦେଖାଦେଇପାରେ।

**ମୀନ** – ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ଏକ ପ୍ରକାର ନିୟନ୍ତ୍ରଣାଧୀନ ରହିବ। ପରିବାର ପାଇଁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅନ୍ୟର ଉପକାର ଚିନ୍ତା କରିବେ, କିନ୍ତୁ ନିଜ ପରିବାରରେ ଜିଦ୍ କରି କଷ୍ଟ ଭୋଗିବେ। କଳା, ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ସତ୍‌ସଙ୍ଗ, ଆନୁଷ୍ଠାନିକ କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ବୈଶାଖ ଶୁକ୍ଳ ତ୍ରୟୋଦଶୀ ମଙ୍ଗଳବାର, ମେ ୫ ତାରିଖ, ବିଶ୍ୱ ଆଥ୍‌ଲେଟିକ୍ସ ଦିବସ, ବିପ୍ଳବୀ ଧରଣୀଧର ନାୟକ (ଭୂୟାଁ)ଙ୍କ ଜନ୍ମ ଦିବସ, ରାଶି ନକ୍ଷତ୍ର, ହସ୍ତା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଅଦ୍ୟ ସାମବେଦୀ ବ୍ରତୋପନୟନ ଏବଂ ବିବାହ ପାଇଁ ଶୁଭ। ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୫୨ ଗତେ ଘ.୧୦।୨୬ ମଧ୍ୟେ, ଘ.୦୧.୦୦ ଗତେ ଘ.୦୨।୪୨ ମଧ୍ୟେ, ଘ.୦୩।୩୪ ଗତେ ଘ.୦୫।୧୬ ମଧ୍ୟେ, ସନ୍ଧ୍ୟା ଘ.୦୬।୦୭ ଗତେ ଘ.୦୬।୫୨ ମଧ୍ୟେ, ରାତ୍ରି ଘ.୦୯।୦୬ ଗତେ ଘ.୧୧।୨୦ ମଧ୍ୟେ, ଘ.୦୧।୩୫ ଗତେ ଘ.୦୩।୦୪ ମଧ୍ୟେ ଅମୃତବେଳା ଏବଂ ଅପରାହ୍ନ ଘ.୦୨।୫୫ ଗତେ ଘ.୦୪।୩୧ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

### ସୁରଟରେ ପ୍ରବାସୀ...

ଲକ୍‌ଡାଉନ ଅବଧି ବଢ଼ାଇଚାଲିଛନ୍ତି। ପ୍ରଥମେ ଏପ୍ରିଲ ୧୪ ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା କରାଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଏହାକୁ ମେ' ୩ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏବେ ଆହୁରି ଦୁଇ ସପ୍ତାହ ଅର୍ଥାତ୍ ମେ' ୧୭ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଭଳି ସ୍ଥିତିରେ ଶ୍ରମିକଙ୍କ ପାଖରେ ଖାଇବାକୁ କିଛି ନ ଥିବା କହିଛନ୍ତି। ତେଣୁ ସରକାର ତୁରନ୍ତ ସେମାନଙ୍କୁ ଘରକୁ ଫେରାଇନେବା ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି।

ଫେରିବା ଲାଗି ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବାରୁ ଏହାର ପ୍ରତିବାଦରେ ସୁରଟ ଉପକଣ୍ଠ ଭରେଲି ଗ୍ରାମ ନିକଟରେ ଶ୍ରମିକମାନେ ରାସ୍ତାକୁ ଓହ୍ଲାଇଥିଲେ। ସେମାନେ ପୋଲିସ ଉପରକୁ ଢେଲାମାଡ଼ କରିବାରୁ ସୁରକ୍ଷା କର୍ମୀ ବାଧ ହୋଇ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲାଠିଚାଳନା କରିଥିଲେ। ଆନ୍ଦୋଳନରତ ଶ୍ରମିକମାନେ ସୁରଟ-କଡୋଦରା ରୋଡରେ ଛିଡ଼ା ହୋଇଥିବା କେତେକ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ଘଟଣାସ୍ଥଳକୁ ଅଧିକ ସୁରକ୍ଷା ବଳ ପଠାଯିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି।

ସୁରଟର ପଣ୍ଡେସରା ଅଞ୍ଚଳରେ ଥିବା ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡର ୫୦ ଶ୍ରମିକ ଘରକୁ ଫେରି ନ ପାରିବା ପ୍ରତିବାଦରେ ଲଣ୍ଡା ହୋଇଛନ୍ତି। ସେମାନଙ୍କ ବସ୍ ଗୁଜରାଟ ଛାଡ଼ିବା ପାଇଁ ଦୁଇଦିନ ପୂର୍ବରୁ ଅନୁମତି ମିଳିଥିଲେ ହେଁ ସ୍ଥାନୀୟ ପ୍ରଶାସନ କୋସମ୍ବା ପାଖରେ ଅଟକାଇ ଫେରିଯିବାକୁ କହିଛି। ଏପରିକି ସେମାନେ ବହୁ କଷ୍ଟରେ ଟଙ୍କା ଯୋଗାଡ଼ କରି ଗାଡ଼ିଭଡା ପୈଠ କରିଥିଲେ ହେଁ ତାହା ଫେରାଯାଉ ନ ଥିବା ସେମାନେ କହିଛନ୍ତି। ଗୁଜରାଟ ଓ ଉତ୍ତରପ୍ରଦେଶ ସରକାର ସମନ୍ୱୟ ରକ୍ଷା କରି ତୁରନ୍ତ ସେମାନଙ୍କ ଫେରିବା ବ୍ୟବସ୍ଥା କରିବାକୁ ଉକ୍ତ ଶ୍ରମିକମାନେ ଦାବି କରିଛନ୍ତି। ସେହିପରି ରାଜକୋଟରେ ଶହ ଶହ ଶ୍ରମିକ ନିଜ ରାଜ୍ୟକୁ ଫେରିବା ଦାବିରେ ଶାପର-ଭେରାଭାଲ ଶିଳ୍ପାଞ୍ଚଳ ରାସ୍ତାରେ ଆନ୍ଦୋଳନ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସେମାନେ ରାସ୍ତାରୁ ହଟିଥିଲେ। ରାଜକୋଟ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରବାସୀ ଶ୍ରମିକମାନେ ଘରକୁ ଫେରିବା ନିମନ୍ତେ ନାମ ପଞ୍ଜୀକରଣ ଲାଗି ଭିଡ଼ ଜମାଇଥିବା ଦେଖାଯାଇଛି।

### ଚାଇନାରେ ପୁଣି...

ପାଇ ଆସୁଥିବାବେଳେ ଆମେରିକା, ସ୍ପେନ, ଇଟାଲି, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ରୁଷିଆ, ତୁର୍କୀ, ବ୍ରାଜିଲ, ଇରାନରେ ଭୟାବହ ପରିସ୍ଥିତି ଜାରି ରହିଛି। ମାର୍ଚ୍ଚ ୨୫ରେ ଚାଇନାର ମୋଟ ସଂକ୍ରମିତଙ୍କ ସଂଖ୍ୟା ଥିଲା ୮୧ ହଜାର ୨୮୫, ଯାହାକି ବିଶ୍ୱରେ ସବୁଠୁ ଅଧିକ। ମାର୍ଚ୍ଚ ୨୬ରେ ଆମେରିକା ଚାଇନାକୁ ଟପିଯାଇଥିଲା। ଉକ୍ତ ଦିନ ଆମେରିକାରେ ସଂକ୍ରମିତଙ୍କ ସଂଖ୍ୟା ୮୨,୮୭୨ ଥିବାବେଳେ ଚାଇନାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ଥିଲା ୮୧,୩୪୦। ରବିବାର ସୁଦ୍ଧା ଆମେରିକାରେ ୧୧ଲକ୍ଷ ୮୮ହଜାର ୧୨୨ଜଣ ସଂକ୍ରମିତ ହୋଇଥିବାବେଳେ ଚାଇନାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ଥିଲା ୮୨ ହଜାର ୮୭୭। ଅର୍ଥାତ୍ ମାର୍ଚ୍ଚ ୨୬ରୁ ମେ ୩ ତାରିଖ ତଥା ୩୯ ଦିନ ମଧ୍ୟରେ ଆମେରିକାରେ ୧୧ ଲକ୍ଷ ୫ ହଜାର ୨୫୦ ଏବଂ ଚାଇନାରେ ୧,୫୩୭ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କ ସଂଖ୍ୟା ଦୃଷ୍ଟିରୁ ଆମେରିକା ବିଶ୍ୱରେ ଶୀର୍ଷ ସ୍ଥାନରେ ରହିଥିବାବେଳେ ଚାଇନା ୧୧ଶ ସ୍ଥାନକୁ ଖସି ଆସିଛି।

ସୋମବାର ସୁଦ୍ଧା ଚାଇନାରେ ୮୨,୮୮୦ଜଣ ସଂକ୍ରମିତ ହୋଇଥିବାବେଳେ ସେଥିମଧ୍ୟରୁ ୭୭,୭୬୬ ଜଣ ଆରୋଗ୍ୟ ହୋଇଛନ୍ତି। ସେହିପରି ୪,୬୩୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪୮୧ଜଣ ଚିକିତ୍ସାଧୀନ ଅଛନ୍ତି। ବେଜିଂରେ ଅନେକ କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ ଏବଂ ପର୍ଯ୍ୟଟନସ୍ଥଳୀ ଖୋଲାଯାଇଛି। କିନ୍ତୁ ସିନେମା ହଲ୍, ପ୍ରେକ୍ଷାଳୟ ଭଳି କେତେକ ସର୍ବସାଧାରଣ ସ୍ଥାନ ବନ୍ଦ ରହିଥିବା ଏକ ମିଡିଆ ରିପୋର୍ଟରେ ଦର୍ଶାଯାଇଛି।

### ମଦ ବିକ୍ରି:...

ବିଦେଶୀ ଓ ଦେଶୀ ମଦ ପୋଲିସ ଏବଂ ଅବକାରୀ ବିଭାଗ ଜବତ କରିଛି ସେଥିରେ ଓଡ଼ିଶା ସରକାରଙ୍କ ଲୋଗୋ ଥାଇ ସିଲ୍ ହୋଇଛି, ଯାହାକି ଓଡ଼ିଶାର ବିଭିନ୍ନ ସରକାରୀ ଲାଇସେନ୍ସପ୍ରାପ୍ତ ଦୋକାନରୁ ଲୁଚା ଛପାରେ ଉଠାଇ ଚୋରାରେ ବିକ୍ରି କରାଯାଉଥିଲା ବୋଲି ସ୍ପଷ୍ଟ ହୋଇଯାଇଛି। ତେଣୁ ପୋଲିସ ଓ ଅବକାରୀ ବିଭାଗ ଉକ୍ତ ଘଟଣା ଉପରେ ସବିଶେଷ ତଦନ୍ତ କରିଲେ କେଉଁ ଲାଇସେନ୍ସଧାରୀ ଦୋକାନୀ ବିକ୍ରି କରିଛନ୍ତି ତାହା ସ୍ପଷ୍ଟ ହୋଇପାରିବ। କାରଣ ମଦ ବିକ୍ରିକରି ଧରାପଡିଥିବା ଜଣେ ଅଭିଯୁକ୍ତ କହିଛନ୍ତି ଯେ, ସେ ମଦ ଦୋକାନୀଙ୍କଠାରୁ ଦୁଇ ଗୁଣା ଦରରେ ମଦ କିଣିଆଣି ତିନି ଗୁଣା ଦରରେ ବଜାରରେ ବିକ୍ରି କରୁଥିଲେ। କିନ୍ତୁ ଦୋକାନୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅବକାରୀ ବିଭାଗ ଗୁରୁତ୍ୱ ଦେଉନି। ମାତ୍ର ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗଡ଼ିକରେ କିଛି ଭିନ୍ନ ଘଟଣା ଦେଖିବାକୁ ମିଳୁଛି। ଲକ୍‌ଡାଉନ ସମୟରେ ପଣ୍ଡିଚେରୀରେ ଅନେକ ଚୋରାମଦ କାରବାର ବୃଦ୍ଧି ପାଇଥିଲା। ପଣ୍ଡିଚେରୀ ରାଜ୍ୟପାଳ କିରଣ ବେଦୀ ଉକ୍ତ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ଅବକାରୀ ବିଭାଗ ସଚିବ ସୁରବିନ୍ଦର ସିଂଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ, ଯାହାଫଳରେ ୧୫୦ ମଦ ଦୋକାନୀଙ୍କ ଷ୍ଟକ୍ ଖାତା ଯାଞ୍ଚ ପରେ ନିୟମ ଉଲ୍ଲଂଘନକାରୀ ୧୪ ମଦ ଦୋକାନୀଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିଲା। ମାର୍ଚ୍ଚ ୨୪ରେ ସେଠାରେ ମଦ ଦୋକାନଗୁଡ଼ିକ ବନ୍ଦ ସମୟରେ ଦୋକାନରେ ମହଜୁଦ ଥିବା ମଦର ପରିମାଣକୁ ଆକଳନ କରିବା ପରେ ଦୋକାନକୁ ସିଲ୍ କରାଯାଇଥିଲା। ମାତ୍ର ଏପ୍ରିଲ ୧୩ ତାରିଖ ମଧ୍ୟରେ ଉକ୍ତ ୧୪ ମଦ ଦୋକାନୀ ଅସାଧୁ ଉପାୟରେ ମଦ ବିକ୍ରି କରିଥିଲେ, ଯାହାକି ଷ୍ଟକ୍ ବା ଜମାଖାତା ଯାଞ୍ଚ ବେଳେ ଧରାପଡ଼ିଥିଲା। ତେଣୁ ୧୪ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତେଣୁ ଆମ ରାଜ୍ୟରେ ଯେଉଁମାନେ ନିୟମ ଉଲ୍ଲଂଘନ କରିଛନ୍ତି, ତାହାର ତଦନ୍ତ କରି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବୁଦ୍ଧିଜୀବୀ ମହଲରେ ମଧ୍ୟ ଦାବି ହେଉଛି। ଅପରପକ୍ଷରେ କଟକରେ ସୋମବାର ଦିନତମାମ ମଦଦୋକାନ ଆଗରେ ଲୋକଙ୍କ ଭିଡ଼ ଜମିଥିଲେ ମଧ୍ୟ କୌଣସି ଦୋକାନ ଖୋଲି ନ ଥିଲା। ଏନେଇ କଟକ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଅଶୋକ କୁମାର ଶତପଥୀ କହିଛନ୍ତି, କଟକରେ ମଦ ଦୋକାନ ଖୋଲିବା ନେଇ ସରକାରଙ୍କ ପକ୍ଷରୁ କୌଣସି ନିର୍ଦ୍ଦେଶ ଆସିନାହିଁ। ଆସିବା ପରେ ଦୋକାନ ଖୋଲିବ। ତେବେ ଦେଶର ସମସ୍ତ ଗ୍ରୀନ୍ ଜୋନ୍‌ରେ ମଦ ଦୋକାନ ଖୋଲୁଥିବାବେଳେ ରାଜ୍ୟରେ ଦୋକାନ ବନ୍ଦ ରହିବା ଘଟଣାକୁ ଅନେକ ସନ୍ଦେହ କରିଛନ୍ତି।

ଭୁବନେଶ୍ୱର ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ପ୍ରସନ୍ନ ଆଚାର୍ଯ୍ୟଙ୍କ କହିବା ହେଲା, ସରକାରଙ୍କ ତରଫରୁ ଲକ୍‌ଡାଉନ ସମୟରେ ମଦ ଦୋକାନ ବନ୍ଦ କରିବାକୁ ନିର୍ଦ୍ଦେଶ ଆସିଥିଲା। ତେଣୁ ସରକାରଙ୍କ ନିର୍ଦ୍ଦେଶ ମୁତାବକ ରାଜଧାନୀର ସମସ୍ତ ସରକାରୀ ମଦ ଦୋକାନ ଓ ବାର୍‌ଗୁଡ଼ିକ ବନ୍ଦ କରାଯାଇଥିବା ବେଳେ ତାହାକୁ ସିଲ୍ କରାଯାଇ ନ ଥିଲା। ଯଦି କୌଣସି ବ୍ୟକ୍ତି ନିୟମ ଉଲ୍ଲଂଘନ କରି ଦୋକାନ ଖୋଲି ମଦ ବିକ୍ରି କରିଥିବା ଷ୍ଟକ୍ ଯାଞ୍ଚ ବେଳେ ଜଣାପଡ଼େ ସେମାନଙ୍କ ଉପରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ଅବକାରୀ ବିଭାଗ କମିଶନର ଅଞ୍ଜନ କୁମାର ମାନିକ୍ ଉକ୍ତ ପ୍ରସଙ୍ଗ ସମ୍ପର୍କରେ ଜାଣିବା ପରେ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ମାନିକ୍ କହିଛନ୍ତି, ଏନ୍‌ଫୋର୍ସମେଣ୍ଟ ଟିମ୍ ରାଜ୍ୟର ବିଭିନ୍ନ ସ୍ଥାନରେ ମଦ ଚୋରା କାରବାର ଉପରେ ନଜର ରଖିବା ସହ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଉଛି। ମାତ୍ର ଯଦି କେହି ଲାଇସେନ୍ସଧାରୀ ଦୋକାନୀ ଏପରି କାର୍ଯ୍ୟ କରିଥାନ୍ତି, ତାହା ତଦନ୍ତ ପରିସରଭୁକ୍ତ ହେବା ସହ ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯଦି ଅନ୍ୟ ରାଜ୍ୟରେ ଲକ୍‌ଡାଉନ୍ ଘୋଷଣା ପାଇଁ ମଦ ଦୋକାନ ବନ୍ଦ ହେବାବେଳେ ଷ୍ଟକ୍ ଯାଞ୍ଚ କରାଯିବା ସହ ଅନେକ ସ୍ଥାନରେ ସିଲ୍ କରାଗଲା, ତେବେ ଓଡ଼ିଶାରେ କାହିଁକି ଏଭଳି କରାଗଲା ନାହିଁ। ଅବକାରୀ ବିଭାଗର ଏଭଳି ଖାମଖିଆଲ ମନୋଭାବ ସେମାନଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

### ଚିନ୍ତା ବଢ଼ାଉଛି...

୨୯ବର୍ଷୀୟା ମହିଳା କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କଣ୍ଟେନମେଣ୍ଟ ଜୋନ୍ ଥିବା ନାଲା ରୋଡ୍ ନିବାସୀ ଏହି ମହିଳା ଜଣକ ପୂର୍ବ ଆକ୍ରାନ୍ତଙ୍କ ପଡ଼ୋଶୀ। ସେ ତାଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ଏହା ଫଳରେ ସୁନ୍ଦରଗଡ଼ରେ ଆକ୍ରାନ୍ତଙ୍କ ସଂଖ୍ୟା ୧୧କୁ ବୃଦ୍ଧି ପାଇଯାଇଛି। ଏହି ଜିଲାରେ ୫ଜଣ ସୁସ୍ଥ ହୋଇଥିବାବେଳେ ୬ଜଣ ଚିକିତ୍ସିତ ହେଉଛନ୍ତି।

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୧ହଜାରରୁ ଊର୍ଦ୍ଧ୍ୱ ନମୁନା ପରୀକ୍ଷଣ ହୋଇସାରିଲାଣି। ସେଥିମଧ୍ୟରୁ ୧୬୯ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୬୦ଜଣ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇସାରିଲେଣି। ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ବେଳେ ସକ୍ରିୟ ସଂକ୍ରମିତ ରୋଗୀଙ୍କ ସଂଖ୍ୟା ୧୦୮ ରହିଛି। ବର୍ତ୍ତମାନ ୨୨୦ଜଣ ହସ୍ପିଟାଲର ଆଇସୋଲେଶନ୍‌ରେ ରହିଛନ୍ତି।

### ବିଶୃଙ୍ଖଳିତଙ୍କ ବିରୋଧରେ...

ସ୍ୱାସ୍ଥ୍ୟସେବା ସହ ୨୦୦୦ ଟଙ୍କା ପ୍ରୋତ୍ସାହନ ରାଶିର ବ୍ୟବସ୍ଥା ମଧ୍ୟ କରାଯାଇଛି। ମାତ୍ର ରାଜ୍ୟର କେତେକ ସ୍ଥାନରେ ପ୍ରବାସୀ ଶ୍ରମିକମାନେ କ୍ୱାରାଣ୍ଟାଇନ୍ ନିୟମ ମାନୁନାହାନ୍ତି। ରବିବାର ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ ବାହାର ରାଜ୍ୟ ଫେରନ୍ତାଙ୍କୁ ନିୟମ ପାଳନ କରିବାକୁ ଚେତାବନୀ ଦେଇଥିବା ବେଳେ ସୋମବାର ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରବାସୀ ଓଡ଼ିଆଙ୍କୁ ନିୟମ ମାନିବାକୁ ଅନୁରୋଧ କରିବା ସହ ଉଲ୍ଲଂଘନକାରୀଙ୍କୁ କଡ଼ା ଚେତାବନୀ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି ଯେ, ବାହାର ରାଜ୍ୟରୁ ଆସୁଥିବା ଓଡ଼ିଆମାନେ ନିଜ ତଥା ନିଜ ପରିବାର ଜୀବନ ସୁରକ୍ଷା ପାଇଁ କ୍ୱାରାଣ୍ଟାଇନ୍‌ରେ ରହିବା ସହ ସରକାରଙ୍କ ସମସ୍ତ ନିୟମ କଡ଼ାକଡ଼ି ପାଳନ କରିବା ଆବଶ୍ୟକ। ଯଦି କୌଣସି ସ୍ଥାନରେ ପ୍ରବାସୀ ଓଡ଼ିଆ କ୍ୱାରାଣ୍ଟାଇନ୍ ଉଲ୍ଲଂଘନ କରୁଛନ୍ତି ସରପଞ୍ଚମାନେ ତୁରନ୍ତ ପ୍ରଶାସନକୁ ଅବଗତ କରାନ୍ତୁ। ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବର୍ତ୍ତମାନ ଓଡ଼ିଶା ଭଲ ସ୍ଥିତିରେ ଅଛି। ଏଥିପାଇଁ ଲକ୍ଷ ଲକ୍ଷ ଲୋକ ଦିନରାତି ନିରନ୍ତର କାର୍ଯ୍ୟ କରୁଛନ୍ତି। ବହୁ ଓଡ଼ିଆ ନିଜ କର୍ମରୁ ଊର୍ଦ୍ଧ୍ୱକୁ ଯାଇ ତ୍ୟାଗ ମନୋଭାବ ନେଇ ଏହି ଅଭୂତପୂର୍ବ ପରିସ୍ଥିତିକୁ ସାମ୍ନା କରୁଛନ୍ତି। ଯେଉଁମାନେ ଓଡ଼ିଶା ଫେରୁଛନ୍ତି ସେମାନେ ମଧ୍ୟ ସେହି ତ୍ୟାଗ ସହ ନିଜ ଉତ୍ତରଦାୟିତ୍ୱ ନିର୍ବାହ କରନ୍ତୁ। ରାଜ୍ୟକୁ ଫେରୁଥିବା ପ୍ରତ୍ୟେକ ଓଡ଼ିଆ ଆମ ନିଜର। ବର୍ତ୍ତମାନ ସମୟରେ ସାମାନ୍ୟ ଅସାବଧାନତା ଅନେକଙ୍କୁ ବିପଦରେ ପକାଇବ। ପ୍ରତ୍ୟେକଟି ଜୀବନର ସୁରକ୍ଷା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ସେମାନଙ୍କର ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସହ କ୍ୱାରାଣ୍ଟାଇନ୍‌ର ବ୍ୟବସ୍ଥା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ପରେ ବାହାର ରାଜ୍ୟ ଫେରନ୍ତାଙ୍କ ଉଚ୍ଛୃଙ୍ଖଳ ଆଚରଣକୁ ନେଇ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଅଭୟ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ନେଇ ଚେତାବନୀ ଦେଇଛନ୍ତି। ସେ ଟୁଇଟ କରି କହିଛନ୍ତି ଯେ, ବହାର ରାଜ୍ୟରୁ ଫେରୁଥିବା ଲୋକମାନଙ୍କ ବିଶୃଙ୍ଖଳିତ ଆଚରଣ ପାଇଁ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ରାଜ୍ୟ ବାହାରୁ ଆସୁଥିବା ଲୋକମାନଙ୍କୁ ରାଜ୍ୟରେ ସମସ୍ତ ସୁବିଧା ଯୋଗାଇବା ସହ ସ୍ୱାଗତ କରାଯାଉଛି। ତା' ଅର୍ଥ ନୁହେଁ ଯେ ବିଶୃଙ୍ଖଳିତ ଆଚରଣ ପାଇଁ କ୍ଷମା ବା ଅନୁକମ୍ପା ଦେଖାଯିବ। କୋଭିଡ୍-୧୯ ସଂକ୍ରମଣକୁ ନେଇ କୌଣସି ଲୋକଙ୍କ ସୁରକ୍ଷା ପ୍ରତି ବିପଦ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା ପଦକ୍ଷେପ ନିଆଯିବ।

କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ସମସ୍ତ ନିୟମକୁ ପାଳନ କରିବାକୁ ବାହାର ରାଜ୍ୟ ଫେରନ୍ତାଙ୍କୁ ଡିଜିପି ଅନୁରୋଧ କରିଛନ୍ତି। ଭଦ୍ରକ ଓ ରାଜ୍ୟର ଅନ୍ୟ କେତେକ ଅଞ୍ଚଳରେ କେତେକ ଲୋକ କ୍ୱାରାଣ୍ଟାଇନ୍ ନିୟମ ଉଲ୍ଲଂଘନ କରିଥିବା ଖବର ମିଳିବା ପରେ ଡିଜିପି ଏଭଳି କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି।

ପ୍ରବାସୀ ଓଡ଼ିଆଙ୍କ ଯୋଗୁ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି। ସେହି ଲୋକମାନେ ଯଦି କ୍ୱାରାଣ୍ଟାଇନ୍ ନିୟମକୁ ଉଲ୍ଲଂଘନ କରିବେ ତେବେ ପରିସ୍ଥିତି ଆହୁରି ବିସ୍ଫୋରକ ହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି। ପ୍ରବାସୀ ଓଡ଼ିଆମାନେ କ୍ୱାରାଣ୍ଟାଇନ୍ ନିୟମ ମାନୁ ନ ଥିବାରୁ ସରକାରଙ୍କ ଚିନ୍ତା ମଧ୍ୟ ବଢ଼ିଯାଇଛି। ଅମାନିଆଙ୍କୁ ବାଟକୁ ଆଣିବା ପାଇଁ ସରକାର ମଧ୍ୟ କଡ଼ା ଚେତାବନୀ ଦେଇଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କୁ ଗିରଫ କରିବା ସହ ଅଲଗା ଜିଲାରେ ଅଧିକ ଦିନ କ୍ୱାରାଣ୍ଟାଇନ୍‌ରେ ରଖାଯିବ। କ୍ୱାରାଣ୍ଟାଇନ୍ ଶେଷ ହେବା ପରେ କୌଣସି ପ୍ରୋତ୍ସାହନ ରାଶି ଦିଆଯିବ ନାହିଁ ବୋଲି ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ ମଧ୍ୟ ପୂର୍ବରୁ ସୂଚେଇ ଦେଇଛନ୍ତି।

**ସଂକ୍ଷେପରେ**

## ସୁପରଭାଇଜରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାରଙ୍ଗ,୪।୫(ଡି.ଏନ.ଏ.): ଗୋଡିସାହି ଫାଣ୍ଡି ଅଧୀନସ୍ଥ ବିଦ୍ୟାଧରପୁର ପାହାଡ ଉପରେ ଥିବା ଏକ କାଜୁଗଛରୁ ସୋମବାର ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ବିହାର ଅଞ୍ଚଳର ବେହେରା ଥାନା ଅନ୍ତର୍ଗତ ଖନ୍‌ଜାନ୍ ଗ୍ରାମର ନବୀନ କୁମାର ଠାକୁର(୨୮)। ସେ ବିଦ୍ୟାଧରପୁରରେ ରହୁଥିବା ବେଳେ ସ୍ଥାନୀୟ ଏକ ଘରୋଇ କମ୍ପାନୀରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ପୋଲିସ ଏ ନେଇ ନଂ. ୬/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ରବିବାର ରାତିରେ ନବୀନ ଖାଦ୍ୟ ଖାଇସାରି ରୁମରେ ଥିବାର ସହକର୍ମୀ କହିଛନ୍ତି। ସକାଳୁ ବହୁ ସମୟ ପର୍ଯ୍ୟନ୍ତ ନବୀନ ରୁମରୁ ବାହାରି ନ ଥିବାବେଳେ ରୁମ ନିକଟ ଏକ କାଜୁଗଛରେ ବେକରେ ରଶି ଲଗାଇ ଝୁଲୁଥିବାରେ ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ଏସ୍‌ସିବିକୁ ପଠାଇଛି। ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ରିପୋର୍ଟ ଆସିବା ପରେ ସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

## ନୋଏଡା ଫେରନ୍ତା ଯୁବକଙ୍କୁ ଗାଁ ପ୍ରବେଶକୁ ବିରୋଧ

ବାଲିଅନ୍ତା,୪।୫(ଡି.ଏନ.ଏ.): ନୋଏଡାରୁ ବାଲିଅନ୍ତା ଅଞ୍ଚଳକୁ ରବିବାର ବିଳମ୍ବିତ ରାତିରେ ଫେରିଥିବା ଜଣେ ଯୁବକଙ୍କୁ ଘରକୁ ଯିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ସୋମବାର ଗ୍ରାମ ଲୋକେ ଏହାକୁ ବିରୋଧ କରିଥିଲେ। ଖବରପାଇ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସେଠାରୁ ଯୁବକଙ୍କୁ ଆଣି ବାଲିଅନ୍ତା ହାଇସ୍କୁଲରେ ଖୋଲାଯାଇଥିବା ଅସ୍ଥାୟୀ କ୍ୱାରାଣ୍ଟାଇନ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସମ୍ପୃକ୍ତ ଯୁବକ ଜଣକ ନୋଏଡାର ଏକ ଆଇଟି କମ୍ପାନୀରେ କାର୍ଯ୍ୟ କରନ୍ତି। ଗତ ୪ଦିନ ତଳେ ତାଙ୍କ ମାଆଙ୍କ ଦେହାନ୍ତ ହୋଇଥିଲା। ଖବର ଶୁଣି ସେ ନୋଏଡାରୁ ଏକ ଟ୍ୟାକ୍ସି ଗାଡ଼ି ଭଡ଼ା କରି ଆସି ରବିବାର ରାତିରେ ବାଲିଅନ୍ତାରେ ପହଞ୍ଚିଥିଲେ। ଯୁବକ ଜଣକ ଘରକୁ ଆସିଥିବା ସୋମବାର ସକାଳେ ଗ୍ରାମବାସୀ ଜାଣିବାପରେ ଅସନ୍ତୋଷ ଦେଖାଯାଇଥିଲା। ପରେ ଏକ ମେଡିକାଲ ଟିମ କ୍ୱାରାଣ୍ଟାଇନ ଯାଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

# ଅନିଶ୍ଚିତତାରେ ଓକିଲ ସଂଘ ନିର୍ବାଚନ

- ମଧ୍ୟବର୍ତ୍ତିକାଳୀନ କମିଟି ଗଠନ ନିର୍ଦ୍ଦେଶ
- ନିର୍ଦ୍ଦେଶ ଜାରି କଲା ଆଇନଜୀବୀ ପରିଷଦ

**କଟକ ଅଫିସ,୪।୫**

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ସମେତ ରାଜ୍ୟର ସମସ୍ତ ଓକିଲ ସଂଘ ନିର୍ବାଚନକୁ ନେଇ ଅନିଶ୍ଚିତତା ଦେଖାଦେଇଛି। କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ବାରମ୍ବାର ନିର୍ବାଚନ ସ୍ଥଗିତ ହେବାରେ ଲାଗିଛି। ଆଗାମୀ ଦିନରେ ନିର୍ବାଚନ ହେବ କି ନାହିଁ, ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ସମସ୍ତ ଓକିଲ ସଂଘକୁ ମଧ୍ୟବର୍ତ୍ତିକାଳୀନ କମିଟି ଗଠନ କରିବା ପାଇଁ ସୋମବାର ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟ ଆଇନଜୀବୀ ପରିଷଦର ସାଧାରଣ ସମ୍ପାଦକ ଜେ.କେ. ସାମନ୍ତସିଂହାରଙ୍କ କହିବାନୁଯାୟୀ, ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ପକ୍ଷରୁ ମଧ୍ୟବର୍ତ୍ତିକାଳୀନ କମିଟି ଗଠନ ପାଇଁ ନିର୍ଦ୍ଦେଶ ମିଳିଛି। ଫଳରେ ପରିଷଦର ସ୍ୱତନ୍ତ୍ର କମିଟି ପକ୍ଷରୁ ମଧ୍ୟବର୍ତ୍ତିକାଳୀନ କମିଟି ଗଠନ ନେଇ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରାଯାଇଛି। ଓକିଲ ସଂଘର ଦୈନନ୍ଦିନ କାର୍ଯ୍ୟ ପାଇଁ ଏହି କମିଟି ଗଠନ ହେବାକୁ ଥିବାବେଳେ ଆସନ୍ତା ନିର୍ବାଚନ ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିବ। କମିଟି ଗଠନ ବେଳେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଜାରି କରାଯାଇଥିବା ଗାଇଡ୍‌ଲାଇନ୍‌କୁ ଓକିଲ ସଂଘଗୁଡ଼ିକ ପାଳନ କରିବା ଆବଶ୍ୟକ। ଆସନ୍ତା ୨୦ ତାରିଖ ସୁଦ୍ଧା ଏହି କମିଟି ଗଠନ କରିବାକୁ ହେବ। ଯଦି କୌଣସି ଓକିଲ ସଂଘ ଏଥିରେ ବିଫଳ ହୁଅନ୍ତି, ତେବେ ଅବଧି ଶେଷ ହେବାର ସାତ ଦିନ ଭିତରେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ମଧ୍ୟବର୍ତ୍ତିକାଳୀନ କମିଟି ଗଠନ କରାଯିବ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ହାଇକୋର୍ଟ ସହ ସମସ୍ତ ଓକିଲ ସଂଘର ନିର୍ବାଚନ ମାର୍ଚ୍ଚ ୨୮ ତାରିଖରେ ହେବ ବୋଲି ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ସ୍ଥିର ହୋଇଥିଲା। ହାଇକୋର୍ଟ ସମେତ ସମସ୍ତ ଓକିଲ ସଂଘ ପକ୍ଷରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏପରିକି ପ୍ରାର୍ଥୀପତ୍ର ଦାଖଲ, ଯାଞ୍ଚ ଏବଂ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିଲା। କିନ୍ତୁ ନିର୍ବାଚନ ପୂର୍ବରୁ କରୋନା ଭୂତାଣୁ ସଂକ୍ରମଣ ଯୋଗୁ ରାଜ୍ୟରେ ଲକ୍‌ଡାଉନ୍ ଘୋଷଣା କରାଯାଇଥିଲା। ମାର୍ଚ୍ଚ ୧୫ ତାରିଖରେ ରାଜ୍ୟ ଆଇନଜୀବୀ ପରିଷଦ ତରଫରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇ ମାର୍ଚ୍ଚ ୨୮ ତାରିଖ ବଦଳରେ ଏପ୍ରିଲ୍ ୨୫ ତାରିଖରେ ଭୋଟ୍ ଗ୍ରହଣ ହେବ ବୋଲି ସ୍ଥିର କରାଯାଇଥିଲା। କିନ୍ତୁ ଏପ୍ରିଲ୍ ୧୫ ତାରିଖରେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଆଉ ଏକ ନିର୍ଦ୍ଦେଶନାମା ଜାରି କରାଯାଇ ଓକିଲ ସଂଘର ନିର୍ବାଚନ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ଘୋଷଣା କରାଯାଇଥିଲା।

# ୮ମ ମହଲାରୁ ଡେଇଁ ଇଞ୍ଜିନିୟରଙ୍କ ଆତ୍ମହତ୍ୟା

- ଶ୍ୱଶୁର ଘର ବାହାରେ ଚପଲ ଥୋଇ ଡେଇଁପଡିଲେ
- ମୃତକ ହେଲେ ପ୍ରତିଷ୍ଠିତ ବିଲ୍ଡରଙ୍କ ସମ୍ପର୍କୀୟ

**ଭୁବନେଶ୍ୱର,୪।୫ (ବ୍ୟୁରୋ)**

ଖାରବେଳନଗର ଥାନା ଅନ୍ତର୍ଗତ ଚନ୍ଦ୍ରମା ଆପାର୍ଟମେଣ୍ଟର ୮ ମହଲାରୁ ଡେଇଁ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ମୃତ ବ୍ୟକ୍ତି ଜଣକ ହେଲେ ୟୁନିଟ୍-୩ରେ ରହୁଥିବା ଇଞ୍ଜିନିୟର ପୀୟୂଷ ମୋହନ ମିଶ୍ର(୫୬)। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୦) ରୁଜୁ କରି ଘଟଣା ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ପୀୟୂଷ ହେଉଛନ୍ତି ଜଣେ ପ୍ରତିଷ୍ଠିତ ବିଲ୍ଡରଙ୍କ ସମ୍ପର୍କୀୟ। ଚନ୍ଦ୍ରମା ଆପାର୍ଟମେଣ୍ଟରେ ତାଙ୍କ ଶ୍ୱଶୁର ରହୁଥିବାରୁ ସେ ନିୟମିତ ସେଠାକୁ ଯିବାଆସିବା କରନ୍ତି। ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟା ୨୦ରେ ସେ ଉକ୍ତ ଆପାର୍ଟମେଣ୍ଟରେ ପହଞ୍ଚିଥିଲେ। ହେଲେ ଶ୍ୱଶୁର ଘରକୁ ନ ଯାଇ ବାହାରେ ଚପଲ ରଖି ଆପାର୍ଟମେଣ୍ଟର ୮ମ ମହଲାରୁ ତଳକୁ ଡେଇଁ ପଡିଥିଲେ। ମୁଣ୍ଡ, ଛାତି ଫାଟିଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଜୋର୍‌ରେ ଶବ୍ଦ ଶୁଣି ଆପାର୍ଟମେଣ୍ଟରେ ରହୁଥିବା ଲୋକେ କ'ଣ ହେଲା ଭାବି ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ହେଲେ ସେତେବେଳକୁ ପୀୟୂଷଙ୍କ ଜୀବନ ନ ଥିଲା। ତାଙ୍କ ଶ୍ୱଶୁରଘର ଲୋକ ପହଞ୍ଚି ପୀୟୂଷଙ୍କୁ ଚିହ୍ନଟ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏଥିସହ ତାଙ୍କ ଚପଲକୁ ଜବତ କରିଛି।

ପରିବାର ଲୋକେ ଏହା ଏକ ଦୁର୍ଘଟଣା ବୋଲି କହୁଥିବାବେଳେ ଏନେଇ ନାନା ଚର୍ଚ୍ଚା ଚାଲିଛି। ପୀୟୂଷ କିଛି ଦିନ ହେବ ମାନସିକ ରୋଗରେ ଆକ୍ରାନ୍ତ ହୋଇ ମେଡିସିନ ଖାଉଥିଲେ। ପୂର୍ବରୁ ମଧ ସେ ନିଜ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ରବିବାର ରାତିରେ କୌଣସି କଥାକୁ ନେଇ ପରିବାର ସହ ତାଙ୍କର ଝଗଡ଼ା ହୋଇଥିବା ଓ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ତେବେ ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ବି.ଆର. ସେନାପତି କହିଛନ୍ତି।



## 'ପୁଣି ହସିବ ଓଡ଼ିଶା'ରେ ହେମା ମାଳିନୀଙ୍କ ଓଡ଼ିଶୀନୃତ୍ୟ

**ଭୁବନେଶ୍ୱର,୪।୫(ବ୍ୟୁରୋ):** କରୋନା ଯୋଦ୍ଧାଙ୍କ ମନୋବଳ ବୃଦ୍ଧି କରିବାକୁ ପ୍ରସ୍ତୁତ ହୋଇଥିବା 'ପୁଣି ହସିବ ଓଡ଼ିଶା' ମ୍ୟୁଜିକ୍ ଭିଡ଼ିଓ ପୁଣିଥରେ ଭାଇରାଲ ହୋଇଛି। ଏହି ଗୀତର ତାଳେ ତାଳେ ଓଡ଼ିଶୀନୃତ୍ୟ କରିଛନ୍ତି ରାଜ୍ୟର ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ ଏବଂ କଳାକାରମାନେ। ହେଲେ ଭିଡ଼ିଓର ମୁଖ୍ୟ ଆକର୍ଷଣ ସାଜିଛନ୍ତି ବଲିଉଡ଼ର ଡ୍ରିମ୍ ଗର୍ଲ ହେମା ମାଳିନୀ। ହେମାମାଳିନୀଙ୍କ ସହ ଏଥିରେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର, ଗୁରୁ ରତିକାନ୍ତ ମହାପାତ୍ର ଏବଂ ସୃଜନ ଟିମ୍, ମୀରା ଦାସ ଏବଂ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତି, ମିହିର ଦାସ, ଅପରାଜିତା ଏବଂ ବୁଦ୍ଧାଦିତ୍ୟ ପ୍ରମୁଖଙ୍କୁ ଦେଖିବାକୁ ମିଳିଛି। ଓଡ଼ିଆ ଅଭିନେତ୍ରୀ ମହେଶ୍ୱତା ରାୟଙ୍କ ଦ୍ୱାରା ପ୍ରସ୍ତୁତ ଏହି ଭିଡ଼ିଓ ଏବେ ଇଣ୍ଟରନେଟ୍‌ରେ ଭାଇରାଲ ହୋଇଛି। ଓଡ଼ିଶୀ ନୃତ୍ୟ ମାଧ୍ୟମରେ ଏହି କରୋନା ସମୟରେ ଲୋକଙ୍କ ମନୋବଳ ବୃଦ୍ଧି କରିବା ଭିଡ଼ିଓର ମୂଳ ଲକ୍ଷ୍ୟ ବୋଲି ମହେଶ୍ୱତା କହିଛନ୍ତି। ଉକ୍ତ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦଙ୍କ ଦ୍ୱାରା ସଂଯୋଜିତ ଏହି ଭିଡ଼ିଓରେ କଣ୍ଠଶିଳ୍ପୀ ସବିଶେଷ, ଦୀପ୍ତିରେଖା ଏବଂ ବିଶ୍ୱଜିତ କଣ୍ଠଦାନ କରିଛନ୍ତି।

## ଏସ୍‌ସିବିରେ ଶିଶୁପୁତ୍ରର ମୃତ୍ୟୁ

**କଟକ ଅଫିସ,୪।୫**

କରୋନା ସନ୍ଦେହରେ ଏସ୍‌ସିବି ମେଡ଼ିକାଲର ଆଇସୋଲେସନ ୱାର୍ଡରେ ଚିକିତ୍ସିତ ହେଉଥିବା ନୟାଗଡ଼ ଅଞ୍ଚଳର ଜଣେ ୮ ବର୍ଷର ଶିଶୁପୁତ୍ରର ରବିବାର ରାତିରେ ମୃତ୍ୟୁ ଘଟିଛି। ସେ ଶନିବାର ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ସେ କରୋନା ଆକ୍ରାନ୍ତ ନ ଥିଲେ ବୋଲି ଏସ୍‌ସିବି ପକ୍ଷରୁ ସୂଚନା ଦିଆଯାଇଛି।

## ସାକ୍ଷୀଗୋପାଳରେ ପହଞ୍ଚିଲେ ୨୬ ସୁରଟ ପ୍ରବାସୀ

**ସାକ୍ଷୀଗୋପାଳ,୪।୫(ଡି.ଏନ.ଏ.):** ପେଟ ପାଟଣା ପାଇଁ ଗୁଜରାଟର ସୁରଟରେ କାମ କରୁଥିବା ଶ୍ରମିକମାନଙ୍କ ମଧ୍ୟରୁ ୨୬ଜଣ ପ୍ରବାସୀ ଗୋଟିଏ ବସ ଯୋଗେ ସୋମବାର ସନ୍ଧ୍ୟାରେ ସାକ୍ଷୀଗୋପାଳରେ ପହଞ୍ଚିଛନ୍ତି। ବସ୍‌ଟି ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିଡିଓ ସରୋଜ କୁମାର ଦତ୍ତ ସୋମନଙ୍କ ବସ ଆଗରେ ପାଇଲଟିଂ କରି ସାକ୍ଷୀଗୋପାଳ ବଜାର ଦେଇ ନେଇଥିବା ଦେଖାଯାଇଛି। ନିଜନିଜ ପଞ୍ଚାୟତରେ ଖୋଲାଯାଇଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ସେମାନଙ୍କୁ ଭର୍ତ୍ତି କରାଯିବା ପରେ ସେଠାରେ ସତର୍କତା କଡ଼ାକଡ଼ି କରାଯାଇଛି। ସେମାନଙ୍କୁ ପ୍ରାଥମିକ ପରୀକ୍ଷା କରାଯିବା ପରେ ଜିଲା ମଧ୍ୟକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଇଥିଲା। କ୍ୱାରାଣ୍ଟାଇନରେ ସେମାନଙ୍କୁ ୧୪ ଦିନ ରଖାଯିବା ସହିତ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ମେଡିକାଲ ଟିମ ସହାୟତା କରୁଛନ୍ତି।

# ବିହାରର ୩୮ ପର୍ଯ୍ୟଟକ ପୁରୀ ଛାଡ଼ିଲେ

**ରାଜସ୍ଥାନର ୧୦ ଶ୍ରମିକ ନିଜ ଘରକୁ ଗଲେ**

**ପୁରୀ ଅଫିସ, ୪।୫:** ମହାମାରୀ କରୋନା ମୁକାବିଲା ପାଇଁ ଲକ୍‌ଡାଉନ ଯୋଗୁ ବିଭିନ୍ନ ରାଜ୍ୟରେ ଅନ୍ୟ ରାଜ୍ୟର ଶ୍ରମିକ, ତୀର୍ଥଯାତ୍ରୀ, ପର୍ଯ୍ୟଟକ, ଛାତ୍ରୀଛାତ୍ର ଅଟକି ରହିଛନ୍ତି। ଏବେ ଲକ୍‌ଡାଉନରେ ସାମାନ୍ୟ କୋହଳ ପରେ କିଛିଦିନ ହେଲା ବିଭିନ୍ନ ସ୍ଥାନରେ ଅଟକି ରହିଥିବା ଲୋକେ ନିଜ ନିଜ ରାଜ୍ୟକୁ ଫେରିବା ଆରମ୍ଭ କରିଛନ୍ତି। ଏହି କ୍ରମରେ ସୋମବାର ପୁରୀରୁ ରାଜସ୍ଥାନର ୧୦ ଶ୍ରମିକ ଏବଂ ବିହାରର ୩୮ ପର୍ଯ୍ୟଟକ ନିଜ ନିଜ ରାଜ୍ୟ ଅଭିମୁଖେ ଯାତ୍ରା କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁରୁବୀର ସିଂ ପ୍ରମୁଖ ଏମାନଙ୍କୁ ବିଦାୟ ଶୁଭେଚ୍ଛା ଜଣାଇଛନ୍ତି।

ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ବସ୍‌ର ଚାଳକଙ୍କ ସମେତ ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ନିଶ୍ଚିତ ହେବା ପରେ ସେମାନଙ୍କୁ ଯିବା ପାଇଁ ଅନୁମତି ଦେବା ସହିତ ଗାଡ଼ି ପାସ୍ ପ୍ରଦାନ କରାଯାଇଥିଲା। ସେମାନଙ୍କୁ ଶୁଖିଲା ଖାଦ୍ୟ, ପାଣି ଦିଆଯାଇଥିଲା। ଅନ୍ୟପକ୍ଷରେ ପୁରୀରେ ରହିଯାଇଥିବା ବିଭିନ୍ନ ରାଜ୍ୟର ଲୋକେ ନିଜ ରାଜ୍ୟକୁ ଫେରିବା ପାଇଁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେମାନଙ୍କୁ ଅନୁମତି ଦେବା ଲାଗି ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ। ଫଳରେ ଜିଲାପାଳଙ୍କ ଅଫିସ ପରିସରରେ ଭିଡ଼ ଦେଖିବାକୁ ମିଳିଥିଲା।

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଲେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, କୁଆ-ସଜ୍ଜା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ୱ. ବଶୀକରଣ ଓ ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି ।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

**INDIAN PORT RAIL & ROPEWAY CORPORATION LIMITED**
(A JV Company under Ministry of Shipping,Government of India)
(Formerly Indian Port Rail Corporation Ltd.)
SAGARMALA

**TENDER NOTICE**
**IPRCL/BBS/T/PPT-BOT/26**
**Dated 04.05.2020.**
IPRCL invites e-tender for "Renewal of old rails and replacement of damaged sleepers in between Entrance point and exit point of RRS-2 Track at MCHP in Paradip Port Sidings".
For more details visit website **www.etenders.gov.in/eprocure/app.**
Any corrigendum/addendum would be hosted on the above website only.

**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi - 834031, Jharkhand, India

**NOTICE**
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM Portal **https://gem.gov.in**"

**Form No. INC-25A**
**ଏକ ପବ୍ଲିକ କମ୍ପାନୀରୁ ପ୍ରାଇଭେଟ୍ କମ୍ପାନୀକୁ ରୂପାନ୍ତରିତ ହେବା ନିମନ୍ତେ ବିଜ୍ଞାପନ**
କ୍ଷେତ୍ରୀୟ ନିର୍ଦ୍ଦେଶକଙ୍କ ସମୀପେଷୁ,
କର୍ପୋରେଟ୍ ବ୍ୟାପାର ମନ୍ତ୍ରାଳୟ,
ପୂର୍ବାଞ୍ଚଳ କ୍ଷେତ୍ର, କଲିକତା।
କମ୍ପାନିଜ୍ ଆକ୍ଟ, ୨୦୧୩ର ଧାରା ୧୪ ଓ କମ୍ପାନିଜ୍ (ପ୍ରତିଷ୍ଠା) ଅଧିନିୟମ, ୨୦୧୪ ବିଷୟକ ଓ
ଓଭରସିଜ୍ ପ୍ରୋଜେକ୍ଟସ୍ ଓ ସର୍ଭିସେସ୍ ଲିମିଟେଡ୍ ବିଷୟକ ଯାହାକି କମ୍ପାନିଜ୍ ଆକ୍ଟ, ୧୯୫୬ ଅନୁଯାୟୀ ଗଠିତ ଓ ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ପ୍ଲଟ ନଂ. ଏଫ୍/୧୬, ଚନ୍ଦକା ଇଣ୍ଡଷ୍ଟ୍ରିୟାଲ୍ ଇଷ୍ଟେଟ, ପଟିଆ, ଭୁବନେଶ୍ୱର - ୭୫୧୦୧୪, ଓଡ଼ିଶାରେ ଅବସ୍ଥିତ।
ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ଉପରୋକ୍ତ କମ୍ପାନୀ ତା୧୦।୦୩।୨୦୨୦ରେ ଅନୁଷ୍ଠିତ ତା'ର ଅତିରିକ୍ତ ସାଧାରଣ ସଭାର ସ୍ୱତନ୍ତ୍ର ନିଷ୍ପତ୍ତି ଅନୁଯାୟୀ ତଥା କମ୍ପାନିଜ୍ ଆକ୍ଟ, ୨୦୧୩ର ଧାରା ୧୪ ଏବଂ ଆବଶ୍ୟକୀୟ ଅଧିନିୟମ ଅନୁଯାୟୀ କେନ୍ଦ୍ର ସରକାରଙ୍କୁ ଏକ ଦରଖାସ୍ତ ପ୍ରଦାନ କରୁଛି କି ଏହା ପବ୍ଲିକ ଲିମିଟେଡ୍‌ରୁ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀକୁ ରୂପାନ୍ତରିତ ହେବାକୁ ଯାଉଛି ।
ଏହାଦ୍ୱାରା ଯଦି କୌଣସି ବ୍ୟକ୍ତିଙ୍କ ସ୍ୱାର୍ଥରେ ଆଞ୍ଚ ଆସେ ତେବେ ସେହି ଆଗ୍ରହୀ ବ୍ୟକ୍ତି ଏକ ଆଫିଡେଭିଟ୍ କରିଆରେ ତାଙ୍କ ଆଗ୍ରହର ବିବରଣୀ ସହିତ ଆପତ୍ତିର ଭିତ୍ତି ବିଷୟରେ ପଞ୍ଜୀକୃତ ଡାକ ଯୋଗେ ଏହି ବିଜ୍ଞାପନର ୧୪ ଦିନ ମଧ୍ୟରେ ନିମ୍ନ ଠିକଣାରେ ଜଣାଇବାକୁ ଅନୁରୋଧ । ତାହା ସହିତ ଏହାର ଏକକିତା ନକଲ ମଧ କମ୍ପାନୀର ପଞ୍ଜୀକୃତ ଠିକଣାରେ ପଠାଇବାକୁ ଅନୁରୋଧ ।
ଓଭରସିଜ୍ ପ୍ରୋଜେକ୍ଟସ୍ ଓ ସର୍ଭିସେସ୍ ଲିଃ ତରଫରୁ
ସ୍ୱା./- (ଅମୀୟ କୁମାର ବେହେରା), ନିର୍ଦ୍ଦେଶକ
**ଠିକଣା:** Regional Director, Eastern Region, Nizam Palace, II, MSO Building, 3rd Floor, 234/4, AJC Bose Road, Kolkata-700020
**ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା:** Plot No. F/16, Chandaka Industrial Estate, Patia, Bhubaneswar - 751014, Odisha.

**OFFICE OF THE MEDICAL SUPERINTENDENT**
**B.M. GENERAL HOSPITAL, CHANDPUR**
**Email: bmswasthyanibas.chandapur@gmail.com**

**TENDER CALL NOTICE**
**No.: 699/Estt/BMGH** **Date: 29.04.2020**
No.: E- The Medical Superintendent, B.M. General Hospital, Chandpur invites sealed quotations from interested parties/organisations/persons for disposal of conemned articles. The detail terms and conditions along with the list of articles and the application form are available at district website **www.nayagarh.nic.in**. The last date of receipt of application is 12.05.2020 by 5 P.M.

**Sd./- Dr. B. Surya Rao**
**Medical Superintendent**
**B.M. General Hospital, Chandpur**
OIPR-10048/11/0002/2021

**OFFICE OF THE**
**CHIEF DISTRICT MEDICAL & PHO-CUM-DMD, CUTTACK**
**Department of Health & Family Welfare**
**Government of Odisha**
**Adv. No.: 6002** **Date: 04.05.2020**

**SHORT TENDER FOR MODIFICATION OF AMBULANCE FOR COVID - 19**
Sealed tenders are invited from registered Agencies/ Authorized dealers for modification of existing ambulance to be used for Swab collection of suspected COVID-19 cases under CDM&PHO, Cuttack. The details of term and conditions of tender are available at the official website **www.cuttack.nic.in** the bidders have to download the tender paper from website to participate in the tender. The undersigned reserves the right to reject any or all the tenders without assigning any reason. Available of tender paper 05.05.2020 to 08.05.2020, Last date of submission of paper 08.05.2020, Time: 12.00 P.M., Opening of tender on 08.05.2020 at 12.30 P.M. Submission of tender paper through Speed Post/Registered Post/Courier/by Hand.

**Sd./- Chief Distirct Medical & PHO-cum-DMD, Cuttack**

**OFFICE OF THE SUPERINTENDENT**
**S.C.B. MEDICAL COLLEGE & HOSPITAL, CUTTACK**
**Email ID: scbsuperintendent@gmail.com, Ph.: 0671-2414080, Mob.: 9437026080**
**Letter No.: 9443/SCBMCH** **Dt.04.05.2020**

**WALK-IN-INTERVIEW**
No.: E- Applications are invited for temporary engagement of the following categories of manpower on daily wage basis for Viral Research and Diagnostic Laboratory (VRDL)/ Laboratory created for COVID-19 Test in this hospital till 30th June 2020. The candidates will be engaged on Walk-in-Interview basis by the undersigned. The engagement purely temporary and can be terminated at point of time without assigning any reason thereof.
The details of name of the Post, Educational qualifications and daily remuneration are given below.

| Sl. No. | Name of the Post | No. of Post | Educational Qualification | Total Remuneration per day (Inclusive Incentive) |
|---|---|---|---|---|
| 1 | Research Scientist (Non-Medical) | 1 No. | M.Sc. Medical Microbiology / Bio Technology, preference will be given to Ph.D holders | Rs.2000/- per day |
| 2 | Research Assistant | 2 Nos. | M.Sc. Medical Microbiology / Bio Technology | Rs.1000/- per day |
| 3 | Laboratory Technician | 2 Nos. | D.M.L.T. | Rs.1000/- per day |

Interested applicants can login to the website i.e. **www.scbmch.nic.in** for details of eligibility criteria, application form etc. Applicants fulfilling the eligibility criteria may appear for registration and consequently for the Walk-in-Interview.
Registration will start from 10.30 A.M. to 4 P.M. on 06.05.2020 in the office of the Conference Hall of SCB Medical College & Hospital, Cuttack. No application will be entrained after schedule timing of registration.

**Sd./- Superintendent**
**SCB Medical College & Hospital, Cuttack**
OIPR-10011/11/0004/2021

**ODISHA POLICE**
**STATE POLICE HEADQUARTERS, CUTTACK**
**Advertisement for the recruitment of Ex-servicemen (Navy/Coastguard Personnel) as Technical Staff to be deployed in Marine Police Stations of the State**
No. D-02:- Applications along with Biodata/Service particulars are invited from Ex-Navy and Coastguard personnel having experience on Seaman, Communication, Engineering and Electrical branches for the Post of Master, Syrang, Engine Driver, Dinggi Driver and Seaman Mechanic. Approximately 50 technical posts which may subsequently be varied are required to be filled up for different Marine Police Stations of the State. The applicants must not have exceeded the age of 45 years as on 01.01.2020 and their appointments for the said posts will be purely on contractual basis for a period of one year which may be extended further period basing on their performance/ability/sincerity and devotion to the duty. Due to COVID-19 lockdown, the recruitment scheduled on 12th and 13th May 2020 has been changed. The new date of recuritment has been scheduled on 4th & 5th June 2020. The application should reach at this office at O/o. Addl. D.G. of Police, Railways and Coastal Security, Odisha, Bhubaneswar by 31st May 2020 for taking follow up action.
Other terms and conditions in this regard remain be same.

**Sd./- A.I.G of Police**
**Marine and Coastal Security**
**Odisha, Bhubaneswar**
OIPR-12029/11/0003/2021

**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ**
**ମୁଖ୍ୟ କାର୍ଯ୍ୟାଳୟ - ବରଗଡ଼ - ୭୬୮୦୨୮**
Email-sdccbgh@gmail.com/Website-www.sambalpurdccb.com
ଏତଦ୍ୱାରା ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼ରେ ୩୦ (ତିରିଶ) ଗୋଟି Support Staff (ପିଅନ) ପଦବୀ ପୂରଣ କରିବା ନିମନ୍ତେ ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କଠାରୁ ଆବେଦନ ପତ୍ର ଗ୍ରହଣ କରାଯାଉଛି । ପ୍ରାର୍ଥୀ/ପ୍ରାର୍ଥିନୀମାନେ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ଦେବଗଡ଼ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ। ପ୍ରାର୍ଥୀ/ପ୍ରାର୍ଥିନୀମାନେ ଏହି ବିଜ୍ଞାପନର ସମ୍ପୂର୍ଣ୍ଣ ବିବରଣୀ ବ୍ୟାଙ୍କର Website-www.sambalpurdccb.comରେ ପାଇପାରିବେ। ସମସ୍ତ ଆବେଦନ ପତ୍ର କେବଳ ଏହି Website ମାଧ୍ୟମ (Online)ରେ ଗ୍ରହଣ କରାଯିବ । ଏହା ବ୍ୟତୀତ ଅନ୍ୟ କୌଣସି ଜରିଆରେ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ । ପ୍ରାର୍ଥୀ/ପ୍ରାର୍ଥିନୀମାନେ ସର୍ବନିମ୍ନ ଦଶମ ଶ୍ରେଣୀ (Class-X) ଉତ୍ତୀର୍ଣ୍ଣ ହୋଇଥିବେ । ଯେଉଁ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଇଂରାଜୀ ଭାଷା ମାଧ୍ୟମରେ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବେ, ସେମାନେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବନିମ୍ନ ଗୋଟିଏ ବିଷୟରେ ଓଡ଼ିଆ ଭାଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ।

**ପ୍ରସ୍ତାବିତ ଅବଧି**

| | |
|---|---|
| ଆବେଦନ ପାଇଁ ସମୟ ସୀମା | ୦୬.୦୫.୨୦୨୦ରୁ ୨୫.୦୫.୨୦୨୦ |
| Fees ପଇଠ ପାଇଁ ସମୟ ସୀମା | ୦୬.୦୫.୨୦୨୦ରୁ ୨୫.୦୫.୨୦୨୦ |
| Offline ପରୀକ୍ଷା (OMR Sheet ଦ୍ୱାରା) | Admit Card ଯୋଗେ ଜଣାଇ ଦିଆଯିବ |

**Application Fees**

| | |
|---|---|
| Unreserved/SEBC ପ୍ରାର୍ଥୀ/ପ୍ରାର୍ଥିନୀ | 700/- (Including GST) |
| SC/ST/PWD/ Ex-serviceman | 400/- (Including GST) |

ଆବେଦନ କରିବା ପାଇଁ Online Link ଉପରୋକ୍ତ ତାରିଖ ମଧ୍ୟରେ ବ୍ୟାଙ୍କର Website-www.sambalpurdccb.comରେ ଉପଲବ୍ଧ ହେବ।
**ସ୍ୱା./- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ,**
**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼**

**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**
ଟେଣ୍ଡର ବିଜ୍ଞପ୍ତି ସଂ. 02/ET/SBP/ENGG/2020-21, ତା: 28.04.2020
ଇ-ଟେଣ୍ଡର ସଂ. 03-eT-SDENE-SBP-20
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଥେରୁବାଲି-ସିଙ୍ଗାପୁର ରୋଡ୍ ସେକ୍ସନରେ କି.ମି. 326/1-2 ସ୍ଥିତ ପୋଲ ସଂ. 584, ଡୁଙ୍ଗୁରିପାଲି - ଖଲିଆପାଲି ସେକ୍ସନରେ କି.ମି. 647/3-18 ସ୍ଥିତ ପୋଲ ସଂ. 293, ଦେଓଗାଁ ରୋଡ୍ - ସର୍ଲେତଲା ସେକ୍ସନରେ କି.ମି. 700/7-12 ସ୍ଥିତ ପୋଲ ସଂ. 406, ସର୍ଲେତଲା - ବଡ଼ମାଲ ସେକ୍ସନରେ କି.ମି. 716/10 ରୁ କି.ମି. 717/4 ମଧ୍ୟରେ ଥିବା ପୋଲ ସଂ. 438 ଏବଂ ବରପାଲି - ଡୁଙ୍ଗୁରିପାଲି ସେକ୍ସନରେ କି.ମି. 630/4-5 ସ୍ଥିତ ପୋଲ ସଂ. 235 ରେ ସ୍ୱୟଂଚାଳିତ ଜଳ ସ୍ତର ଗଜ୍ ଯୋଗାଣ ଓ ସଂସ୍ଥାପନ ଦ୍ୱାରା ପୋଲ ଗୁଡ଼ିକର ରକ୍ଷଣାବେକ୍ଷଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹58,21,782.00, EMD : ₹ 1,16,400.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 06 (ଛଅ) ମାସ।
**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 22.05.2020 ରିଖ 1500 ଘ. ରେ
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ସମ୍ବଲପୁର
PR-13/L/20-21

# ଆଜି ମାରୁଛି ବିମୁଦ୍ରୀକରଣ

ଭାରତ ସରକାରଙ୍କ ଦ୍ୱାରା ଜାରି ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଘୋଷଣା ସହିତ କେତେକ କଟକଣାକୁ କୋହଳ କରାଯାଇଛି। ଜୀବନ ଓ ଜୀବିକା ମଧ୍ୟରେ ସମନ୍ୱୟ ଆଣିବା ଲକ୍ଷ୍ୟରେ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଏହି ପରିପ୍ରେକ୍ଷୀରେ ୩ ମେ'ରେ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) କେନ୍ଦ୍ର ସରକାରଙ୍କୁ ଦେଇଥିବା ଏକ ପ୍ରସ୍ତାବପତ୍ରରେ ଉଲ୍ଲେଖ କରିଛି ଯେ, ଦେଶରେ ଏବେ ଯେଉଁ ସ୍ଥିତି ଦେଖାଦେଇଛି ଅର୍ଥନୀତିରେ ସୁଧାର ଆସିବା ଲାଗି ଏକ ବର୍ଷରୁ ଅଧିକ ସମୟ ଲାଗିଯିବ। ତେଣୁ ଏହାକୁ ଗତିଶୀଳ କରିବା ସକାଶେ ଦେଶର ଶିଳ୍ପ କ୍ଷେତ୍ରରେ ଉଚ୍ଚ ପ୍ରଦର୍ଶନ କରୁଥିବା ଜିଲାକୁ ଖୋଲି ଦିଆଯିବା ଉଚିତ। ଏପରି କି କଣ୍ଟେନ୍‌ମେଣ୍ଟ ବା ଆବଦ୍ଧାଞ୍ଚଳ ହୋଇଥିଲେ ସେଠାକାର ଶିଳ୍ପ ସଂସ୍ଥାର କାର୍ଯ୍ୟାଳୟରେ କଡ଼ାକଡ଼ି ନିୟମ ପାଳନ କରାଯାଉ। କିନ୍ତୁ ଏହି ନିୟମ ପାଳନ କରିବାର ଦାୟିତ୍ୱ ସରକାରଙ୍କ ଉପରେ ନ୍ୟସ୍ତ ହେବ ନା ଶିଳ୍ପ ମାଲିକଙ୍କ ଦାୟିତ୍ୱ ହେବ, ତାହା ସ୍ପଷ୍ଟ କରାଯାଇ ନାହିଁ। ତେବେ ଜିଡିପି ଦୃଷ୍ଟିକୋଣରୁ ହେଉ କିମ୍ବା ଶିଳ୍ପ କ୍ଲଷ୍ଟରର ସାନ୍ଦ୍ରତା ଯୋଗୁ ଦେଶର ୧୦୦ରୁ ୧୫୦ ଜିଲାକୁ ଚିହ୍ନଟ କରାଯାଇ ଅର୍ଥନୈତିକ କାର୍ଯ୍ୟ ଜୋରସୋରରେ କରାଗଲେ ଭାରତରେ ଆର୍ଥିକ ସ୍ଥିତି ସୁଦୃଢ଼ ହୋଇପାରେ ବୋଲି ସିଆଇଆଇ ଆଶା ପ୍ରକଟ କରିଛି। ଶିଳ୍ପ ମହାସଂଘର ପ୍ରସ୍ତାବ ନିଶ୍ଚିତ ଭାବେ ଏକ ସକାରାତ୍ମକ ଦିଗକୁ ଅନିଷା କରୁଛି। କିନ୍ତୁ ମାନ୍ଦାବସ୍ଥା ଦେଇ ଚାଲିଆସୁଥିବା ଭାରତୀୟ ଅର୍ଥନୀତି ଉପରେ ଯେବେଠାରୁ କରୋନାର କୋରଡ଼ା ମାଡ଼ ଆରମ୍ଭ ହୋଇଯାଇଛି ଓ ଏହାର ନକାରାତ୍ମକ ପ୍ରଭାବ ସମ୍ପୂର୍ଣ୍ଣ ଭାବେ ଜନସାଧାରଣଙ୍କ ଉପରେ ପଡ଼ିଛି, ସେଭଳି ସ୍ଥଳେ ତତ୍‌କ୍ଷଣାତ୍ ସକାରାତ୍ମକ ପରିବର୍ତ୍ତନ ଆସିବ ବୋଲି ବିଶ୍ୱାସ ହୋଇପାରୁ ନାହିଁ।

ଆଜିର ଦୁର୍ବଳ ଭାରତୀୟ ଅର୍ଥନୀତି ପାଇଁ ୮ ନଭେମ୍ବର ୨୦୧୬ର ବିମୁଦ୍ରୀକରଣ ନିଷ୍ପତ୍ତି ସମ୍ପୂର୍ଣ୍ଣ ଦାୟୀ। ଦୁଇଟି ବଡ଼ ନୋଟ୍‌କୁ ଅଚାନକ ଅଚଳ କରିଦିଆଯିବା ଦ୍ୱାରା ବଜାରରୁ ନଗଦ ଅର୍ଥର ଅଭାବ ଦେଖାଦେଲା। ବିମୁଦ୍ରୀକରଣ ଲାଗୁ ହେବା ବେଳେ ସରକାରଙ୍କ ପକ୍ଷରୁ ସଫେଇ ଦିଆଗଲା ଯେ, ଧନୀମାନେ ରଖିଥିବା କଳାଧନକୁ ଜବତ କରିବାର ଉଦ୍ଦେଶ୍ୟ ରଖାଯାଇ ଏଭଳି ପଦକ୍ଷେପ ନିଆଯାଇଛି। ମନେରଖିବା ଉଚିତ ଯେ, ଧନୀ ଲୋକମାନେ ଘରେ ପର୍ଯ୍ୟାପ୍ତ ନଗଦ ଅର୍ଥ ଗଦା କରି ରଖି ନ ଥାଆନ୍ତି। ଗରିବ, ମଧ୍ୟବିତ୍ତ ଶ୍ରେଣୀ, ଘର ପାଖରେ ଦୋକାନ ଦେଇଥିବା ବ୍ୟକ୍ତି କିମ୍ବା ଛୋଟକାଟିଆ ବେପାର କରୁଥିବା କ୍ଷୁଦ୍ର ବ୍ୟବସାୟୀ ପ୍ରାୟତଃ ବ୍ୟାଙ୍କକୁ ନ ଯାଇ ଯେତିକି ନଗଦ ପାଇଥାଆନ୍ତି, ତାହାକୁ ନଗଦରେ ବେପାର କରିଥାଆନ୍ତି। ଏଥିପାଇଁ ମୁଖ୍ୟତଃ ଭାରତର ଅସହଯୋଗ ମାନସିକତା ରଖୁଥିବା ବ୍ୟାଙ୍କ କର୍ମଚାରୀ ଏବଂ ତାଙ୍କର ଉପରିସ୍ଥ ଅଧିକାରୀ ମୁଖ୍ୟତଃ ଦାୟୀ। ସେମାନଙ୍କ ବ୍ୟବହାର ଯୋଗୁ ସାଧାରଣ ନାଗରିକ ମନରେ ଦୀର୍ଘକାଳ ଧରି ବ୍ୟାଙ୍କ ବ୍ୟବସ୍ଥା ସମ୍ପର୍କରେ ସନ୍ଦେହ ସୃଷ୍ଟି ହୋଇଛି। ସେହି ସନ୍ଦେହ ଏବେ ମଧ୍ୟ ଦୃଢ଼ୀଭୂତ ହେବାରେ ଲାଗିଛି। ବିମୁଦ୍ରୀକରଣ ହେବା ଦ୍ୱାରା ଉପରଲିଖିତ ବର୍ଗ ବାସ୍ତବରେ ବଡ଼ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଭାରତୀୟ ଅର୍ଥନୀତିର ସ୍ୱରୂପକୁ ଦେଖିଲେ ଏହା ନଗଦ ଅର୍ଥ ଉପରେ ବେଶି ନିର୍ଭର କରିଆସୁଥିଲା। ଡିଜିଟାଲ ଭାରତ କଥା ଯେତେ କୁହାଗଲେ ମଧ୍ୟ ବିଶାଳ ଜନସଂଖ୍ୟା ଓ ସେଥିମଧ୍ୟରୁ ଅନେକେ ଅଦ୍ୟାବଧି ଅନ୍‌ଲାଇନ୍ ନେଣଦେଣ କରିବା ପାଇଁ ପ୍ରୟୋଜନ ଥିବା ଯୋଗ୍ୟତାର ଘୋର ଅଭାବ ପ୍ରଦର୍ଶନ କରୁଛନ୍ତି। ଆଜି କରୋନା ଭାଇରସ୍ ଯୋଗୁ ଭାରତୀୟ ଅର୍ଥନୀତି ପ୍ରବଳ ମାଡ଼ ଖାଇଛି। ଏଠାରେ ନିରପେକ୍ଷ ଅର୍ଥନୀତିଜ୍ଞମାନେ ହୁଏତ ଆକଳନ କରିପାରିବେ ଯେ, ନଗଦ ଟଙ୍କାର ପୂର୍ବଭଳି କ୍ଷମତା ରହିଥିଲେ ସମ୍ଭବତଃ ଏହି ପରିସ୍ଥିତିକୁ ସାମ୍ନା କରିବା ସହଜ ହୋଇଥାଆନ୍ତା। ସେଭଳି ଏକ ଶକ୍ତିଶାଳୀ ଆର୍ଥିକ ଅସ୍ତ୍ରକୁ ବିନା କାରଣରେ କିମ୍ବା କେବଳ ରାଜନୈତିକ ସୁବିଧା ପାଇଁ ଯେଉଁଭଳି ଛଡ଼ାଇ ନିଆଗଲା, ତାହାଫଳରେ ଦେଶର ଜନସାଧାରଣ ନିରସ୍ତ୍ର ଓ ଅସହାୟ ହୋଇଯାଇଛନ୍ତି। କଳାଧନର ଦ୍ୱାହି ଦିଆଯାଇ ବିମୁଦ୍ରୀକରଣକୁ ସମର୍ଥନ କରୁଥିବା ବ୍ୟକ୍ତି ଜାଣିଥିବେ ଭାରତରେ ଅନ୍‌ଆକାଉଣ୍ଟେଡ୍ ମନି ବା ଟିକସ ପଇଠ କରାଯାଇ ନ ଥିବା ଟଙ୍କା ଦୀର୍ଘ ଦିନର ଅଭ୍ୟାସ ରହିଆସିଛି। ନଗଦ ଟଙ୍କା ବଡ଼ କମ୍ପାନୀଠାରୁ ଆରମ୍ଭ କରି କ୍ଷୁଦ୍ର ଚାଷୀ ପାଖରେ ମଧ୍ୟ ଥାଏ। ମନେରଖିବାକୁ ହେବ ଯେ, କାଗଜ ଟଙ୍କା ସରକାରଙ୍କ ଦ୍ୱାରା ଛପାଯାଏ। ସେଥିପାଇଁ ଟିକସ ଦିଆଯାଇ ନ ଥିବା ଅର୍ଥକୁ କଳାଧନ କହି ସମ୍ପୂର୍ଣ୍ଣ ନଗଦ ଉପରେ ସରକାରୀ ପ୍ରହାର ଦେଶର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିଦେଇଛି। ଓଡ଼ିଆ ଢଗ 'ଖା, ଭୁଞ୍ଜ, ଗିଳ୍' ନୀତିରେ ଡିଜିଟାଲ ଅର୍ଥନୀତିକୁ ରାତାରାତି ଗିଳେଇବା ଉଦ୍ୟମର କୁଫଳ ଆଜି ଦେଶ ଭୋଗୁଛି। ଅବଶ୍ୟ ଏହି ଚିନ୍ତାଧାରାର ସମର୍ଥକମାନେ ଏଭଳି ଏକ ଚିତ୍ରଣ କରିଥିଲେ, ଯାହା ଫଳରେ ଯେକୌଣସି ବ୍ୟକ୍ତି ନଗଦ ଅର୍ଥନୀତି ସମର୍ଥନରେ ସ୍ୱର ଉତ୍ତୋଳନ କରିଥାଆନ୍ତେ ତାଙ୍କୁ ତତ୍‌କ୍ଷଣାତ୍ ଟିକସ ଚୋରର ଆଖ୍ୟା ଦିଆଯାଇଥାଆନ୍ତା। ଏଭଳି ବାତାବରଣ ସୃଷ୍ଟି କରିଦେବା ହେତୁ ବାସ୍ତବ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିବାକୁ କେହି ଭାରତୀୟ ବାହାରିଲେ ନାହିଁ। ବିମୁଦ୍ରୀକରଣର ସମର୍ଥକମାନେ ଏହା ମଧ୍ୟ କହିପାରନ୍ତି ଯେ, ସେହି ନିଷ୍ପତ୍ତି ସହିତ ଆଜି ଦେଖାଦେଉଥିବା ଦୁର୍ଦ୍ଦିନର କୌଣସି ସମ୍ପର୍କ ନାହିଁ। ସେଭଳି ଜ୍ଞାନୀ ଅର୍ଥନୀତିଜ୍ଞଙ୍କୁ ଚିତ୍ରର ଅନ୍ୟପଟ ଦର୍ଶାଇବା ଅସମ୍ଭବ। କିନ୍ତୁ ଆଜି ଉପୁଜିଥିବା ପରିସ୍ଥିତିରେ ସେହିମାନଙ୍କ ମଧ୍ୟରୁ ଅନେକେ କ୍ଷତିଗ୍ରସ୍ତ ହେବାକୁ ଆରମ୍ଭ କଲେଣି। ଯେଉଁ ଚାକିରିଆ ଭାବୁଥିଲେ ବିମୁଦ୍ରୀକରଣ ଯୋଗୁ ମାଲିକର କେବଳ କ୍ଷତି ହେବ, ସେମାନେ ନିଜେ ଚାକିରି ହରାଇବା ପରିସ୍ଥିତିକୁ ଆସିଲେଣି। ପୂର୍ବଭଳି ଆଜି ଯଦି ଭାରତରେ ସେହି ପରିମାଣରେ ନଗଦ କାରବାର ଚାଲିଥାଆନ୍ତା, ତେବେ ହୁଏତ ୨୦୦୮ ବିଶ୍ୱ ଅର୍ଥନୈତିକ ମାନ୍ଦାବସ୍ଥାରେ ଭାରତ ଯେମିତି କ୍ଷତିଗ୍ରସ୍ତ ହେବାରୁ ବର୍ତ୍ତିଗଲା, ଆଜି ମଧ୍ୟ ସେଭଳି ଚମତ୍କାର ହେବାର ସମ୍ଭାବନା ଥିଲା।



# ଲକ୍‌ଡାଉନ୍ ଓ ପ୍ରବାସୀ ଶ୍ରମିକଙ୍କ ସମସ୍ୟା

ଭାଳଚନ୍ଦ୍ର ଷଡ଼ଙ୍ଗୀ

କରୋନା ଭୂତାଣୁର ବର୍ଦ୍ଧିତ ସଂକ୍ରମଣକୁ ରୋକିବା ନାଁରେ ପ୍ରଧାନମନ୍ତ୍ରୀ ଗତ ମାର୍ଚ୍ଚ ୨୪ ମଧ୍ୟରାତ୍ରିରୁ ସାରା ଦେଶରେ ଯେଉଁ ଲକ୍‌ଡାଉନ୍ ଘୋଷଣା କରିଛନ୍ତି ତାହାରି ଫଳରେ ଦେଶର କୋଟି କୋଟି ପ୍ରବାସୀ ଶ୍ରମିକଙ୍କ ପ୍ରସଙ୍ଗଟି ସ୍ପଷ୍ଟ ଭାବେ ସାମ୍ନାକୁ ଆସିଛି। ମାତ୍ର ଚାରି ଘଣ୍ଟାର ନୋଟିସରେ ଲକ୍‌ଡାଉନ୍‌ର ଏହି ଅତର୍କିତ ଘୋଷଣା ଦେଶର କୋଟି କୋଟି ପ୍ରବାସୀ ଶ୍ରମିକଙ୍କ ରୋଜଗାର ଛଡ଼ାଇ ନେବା ସହିତ ସେମାନଙ୍କୁ ଏକଦମ୍ ଅସହାୟ କରି ଦେଇଛି। ଦେଶର ବଡ଼ ବଡ଼ ସହରରୁ ହଜାର ହଜାର କପର୍ଦ୍ଦକହୀନ, ଅସହାୟ, ଦୁର୍ବଳ ଓ ଭୋକିଲା ଶ୍ରମିକ ନିଜର ପିଲାଛୁଆ ଓ ପେଡି ପୁଟୁଳା ଧରି ପାଦରେ ଚାଲି ଚାଲି ଶହ ଶହ କିଲୋମିଟର ଦୂରରେ ଥିବା ନିଜର ଘରକୁ ଫେରୁଥିବାର କରୁଣ ଦୃଶ୍ୟ ଟିଭି ପରଦାରେ ଦେଖିବାକୁ ମିଳିଛି। ଗତ ଏକ ମାସର ଲକ୍‌ଡାଉନ୍ ଅବଧି ମଧ୍ୟରେ ସରକାରୀ କଟକଣାକୁ ଭ୍ରୂକ୍ଷେପ ନ କରି ଜୀବନ ବିକଳରେ ଦେଶର ବିଭିନ୍ନ ସହରରୁ ଏଭଳି ପାଦରେ ଚାଲି ଚାଲି, ସାଇକେଲରେ, ବୋଟ୍‌ରେ ଏପରି କି ମାଲବାହୀ ଟ୍ରକ୍‌ରେ ବିପଦସଙ୍କୁଳ ଅବସ୍ଥାରେ ପ୍ରବାସୀ ଶ୍ରମିକମାନଙ୍କ ଶହ ଶହ କିଲୋମିଟରର ଦୁଃସାହସିକ ଯାତ୍ରାର ଅନେକ କାହାଣୀ ପ୍ରତିଦିନ ଖବରକାଗଜ ପୃଷ୍ଠାରେ ଭର୍ତ୍ତି ହେବାରେ ଲାଗିଛି।

ଜୀବନ ବିକଳରେ ଘରକୁ ଫେରିବା ରାସ୍ତାରେ କରୋନା ସଂକ୍ରମଣର ବିପଦକୁ ସାମ୍ନା କରୁଥିବା ଏହି ଶ୍ରମିକମାନଙ୍କୁ ସରକାରଙ୍କ ତରଫରୁ ଅତ୍ୟନ୍ତ ଅମାନବୀୟ ବ୍ୟବହାର ପ୍ରଦର୍ଶନ କରିବା ଦେଖାଯାଇଛି। ଲକ୍‌ଡାଉନ୍ ସମୟରେ ସରକାରୀ କଟକଣାକୁ ଭ୍ରୂକ୍ଷେପ ନ କରି ଚାଲି ଚାଲି ଘରକୁ ଫେରୁଥିବା ଏହି ଶ୍ରମିକମାନଙ୍କୁ ଅନେକ ରାଜ୍ୟରେ ପୋଲିସ ଅଧା ରାସ୍ତାରେ ଅଟକାଇ ଭୟଙ୍କର ମାଡ଼ ମାରିବା ସହିତ କେତେକ ସ୍ଥାନରେ ଗୁରୁଣ୍ଡି ଗୁରୁଣ୍ଡି ଚାଲିବାକୁ, କାନ ଧରି ବସ ଉଠ କରାଇବା ଦେଖିବାକୁ ମିଳିଛି। ପରିତାପର ବିଷୟ ହେଲା କରୋନାର କୌଣସି ବିଧିବଦ୍ଧ ଟେଷ୍ଟ ବିନା ହିଁ ସରକାର ସେମାନଙ୍କୁ କରୋନାର ବାହକ ବୋଲି ଧରି ନେଇଛନ୍ତି। ସେମାନଙ୍କୁ ଜୀବାଣୁମୁକ୍ତ କରିବା ନାଁରେ ଫସଲରେ ରୋଗପୋକକୁ ମାରିବା ପାଇଁ କୀଟନାଶକ ସିଞ୍ଚନ କଲାଭଳି ଉତ୍ତର ପ୍ରଦେଶର ଅନେକ ଜାଗାରେ ସେଠାକାର ଭାଜପା ସରକାର ସେମାନଙ୍କୁ ଏକାଠି କରି ଶରୀରରେ ରାସାୟନିକ ପଦାର୍ଥ ସିଞ୍ଚନ କରିବାର ଲୋମହର୍ଷଣକାରୀ ଚିତ୍ର ସାମ୍ନାକୁ ଆସିଛି।

ନିଜ ରାଜ୍ୟରେ ରୋଜଗାର ଅଭାବରୁ ସାଧାରଣତଃ ଓଡ଼ିଶା, ଛତିଶଗଡ଼, ବିହାର, ଉତ୍ତର ପ୍ରଦେଶ ପରି ପଛୁଆ ରାଜ୍ୟମାନଙ୍କରୁ କୃଷି, ଶିଳ୍ପ ଓ ବ୍ୟବସାୟରେ ବିକଶିତ ରାଜ୍ୟ ଭାବେ ପରିଚିତ ମହାରାଷ୍ଟ୍ର, ଗୁଜରାଟ, କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ର ପ୍ରଦେଶ, ପଞ୍ଜାବ ପରି ରାଜ୍ୟକୁ ଶ୍ରମିକମାନେ ଯାଇଥା'ନ୍ତି। ଏହି ଶ୍ରମିକମାନଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ନୀତି ନିର୍ଦ୍ଧାରଣ କରିବା ଦୂରର କଥା କେବେ ଚିନ୍ତା କରିବା ବି ଦେଖାଯାଇନି। ଏମାନେ ସମ୍ପୂର୍ଣ୍ଣ ରୂପେ ଅସଂଗଠିତ ଥିବାରୁ ପ୍ରଚଳିତ ଶ୍ରମ ଆଇନର ସୁଫଳ ପାଇବାରେ ସକ୍ଷମ ହୋଇପାରୁ ନାହାନ୍ତି। କାର୍ଯ୍ୟକ୍ଷେତ୍ରରେ କୌଣସି ଦୁର୍ଘଟଣା ବା ଗୁରୁତର ସ୍ୱାସ୍ଥ୍ୟହାନି ହେଲେ ସରକାରଙ୍କଠାରୁ ନା କୌଣସି ଆର୍ଥିକ ସହାୟତା ପାଉଛନ୍ତି ନା ପରିବାର ଲୋକଙ୍କୁ କୌଣସି ସାମାଜିକ ସୁରକ୍ଷାର ଉପଲବ୍ଧ ଅଛି। ଏମାନଙ୍କ ପ୍ରକୃତ ସଂଖ୍ୟା କେତେ, ସେମାନେ କି କି ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସେମାନଙ୍କୁ ଶୋଷଣ ଏବଂ ନିର୍ଯ୍ୟାତନାରୁ ମୁକ୍ତ କରିବା ପାଇଁ କି କି ପ୍ରଶାସନିକ ଏବଂ ଆଇନଗତ ପଦକ୍ଷେପ ନେବା ଦରକାର ଏବଂ ସେମାନେ କିପରି ସାମାଜିକ ସୁରକ୍ଷା ପାଇପାରିବେ ସେ ନେଇ ସରକାରୀ ସ୍ତରରେ କେବେ ବି ତତ୍ପରତା ଦେଖାଯାଏନି।

ଯଦିଓ ଆମ ରାଜ୍ୟର ଏକ ବଡ଼ ସଂଖ୍ୟାରେ ଶ୍ରମିକ ରାଜ୍ୟ ବା ଦେଶ ବାହାରେ କାମ କରୁଛନ୍ତି ଅଥଚ ସେମାନଙ୍କ ଠିକ୍ ସଂଖ୍ୟା ନେଇ ରାଜ୍ୟ ସରକାରଙ୍କ ପାଖରେ କୌଣସି ତଥ୍ୟ ହିଁ ନାହିଁ। ବାହାରକୁ ଯାଉଥିବା ଶ୍ରମିକମାନଙ୍କ ପଞ୍ଜୀକରଣ ପାଇଁ ସରକାରଙ୍କ ତରଫରୁ ବ୍ୟବସ୍ଥା ରହିଥିଲେ ମଧ୍ୟ ଶ୍ରମ ବିଭାଗ ତାହାକୁ ଜାଣିଶୁଣି କାର୍ଯ୍ୟକାରୀ କରେନାହିଁ। ଲକ୍‌ଡାଉନ୍ ପରିପ୍ରେକ୍ଷୀରେ ପ୍ରଥମ ଥର ପାଇଁ ପ୍ରବାସୀ ଶ୍ରମିକଙ୍କୁ ଫେରାଇ ଆଣିବା ଲାଗି ସରକାରଙ୍କ ପକ୍ଷରୁ ଯେଉଁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି, ସେଥିରେ ଏଯାଏ ପ୍ରାୟ ପାଞ୍ଚ ଲକ୍ଷ ପ୍ରବାସୀ ଶ୍ରମିକ ପଞ୍ଜୀକରଣ କରିଥିବା ବେଳେ ଏକ ବଡ଼ ଭାଗ ଶ୍ରମିକ ପଞ୍ଜୀକୃତ ହେବାକୁ ଅପେକ୍ଷା କରିଛନ୍ତି। ତେବେ ୨୦୧୧ର ଜନଗଣନା ଅନୁସାରେ ରାଜ୍ୟ ବାହାରେ ଓଡ଼ିଶାର ପ୍ରାୟ ୧୨.୭୧ ଲକ୍ଷ ଲୋକ କାମ କରୁଛନ୍ତି ବୋଲି ଜଣାପଡ଼ିଥିଲା ବେଳେ ପ୍ରବାସୀ ଶ୍ରମିକଙ୍କ ପ୍ରସଙ୍ଗ ନେଇ କାର୍ଯ୍ୟରତ ବିଭିନ୍ନ ସଂଗଠନର ଆକଳନ ଅନୁଯାୟୀ ଏମାନଙ୍କ ସଂଖ୍ୟା ପ୍ରାୟ କୋଡ଼ିଏ ଲକ୍ଷ ହେବ ବୋଲି କୁହାଯାଉଛି।

ତେବେ ସେମାନଙ୍କ ସଂଖ୍ୟା ଯାହା ହେଉନା କାହିଁକି ଓଡ଼ିଶାର ଅର୍ଥନୀତି ପ୍ରତି ସେମାନଙ୍କ ଅବଦାନଟି କମ୍ ନୁହେଁ। ଏମାନେ ନିଜର ଶ୍ରମ ଓ ଝାଳ ଦେଇ କେବଳ ବାହାର ରାଜ୍ୟର ଅର୍ଥନୀତିକୁ ଗଢ଼ି ତୋଳିବାରେ ଏକ ଶକ୍ତିଶାଳୀ ଭୂମିକା ନିର୍ବାହ କରୁ ନାହାନ୍ତି ବରଂ ନିଜର କଷ୍ଟାର୍ଜିତ ଆୟରୁ ପ୍ରତି ମାସରେ ଏକ ବଡ଼ ଭାଗ ଘରକୁ ପଠାଇ ନିଜ ରାଜ୍ୟର ଅର୍ଥନୀତିକୁ ବି ସହାୟକ ହେଉଛନ୍ତି। ଯଦି ଜଣେ ପ୍ରବାସୀ ଶ୍ରମିକ ମାସିକ ଦୁଇ ହଜାର ଟଙ୍କା ନିଜ ଘରକୁ ପଠାଉଛି ତା'ହେଲେ କୋଡ଼ିଏ ଲକ୍ଷ ପ୍ରବାସୀ ଶ୍ରମିକ ମାସିକ ଅତି କମ୍‌ରେ ୪୦୦ କୋଟି ବା ବାର୍ଷିକ ପ୍ରାୟ ୪୮୦୦ କୋଟି ଓଡ଼ିଶାରେ ଅର୍ଥନୀତିରେ ଯୋଗ କରୁଛନ୍ତି। ଏହି ଅର୍ଥର ଏକ ବଡ଼ ଭାଗ ରାଜ୍ୟର କୃଷି କ୍ଷେତ୍ରରେ ବିନିଯୋଗ ହେବା ସହ ଗ୍ରାମାଞ୍ଚଳର ବଜାରଗୁଡ଼ିକ ଚଳଚଞ୍ଚଳ କରି ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଗ୍ରାମାଞ୍ଚଳର ଅନେକ ବ୍ୟାଙ୍କ୍ ଏହି ଅର୍ଥର ଆଧାରରେ ସକ୍ରିୟ ଥିବା ବେଳେ ସରକାର ମଧ୍ୟ ଟିକସ ଆକାରରେ ସେଥିରୁ ଲାଭ ପାଉଛନ୍ତି। ଅତଏବ ରାଜ୍ୟର ଆର୍ଥିକ ବିକାଶ ପାଇଁ ପ୍ରବାସୀ ଶ୍ରମିକଙ୍କ ଆୟ ଅତ୍ୟନ୍ତ ଜରୁରୀ। କାରଣ ଯଦି ସେମାନେ ବାହାରକୁ ଯାଇ ରୋଜଗାର କରିବେନି ତା'ହେଲେ ସେମାନେ କରୁଥିବା ଆୟରୁ ତ ରାଜ୍ୟ ବଞ୍ଚିତ ହେବ, ଏହାସହିତ ଏତେ ସଂଖ୍ୟକ ଲୋକଙ୍କୁ ରୋଜଗାର ଦେବା ବି ରାଜ୍ୟ ସରକାରଙ୍କ ପକ୍ଷରେ ତୁରନ୍ତ ସମ୍ଭବ ହେବନି।

ଲକ୍‌ଡାଉନ୍ ଯୋଗୁ କାମ ବନ୍ଦ ହେବା ସ୍ଥିତିରେ ଏହି ଶ୍ରମିକଙ୍କ ପ୍ରତି ନା ସେମାନଙ୍କ ନିଜ ରାଜ୍ୟର ସରକାର ସମ୍ବେଦନଶୀଳ ଅଛନ୍ତି ନା ଯେଉଁ ରାଜ୍ୟର ବିକାଶ ପାଇଁ ସେମାନେ ଶ୍ରମ ଦେଇ ନିଜର ଭୂମିକା ନିର୍ବାହ କରୁଛନ୍ତି, ସେଠାକାର ସରକାର ତାଙ୍କୁ ସହୃଦୟତାର ହାତ ବଢ଼ାଇଛି। କେନ୍ଦ୍ର ସରକାରଙ୍କ ଲକ୍‌ଡାଉନ୍ ଘୋଷଣାରେ ଯଦିଓ ଏହି ପ୍ରବାସୀ ଶ୍ରମିକମାନେ ହିଁ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛନ୍ତି ଅଥଚ ସେମାନଙ୍କୁ କୌଣସି ପ୍ରକାର ଆର୍ଥିକ ସହାୟତା କେନ୍ଦ୍ର ସରକାର ଏଯାଏ ଯୋଗାଇ ଦେଇ ନାହାନ୍ତି। ଦେଶବାସୀଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ତିନୋଟି ଯାକ ଉଦ୍‌ବୋଧନରେ ସେମାନଙ୍କ ପାଇଁ କୌଣସି ପ୍ୟାକେଜ୍ ଘୋଷଣା ନ ହେବା ସେମାନଙ୍କୁ ଅଧିକ ଅସହାୟ କରି ଦେଇଛି। ଅଧିକାଂଶ ପ୍ରବାସୀ ଶ୍ରମିକଙ୍କ ରାଶନ କାର୍ଡ ନ ଥିବାରୁ କେନ୍ଦ୍ର ସରକାରଙ୍କ ଘୋଷିତ ଖାଦ୍ୟଶସ୍ୟ ସହାୟତା ପାଇବାରୁ ବି ସେମାନେ ବଞ୍ଚିତ ରହିଛନ୍ତି। ଲକ୍‌ଡାଉନ୍ ସମୟରେ ବିଭିନ୍ନ ରାଜ୍ୟରେ ସରକାରଙ୍କ ପକ୍ଷରୁ ଯେଉଁ ଖାଦ୍ୟ ଯୋଗାଇବାର ବ୍ୟବସ୍ଥା ହୋଇଛି ତାହା ଅତ୍ୟନ୍ତ ଅପର୍ଯ୍ୟାପ୍ତ ଏବଂ ସମସ୍ତଙ୍କୁ ବି ଉପଲବ୍ଧ ହୋଇପାରିନି। କରୋନାର ମୁକାବିଲା କରୁଥିବା ବିଶ୍ୱର ଅନ୍ୟ ଦେଶମାନଙ୍କରେ ଲକ୍‌ଡାଉନ୍ ସମୟରେ ଶ୍ରମିକଙ୍କ ମଜୁରି ସହିତ ଘରଭଡ଼ା ଆଦି ଅନେକ ସୁବିଧା ଦିଆଯାଉଥିବା ବେଳେ ଭାରତ ସରକାର ଶ୍ରମିକମାନଙ୍କୁ ସମଗ୍ର ଲକ୍‌ଡାଉନ୍ ଅବଧିର ମଜୁରି ଦେବା ନେଇ ଚୁପ୍ ରହିଛନ୍ତି। ଯଦିଓ ଏହି ସମୟ ମଧ୍ୟରେ ସରକାରୀ କର୍ମଚାରୀମାନେ ସେମାନଙ୍କ ମଜୁରି ପାଇବେ ଏବଂ ସଂଗଠିତ ଘରୋଇ କ୍ଷେତ୍ରର ଶ୍ରମିକ ଓ କର୍ମଚାରୀମାନଙ୍କୁ ମଜୁରି ଦେବାକୁ ସରକାର ମାଲିକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କିନ୍ତୁ ଏହି ପ୍ରବାସୀ ଶ୍ରମିକମାନଙ୍କ ମଜୁରି ହାନିର ଭରଣା ପାଇଁ କୌଣସି ଘୋଷଣା କରାଯାଇନି।

ଆଜି ଶ୍ରମିକମାନେ ଘରମୁହାଁ ହେବା ପଛରେ ଗତ ଦେଢ଼ମାସ ମଧ୍ୟରେ ସରକାରଙ୍କ ପକ୍ଷରୁ ସେମାନଙ୍କ ପ୍ରତି କରାଯାଇଥିବା ଅବହେଳା ଓ ଅବିଚାର ହିଁ ମୁଖ୍ୟ ରୂପେ ଦାୟୀ। ଲକ୍‌ଡାଉନ୍ ବାରମ୍ବାର ବଢ଼ୁଥିବାରୁ ରୋଜଗାର ହରାଇଥିବା ଶ୍ରମିକମାନେ ନିକଟ ଭବିଷ୍ୟତରେ ରୋଜଗାରର କୌଣସି ସମ୍ଭାବନା ଦେଖୁ ନାହାନ୍ତି। ମୁମ୍ବାଇର ବାନ୍ଦ୍ରା ହେଉ କିମ୍ବା ଗୁଜରାଟର ସୁରଟ ଅଥବା ଦିଲ୍ଲୀର ଆନନ୍ଦ ବିହାର, ସବୁଠାରେ ଗୋଟିଏ କଥା ସ୍ପଷ୍ଟ ଯେ ଲକ୍‌ଡାଉନ୍ ଯୋଗୁ ରୋଜଗାର ହରାଇ କ୍ଷୁଧା ଓ ଅଭାବରେ ଶଢ଼ୁଥିବା ଦେଶର ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକ କୌଣସିମତେ ନିଜ ଘରକୁ ଫେରିବାକୁ ବ୍ୟାକୁଳ ଅଛନ୍ତି। ସେମାନଙ୍କୁ କରୋନାଜନିତ ମୃତ୍ୟୁର ଭୟ ଅପେକ୍ଷା ଖାଦ୍ୟ ଏବଂ ଅର୍ଥର ଅଭାବରୁ ନିଜେ ତଥା ପରିବାରର ଲୋକଙ୍କ ଭୋକରେ ମରିଯିବାର ଭୟ ଅଧିକ ଆତଙ୍କିତ କରୁଛି। ଅତଏବ ଖାଲି ପକେଟ୍ ଓ ଖାଲିପେଟରେ କରୋନା ସଂକ୍ରମଣର ବିପଦ ସମୟରେ ନିଜର ପରିବାରଠାରୁ ଦୂରରେ ଦୀର୍ଘଦିନ ଧରି ଅନିଶ୍ଚିତତା ଓ ଅସହାୟ ଅବସ୍ଥାରେ ରହିଥିବା ଏହି ଶ୍ରମିକମାନଙ୍କୁ ନିଜ ଘରେ ପହଞ୍ଚାଇବା ହେଉଛି କେନ୍ଦ୍ର ସରକାରଙ୍କ ଦାୟିତ୍ୱ।

ଅଧିକାଂଶ ପ୍ରବାସୀ ଶ୍ରମିକଙ୍କ ପାଖରେ ଫେରିବା ପାଇଁ ଗାଡ଼ିଭଡ଼ା ନ ଥିବାରୁ ସରକାର ବିଳମ୍ବ ନ କରି ସ୍ୱତନ୍ତ୍ର ଟ୍ରେନ ଯୋଗେ ଖାଦ୍ୟପେୟର ସମ୍ପୂର୍ଣ୍ଣ ବ୍ୟବସ୍ଥା କରି ସେମାନଙ୍କୁ ଫେରାଇ ଆଣିବାର ବ୍ୟବସ୍ଥା କରନ୍ତୁ। ରାଜ୍ୟ ବାହାରେ ବିଭିନ୍ନ ସରକାରୀ କ୍ୱାରାଣ୍ଟାଇନ୍ ଶିବିରରେ ୧୪ ଦିନ ରହିସାରି ଥିବା ଶ୍ରମିକମାନଙ୍କୁ ବିଶେଷ ବ୍ୟବସ୍ଥା କରି ଆଣିବାକୁ ପଦକ୍ଷେପ ନିଅନ୍ତୁ। ସରକାର, ଗାଁକୁ ଫେରୁଥିବା ଶ୍ରମିକଙ୍କୁ ୧୪ ଦିନ କ୍ୱାରାଣ୍ଟାଇନରେ ରହିବା ପରେ ଦୁଇ ହଜାର ଟଙ୍କା ଦେବାକୁ ଇତି ମଧ୍ୟରେ ଯେଉଁ ଘୋଷଣା କରିଛନ୍ତି ତାହା ସ୍ୱାଗତଯୋଗ୍ୟ ହେଲେ ବି ଅପର୍ଯ୍ୟାପ୍ତ। କାରଣ ଦୀର୍ଘ ଦେଢ଼ମାସ ଧରି ସମ୍ପୂର୍ଣ୍ଣ ଭାବେ ରୋଜଗାର ହରାଇ କପର୍ଦ୍ଦକଶୂନ୍ୟ ଅବସ୍ଥାରେ ଥିବା ଶ୍ରମିକମାନଙ୍କୁ କମ୍‌ସେ କମ୍ ପାଞ୍ଚ ହଜାର ଟଙ୍କାର ସହାୟତା ଦେବା ଆବଶ୍ୟକ ଥିଲା। ଏପରି କି ଯେଉଁ ଶ୍ରମିକମାନେ ଲକ୍‌ଡାଉନ୍ ପୂର୍ବରୁ ଓ ଲକ୍‌ଡାଉନ୍ ସମୟରେ ବି ଘରକୁ ଫେରିଛନ୍ତି ସେମାନଙ୍କୁ ମଧ୍ୟ ଏହି ସହାୟତା ରାଶି ମିଳିବା ଦରକାର। ଏହାସହିତ ଏହି ପ୍ରବାସ ଫେରନ୍ତା ଶ୍ରମିକମାନଙ୍କୁ ଗାଁରେ ତୁରନ୍ତ ମନ୍‌ରେଗା ତଥା ଅନ୍ୟାନ୍ୟ ସରକାରୀ ଯୋଜନା ଜରିଆରେ ଯଥେଷ୍ଟ ପରିମାଣରେ କାମ ଯୋଗାଇଦେବା ଦରକାର।

ମୋ: ୯୪୩୭୧୬୬୩୯୧

# କରୋନା କାହା ପାଇଁ

ତ୍ରିଲୋଚନ ସାହୁ

ସମଗ୍ର ବିଶ୍ୱ ଏବେ କରୋନା କବଳରେ। ପ୍ରତି ଦେଶର ରାଷ୍ଟ୍ର ମୁଖ୍ୟ କରୋନା ପାଇଁ ଚିନ୍ତିତ। ଦେଖୁ ଦେଖୁ ଆଖି ପିଛୁଳାକେ ହଜାର ହଜାର ଜନତା ଏହି ରୋଗ କବଳରେ କବଳିତ ହେଉଛନ୍ତି। ପୁଣି ଏହି ରୋଗର କୌଣସି ଔଷଧ ବାହାରି ନ ଥିବାରୁ ଏହାର ପ୍ରାଦୁର୍ଭାବ ଦିନକୁ ଦିନ ଅତ୍ୟନ୍ତ ଜଟିଳ ହେବାରେ ଲାଗିଛି। ପ୍ରାରମ୍ଭିକ ଅବସ୍ଥାରେ ଚାଇନାର ଉହାନଠାରୁ ବ୍ୟାପି ବିଶ୍ୱରେ ଏହା ଏକ ଚିନ୍ତାଜନକ ପରିସ୍ଥିତି ଉପୁଜାଇଛି। ସବୁ ଦେଶର ମୃତ୍ୟୁସଂଖ୍ୟା ଓ ସଂକ୍ରମିତ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଇଟାଲୀରେ ଏହାର ସ୍ଥିତି ଏତେ ଭୟାନକ ଯେ, ସାରା ଭାରତ ବର୍ଷକୁ ସ୍ତମ୍ଭୀଭୂତ କରିଦେଉଛି। ପୃଥିବୀର ଏତେ ବଡ଼ ବଡ଼ ଦେଶ ଓ ରାଜ୍ୟଙ୍କର ପରିସ୍ଥିତି ଯଦି ଏମିତି, ତା'ହେଲେ ଭାରତ ତଥା ଓଡ଼ିଶାର ଅବସ୍ଥା କ'ଣ ହେବ ସାଧାରଣରେ ଅନୁମେୟ।

ପ୍ରାରମ୍ଭରୁ ଭାରତ ସରକାର ମଧ୍ୟ ଅନେକ ସଚେତନତାମୂଳକ ଓ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରି ସାରା ବିଶ୍ୱକୁ କରୋନା ବିପକ୍ଷରେ ଏକ ସକାରାତ୍ମକ ବାର୍ତ୍ତା ଦେବାରେ ସଫଳ ହୋଇଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନଙ୍କ ମତ ଅନୁସାରେ ଭାରତ କେବଳ ଏହାକୁ ପ୍ରତିହତ କରିବାରେ ସହାୟକ ହେବ ବୋଲି ଆକଳନ କରାଯାଉଛି। ଭାରତର ପରିସ୍ଥିତି ଏବେ ଭୟାନକ ସ୍ଥିତିରେ ନ ଥିଲେ ବି, ଭବିଷ୍ୟତ କ'ଣ ହେବ କିଛି ଆକଳନ କରିବା ଅସମ୍ଭବ। ଯଦିଓ ଆକ୍ରାନ୍ତଙ୍କ ସଂଖ୍ୟା ଅନ୍ୟ ଦେଶ ତୁଳନାରେ କମ୍ କିନ୍ତୁ ଭାରତରେ କରୋନାର ଭବିଷ୍ୟତ ଆକଳନ କରିବା ଅସମ୍ଭବ।

ଓଡ଼ିଶା କିନ୍ତୁ କରୋନା ମୁକାବିଲାରେ ସମଗ୍ର ଦେଶରେ ପ୍ରଥମ। ସମଗ୍ର ଦେଶରେ କରୋନା ମୁକାବିଲା ପାଇଁ ଓଡ଼ିଶା ନେଇଥିବା ପଦକ୍ଷେପକୁ ସବୁଆଡ଼େ ପ୍ରଶଂସା କରାଯାଉଛି। ଲକ୍‌ଡାଉନ୍ ସତ୍ତ୍ୱେ ଡାକ୍ତରଖାନା, କ୍ଲିନିକ୍, ପାଥୋଲ୍ୟାବ୍, ଔଷଧ ଦୋକାନ, ପୋଲିସ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ, ଓଡ୍ରାଫ୍, ବିଦ୍ୟୁତ୍, ପାଣି, ମ୍ୟୁନିସିପାଲିଟି ସେବା କରୋନା ଭାଇରସ୍ ସଚେତନତା ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା, ବ୍ୟାଙ୍କ, ଏଟିଏମ୍, ପେଟ୍ରୋଲିୟମ, ପନିପରିବା, ମାଛ, ମାଂସ ଓ ଅଣ୍ଡା ଦୋକାନ, ଚା' ଓ କଫି ଭଳି ଅନ୍ୟାନ୍ୟ ପାନୀୟ ସୁବିଧା ବିନା ମିଲ୍କ ବୁଥ୍ ଆଦି ଖୋଲା ରହିବ ବୋଲି ଓଡ଼ିଶା ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ପୁନଶ୍ଚ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପମାନ ପର୍ଯ୍ୟାୟକ୍ରମେ ଗ୍ରହଣ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ସମର୍ଥନ କରିବାକୁ ଯାଇ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ରାଜନେତା, ଶିଳ୍ପପତି, ଅଭିନେତା ଓ ଅଭିନେତ୍ରୀମାନେ ସମର୍ଥନ ଦେଇଛନ୍ତି। ବିଭିନ୍ନ ବର୍ଗର ହିତାଧିକାରୀଙ୍କୁ ସବୁ ପ୍ରକାର ସୁବିଧାସୁଯୋଗ ଯୋଗାଇବା ପାଇଁ ସରକାର ବଦ୍ଧପରିକର। ପୁନଶ୍ଚ ଅତ୍ୟାବଶ୍ୟକୀୟ ସାମଗ୍ରୀ ଦୋକାନ ଖୋଲା ରଖାଯିବ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ସମୟରେ ଯେତେ କମ୍‌ରେ ଖାଇ ବଞ୍ଚିହେବ ସେମିତି ଚଳିବା ଆବଶ୍ୟକ। କାରଣ ଏହା ଦୀର୍ଘ ୬ ମାସର ଲଢ଼େଇ। ପ୍ରତିଟି ଜନସାଧାରଣଙ୍କୁ ୬ ମାସ ପର୍ଯ୍ୟନ୍ତ ଅତି ସାବଧାନତାର ସହ ଲଢ଼ିବାକୁ ପଡ଼ିବ।

ଲକ୍‌ଡାଉନ୍‌କୁ ଆମ୍ଭେ ବିନା ଦ୍ୱିଧାରେ ସ୍ୱୀକାର କରିବା ଆବଶ୍ୟକ। କାରଣ ଯଦି ଏହାକୁ ଆମ୍ଭେ ନ ମାନିବା ହୁଏତ ଇଟାଲୀରେ ଘଟିଥିବା ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିପାରେ। ପୁନଶ୍ଚ ଯଦିବା ଏହାକୁ ସାମ୍ନା କରନ୍ତି ଭାରତ ତଥା ଓଡ଼ିଶାରେ ଅନେକ ଦିନମଜୁରିଆ ଥିବାରୁ ତାଙ୍କ ପ୍ରତି ଅନେକ ଅସୁବିଧା ଉପୁଜିପାରେ। କିନ୍ତୁ ଏହାକୁ ଆଖିଆଗରେ ରଖି ଓଡ଼ିଶାର ସବୁ ଯୋଗ୍ୟ ହିତାଧିକାରୀଙ୍କୁ ଆଗୁଆ ରାଶନ ସାମଗ୍ରୀ ଓ ଭତ୍ତା ବଣ୍ଟନ କରିସାରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ଦେଶ ଜନତା କର୍ଫ୍ୟୁକୁ ବିପୁଳ ସମର୍ଥନ ଦେଇ ଭାରତବାସୀ ଏକ ବୋଲି ସାରା ବିଶ୍ୱବାସୀଙ୍କୁ ଜଣାଇଦେଲା। କିନ୍ତୁ ଏହାପରେ ବି କିଛି ଲୋକ ଅତ୍ୟାବଶ୍ୟକ ଅଥବା କାମ ବାହାନାରେ ଖୋଲାରେ ବୁଲିବେ, ଯଦିଓ ସେମାନେ ଏ ବାବଦରେ ସଂପୂର୍ଣ୍ଣ ଜାଣିଛନ୍ତି। ଏଣୁ ଦୀର୍ଘଦିନ ହେବ ଦେଶ ଅନେକ କ୍ଷତି ସହୁଛି। ସବୁ ବେପାର ବଣିଜ, ଟ୍ରେନ୍ ଚଳାଚଳ, ବିମାନ ଚଳାଚଳ ଆଦିକୁ ବନ୍ଦ କରିଦିଆଯାଇଛି। ଏପରି ସ୍ଥିତିରେ ଅନେକ ଦିନମଜୁରିଆ ଦାବୀ କରୁଛନ୍ତି ଯେ ସେମାନଙ୍କୁ କିଛି ପରିମାଣରେ ଆର୍ଥିକ ସାହାଯ୍ୟ ଦିଆଯାଉ ବୋଲି। କିନ୍ତୁ ସେମାନେ ଦେଶର ପରିସ୍ଥିତି ବୁଝିବାକୁ ସକ୍ଷମ ନୁହନ୍ତି। ଏହାର କାରଣ ଅନେକ ହୋଇପାରେ। ତଥାପି ସରକାର ଜନତାଙ୍କ ଆବଶ୍ୟକତାକୁ ଅଣଦେଖା କରୁନାହାନ୍ତି। ଲୋକମାନଙ୍କର ସହଯୋଗ ଏ କ୍ଷେତ୍ରରେ ସର୍ବୋତ୍ତମ ବୋଲି ସବୁ ଜନସାଧାରଣ ସ୍ୱୀକାର କରିବା ଆବଶ୍ୟକ।

ସବୁ ସମୟରେ ସରକାର ଯେ ସମସ୍ତଙ୍କୁ ସଚେତନ କରାଇବେ ତାହା ନୁହେଁ। ସମଗ୍ର ବିଶ୍ୱ ଏହା ପାଇଁ ଚିନ୍ତିତ। କିନ୍ତୁ ମୁଖ୍ୟ କଥା ଯେ ଭାରତ ଏ ପର୍ଯ୍ୟନ୍ତ ଅନ୍ୟ ଦେଶ ତୁଳନାରେ ଯଥେଷ୍ଟ ଭଲରେ ଅଛି। ହେଲେ ଏହି ପ୍ରକ୍ରିୟା ଯେ ଜାରି ରହିବ ତାହା ଠିକ୍ ରୂପେ ନିରୂପଣ କରିବା କଷ୍ଟକର ବ୍ୟାପାର। ତେଣୁ ଏହା ଦୀର୍ଘ ଛ'ମାସର ଲଢ଼େଇ ବୋଲି କୁହାଯାଉଛି। ଆମ୍ଭଙ୍କୁ ଆଗାମୀ ଛ'ମାସ ପର୍ଯ୍ୟନ୍ତ ଆମର ସହଯୋଗ କରିବା, ଏହା କଷ୍ଟ କିନ୍ତୁ ଅସମ୍ଭବ ନୁହେଁ। କାରଣ ଏଥି ସହିତ ଆମ୍ଭମାନଙ୍କର ଜୀବନ ସଂଶ୍ଳିଷ୍ଟ ଅଛି। ଜଣେ ଯଦି ୨୧ ଦିନ ଉପବାସ ରହେ ତେବେ ସେ ମରିଯିବନି, କିନ୍ତୁ ସରକାର ତାହା କରିନାହାନ୍ତି। ସବୁ ପ୍ରକାର ସୁବିଧା ସୁଯୋଗ ଦେଉଛନ୍ତି। ଯେନତେନ ଆମ୍ଭଙ୍କୁ ସହଯୋଗ କରି ବଞ୍ଚିବାକୁ ପଡ଼ିବ। ଆଉ ଏସବୁ ପରେ ଯଦି ଆମେ ସହଯୋଗ ନ କରିବା ତେବେ ଇଟାଲୀ ପରିସ୍ଥିତିକୁ ସାମ୍ନା କରିବା ପାଇଁ ଏବେଠୁ ପ୍ରସ୍ତୁତ ହେବା ପାଇଁ ପଡ଼ିବ।

ଜିଲା ଯୋଜନା ସଂଯୋଜକ, ସମଗ୍ର ଶିକ୍ଷା ଅଭିଯାନ, ଶିକ୍ଷାବିଭାଗ, ଯାଜପୁର ଜିଲା
ମୋ: ୯୮୫୩୯୯୨୧୬୫

## ଏଇ ଭାରତରେ

ନିଷ୍ଠାପର ଉଦ୍ୟମ ବଳରେ ଯେ ଲକ୍ଷ୍ୟ ହାସଲ କରିବା ସହଜ ହୋଇଥାଏ, ଯାହାର ଚାକ୍ଷୁଷ ପ୍ରମାଣ ମିଳିଛି କେରଳର ସିନତ କୋକ୍କୁରଙ୍କ ଜୀବନରେ। ସେ ମହିଳା ଚାଷୀମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ମାତ୍ର ୫ ବର୍ଷ ମଧ୍ୟରେ ସେ ଗାଁର ମହିଳାମାନଙ୍କୁ ଜୈବିକ ଚାଷ ଆଡ଼କୁ ଆକର୍ଷିତ କରିପାରିଛନ୍ତି। ଏବେ ମହିଳାମାନେ ବିଭିନ୍ନ ପ୍ରକାର ପରିବା ଚାଷ କରୁଛନ୍ତି ଓ ତାହାକୁ ବିକ୍ରି କରି ଲାଭ ପାଉଛନ୍ତି। ସିନତଙ୍କ ବର୍ତ୍ତମାନ ବୟସ ୪୦। ସେ ଦଶମ ଯାଏ ପଢ଼ିଛନ୍ତି। ପଢ଼ା ଛାଡିବା ପରେ ତାଙ୍କ ବାହାଘର ହୋଇଥିଲା। ଶାଶୁଘରକୁ ଆସିବା ପରେ ସେ ଚାଷକାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ମନ୍ନୁଥି ଏଗ୍ରିକଲ୍‌ଚର ୟୁନିଭର୍ସିଟିରୁ ୨୦ଟି ଗ୍ରୋ ବ୍ୟାଗ୍ ଆଣି ସେଥିରେ ଟମାଟୋ ଗଛ ଲଗାଇଥିଲେ। ପରେ ସେ ବିଲରେ ଭେଣ୍ଡି, ଲଙ୍କା ଓ ଫୁଲକୋବି ଚାଷ କରି ସଫଳ ହୋଇଥିଲେ। ଚାଷ କରିବାର କିଛି ଦିନ ପରେ ସେ ଗାଁର ୧୦ ଜଣ ମହିଳାଙ୍କୁ ନେଇ ୨୦୧୫ରେ 'ପେନ୍‌ମିତ୍ରା' ନାମକ ଏକ ଗ୍ରୁପ୍ କରି ତା'ମାଧ୍ୟମରେ ବିଭିନ୍ନ ପ୍ରକାର ପରିବା, ଫଳ ଓ ଧାନଚାଷ ଆରମ୍ଭ କରିଥିଲେ। ୫ ବର୍ଷ ମଧ୍ୟରେ ଏବେ ଉକ୍ତ ଗ୍ରୁପ୍‌ରେ ୫୦ ଜଣ ମହିଳା ସାମିଲ ହୋଇଛନ୍ତି। ୫ ଏକର ଜମିରେ ସେମାନେ ଧାନଚାଷ ବି କରୁଛନ୍ତି। ମହିଳାମାନେ କୁକୁଡ଼ା ଚାଷ ଓ ଗୋପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମହିଳାମାନଙ୍କ ଉଦ୍ୟମକୁ ଲକ୍ଷ୍ୟ କରି କୋକ୍କୁର ଗାଁର ଯୁବକମାନେ ବି ଚାଷରେ ଲାଗିଯାଇଛନ୍ତି।

## ଚିରନ୍ତନୀ

ନଇଁ ପାଦୁ ନିଅ ପଣତ ଖସାଇ
ରୂପର ବିପଣି ପୃଷ୍ଟେ ବସାଇ
କୋକିଳ–ଚିକଣ କଳା କବରୀରୁ
କୁରୁବକ ପଡୁ ଝରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା–ଗୋରି!
(ରୂପର ସ୍ତବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୫ ମେ ୧୯୯୫

- ଇରାନ୍ ବିରୋଧରେ ବାଣିଜ୍ୟ କଟକଣା ଲାଗୁ କରିବା ପାଇଁ ଆମେରିକା ନେଇଥିବା ନିଷ୍ପତ୍ତିକୁ ୟୁରୋପୀୟ ୟୁନିଅନ୍‌ର ବିରୋଧ।
- ଅହମ୍ମଦାବାଦ ଉପକଣ୍ଠରେ ଥିବା ଭଟବା ଗ୍ରାମରେ ଏକ ବାଣ ତିଆରି କାରଖାନାରେ ବିସ୍ଫୋରଣ ଘଟି ୧୧ ବ୍ୟକ୍ତି ମୃତ।
- କଶ୍ମୀରରେ ମାଇନ୍ ବିସ୍ଫୋରଣ ଓ ହିଂସାରେ ୨୧ ଜଣଙ୍କ ମୃତ୍ୟୁ।

## su|do|ku Puzzles by Srikant Ghosh — ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | 7 | D | | 8 | E | | | | | 5 | 0 | | |
| | | D | | | | | A | 3 | | | | | | 1 |
| | | 1 | E | 9 | | | | C | 8 | | | 3 | 7 | 4 |
| | 4 | | | | C | | | | B | | | | | 2 |
| 8 | 6 | | | | | | | | | | | | | A |
| E | | A | | D | | | | | | | | B | 6 | 0 |
| 7 | | 2 | | | | | B | 8 | 9 | 6 | | | 4 | |
| 4 | | 0 | | 8 | 2 | | | | | | | | | |
| | | 9 | B | | E | | | | C | 3 | 0 | | | |
| | | | | | 9 | 3 | 6 | | | | | 1 | 2 | 8 |
| | | | 4 | | 6 | | | | | | | | 3 | C |
| | C | | 8 | A | | 5 | | | | 4 | | | | B |
| | | | | | | | 4 | | 3 | | 1 | | D | |
| | | | 7 | | B | | | E | | D | C | | 9 | |
| | D | E | 2 | | | 9 | | | 7 | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 9 | 5 | 6 | B | 3 | 1 | A | D | C | E | 4 | 8 | 2 | 0 |
| 6 | E | 2 | D | C | 8 | B | 5 | 9 | 0 | 3 | 1 | 7 | A | 4 |
| D | 1 | 0 | A | 5 | 4 | 3 | 8 | E | 7 | 2 | 6 | B | C | 9 |
| A | B | 4 | 2 | E | 7 | C | 0 | 6 | 9 | 8 | 5 | 1 | D | 3 |
| 8 | C | 3 | 9 | 1 | 0 | 2 | 4 | 7 | B | D | A | E | 5 | 6 |
| C | 2 | B | 1 | 4 | 9 | D | 6 | 8 | 5 | 7 | E | 3 | 0 | A |
| 3 | A | 1 | 0 | D | 2 | 7 | 9 | C | 6 | B | 8 | 4 | E | 5 |
| 5 | 7 | 6 | C | 8 | E | A | 1 | 4 | 3 | 0 | 9 | D | B | 2 |
| 9 | 0 | D | 7 | 6 | B | 5 | E | 3 | 4 | A | 2 | C | 1 | 8 |
| E | 4 | 8 | 5 | 3 | A | 0 | 2 | B | D | 1 | C | 6 | 9 | 7 |
| 4 | 8 | C | 3 | 9 | 1 | E | 7 | 0 | 2 | 5 | B | A | 6 | D |
| B | D | E | 8 | 0 | 6 | 4 | C | 5 | A | 9 | 3 | 2 | 7 | 1 |
| 1 | 6 | A | B | 7 | D | 9 | 3 | 2 | E | 4 | 0 | 5 | 8 | C |
| 2 | 3 | 9 | E | A | 5 | 6 | D | 1 | 8 | C | 7 | 0 | 4 | B |
| 0 | 5 | 7 | 4 | 2 | C | 8 | B | A | 1 | 6 | D | 9 | 3 | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିଶା ଛାଡ଼ିବାର ସହଜ ଉପାୟ

ମହାଶୟ,

ମାଦକ ଦ୍ରବ୍ୟ ସେବନକାରୀଙ୍କ ମଧ୍ୟରୁ ଅନେକେ ଏହାକୁ ତ୍ୟାଗ କରିବାକୁ ଇଚ୍ଛା ପ୍ରକଟ କରିଥା'ନ୍ତି। କିନ୍ତୁ ସେମାନେ ଭାବୁଥା'ନ୍ତି ଯେ, ନିୟମିତ ସେବନ ଦ୍ୱାରା କାଳେ ଶରୀରରେ ପ୍ରତିକ୍ରିୟା ଦେଖାଦେବ କି ? ଯଦି ସେପରି କିଛି ଥାଏ ବର୍ତ୍ତମାନ ଲକ୍‌ଡାଉନ୍ ଅବଧିର କଡ଼ାକଡ଼ି ସେବନ ଆକଟ ଯୋଗୁଁ, ଶାରୀରିକ ଓ ମାନସିକ ସ୍ତରରେ ସ୍ୱାଭାବିକତା ଆସିଯାଇଥିବ। ବର୍ତ୍ତମାନ ପାର୍ଶ୍ୱ ପ୍ରତିକ୍ରିୟା ଶୂନ ବୋଲି ନିଶ୍ଚିତ ଅନୁଭବ କରୁଥିବେ। ଆଗକୁ ମଦ ଓ ବିଭିନ୍ନ ନିଶାଦ୍ରବ୍ୟ ପାଇବା ସହଜ ଓ ସୁଲଭ ହେବ ନାହିଁ। ଚୋରା କାରବାରରେ ବହୁଗୁଣା ମୂଲ୍ୟ ସହ ବିଷାକ୍ତକୁ ମଧ୍ୟ ଏଡ଼ାଇ ଯାଇ ନ ପାରେ। ତେଣୁ ଏହି ନିଶା ରାକ୍ଷସକୁ ଆସ୍ତେ ଆସ୍ତେ ଛାଡ଼ିବା ମନଭାବ ପରିବର୍ତ୍ତେ ଏକାଥରେ ହିଁ ଛାଡ଼ିଦିଅନ୍ତୁ। ସେହି ସମୟରେ ଗରମ କ୍ଷୀର, କଫି, ଚା' ଓ ଲେମନ୍ ଚା' ଥରେ କିମ୍ବା ଦୁଇଥର ପିଅନ୍ତୁ ମନରୁ ଆସକ୍ତି ଦୂରେଇଯିବ। ଏଭଳି ପନ୍ଥା ନବେ ଦଶକରେ ଘଟିଥିବା କଟକ ଗଣ ମଦମୃତ୍ୟୁ ବିଭୀଷିକା ପରେ ଆପଣାଯାଇଥିଲା, ଯାହା ଶତ ପ୍ରତିଶତ ସଫଳ ମଧ୍ୟ ହୋଇଥିଲା। ମଦ ଛାଡ଼ିବା ପାଇଁ କାହା ସମ୍ମୁଖରେ କୌଣସି ରାଣ ନିୟମ କଦାପି କରିବେ ନାହିଁ। ନିଜେ ହିଁ ଦୃଢ଼ ସଂକଳ୍ପ ନେବେ। ଗୋଟିଏ କଥା ଅନ୍ତରାତ୍ମାରେ ଭାବି ଦେଖନ୍ତୁ ନା, ଆମେ ମଦ ଖାଇବା ଦ୍ୱାରା ସ୍ତ୍ରୀ, ପିଲା ଓ ପରିବାରକୁ ସମାଜ କିଭଳି ନଜରରେ ଦେଖୁଥିବ ? ନିଶ୍ଚୟ ଏହା କହୁଥିବେ ତା' ସ୍ୱାମୀ, ତା'ପୁଅ କିମ୍ବା ତା' ବାପା ମଦୁଆ ଇତ୍ୟାଦି କଠିନ ଶବ୍ଦ। ନିଜ ଭୁଲ୍‌ରେ ସେମାନଙ୍କ ମୁଣ୍ଡ ତଳକୁ କରିବା କ'ଣ ଜଣେ ପୁରୁଷର କର୍ତ୍ତବ୍ୟ।

ଲକ୍ଷ୍ମୀକାନ୍ତ ମହାରଣା
ଆଦିମାତା କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କୋଟିଏରୁ ଉର୍ଦ୍ଧ୍ୱ ଅଲିଭ୍ ରିଡ୍‌ଲେ କଇଁଛ ଶାବକ ଜନ୍ମ

ରାଜନଗର, ୪।୫ (ଡି.ଏନ୍.ଏ.): ବିରଳ ଅଲିଭ୍ ରିଡ୍‌ଲେଙ୍କ ଅନ୍ତୁଡ଼ିଶାଳ କେନ୍ଦ୍ରାପଡା ଜିଲା ଗହୀରମଥା ରେଞ୍ଜ ଅଞ୍ଚଳ ଗତ ଦୁଇଦିନ ଧରି ଚଳଚଞ୍ଚଳ ହୋଇଉଠିଛି। ରବିବାର ରାତି ସୁଦ୍ଧା ଏହି ରେଞ୍ଜ ଅଞ୍ଚଳର ବାବୁବାଲି, ନାଶୀ-୨ରେ କୋଟିଏରୁ ଉର୍ଦ୍ଧ୍ୱ ଅଲିଭ୍ ରିଡ୍‌ଲେ ଶାବକ ଜନ୍ମ ନେଇଛନ୍ତି। ଏହି ପ୍ରଜନନ ପ୍ରକ୍ରିୟା ଆସନ୍ତା ଦୁଇଦିନ ଧରି ଚାଲିବ ବୋଲି ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଗହୀରମଥା ରେଞ୍ଜ ଅଞ୍ଚଳରେ ଅଲିଭ୍ ରିଡ୍‌ଲେ କଇଁଛ ୪୫ ଦିନ ପୂର୍ବରୁ ଅଣ୍ଡାଦାନ କରିଥିଲେ। ପାଗ ପ୍ରତିକୂଳ ସତ୍ତ୍ୱେ ଶାବକ ଜନ୍ମ ନେଇଛନ୍ତି। ବନ ବିଭାଗ ପକ୍ଷରୁ ଶାବକ ଓ ଅଣ୍ଡାର ସୁରକ୍ଷା ନିଆଯାଉଥିବା ସେ ପ୍ରକାଶ କରିଛନ୍ତି।

### ଡେପୁଟେଶନ ଫେରନ୍ତା ସନ୍ତୋଷ ଷଡ଼ଙ୍ଗୀ ଜିଏ ବିଭାଗ ଓଏସ୍‌ଡି

ଭୁବନେଶ୍ୱର, ୪।୫(ବ୍ୟୁରୋ): ୧୯୯୪ ବ୍ୟାଚ୍ ଆଇଏଏସ୍ ଅଫିସର ସନ୍ତୋଷ କୁମାର ଷଡ଼ଙ୍ଗୀ କେନ୍ଦ୍ରୀୟ ଡେପୁଟେଶନ ଶେଷ ହୋଇଛି। ତାଙ୍କୁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ(ଜିଏ)ର ଅଫିସର ଅନ୍ ସ୍ପେଶିଆଲ ଡ୍ୟୁଟି(ଓଏସ୍‌ଡି)

**ଓଡ଼ିଶା ଭବନ ଦାୟିତ୍ୱରେ ରହି କେନ୍ଦ୍ର ସହ ଯୋଗାଯୋଗ କରିବେ**

ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହିତ ତାଙ୍କୁ ନୂଆଦିଲ୍ଲୀସ୍ଥିତ ଓଡ଼ିଶା ଭବନରେ ଅବସ୍ଥାପିତ କରାଯାଇଛି। ଏନେଇ ସୋମବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଷଡ଼ଙ୍ଗୀ ଓଡ଼ିଶା ଭବନରେ କାର୍ଯ୍ୟ କରିବା ସହ ଜରୁରୀ ସ୍ୱାସ୍ଥ୍ୟ ଉପକରଣ ଯୋଗାଇବା ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସହ ଯୋଗାଯୋଗ କରିବେ। ସେହିପରି ରାଜ୍ୟ ବାହାରେ ରହିଥିବା ଶ୍ରମିକଙ୍କୁ ଫେରାଇ ଆଣିବା ଲାଗି କେନ୍ଦ୍ର ରେଳ ମନ୍ତ୍ରଣାଳୟ ସହ ମଧ୍ୟ ଯୋଗାଯୋଗରେ ରହିବେ।

### ସମୁଦ୍ରରେ କାର୍ ସହ ପଶିଗଲେ ୪ ଡାକ୍ତର

ପାରାଦୀପ,୪।୫(ସ୍ୱ.ପ୍ର.): ପାରାଦୀପ ସମୁଦ୍ର ବେଳାଭୂମିରେ ବୁଲିବାକୁ ଯାଇ ୪ ଜଣ ଯୁବ ଡାକ୍ତର କାର୍ ସହ ସମୁଦ୍ର ପାଣିରେ ସୋମବାର ସନ୍ଧ୍ୟାରେ ପଶିଯାଇଥିଲେ। ସୌଭାଗ୍ୟବଶତଃ କାର୍‌ର ଡୋର ଖୋଲି ବାହାରକୁ ଚାଲିଆସିବାରୁ ଆସନ୍ନ ବିପଦରୁ ବର୍ତ୍ତିଯାଇଛନ୍ତି। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପାରାଦୀପ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି କାରକୁ ପାଣିରୁ ଉଦ୍ଧାର କରିଥିଲେ। ସମ୍ପୃକ୍ତ ଡାକ୍ତରମାନେ ପାରାଦୀପ କୋଭିଡ୍ ୧୯ ହସ୍ପିଟାଲରେ କାର୍ଯ୍ୟ କରୁଛନ୍ତି। ସେମାନେ ପାରଦୀପର ଭୌଗୋଳିକସ୍ଥିତି ସମ୍ବନ୍ଧରେ ଅନଭିଜ୍ଞ ଥିବାରୁ ଏଭଳି ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା କୁହାଯାଉଛି। ସମୁଦ୍ରରେ ଥିବା ଏକାଧିକ ପଣ୍ୟବାହୀ ଜାହାଜର ଲାଇଟ୍‌କୁ ଦେଖି ସେମାନେ ଭ୍ରମରେ କାର ନେଇ ଉକ୍ତ ଦିଗ ଅଭିମୁଖେ ଅଗ୍ରସର ହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ବୋଲି ପାରାଦୀପ ସାମୁଦ୍ରିକ ଥାନା ଅଧିକାରୀ ଭରତ କୁମାର ବେହେରା କହିଛନ୍ତି।

# କେରଳରେ ଓଡ଼ିଆ ମହିଳା ଶ୍ରମିକ ନିର୍ଯାତିତ

## ଫଶିରହିଛନ୍ତି କେନ୍ଦ୍ରାପଡ଼ାର ହଜାରେରୁ ଉର୍ଦ୍ଧ୍ୱ

- ନଜରବନ୍ଦୀ ରଖିଛି କିଟେକ୍ସ ଗାର୍ମେଣ୍ଟ କମ୍ପାନୀ
- ମାଗଣା ଖଟାଇବା ସହ ନାନା ଧମକ ଦିଆଯାଉଛି
- ଉଦ୍ଧାର ପାଇଁ ଓଡ଼ିଶା ସରକାରଙ୍କୁ ଗୁହାରି

ଭୁବନେଶ୍ୱର, ୪।୫ (ବ୍ୟୁରୋ)/ କେନ୍ଦ୍ରାପଡ଼ା ଅଫିସ



ପରିବାର ଲୋକଙ୍କ ପାଖକୁ ପଠାଇଥିବା ଭିଡିଓ ଫୁଟେଜ୍।

କରୋନା କଟକଣା ପାଇଁ କେରଳରେ ଫସି ରହିଥିବା କେନ୍ଦ୍ରାପଡ଼ାର ୧ହଜାରରୁ ଉର୍ଦ୍ଧ୍ୱ ମହିଳା ଶ୍ରମିକ ଏବେ ନାନା ନିର୍ଯାତନାର ଶିକାର ହେଉଛନ୍ତି। ଏମାନେ ଏକ କପଡ଼ା କମ୍ପାନୀରେ ଦୁଇଦିନ ହେବ ଭୋକ ଉପାସରେ ପଡ଼ିରହି ବନ୍ଦୀ ଜୀବନ ବିତାଉଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ ଓଡ଼ିଶା ଫେରିବାକୁ ନ ଦେଇ ମାଗଣା କାମ କରାଇବା ସହ ଧମକ ଦେଉଛନ୍ତି। ସବୁବେଳେ ଜଗି ରହୁଥିବାରୁ ସେମାନେ ଲୁଚିଛପି ମୋବାଇଲ୍ ଫୋନ୍‌ରେ ପରିବାର ଲୋକଙ୍କୁ କାନ୍ଦି କାନ୍ଦି ଜଣାଇଛନ୍ତି। ତୁରନ୍ତ ସେମାନଙ୍କୁ ଉଦ୍ଧାର କରିବାକୁ ରାଜ୍ୟ ସରକାରଙ୍କୁ ଗୁହାରି କରିଛନ୍ତି।

ମିଳିଥିବା ସୂଚନାନୁସାରେ, କେରଳର ଏର୍ନାକୁଲମ୍ ଜିଲା ଅନ୍ତର୍ଗତ କିଝାକ୍କାମ୍ବଲମ୍ ଆଲ୍‌ୱେସ୍ଥିତ କିଟେକ୍ସ ଗାର୍ମେଣ୍ଟ କମ୍ପାନୀରେ କେନ୍ଦ୍ରାପଡ଼ା ଜିଲାର ଶହଶହ ମହିଳା ଓ ଯୁବତୀ ଟେଲରିଂ କାର୍ଯ୍ୟ କରନ୍ତି। ଅଧିକାଂଶ ରାଜନଗର ଓ ପଟ୍ଟାମୁଣ୍ଡାଇ ଅଞ୍ଚଳର। ରାଜନଗର ବ୍ଲକ୍ କଣ୍ଡିରା ପଞ୍ଚାୟତର ହଂସୁଆଗୁଳା, ନେଥୁରିଆ, ଜଗନ୍ନାଥପୁର, ବଳରାମପୁର, ଚକମନପୁର, କୁରୁଷ୍ଟି ପଞ୍ଚାୟତର ବାଘୁଆ, ସାତଭାୟା ପଞ୍ଚାୟତ, ପଟ୍ଟାମୁଣ୍ଡାଇ ବ୍ଲକ୍‌ର ଚନ୍ଦନଗର ଆଦି ଅଞ୍ଚଳର କେତେଜଣ ଯୁବତୀ ଫୋନ୍ ଯୋଗେ ଜଣାଇନ୍ତି ଯେ, କମ୍ପାନୀର ଗେଟ୍ ବନ୍ଦ କରାଯାଇ ଭିତରେ ସେମାନଙ୍କୁ ଟେଲରିଂ ସହ ଘର ଧୋଇବା, ପୋଛିବା ଆଦି ବିଭିନ୍ନ କାର୍ଯ୍ୟରେ ଲଗାଯାଉଛି। ଠିକ୍ ଭାବେ ଖାଇବାକୁ ଦିଆଯାଉନି କି ପାରିଶ୍ରମିକ ବି ମିଳୁନି। ପାଖରେ ପଇସା ନାହିଁ। ଏବେ ମାସକୁ ୧ହଜାର ଟଙ୍କାରେ କାମ କରିବାକୁ ମାଧ୍ୟ କରାଯାଉଛି। କେରଳରୁ ଟ୍ରେନ୍ ଓ ବସ୍‌ରେ ପ୍ରବାସୀ ଓଡ଼ିଆ ଆସୁଥିବା ଶୁଣିବା ପରେ ସେମାନେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଓ ଦାୟିତ୍ୱରେ ଥିବା ୟୁନିଟ୍ ହେଡ୍‌ଙ୍କୁ କହିଲେ କିଛି ଶୁଣୁନାହାନ୍ତି। ଏଠାରୁ ଯାଇପାରିବ ନାହିଁ ବୋଲି କହି ନାନା ଧମକ ଦେଉଛନ୍ତି। ପୋଲିସ ଲଗାଇ ଚାପ ପକାଉଛନ୍ତି। ଭୟ ଓ ଆଶଙ୍କା ମଧ୍ୟରେ ସେମାନେ ଦୁଇଦିନ ହେବ କିଛି ଖାଇନାହାନ୍ତି। ଏଥିସହ ଭିଡିଓ ମାଧ୍ୟମରେ ଉଦ୍ଧାର ପାଇଁ ନିବେଦନ କରିଛନ୍ତି। ଓଡ଼ିଶା ଚାଲିଯିବାକୁ ଇଚ୍ଛା ହେଉଛି, ଗାଁ ଓ ପରିବାର ଲୋକଙ୍କୁ ଦେଖିବାକୁ ଚାହୁଁଛୁ। କିନ୍ତୁ ଏଠାରେ ଆମକୁ ଓଡ଼ିଶା ଫେରିବାକୁ ଦିଆଯାଉନି। ତୁରନ୍ତ ନେଇଯିବାକୁ ପରିବାର ଲୋକଙ୍କୁ କାନ୍ଦି କାନ୍ଦି କହୁଥିବା ଏକ ଭିଡିଓରେ ଦେଖିବାକୁ ମିଳୁଛି।

ତେବେ ଏ ସମ୍ପର୍କରେ କଣ୍ଡିରା ପଞ୍ଚାୟତ ସରପଞ୍ଚ ଦୀପ୍ତିମୟୀ ବେହେରା ରାଜନଗର ବିଡିଓଙ୍କୁ ଜଣାଇଥିବା କହିଛନ୍ତି। ସେହିଭଳି ଫସି ରହିଥିବା କେତେଜଣ ଯୁବତୀ କେରଳ ଦାୟିତ୍ୱରେ ଥିବା ଓଡ଼ିଶା ସରକାରଙ୍କ ନୋଡାଲ ଅଧିକାରୀଙ୍କ ଫୋନ୍ ନଂ.୦୬୭୪୨୩୯୫୫୩୨ରେ ଜଣାଇଥିଲେ। କଲ୍ ରିସିଭ୍‌ର ଜଣକ ସେଠାକାର ପୋଲିସ ଓ ପ୍ରଶାସନକୁ ଅଭିଯୋଗ କରିବାକୁ କହି ଫୋନ୍ ରଖିଦେଇଥିଲେ। ଏପଟେ ନଜରବନ୍ଦୀରେ ରହିଥିବାରୁ ଓ ମହିଳା ହୋଇଥିବାରୁ ସେଠାକାର ପ୍ରଶାସନକୁ ଜଣାଇବା ସମ୍ଭବ ହୋଇପାରିନି। ଏପରିସ୍ଥଳେ ଜୀବନଜୀବିକା ପାଇଁ କେରଳ ଯାଇଥିବା ସମ୍ପୃକ୍ତ ମହିଳା ଓ ଯୁବତୀଙ୍କୁ ନେଇ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଏନେଇ ଜିଲା ପ୍ରଶାସନର ନଜରକୁ ଆସିନି। ଅଭିଯୋଗ ପହଞ୍ଚିଲେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ।

୩୯ତମ ଜନ୍ମଦିନ ଶୁଭେଚ୍ଛା



ରଂଜିତ୍ ଲାକ୍ରା (MD. SIR)
ଠିକଣା: ପରିଚାଳନା ନିର୍ଦ୍ଦେଶକ କୁଆଁରମୁଣ୍ଡା ଲ୍ୟାମ୍ପସ, କୁଅରଡିଆ, (ରାଉରକେଲା)
ଆଜି ଆପଣଙ୍କ ୩୯ତମ ଜନ୍ମଦିନ ଅବସରରେ ଆପଣଙ୍କ ଚଲାପଥ କୁସୁମିତ ହେଉ ଏବଂ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ କୋଟି କୋଟି ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ନେତ୍ରା ଓ ସମସ୍ତ କର୍ମଚାରୀବୃନ୍ଦ, କୁଆଁରମୁଣ୍ଡା ଲ୍ୟାମ୍ପସ ଏବଂ ସପରିବାରବର୍ଗ।
ଧ-୧୬୬୭୩

### ୫ ଓଏଏସ୍‌ଙ୍କୁ ଗଞ୍ଜାମ ଦାୟିତ୍ୱ

ଭୁବନେଶ୍ୱର, ୪।୫(ବ୍ୟୁରୋ): ରାଜ୍ୟ ସରକାରଙ୍କ ପକ୍ଷରୁ ଗଞ୍ଜାମ ଜିଲା ଉପରେ ବିଶେଷ ଫୋକସ ଦିଆଯାଇଛି। ଏ ପର୍ଯ୍ୟନ୍ତ ଗଞ୍ଜାମରେ ମୋଟ ୨ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସରକାର ସେଠାରେ ସୋମବାର ଅଧିକ ୫ଜଣ ବରିଷ୍ଠ ଓଏଏସ୍‌ଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏହି ୫ଜଣ ଓଏଏସ୍ ଅଫିସରଙ୍କୁ ମଙ୍ଗଳବାର ୧୨ଟା ସୁଦ୍ଧା ଗଞ୍ଜାମରେ ପହଞ୍ଚି ରିପୋର୍ଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ପ୍ରଶାସନ ପକ୍ଷରୁ ଏନେଇ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ ଇସ୍ପାତ ଓ ଖଣି ବିଭାଗ ଉପସଚିବ କାହ୍ନୁଚରଣ ମଲ୍ଲିକ, ନଗର ଉନ୍ନୟନ ବିଭାଗର ଉପସଚିବ ସାରଦା ପ୍ରସାଦ ପଣ୍ଡା, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଉପସଚିବ ଶ୍ୱେତ କୁମାର ଦାଶ, କ୍ରୀଡା ଓ ଯୁବ ବ୍ୟାପାର ଉପସଚିବ ରଞ୍ଜିତା ପରିଡା ଓ ପୂର୍ତ୍ତ ବିଭାଗ ଉପସଚିବ ଦିଲ୍ଲୀପ କୁମାର ମହାପାତ୍ରଙ୍କୁ ଗଞ୍ଜାମ ଜିଲାରେ କରୋନା ମୁକାବିଲା ଦାୟିତ୍ୱ ଦିଆଯାଇଛି। ଏହି ଅଧିକାରୀଙ୍କୁ ତୁରନ୍ତ ରିଲିଭ କରିବା ପାଇଁ ମଧ୍ୟ ସେମାନଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଏପ୍ରିଲ ୨୮ ତାରିଖରେ ୨ ବରିଷ୍ଠ ଆଇଏଏସ୍ ଅଫିସର ଜି. ମାଥିଭାଥିନନ ଓ କ୍ରିଷନ୍ କୁମାର ଗଞ୍ଜାମ ଜିଲାରେ କରୋନା ମୁକାବିଲା ପାଇଁ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ପାଇଥିଲେ।

# ୬ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

- ତାତିକୁ କମାଇଲା ଦକ୍ଷିଣ-ପଶ୍ଚିମ ବାୟୁପ୍ରବାହ
- ଝଡ଼ବର୍ଷାରେ କମିବ ଗ୍ରୀଷ୍ମ

ଭୁବନେଶ୍ୱର,୪।୫(ବ୍ୟୁରୋ)

ମେ ଶେଷ ହେଲା। ଖରାଦିନିଆ ଝାଞ୍ଜି ନାହିଁ କି ଦେହ ଜଳିପୋଡ଼ି ଗଲାଭଳି ତାତି ନାହିଁ। ପୂର୍ବାହ୍ନରେ ସାମାନ୍ୟ ଗରମ ହେଲେ ମଧ୍ୟ ଅପରାହ୍ନରେ ଝଡ଼ବର୍ଷା ପରିବେଶକୁ ଶୀତଳତାରେ ଭରି ଦେଉଛି। ଚଳିତ ବର୍ଷ ଏଭଳି ପାଗ ରହିବ। ଗ୍ରୀଷ୍ମ ପ୍ରକୋପ ଆଉ ସେତେ ବଢ଼ିବ ନାହିଁ ବୋଲି ପାଣିପାଗ ବିଶେଷଜ୍ଞ ମତ ଦେଉଛନ୍ତି।

ଚଳିତ ବର୍ଷ ସ୍ୱାଭାବିକ ଜଳବାୟୁରେ କିଛିମାତ୍ରାରେ ପରିବର୍ତ୍ତନ ହୋଇଛି। ମାର୍ଚ୍ଚରୁ ଜୁନ୍ ମଧ୍ୟରେ ରାଜ୍ୟକୁ ସାଧାରଣତଃ ଉତ୍ତର-ପୂର୍ବ ଦିଗରୁ ଉତ୍ତପ୍ତ ବାୟୁ ପ୍ରବାହ ହୋଇଥାଏ। ଏଥିଯୋଗୁ ଉତ୍ତର ଭାରତ ସମେତ ଓଡ଼ିଶାରେ ମଧ୍ୟ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥାଏ। ତେବେ ଚଳିତ ବର୍ଷ ଭୂପୃଷ୍ଠରୁ ୧୨ କି.ମି. ଉପରେ ଉତ୍ତର-ପଶ୍ଚିମ ଦିଗରୁ ଉଷ୍ମବାୟୁ ଘଣ୍ଟାକୁ ୧୫୦ କି.ମି. ବେଗରେ ବହୁଛି। ଅନ୍ୟପକ୍ଷରେ ଭୂପୃଷ୍ଠର ୩.୧ କି.ମି. ଉପରେ ଦକ୍ଷିଣ-ପଶ୍ଚିମ ଦିଗରୁ ଜଳୀୟବାଷ୍ପ ଭରା ବାୟୁ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ଚଳିତ ବର୍ଷ ଅଧିକମାତ୍ରାରେ କାଳବୈଶାଖୀ ବା ଝଡ଼ବର୍ଷା ହେଉଛି। ବିଶେଷକରି ରାଜ୍ୟର ଉପକୂଳ ଏବଂ ଉତ୍ତର ଓଡ଼ିଶାରେ ଲଗାତର ଝଡ଼ବର୍ଷା ହେଉଛି। ପବନର ବେଗ ୪୦ରୁ ୫୦ କି.ମି. ହେବା ସହିତ ପ୍ରବଳ ବର୍ଷା ହେଉଛି। କେତେକ ସ୍ଥାନରେ କୁଆପଥର ବର୍ଷା ମଧ୍ୟ ହେଉଛି। ଏଥିଯୋଗୁ କେବଳ ଓଡ଼ିଶା ନୁହେଁ ସମଗ୍ର ଦେଶରେ ତାତି ଅନୁଭୂତ ହେଉନାହିଁ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଯାଜପୁର, ଭଦ୍ରକ ଏବଂ ଢେଙ୍କାନାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ରହିବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡ଼ା, ଅନୁଗୋଳ, କଳାହାଣ୍ଡି ଏବଂ ବୌଦ୍ଧ ଜିଲା ସମେତ ରାଜ୍ୟର ଅନ୍ୟାନ୍ୟ ଭାଗରେ ମଧ୍ୟ ଝଡ଼ବର୍ଷା ହେବ। ଏହି ସବୁ ଅଞ୍ଚଳରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ରହିବ ବାଲି ଅନୁମାନ କରାଯାଇଛି। ଅନ୍ୟପକ୍ଷରେ ଝଡ଼ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାତି ହ୍ରାସ ପାଇଛି। ମିଳିଥିବା ସୂଚନା ଅନୁଯାୟୀ ସୋମବାର ଟିଟିଲାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୪୨ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ ତାଳଚେର ୪୧.୪ ଏବଂ ଭବାନୀପାଟଣାରେ ୪୦.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ଧୈର୍ଯ୍ୟ ରଖିବାକୁ କେନ୍ଦ୍ରମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୪।୫(ବ୍ୟୁରୋ): ଓଡ଼ିଆ ଲୋକମାନେ ଅସୀମ ଧୈର୍ଯ୍ୟ ଓ ସାହସର ସହ କରୋନା ମହାମାରୀର ମୁକାବିଲା କରୁଛନ୍ତି। ଓଡ଼ିଆଙ୍କ ଡିଏନ୍‌ଏରେ ବିପର୍ଯ୍ୟୟ ମୁକାବିଲାର ଶକ୍ତି ଅଛି ବୋଲି କହିବା ସହିତ ସାମାଜିକ ଗଣମାଧ୍ୟମ ଜରିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲୋକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଛନ୍ତି। ସେ କହିଛନ୍ତି ଯେ, ଓଡ଼ିଆ ଜାତି ଖ୍ରୀଷ୍ଟପୂର୍ବ ୨୬୧ କଳିଙ୍ଗ ଯୁଦ୍ଧରେ ମଧ୍ୟ ହାରି ନ ଥିଲା। ନଅଙ୍କ ଦୁର୍ଭିକ୍ଷର ମଣିଷ ମଡ଼କକୁ ସାମ୍ନାକରି ପୁଣି ଓଡ଼ିଶାକୁ ପୁନର୍ନିର୍ମାଣ କରିଥିଲା। ଫନୀରୁ ମଧ୍ୟ ରାଜ୍ୟବାସୀ ସଫଳତାର ସହ ମୁକାବିଲା କରିଥିଲେ। ଆଜି ଭଳି ଅଭାବନୀୟ ସମୟରେ ଦେଶବାସୀ ଓ ଓଡ଼ିଶାବାସୀଙ୍କୁ ସକାରାତ୍ମକ ଭାବନା ଆଣିବାର ଆବଶ୍ୟକତା ରହିଛି ବୋଲି ପ୍ରଧାନ କହିଛନ୍ତି। ବୈଶ୍ୱିକ ମହାମାରୀ ପଞ୍ଚାୟତ, ବ୍ଲକ, ସବ୍ ଡିଭିଜନ, ଜିଲା, ରାଜ୍ୟରେ ସମସ୍ତେ ଏକମନ ଓ ଏକପ୍ରାଣରେ ନିଜ ଦାୟିତ୍ୱ ନିର୍ବାହ କରୁଛନ୍ତି। ତେଣୁ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସରକାରୀ ବ୍ୟବସ୍ଥାକୁ ଦୋଷଦେବା ନୁହେଁ ମାତ୍ର ବ୍ୟବସ୍ଥାକୁ ତିଆରି କରିବା ସହ ହାତ ବଢ଼ାଇବାର ଆବଶ୍ୟକତା ରହିଛି। ବର୍ତ୍ତମାନର ସମୟ ହେଉଛି ଆହ୍ୱାନପୂର୍ଣ୍ଣ। ତେଣୁ ବାହାରୁ ଫେରୁଥିବା ଓଡ଼ିଆଙ୍କୁ ମୋର ଅନୁରୋଧ ଧୈର୍ଯ୍ୟ ଧରନ୍ତୁ, ଟିକେ କଷ୍ଟ ସହି ସହଯୋଗ କରନ୍ତୁ। ବାହାରୁ ଆସୁଥିବା ଲୋକଙ୍କ ସମସ୍ତେ ଯତ୍ନ ନିଅନ୍ତୁ। ଜିଲା ଖଣିଜ ପାଣ୍ଠିରୁ କରୋନା ମୁକାବିଲା ପାଇଁ ଖର୍ଚ୍ଚ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି। ଏସ୍‌ଡିଆର୍‌ଏଫ୍ ପାଣ୍ଠିରୁ କରୋନା ମୁକାବିଲା ପାଇଁ ବିଶେଷଭାବେ ସରକାରଙ୍କୁ ଖର୍ଚ୍ଚ କରିବାକୁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି ବୋଲି ସେ କହିଛନ୍ତି।

# ସଂକୀର୍ତ୍ତନିଆ ବେଶରେ ଶ୍ରୀମନ୍ଦିରକୁ ପଶିଲେ

- କରୋନା କଟକଣାକୁ ଉଲ୍ଲଂଘନ
- ପଶ୍ଚିମ ଦ୍ୱାରରେ ପଶିବାକୁ ଉଦ୍ୟମ ବେଳେ ୨ ଧରାପଡ଼ିଲେ

ପୁରୀ ଅଫିସ,୪।୫

କରୋନା ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିଛି। କୌଣସି ଭକ୍ତଙ୍କୁ ଭିତରକୁ ଛଡ଼ାଯାଉ ନାହିଁ। ଚାରିଦ୍ୱାରରେ ପୋଲିସ ଜଗିଛି। ହେଲେ ସୋମବାର ଅପରାହ୍ନରେ ସୁରକ୍ଷା କର୍ମୀଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜିବା ଭଳି ଘଟଣା ଘଟିଛି। ଜଣେ ଭକ୍ତ କୋଭିଡ୍-୧୯ ନିର୍ଦ୍ଦେଶାବଳୀକୁ ଉଲ୍ଲଂଘନ କରି ସଂକୀର୍ତ୍ତନିଆ ଭାବେ



ଶ୍ରୀମନ୍ଦିର ସମ୍ମୁଖରେ ସଂକୀର୍ତ୍ତନ ଦଳ।

ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ଭିତରେ ସେବାୟତ ଏବଂ କର୍ମଚାରୀ ତାଙ୍କୁ ଦେଖି ପଚାରିଥିଲେ। ଏହାପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗାରଦକୁ ନିଆଯାଇଥିଲା। ସେ ସଂକୀର୍ତ୍ତନ କରିବା ପାଇଁ ଆସିଥିବା କହିଥିଲେ। କିନ୍ତୁ ପୂର୍ବରୁ ସେ କେବେ ବି ସଂକୀର୍ତ୍ତନ ଦଳ ସହ ଆସି ନ ଥିବାରୁ ଧରାପଡ଼ିଯାଇଥିଲେ। ଏହାପରେ ଯେଉଁ ମଠ ପକ୍ଷରୁ ସଂକୀର୍ତ୍ତନ ଦଳ ଆସିଥାନ୍ତି ସମ୍ପୃକ୍ତ ମଠକୁ ଜଣାଇ ଦିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନଠାରୁ ପରିଚୟପତ୍ର ନ ଆଣିଲେ ମଙ୍ଗଳବାରଠାରୁ ସେମାନଙ୍କୁ ଛଡ଼ାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ସନ୍ଧ୍ୟାରେ ପଶ୍ଚିମଦ୍ୱାର ଦେଇ ୨ଜଣ ଭକ୍ତ ଭିତରକୁ ଧସେଇ ପଶିବାକୁ ଚେଷ୍ଟା କରୁଥିବା ବେଳେ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଛନ୍ତି।

ପ୍ରତିଦିନ ରାଧାକାନ୍ତ ମଠ ପକ୍ଷରୁ ଅପରାହ୍ନରେ ସଂକୀର୍ତ୍ତନ ଦଳ ଶ୍ରୀମନ୍ଦିର ଆସି ସଂକୀର୍ତ୍ତନ କରିଥାନ୍ତି। ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ କଟକଣା ପରଠାରୁ ମାତ୍ର ୫ ଜଣଙ୍କୁ ସଂକୀର୍ତ୍ତନ ପାଇଁ ଅନୁମତି ଦିଆଯାଇଥିଲା। କିନ୍ତୁ ସୋମବାର ସେହି ୫ଜଣଙ୍କ ମଧ୍ୟରେ ଜଣେ ବ୍ୟକ୍ତିଙ୍କ ବେଶ ଭିନ୍ନ ଜଣାପଡ଼ିଥିଲା। ସେବକ ଏବଂ ଜେଟିପିଙ୍କ ସନ୍ଦେହ ହେବାରୁ ସେ ତାଙ୍କୁ ଧରିଥିଲେ। ଗାରଦକୁ ନେବା ପରେ ସମ୍ପୃକ୍ତ ବ୍ୟକ୍ତି କେବେ ସଂକୀର୍ତ୍ତନ ଦଳ ସହିତ ଆସନ୍ତି ନାହିଁ ବୋଲି ଜଣାପଡ଼ିଥିଲା। ଏହାପରେ ମଠ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ମଙ୍ଗଳବାରଠାରୁ ଶ୍ରୀମନ୍ଦିର ପ୍ରଶାସନ ପାଖରୁ ପରିଚୟପତ୍ର ନ ଆଣିଲେ ସଂକୀର୍ତ୍ତନ ଦଳକୁ ମନ୍ଦିର ଭିତରକୁ ଛଡାଯିବ ନାହିଁ ବୋଲି କମାଣ୍ଡର ରବି ମିଶ୍ର କହିଛନ୍ତି। ସେହିପରି ସନ୍ଧ୍ୟାରେ ପଶ୍ଚିମଦ୍ୱାର ଦେଇ ୨ଜଣ ଭକ୍ତ ଭିତରକୁ ଧସେଇ ପଶିବାକୁ ଚେଷ୍ଟା କରୁଥିବାବେଳେ ଡ୍ୟୁଟିରେ ଥିବା ସୁରକ୍ଷା କର୍ମୀ ସେମାନଙ୍କୁ ଧରିଥିଲେ। ଉଭୟଙ୍କୁ ସିଂହଦ୍ୱାର ଥାନାକୁ ନିଆଯାଇଥିଲା। ଆଉ କେବେ ଏମିତି କରିବେ ନାହିଁ ବୋଲି ଲିଖିତ ଭାବେ ଦେବା ପରେ ସେମାନଙ୍କୁ ଛଡ଼ାଯାଇଥିବା ଆଇଆଇସି ଗେହ୍ଲି ସାହୁ କହିଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରବି ନାରାୟଣ ମହାନ୍ତି
ରହେମାନପୁର, ତୁଳତି, କୋରେଇ, ଯାଜପୁର
ଆବିର୍ଭାବ: ୨୪।୦୯।୧୯୪୯
ତିରୋଧାନ: ୨୫।୦୪।୨୦୨୦
ଆପଣଙ୍କ ବିୟୋଗରେ ଆମେ ମର୍ମାହତ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ ସଭିଙ୍କୁ ମାର୍ଗ ଦର୍ଶନ କରିବ। ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପତ୍ନୀ: ବିଷ୍ଣୁପ୍ରିୟା, ଭାଇ: ରାଧାରମଣ, ପୁଅ: ବବୁ, ପୁପା, ଝିଅ: ତୁତୁନ୍, ନାତି-ନାତୁଣୀ ତଥା ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୬୬୭୧

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ବୀଣାପାଣି ରାଉତ
ଟିକରପଡ଼ା, କଲ୍ୟାଣପୁର ଶାସନ, ଭୁବନେଶ୍ୱର-୨
ଆବିର୍ଭାବ: ୨୨।୦୧।୧୯୬୬
ତିରୋଧାନ: ୨୫।୦୪।୨୦୨୦
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ ଆମପାଇଁ ଅତୁଳନୀୟ। ତୁମେ ଥିଲ ତ୍ୟାଗର ପ୍ରତୀକ ଓ ପ୍ରେରଣାର ଉତ୍ସ। ସ୍ୱର୍ଗରେ ଥାଇ ତୁମ ଆଶୀର୍ବାଦ ଓ କରୁଣା ଆମକୁ ପ୍ରଦାନ କରୁଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୬୬୭୨

## ଚଳିତ ଖରିଫ୍-୨୦୨୦ ଋତୁରେ ଯୋଗାଇ ଦିଆଯାଉଥିବା ବିଭିନ୍ନ ପ୍ରାମାଣିକ ବିହନର କ୍ୱିଣ୍ଟାଲ ପ୍ରତି ସର୍ବାଧିକ ବିକ୍ରୟ ମୂଲ୍ୟ ଓ ରିହାତିର ପରିମାଣ (ଟଙ୍କାରେ)

No.: L

| କ୍ର. ସଂ. | ବିହନ | ଉତ୍ସ | ସର୍ବାଧିକ ଧାର୍ଯ୍ୟ ବିକ୍ରୟ ମୂଲ୍ୟ | ରିହାତି ପରିମାଣ ଡିଲରମାନଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ପ୍ରଦାନ: ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ରାଶି | ରିହାତି ପରିମାଣ ଡିଲରମାନଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ପ୍ରଦାନ: ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ରାଶି | ରିହାତି ପରେ ବିହନର ବିକ୍ରୟ ମୂଲ୍ୟ |
|---|---|---|---|---|---|---|
| ୧ | ଧାନ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୩୧୯୫ | ୧୨୪୫ | - | ୧୯୫୦ |
| ୨ | ଧାନ (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୩୧୯୫ | ୯୪୫ | - | ୨୨୫୦ |
| ୩ | ମାଣ୍ଡିଆ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୫୮୨୪ | ୨୬୨୪ | - | ୩୨୦୦ |
| ୪ | ମାଣ୍ଡିଆ (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୫୮୨୪ | ୧୫୦୦ | ୧୧୨୪ | ୩୨୦୦ |
| ୫ | ମାଣ୍ଡିଆ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୮୫୬୮ | ୩୦୦୦ | ୨୩୬୮ | ୩୨୦୦ |
| ୬ | ମାଣ୍ଡିଆ (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୮୫୬୮ | ୧୫୦୦ | ୩୮୬୮ | ୩୨୦୦ |
| ୭ | ମକା (ବାୟୋ-୯୫୪୪/ ବାୟୋ-୯୬୮୨/କେଏମ୍‌ଏଚ୍-୩୪୨୬) | ଏନ୍.ଏସ୍.ସି. | ୨୫୬୧୩ | ୧୦୦୦୦ | - | ୧୫୬୧୩ |
| ୮ | ମୁଗ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୧୦୭୪୧ | ୩୫୪୧ | - | ୭୨୦୦ |
| ୯ | ମୁଗ (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୧୦୭୪୧ | ୨୫୦୦ | ୧୦୪୧ | ୭୨୦୦ |
| ୧୦ | ବିରି (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୮୯୧୬ | ୩୧୧୬ | - | ୫୮୦୦ |
| ୧୧ | ବିରି (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୮୯୧୬ | ୨୫୦୦ | ୬୧୬ | ୫୮୦୦ |
| ୧୨ | ହରଡ଼ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୯୭୦୪ | ୩୭୦୪ | - | ୬୦୦୦ |
| ୧୩ | ହରଡ଼ (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୯୭୦୪ | ୨୫୦୦ | ୧୨୦୪ | ୬୦୦୦ |
| ୧୪ | ହରଡ଼ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୧୧୬୧୩ | ୫୦୦୦ | ୬୧୩ | ୬୦୦୦ |
| ୧୫ | ହରଡ଼ (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୧୧୬୧୩ | ୨୫୦୦ | ୩୧୧୩ | ୬୦୦୦ |
| ୧୬ | ଚିନାବାଦାମ (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୮୨୩୬ | ୩୦୩୬ | - | ୫୨୦୦ |
| ୧୭ | ଚିନାବାଦାମ (୧୫ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୮୨୩୬ | - | ୩୦୩୬ | ୫୨୦୦ |
| ୧୮ | ରାଶି (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୧୦୭୦୭ | ୪୧୦୭ | - | ୬୬୦୦ |
| ୧୯ | ରାଶି (୧୫ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୧୦୭୦୭ | - | ୪୧୦୭ | ୬୬୦୦ |
| ୨୦ | ଅଳସୀ (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୯୯୦୭ | ୩୯୦୭ | - | ୬୦୦୦ |
| ୨୧ | ଅଳସୀ (୧୫ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୯୯୦୭ | - | ୩୯୦୭ | ୬୦୦୦ |
| ୨୨ | ଅଳସୀ (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୧୦୪୧୩ | ୪୦୦୦ | ୪୧୩ | ୬୦୦୦ |
| ୨୩ | ଅଳସୀ (୧୫ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୧୦୪୧୩ | - | ୪୪୧୩ | ୬୦୦୦ |
| ୨୪ | ଝୋଟ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୮୪୬୧ | ୫୨୯୨ | - | ୩୧୬୯ |
| ୨୫ | ଝୋଟ (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୮୪୬୧ | - | ୫୨୯୨ | ୩୧୬୯ |
| ୨୬ | ଧଣିଚ | ଓ.ଏସ୍.ଏସ୍.ସି. | ୭୯୭୦ | - | ୪୯୭୦ | ୩୦୦୦ |
| ୨୭ | ଧଣିଚ | ଏନ୍.ଏସ୍.ସି. | ୬୨୨୪ | - | ୩୨୨୪ | ୩୦୦୦ |
| ୨୮ | ମେସ୍ତା | ଏନ୍.ଏସ୍.ସି. | ୧୦୫୪୦ | - | - | ୧୦୫୪୦ |
| ୨୯ | ଛଣି | ଏନ୍.ଏସ୍.ସି. | ୧୦୩୫୬ | - | - | ୧୦୩୫୬ |
| ୩୦ | ଜୈବିକ କପା (ନନ୍-ବି.ଟି.) | ଏନ୍.ଏସ୍.ସି. | ୨୫୫୦୧ | - | - | ୨୫୫୦୧ |

## ଚଳିତ ଖରିଫ୍-୨୦୨୦ ଋତୁରେ ଯୋଗାଇ ଦିଆଯାଉଥିବା ବିଭିନ୍ନ ପିଣ୍ଡ ବିହନର କ୍ୱିଣ୍ଟାଲ ପ୍ରତି ସର୍ବାଧିକ ବିକ୍ରୟ ମୂଲ୍ୟ (ଟଙ୍କାରେ)

| କ୍ର.ସଂ. | ବିହନ | ଧାର୍ଯ୍ୟ ବିକ୍ରୟ ମୂଲ୍ୟ |
|---|---|---|
| ୧ | ଧାନ (ସଅଳ/ସରୁ/ଅତିସରୁ/ବାସ୍ନା) | ୩୩୦୭ |
| ୨ | ଧାନ (ମଧ୍ୟମ / ବିଳମ୍ବ) | ୩୨୪୭ |
| ୩ | ମାଣ୍ଡିଆ (ସମସ୍ତ କିସମ) | ୫୯୩୭ |
| ୪ | ମୁଗ (ସମସ୍ତ କିସମ) | ୧୦୮୫୩ |
| ୫ | ବିରି (ସମସ୍ତ କିସମ) | ୯୦୨୯ |

| କ୍ର.ସଂ. | ବିହନ | ଧାର୍ଯ୍ୟ ବିକ୍ରୟ ମୂଲ୍ୟ |
|---|---|---|
| ୬ | ହରଡ଼ (ସମସ୍ତ କିସମ) | ୯୮୧୭ |
| ୭ | ଚିନାବାଦାମ (ସମସ୍ତ କିସମ) | ୮୩୪୯ |
| ୮ | ରାଶି (ସମସ୍ତ କିସମ) | ୧୦୮୧୯ |
| ୯ | ଅଳସୀ (ସମସ୍ତ କିସମ) | ୧୦୦୨୦ |

OIPR-01034/11/0003/2021

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା

## ସଂକ୍ଷେପରେ

### ଖୁଣ୍ଟୁଣୀ ବନାଞ୍ଚଳରୁ ୮ ଶିକାରୀ ଗିରଫ: ମାଂସ, ବନ୍ଧୁକ ଜବତ

**ଖୁଣ୍ଟୁଣୀ,୪।୫(ଡି.ଏନ.ଏ.):** ଖୁଣ୍ଟୁଣୀ ବନାଞ୍ଚଳରେ ସୋମବାର ସକାଳେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରୁଥିବାବେଳେ ଶିକାରୀ ପାଇଁ ଆସିଥିବା ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ଡାଲୁଆ ଗ୍ରାମର ନରେନ୍ଦ୍ର ବେହେରା, ସୁଶା ଦେହୁରୀ ଓ ପାର୍ବତୀପୁର ଗ୍ରାମର କାହ୍ନୁ ମୂର୍ତ୍ତି। ଏମାନଙ୍କଠାରୁ ୨୫ଟି ଫାସ, ଧୁନତୀର, ହେଡ ଲାଇଟ ଜବତ କରାଯାଇଛି। ଏମାନଙ୍କୁ ଧରି କାର୍ଯ୍ୟାଳୟକୁ ଅଣାଯାଉଥିବା ବେଳେ ପୂର୍ବାହ୍ନ ୧୧ଟାବେଳେ ସୁବାଷୀ ରିଜର୍ଭ ଜଙ୍ଗଲ ମଧରେ ସନ୍ଦେହଜନକ ଭାବେ ବନ୍ଧୁକ ଧରି ବୁଲୁଥିବା ୫ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କୁ ପଚରାଉଚୁରା ପରେ ଶିକାର କଥା ଜଣାପଡ଼ିଥିଲା। ସେମାନେ ହେଲେ ପାନିଆ ଗ୍ରାମର ପ୍ରଶାନ୍ତ ଦାସ, ନନ୍ଦିଆ ହେଁସା, ଡାବର ପୂର୍ତ୍ତି, ନନ୍ଦିଆ କୁଜାଣ ଓ କପୁର ସିଂ ଗ୍ରାମର ପ୍ରତାପ ନାଏକଙ୍କୁ ବିଭାଗକୁ ନିଆଯାଇଛି। ଏମାନଙ୍କଠାରୁ ମଧ ହରିଣ ଚମଡ଼ା, ୨ଟି ହରିଣ ସିଂଘ ଓ ଗୋଟିଏ ବନ୍ଧୁକ ଜବତ କରାଯାଇଛି। ପାଟ୍ରୋଲିଂରେ ରେଞ୍ଜର ମାଗୁଣୀ ଚରଣ ବେହେରା, ବନପାଳ, ଅକ୍ଷୟ ପ୍ରଧାନ, ଦିବ୍ୟସିଂହ ପରିଡ଼ା, ବନରକ୍ଷୀ ରମାକାନ୍ତ ବଳବନ୍ତରାୟ, ଆଶିଷ ନାୟକ, ରାକେଶ ଦଳେଇ, ବିଜୟ ମଙ୍ଗରାଜ, କାବେରୀ ନାଏକ, ସଙ୍ଗୀତା ପ୍ରଧାନ ଓ ଚନ୍ଦନ ବେହେରା ପ୍ରମୁଖ ଚଢ଼ାଉ କରିଥିଲେ। ଏହି ୮ ଶିକାରୀଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ ବୋଲି ରେଞ୍ଜର ବେହେରା କହିଛନ୍ତି। ସୂଚନାଯୋଗ୍ୟ, ପ୍ରାୟ ସମୟରେ ଏହି ବନାଞ୍ଚଳରେ ବିଭାଗ ଅଧିକାରୀ ଗୁରୁତ୍ୱ ଦେଉ ନ ଥିବାରୁ ଶିକାରୀମାନେ ବେଆଇନ ଭାବେ ବନ୍ୟଜନ୍ତୁଙ୍କୁ ଶିକାର କରି ମାଂସ ବିକ୍ରି କରୁଛନ୍ତି।

### ମହାରଣା ସେବକଙ୍କ ସହ ଶ୍ରୀମନ୍ଦିର ପ୍ରଶାସନର ଆଲୋଚନା

**ପୁରୀ ଅଫିସ,୪।୫:** ଶ୍ରୀମନ୍ଦିର ପରିଚାଳନା କମିଟିରେ ରଥ ନିର୍ମାଣ ପାଇଁ ସୁପାରିସ ହେବା ପରେ ସୋମବାର ସନ୍ଧ୍ୟାରେ ମନ୍ଦିର ପ୍ରଶାସନ ତିନିରଥର ମୁଖ୍ୟ ମହାରଣା ଏବଂ ଭୋଇ ସର୍ଦ୍ଦାରଙ୍କୁ ଡାକି ଆଲୋଚନା କରିଛି। ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ହୋଇଥିବା ଆଲୋଚନାରେ ରାଜ୍ୟ ସରକାରଙ୍କଠାରୁ ଅନୁମତି ମିଳିଲେ ରଥ ନିର୍ମାଣ ଆରମ୍ଭ କରାଯିବ। ସରକାରଙ୍କ ନିୟମ ମାନି ସମସ୍ତ ମହାରଣା ସେବକ ଏବଂ ଭୋଇ ସେବକ ମାସ୍କ ପିନ୍ଧିବେ ଏବଂ ସାମାଜିକ ଦୂରତା ରକ୍ଷା କରିବେ ବୋଲି ନିଷ୍ପତ୍ତି ହୋଇଛି। ଏଥିପାଇଁ ଓଭର ଟାଇମ୍ କାମ ହେବ ବୋଲି ନନ୍ଦିଘୋଷ ରଥର ମୁଖ୍ୟ ମହାରଣା ବିଜୟ କୁମାର ମହାପାତ୍ର କହିଛନ୍ତି। ବୈଠକରେ ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର, ଦେବଦଳନ ରଥର ମୁଖ୍ୟ ମହାରଣା କୃଷ୍ଣଚନ୍ଦ୍ର ମହାରଣା, ତାଳଧ୍ୱଜ ରଥର ମୁଖ୍ୟ ମହାରଣା ନରସିଂହ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ ଉପସ୍ଥିତ ଥିଲେ ।

### ବାର୍‌ହା କାମୁଡ଼ାରେ ମହିଳା ଆହତ

**ଖୁଣ୍ଟୁଣୀ,୪।୫(ଡି.ଏନ.ଏ.):** ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ ବ୍ରହ୍ମପୁର ମାହାଳପଡ଼ା ଗ୍ରାମରେ ଜଣେ ମହିଳାଙ୍କୁ ସୋମବାର ସାଢ଼େ ୯ଟାବେଳେ ଏକ ବଣୁଆ ବାର୍‌ହା କାମୁଡ଼ି ଦେବାରୁ ଆହତ ହୋଇଛନ୍ତି। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଆସି ଉଦ୍ଧାର କରି ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଏ ନେଇ ଗ୍ରାମବାସୀ ବାର୍‌ହାକୁ ଜଙ୍ଗଲରୁ ଘଉଡାଇବାକୁ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀଙ୍କୁ ଜଣାଇଥିଲେ। ସୂଚନାଯୋଗ୍ୟ, ଉକ୍ତ ଗ୍ରାମର ମଞ୍ଜୁ ପ୍ରଧାନ ସକାଳେ ଗାଧୋଇବାକୁ ନିକଟସ୍ଥ ନଦୀତୁଠକୁ ଯାଉଥିଲେ। ଏହି ସମୟରେ ତୁଠ ନିକଟ ଏକ ବୁଦାରୁ ଛପି ରହିଥିବା ବାର୍‌ହାଟି ହଠାତ ବାହାରି ଆସି ମଞ୍ଜୁଙ୍କ ଗୋଡ଼କୁ କାମୁଡ଼ି ରକ୍ତାକ୍ତ କରି ଦେଇଥିଲା। ତେବେ ବାର୍‌ହାଟି ପୂର୍ବ ରାତିରୁ ସୁନିଆମୁହଁ ସଂରକ୍ଷିତ ଜଙ୍ଗଲରୁ ଆସିଥିବା ଜଣାପଡ଼ିଛି। ପରେ ବନାଞ୍ଚଳ କର୍ମଚାରୀମାନେ ଆସି ବାର୍‌ହାଟିକୁ ଜଙ୍ଗଲକୁ ତଡିଥିଲେ।

### ମାସ୍କ ନ ପିନ୍ଧି ୬୦ଜଣ ଦେଲେ ଜରିମାନା

**କୋଣାର୍କ,୪।୫(ଡି.ଏନ.ଏ.):** କରୋନା ଲାଗି ମାସ୍କ ପିନ୍ଧିବା ବାଧତାମୂଳକ କରାଯାଇଥିବାବେଳେ ଏହାକୁ ଅବମାନନା କରିଥିବାରୁ ସୋମବାର କୋଣାର୍କର ୬୦ଜଣଙ୍କ ଜରିମାନା ଦେଇଛନ୍ତି। ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ଏମ. ଶ୍ରୀନିବାସ ଓ କୋଣାର୍କ ଥାନା ଅଧିକାରୀ ରଂଜନ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଗଠିତ ଏକ ଟିମ କୋଣାର୍କସ୍ଥିତ ମେଡିକାଲ ଛକଠାରେ ଚେକିଂ କରାଯାଇଥିଲା। ୬୦ଜଣ ମାସ୍କ ପିନ୍ଧି ନ ଥିବାରୁ ୨୦୦ଟଙ୍କା ଲେଖାଏ ଜରିମାନା ଆଦାୟ କରାଯିବା ସହ ସଚେତନ କରାଯାଇଥିଲା।

# ଭୁବନେଶ୍ୱରରେ ପୁଣି କଟକଣା

**ଭୁବନେଶ୍ୱର, ୪।୫(ବ୍ୟୁରୋ)**

ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଛି। ଖୋର୍ଦ୍ଧା ଜିଲାକୁ ରବିବାର ଅରେଞ୍ଜ ଜୋନ୍ ଭାବେ ଘୋଷଣା କରାଯାଇଥିଲେ ମଧ ରାଜଧାନୀ ଭୁବନେଶ୍ୱରକୁ ରେଡ୍ ଜୋନ୍‌ରେ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୋମବାର ନୂଆ ନିର୍ଦ୍ଦେଶନାମା ଜାରି କରିଛି। ଗତ ୩୦ ତାରିଖରେ ଜାରି ନିର୍ଦ୍ଦେଶନାମାର ପରିବର୍ତ୍ତନ କରି ଭୁବନେଶ୍ୱର ପାଇଁ ଲଗାଇଥିବା କୋହଳ କଟକଣାକୁ ବିଏମ୍‌ସି ଉଠାଇ ଦେଇଛି। ଏଣିକି ରେଡ୍ ଜୋନ୍ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା ଭୁବନେଶ୍ୱରରେ ଲାଗୁ ହେବ। ସର୍ତ୍ତମୂଳକ ଭାବେ ଅନୁମତି ମିଳିଥିବା ଅଧିକାଂଶ ଦୋକାନକୁ ପୁଣିଥରେ ବନ୍ଦ କରିଦିଆଯିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

ବିଏମ୍‌ସିର ବିଜ୍ଞପ୍ତି ଅନୁସାରେ, ଭୁବନେଶ୍ୱରରେ ବର୍ତ୍ତମାନ ଶିଳ୍ପ ସଂସ୍ଥା, ଅତ୍ୟାବଶ୍ୟକ ସାମାଗ୍ରୀ ତିଆରି ଓ ଯୋଗାଉଥିବା ସଂସ୍ଥା ଖୋଲା ରହିବ। ଦୁଇଚକିଆ ଯାନରେ ଜଣେ ଓ ଚାରିଚକିଆ ଯାନରେ ଡ୍ରାଇଭରଙ୍କୁ ମିଶାଇ ୩ ଜଣ ଯାତାୟାତ କରିବେ। ଯାତ୍ରୀ ପରିବହନ କରୁଥିବା ସଂସ୍ଥା ଓଲା, ଉବର ଲୋକଙ୍କୁ କେବଳ ହସ୍ପିଟାଲ ନେବା ଆଣିବା କରିବେ। ଘରୋଇ କାର୍ଯ୍ୟାଳୟଗୁଡ଼ିକ ୩୩% କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବାକୁ ବିଏମ୍‌ସି ନିର୍ଦ୍ଦେଶନାମା ଜାରି କରିଛି।

ସେହିପରି ବିଜୁପଟ୍ଟନାୟକ ବିମାନ ବନ୍ଦରରୁ ସମସ୍ତ ଘରୋଇ ଓ ଅନ୍ତରାଷ୍ଟ୍ରୀୟ ବିମାନ ଉଡ଼ାଣକୁ ବନ୍ଦ ରଖାଯାଇଛି। ବିମାନରେ କେବଳ ଅତ୍ୟାବଶ୍ୟକ ଓ ଡାକ୍ତରୀ କାର୍ଯ୍ୟ ପାଇଁ ଅନୁମତି ଦିଆଯାଇଛି। ସୁରକ୍ଷାରେ ନିୟୋଜିତ ବ୍ୟକ୍ତିବିଶେଷଙ୍କ ଅପେକ୍ଷା ଅନ୍ୟ ସମସ୍ତଙ୍କୁ ଭୁବନେଶ୍ୱରକୁ ରେଳ ଦ୍ୱାରା ଯାତାୟାତ କରିବାରେ ରୋକ ଲଗାଯାଇଛି। ସରକାରୀ କାର୍ଯ୍ୟରେ ନିୟୋଜିତ ବସ୍‌ଗୁଡ଼ିକୁ ଛାଡି ଅନ୍ୟ ସମସ୍ତ ଘରୋଇ ଓ ଆନ୍ତଃରାଜ୍ୟ ବସ୍ ଚଳାଚଳ ଉପରେ ବିଏମ୍‌ସି ରୋକ ଲଗାଇଛି। ଭୁବନେଶ୍ୱର ମଧ ଦେଇ ଗ୍ରୀନ ଜୋନ୍‌କୁ କୌଣସି ବସ୍ ଚଳାଚଳ କରିପାରିବ ନାହିଁ। ସେହିପରି ଅଟୋ, ଟ୍ୟାକ୍ସି, ରିକ୍ସା ଚଳାଚଳ ବନ୍ଦ କରାଯାଇଛି। ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରିବାକୁ କୁହାଯାଇଥିବାବେଳେ ଅନ୍‌ଲାଇନ୍‌ରେ ପାଠ ପଢ଼ାଇବା ଜାରି ରଖିବା ପାଇଁ ବିଏମ୍‌ସି ପକ୍ଷରୁ ପରାମର୍ଶ ଦିଆଯାଇଛି। ସମସ୍ତ ସାମାଜିକ ଉତ୍ସବ, ବୈଠକ ଓ ସଭା ସହ ଧର୍ମାନୁଷ୍ଠାନ ବନ୍ଦ ରହିବ। ଯେଉଁମାନେ କ୍ୱାରାଣ୍ଟାଇନ୍ ସୁବିଧା କିମ୍ବା ସରକାରୀ ସେବା ଯୋଗାଉଛନ୍ତି ସେମାନଙ୍କୁ ଛାଡ଼ି ଅନ୍ୟ ସମସ୍ତ ଲଜ୍, ହୋଟେଲ, ଗେଷ୍ଟ ହାଉସ୍ ଓ ଆତିଥ୍ୟ ପ୍ରଦାନ କେନ୍ଦ୍ରକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ସିନେମା ହଲ୍, ଜିମ୍, ଗେମ୍ ପାର୍ଲର, ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସ୍ୱିମିଂ ପୁଲ୍, ପାର୍କ, ପ୍ରେକ୍ଷାଳୟ, ବାର, ଶପିଂ ମଲ, ମାର୍କେଟ କମ୍ପ୍ଲେକ୍ସ, ବାଣିଜ୍ୟିକ କୋଠା, ସେଲୁନ୍, ସ୍ପା, ବିଉଟି ପାର୍ଲର, ମସାଜ୍ ସେଣ୍ଟର, ଠେଲା ଦୋକାନ, ପାନ ଦୋକାନ, ଚା ଓ କଫି ଦୋକାନ, ଫାଷ୍ଟ ଫୁଡ୍, ଜଳଖିଆ ଦୋକାନ ଏବଂ ଫଳ ରସ ଦୋକାନକୁ ବନ୍ଦ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ନିର୍ମାଣ ସ୍ଥାନରେ ରହୁଥିବା ଶ୍ରମିକମାନେ ହିଁ କାର୍ଯ୍ୟ କରିପାରିବେ। କିନ୍ତୁ ବାହାରୁ କୌଣସି ଶ୍ରମିକ ଆଣି ନିର୍ମାଣ କାର୍ଯ୍ୟ କରିବାକୁ ଅନୁମତି ନାହିଁ। ସକାଳ ୬ଟା ୩୦ରୁ ରାତି ୭ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲିବାକୁ ଅନୁମତି ଦିଆଯାଇଛି। କିନ୍ତୁ ଗୋଟିଏ ଦୋକାନରେ ଏକ ସମୟରେ ୫ ଗ୍ରାହକ ଏକାଠି ହେବାକୁ ବାରଣ କରାଯାଇଛି। ଏଥିସହ ସାମାଜିକ ଦୂରତ୍ୱ ବଜାୟ ରଖି କାମ କରିବା ପାଇଁ ପରାମର୍ଶ ଦିଆଯାଇଛି। ସର୍ବନିମ୍ନ କର୍ମଚାରୀଙ୍କୁ ନେଇ ଦୋକାନ ଓ କାର୍ଯ୍ୟାଳୟ ସଞ୍ଚାଳନ କରିବା ପାଇଁ କୁହାଯାଇଛି। କାର୍ଯ୍ୟରତ କର୍ମଚାରୀଙ୍କର ଥଣ୍ଡା, ଜ୍ୱର, କାଶ କିମ୍ବା ଛିଙ୍କ ହେଉଥିଲେ ପ୍ରଥମେ ତାଙ୍କୁ ଦୋକାନ କିମ୍ବା ଅଫିସ ଆସିବାକୁ ବାରଣ କରିବା ସହ ଏନେଇ ସ୍ୱାସ୍ଥ୍ୟ ବିଭାଗ କିମ୍ବା ବିଏମ୍‌ସିକୁ ସୂଚନା ଦେବାକୁ କୁହାଯାଇଛି।

**ପରିବର୍ତ୍ତିତ ନିର୍ଦ୍ଦେଶନାମା ଜାରି କଲା ବିଏମ୍‌ସି**

- ସକାଳ ୬ଟା ୩୦ରୁ ରାତି ୭ ଯାଏ ଖୋଲିବ ବଜାର
- ଘରୋଇ ବିମାନ, ବସ୍, ଟ୍ୟାକ୍ସି ଚଳାଚଳ ବନ୍ଦ
- କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନରେ ରହିବେ ୩୩ % କର୍ମଚାରୀ

**ରାତି ୭ରୁ ସକାଳ ୬ଟା ୩୦ରୁ ଘରୁ ବାହାରିବା ମନା**

ରାତି ୭ଟାରୁ ସକାଳ ୬ଟା ୩୦ ପର୍ଯ୍ୟନ୍ତ ଘରୁ ନ ବାହାରିବାକୁ ବିଏମ୍‌ସି ପକ୍ଷରୁ ଜାରି ନୂଆ ନିର୍ଦ୍ଦେଶନାମାରେ କୁହାଯାଇଛି। ଏହି ସମୟରେ ବାହାରେ ବୁଲୁଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ପ୍ରକାଶିତ ନିର୍ଦ୍ଦେଶଗୁଡ଼ିକୁ ଉଲ୍ଲଂଘନ କଲେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ନିୟମ ୨୦୦୫ର ଦଫା ୫୧ ଓ ୬୦ ଆଧାରରେ ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାଛଡ଼ା ସେମାନଙ୍କ ବିରୋଧରେ ଆଇପିସି ଦଫା ୧୮୮ ଅନୁସାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି।

## କଡ଼ାକଡ଼ି ହେଲା ଯାଞ୍ଚ



**ଭୁବନେଶ୍ୱର,୪।୫ (ବ୍ୟୁରୋ)**

ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ସରିବା ପୂର୍ବରୁ ଭୁବନେଶ୍ୱରରେ କଟକଣା ଓ ଯାଞ୍ଚକୁ କୋହଳ କରାଯାଇଥିଲା। ଫଳରେ ରାଜଧାନୀ ରାସ୍ତାରେ ଗାଡ଼ିମୋଟର ଭିଡ଼ ବଢ଼ିଥିଲା। ହେଲେ ରାଜଧାନୀକୁ ରେଡ୍‌ଜୋନ୍‌ରେ ରଖାଯିବା ପରେ ପୋଲିସ ଓ ପ୍ରଶାସନ ପକ୍ଷରୁ ପୁଣି କଟକଣା ଲଗାଯାଇଛି। ସୋମବାରଠାରୁ କମିଶନରେଟ ପୋଲିସ ପକ୍ଷରୁ ଯାଞ୍ଚକୁ କଡାକଡ଼ି କରାଯାଇଛି। ଆଗକୁ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଦେଢ ମାସ ପରେ ରାଜଧାନୀର ପ୍ରମୁଖ ଟ୍ରାଫିକ ପୋଷ୍ଟ କାର୍ଯ୍ୟକ୍ଷମ ହୋଇଛି। ସକାଳୁ ଏଜି ଛକ, ରାଜମହଲ ଛକ, କଳ୍ପନା, ନାଲ୍‌କୋ, ରୁପାଲି ଆଦି ଟ୍ରାଫିକ ପୋଷ୍ଟରେ ଟ୍ରାଫିକ ପୋଲିସ ମୁତୟନ ରହି ଗାଡ଼ିମୋଟର ନିୟନ୍ତ୍ରଣ କରିଥିବା ଦେଖିବାକୁ ମିଳିଥିଲା।

**ଦେଢ଼ ମାସ ପରେ ଟ୍ରାଫିକ୍ ପୋଷ୍ଟ କାର୍ଯ୍ୟକ୍ଷମ**

## ଦୁଇ ପରିବାର ମଧରେ ଆକ୍ରମଣ, ୨ ଗିରଫ

**ନିମାପଡ଼ା,୪।୫(ଡି.ଏନ.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ବାମଖିପୋଟଣା ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ସୋମବାର ଦୁଇ ପରିବାର ଗଣ୍ଡଗୋଳ ଘଟିଛି। ଏଥିରେ ୨ଜଣ ଆହତ ହୋଇଛନ୍ତି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫଦ୍ୱୟ ହେଲେ ଉକ୍ତ ଗ୍ରାମର ବାନାମ୍ବର ବେହେରା ଓ ମନୋଜ ବେହେରା। ଏ ନେଇ ଥାନାରେ ଏକ ମାମଲା (ନଂ. ୯୯/୨୦) ରୁଜୁ ହୋଇଛଇ। ସୂଚନାଯୋଗ୍ୟ, ଗ୍ରାମର ଭଜନାନନ୍ଦ ସାହୁ ଓ ମନୋଜ ବେହେରାଙ୍କ ପରିବାର ମଧରେ ପୂର୍ବରୁ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ସୋମବାର ଏହି ଘଟଣାକୁ ନେଇ ଉଭୟ ପରିବାର ମଧରେ ଗଣ୍ଡଗୋଳ ହୋଇଥିଲା।



ଭୁବନେଶ୍ୱର ଏଜି ଛକରେ ଜଣେ ମହିଳା ଟ୍ରାଫିକ ପୋଲିସ ଗାଡିମୋଟର ନିୟନ୍ତ୍ରଣ କରୁଛନ୍ତି।

## ଚିଠିକୁ ଅପେକ୍ଷା କରିଛି ଅବକାରୀ ବିଭାଗ

**କଟକ ଅଫିସ,୪।୫**

ମେ' ୪ ଠାରୁ ମଦ ଦୋକାନ ଖୋଲିବ ବୋଲି ଘୋଷଣା ହେବା ସତ୍ତ୍ୱେ କଟକ ଜିଲାରେ ଏହା ସମ୍ଭବ ହୋଇପାରିନାହିଁ। ବିଭିନ୍ନ ଠିପି ବନ୍ଦ ବିଦେଶୀ ମଦ ଦୋକାନ ସମ୍ମୁଖରେ ସାମାଜିକ ଦୂରତା ରକ୍ଷା କରାଯିବା ଉଦ୍ଦେଶ୍ୟରେ ଗୋଲେଇ ଟଣାଯିବା ସହ ବାଉଁଶ ବନ୍ଧା ଯାଇଥିଲା। ତଥାପି ବିଭିନ୍ନ ଦ୍ୱନ୍ଦ୍ୱ ଯୋଗୁ କଟକରେ ମଦ ଦୋକାନ ଖୋଲାଯାଇନି। ଏ ପର୍ଯ୍ୟନ୍ତ ରାଜ୍ୟ ଅବକାରୀ ବିଭାଗର ପ୍ରମୁଖ ସଚିବଙ୍କ ନିକଟରୁ ମଦ ଦୋକାନ ଖୋଲିବା ନେଇ କୌଣସି ଚିଠି ଆସିନି ବୋଲି କଟକ ଜିଲା ଅବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଅଶୋକ କୁମାର ଶତପଥୀ କହିଛନ୍ତି।

କଟକ ଜିଲାକୁ ଗ୍ରୀନ୍ ଜୋନ୍ ଭାବେ ଘୋଷଣା କରାଯିବା ପରେ କରୋନା କଟକଣାକୁ କୋହଳ କରାଯିବ ବୋଲି ଘୋଷଣା ହୋଇଥିଲା। ଏହା ମଧରେ ରହିଥିଲା ମଦ ଦୋକାନ ଖୋଲାଯିବା ପ୍ରସଙ୍ଗ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏହି ଘୋଷଣା କରାଯାଇଥିବାବେଳେ କଟକ ମହାନଗର ନିଗମ(ସିଏମ୍‌ସି) ମଧ ମଦ ଦୋକାନ ଖୋଲିବା ନେଇ ଅନୁମତି ଦେଇଥିଲା। କେବଳ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ନିର୍ଦ୍ଦେଶ ରହିଥିଲା। ଜିଲାରେ ୫୦ଟି ଠିପି ଖୋଲା ବିଦେଶୀ ମଦ ଦୋକାନ ଓ ୧୧୭ ଠିପି ବନ୍ଦ ବିଦେଶୀ ମଦ ଦୋକାନ ରହିଛି। ଗ୍ରୀନ୍ ଜୋନରେ ମଦ ଦୋକାନ ଖୋଲିବା ନେଇ ଘୋଷଣା ହେବା ସତ୍ତ୍ୱେ ରାଜ୍ୟ ସରକାରଙ୍କ ପକ୍ଷରୁ ଚିଠି ହୋଇ ନ ଥିବା ଯୋଗୁ ଏଭଳି ଦ୍ୱନ୍ଦ୍ୱ ଉପୁଜିଛି। ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ମିଳିବା ପରେ ମଦ ଦୋକାନ ଖୋଲାଯିବ ବୋଲି ଶତପଥୀ କହିଛନ୍ତି।

**ମଦ ଦୋକାନ ଖୋଲିବାକୁ ନେଇ ଦ୍ୱନ୍ଦ୍ୱ**

## ଜଳଖିଆ ବିକ୍ରି କରିଥିଲେ ୧୪୬ ନଂ. ଆକ୍ରାନ୍ତ

**ଭୁବନେଶ୍ୱର, ୪।୫(ବ୍ୟୁରୋ)**

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୋମବାର ସନ୍ଧ୍ୟାରେ ୧୪୪, ୧୪୫, ୧୪୬, ୧୫୧, ୧୫୭, ୧୫୮ ଓ ୧୫୯ ନମ୍ବର ଆକ୍ରାନ୍ତଙ୍କ ଗସ୍ତ ବିବରଣୀ ପ୍ରଦାନ କରିଛି। ପାଞ୍ଚଜଣଙ୍କ ଘର ଯାଜପୁରରେ ହୋଇଥିବାବେଳେ ଅନ୍ୟ ଦୁଇଜଣ ଆକ୍ରାନ୍ତ ଗଞ୍ଜାମ ଜିଲାର ସୁରଟ ଫେରନ୍ତା। ତେବେ ଏମାନଙ୍କ ମଧ୍ୟରୁ ଯାଜପୁର ଜିଲାର ୧୪୬ ନଂ. ଆକ୍ରାନ୍ତଙ୍କ ଦ୍ୱାରା ବହୁ ସଂକ୍ରମିତ ହୋଇଥିବା ଆଶଙ୍କା ପ୍ରକାଶ ପାଇଛି। କାରଣ ପଶ୍ଚିମବଙ୍ଗ ଫେରନ୍ତା ୫୫ବର୍ଷୀୟ ଏହି ବ୍ୟକ୍ତିଜଣଙ୍କ ଘର ବୀରଯାଜପୁରରେ। ସେ ମାର୍ଚ୍ଚ ୨୧-୨୨ରେ କୋଲକାତାରୁ ଟ୍ରେନ୍ ଯୋଗେ ଜେ.କେ. ରୋଡ୍ ରେଳ ଷ୍ଟେଶନରେ ଓହ୍ଲାଇ ଏକ ଭଡ଼ା ଗାଡ଼ିରେ ଅନ୍ୟ ୧୧ ଜଣଙ୍କ ସହ ଗାଁକୁ ଯାଇଥିଲେ। ଏହାପରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିଲେ ମଧ ନିୟମିତ ଗ୍ରସେରୀ ଓ ପନିପରିବା କିଣିବା ପାଇଁ ଗାଁରେ ଥିବା ଦୋକାନକୁ ଯାଇଥିଲେ। ଏଥିସହ ୨୫ ମାର୍ଚ୍ଚରୁ ୫ ଏପ୍ରିଲ ଯାଏ ଗାଁରେ ଜଳଖିଆ ଦୋକାନ ଖୋଲିଥିଲେ। ତାଙ୍କ ଦୋକାନରୁ ବହୁ ଲୋକ ଜଳଖିଆ ଖାଇଥିଲେ। ଗସ୍ତ ବିବରଣୀ ଥିବାରୁ ତାଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା ଓ ରିପୋର୍ଟ ପଜିଟିଭ୍ ଆସିବା ପରେ ଚିନ୍ତା ବଢ଼ିଛି।

ସେହିପରି ୧୪୪ ନଂ. ଆକ୍ରାନ୍ତଙ୍କ ବୟସ ୫୦ ହୋଇଥିବାବେଳେ ତାଙ୍କ ଘର ଯାଜପୁର ଜିଲା ମର୍କନ୍ଦପୁରରେ। ମାର୍ଚ୍ଚ ୨୮ରେ କୋଲକାତା ମଙ୍ଗଳାଘାଟରୁ ଅନ୍ୟ ୬ ଜଣଙ୍କ ସହ ଭଡ଼ା ଗାଡ଼ିରେ ଆସି ଯାଜପୁରରେ ପହଞ୍ଚିଥିଲେ। ସେଠାରୁ ସେ ଡିଏଚ୍‌ଏଚ୍ ଯାଇ ନାମ ପଞ୍ଜୀକରଣ କରି ଘରେ ମେ ୧ ଯାଏ ରହିଥିଲେ। ୧୪୫ ନମ୍ବର ଆକ୍ରାନ୍ତ(୭୫ବର୍ଷ)ଙ୍କ ଘର ଦଶରଥପୁର ବ୍ଲକ୍‌ରେ ଓ ସେ ୨୨ ମାର୍ଚ୍ଚରୁ ୧ ମେ ଯାଏ ହୋମ୍ କ୍ୱାରେଣ୍ଟାଇନ୍‌ରେ ଥିଲେ। କଲିକତାରୁ ଫେରିଥିବା ୯୭ ନଂ. ଆକ୍ରାନ୍ତ ମହିଳା ଜଣକ ତାଙ୍କ ସହ ମାର୍ଚ୍ଚ ୨୯ରୁ ମେ ୧ ଯାଏ ଘରେ ରହିଥିଲେ। କଣ୍ଟାକ୍ଟ ଟ୍ରେସିଂ ପରେ ମେ ୧ରେ ନମୁନା ପରୀକ୍ଷଣ ପରେ ଉଭୟଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ୧୫୧ ନଂ. ଆକ୍ରାନ୍ତ ୩୫ବର୍ଷୀୟା ମହିଳା ଓ ତାଙ୍କ ଘର ଯାଜପୁରର ବାସୁଦେବପୁରରେ। ସେ ୨୨ ମାର୍ଚ୍ଚରୁ ୧ ମେ ଯାଏ ହୋମ୍ କ୍ୱାରେଣ୍ଟାଇନ୍‌ରେ ଥିଲେ। ସେ କଲିକତାରୁ ଫେରିଥିବା ୮୬ ଓ ୮୭ ନଂ. ଆକ୍ରାନ୍ତ ମହିଳାଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିଲେ। ୧୫୭ ନଂ. ଆକ୍ରାନ୍ତ(୬୨ବର୍ଷ)ଙ୍କ ଘର ଏହି ଜିଲାର ବାଇଁଶିରାରେ। ୧୦-୧୧ ଏପ୍ରିଲରେ କୋଲକାତାସ୍ଥିତ ମହର୍ଷି ଦେବେନ୍ଦ୍ର ରୋଡ୍‌ରୁ ଏକ ଭଡ଼ା ଗାଡ଼ିରେ ଆସି ପ୍ରଥମେ କୁଆଖିଆ ଓ ପରେ ଆଉଏକ ଭଡ଼ା ଗାଡ଼ିରେ ଘରକୁ ଯାଇଥିଲେ। ୧୨ ଏପ୍ରିଲ୍‌ରେ ସୁଜନପୁର ପିଏଚ୍‌ସିକୁ ଡାଇବେଟିସ୍ ଚେକ୍ କରିବାକୁ ଅଟୋରେ ଯାଇ ଘରକୁ ଫେରିଥିଲେ। ୧୨ ଏପ୍ରିଲ୍‌ରୁ ମେ ୨ ଯାଏ ଘରେ ରହିଥିଲେ। ଅନ୍ୟପକ୍ଷରେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ତମାନଡ଼ାର ୧୭ବର୍ଷୀୟ ଯୁବକ ହେଉଛନ୍ତି ୧୫୮ ନଂ. ଆକ୍ରାନ୍ତ। ସେ ୨୪ ମାର୍ଚ୍ଚରୁ ୨୭ ଏପ୍ରିଲ ଯାଏ ଗୁଜରାଟ ସୁରଟସ୍ଥିତ ଯାକେସି ନଗରଠାରେ ଏକ ଭଡ଼ା ଘରେ ଅନ୍ୟ ୫ ଜଣଙ୍କ ସହ ରହି ବେଳେବେଳେ ବଜାର ଯାଉଥିଲେ। ସେହିପରି ୨୨ବର୍ଷୀୟ ଯୁବକ ହେଉଛନ୍ତି ୧୫୯ ନଂ. ଆକ୍ରାନ୍ତ। ତାଙ୍କ ଘର ଏହି ଜିଲାର ବେଲଗୁଣ୍ଠା ଅନ୍ତର୍ଗତ କୋକୋଲନ୍ଦାରେ। ସେ ୨୪ ମାର୍ଚ୍ଚରୁ ୨୭ ଏପ୍ରିଲ ଯାଏ ସୁରଟ ଧରିତ୍ରୀ ନଗରରେ ରହୁଥିଲେ। ବହୁତ୍ କମ ସମୟ ସେ ଖାଦ୍ୟ ପାଇଁ ବଜାର ଯାଇଥିଲେ। ଉଭୟ ୨୭ରୁ ୩୦ ଏପ୍ରିଲ୍ ମଧରେ ସୁରଟରୁ ଏକ ସ୍ୱତନ୍ତ୍ର ବସ୍‌ରେ ୫୬ ଜଣ ସହଯାତ୍ରୀଙ୍କ ସହ ଗଞ୍ଜାମ ଧରାକୋଟ୍‌ରେ ପହଞ୍ଚିଥିଲେ। ୩୦ ଏପ୍ରିଲ୍‌ରୁ ୨ ମେ ଯାଏ ସ୍ଥାନୀୟ ସରକାରୀ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିଲେ। ରିପୋର୍ଟ ପଜିଟିଭ୍ ଆସିବାରୁ ସେମାନଙ୍କୁ ବ୍ରହ୍ମପୁର କୋଭିଡ୍ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଥିଲା।

**୭ ଆକ୍ରାନ୍ତଙ୍କ ଟ୍ରାଭେଲ ହିଷ୍ଟ୍ରି**

## ଫେରିଲେ ୨୭ ଜିଲାର ୧୨୧୦ ପ୍ରବାସୀ ଓଡ଼ିଆ

**କଟଣୀ, ୪।୫(ଡି.ଏନ୍.ଏ.)**

ବେଙ୍ଗାଲୁରୁରୁ ପ୍ରବାସୀ ଓଡ଼ିଆଙ୍କୁ ନେଇ ଦ୍ୱିତୀୟ ସ୍ୱତନ୍ତ୍ର ଟ୍ରେନ୍ ସୋମବାର ଖୋର୍ଦ୍ଧାରୋଡ ଷ୍ଟେଶନରେ ପହଞ୍ଚିଛି। ୨୭ଟି ଜିଲାର ୧୨୧୦ଜଣଙ୍କୁ ନେଇ ଏହି ଟ୍ରେନ୍ ପୂର୍ବାହ୍ନ ୯ଟା ୧୫ ମିନିଟ୍‌ରେ ଏଠାରେ ପହଞ୍ଚିଥିଲା। ଷ୍ଟେଶନରେ ସମସ୍ତ ପ୍ରବାସୀ ଓଡ଼ିଆଙ୍କୁ ସ୍ୱାଗତ କରାଯିବା ସହ ବିଭିନ୍ନ ପ୍ରକ୍ରିୟା ଦେଇ ବସ୍ ପର୍ଯ୍ୟନ୍ତ ଅଣାଯାଇଥିଲା। ଷ୍ଟେଶନ ବାହାରେ ହୋଇଥିବା ଅସ୍ଥାୟୀ ଟେଣ୍ଟ ଓ କାଉଣ୍ଟରଗୁଡ଼ିକରେ ଥର୍ମାଲ ସ୍କ୍ରିନିଂ, ପଞ୍ଜୀକରଣ, ହାତରେ ଅଲିଭା କାଳି (ଷ୍ଟାମ୍ପିଙ୍ଗ୍) ଆଦି ବିଭିନ୍ନ ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା। ଏହି ସ୍ୱତନ୍ତ୍ର ଟ୍ରେନ୍‌ରେ ବାଲେଶ୍ୱର ଜିଲାର ସର୍ବାଧିକ ୨୭୨ଜଣ ଫେରିଛନ୍ତି। ସେହିପରି ଅନୁଗୋଳ ୭, ବଲାଙ୍ଗୀର ୨, ବରଗଡ଼ ୨, ଭଦ୍ରକ ୧୦୨, କଟକ ୮୧, ଦେଓଗଡ଼ ୪, ଢେଙ୍କାନାଳ ୨୫, ଗଜପତି ୧, ଗଞ୍ଜାମ ୯୮, ଜଗତ୍‌ସିଂହପୁର ୨୩, ଯାଜପୁର ୧୦୦, ଝାରସୁଗୁଡ଼ା ୩, କଳାହାଣ୍ଡି ୨୮, କନ୍ଧମାଳ ୯, କେନ୍ଦ୍ରାପଡ଼ା ୧୨୭, କେନ୍ଦୁଝର ୫୦, ଖୋର୍ଦ୍ଧା ୬୨, ମାଲକାନଗିରି ୪, ମୟୂରଭଞ୍ଜ ୯୬, ନବରଙ୍ଗପୁର ୮, ନୟାଗଡ଼ ୧୦, ପୁରୀ ୬୬, ରାୟଗଡ଼ା ୨, ସମ୍ବଲପୁର ୪, ସୁବର୍ଣ୍ଣପୁର ୨ ଓ ସୁନ୍ଦରଗଡ଼ ଜିଲାର ୨୨ଜଣ ଫେରିଛନ୍ତି। ରେଳଷ୍ଟେଶନରେ କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନିଲ କୁମାର ସାମଲ, ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତ, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଭୁବନେଶ୍ୱର ଡିସିପି ଅନୁପ ସାହୁ ପ୍ରମୁଖ ଉପସ୍ଥିତ ରହି ଏହି ପ୍ରବାସୀ ଓଡ଼ିଆମାନଙ୍କୁ ସେମାନଙ୍କ ଜିଲାକୁ ପଠାଇଥିଲେ। ସୂଚନାଯୋଗ୍ୟ, କେରଳରୁ ୧୧୫୦ ଜଣଙ୍କୁ ନେଇ ପ୍ରଥମ ସ୍ୱତନ୍ତ୍ର ଟ୍ରେନ୍ ରବିବାର ଖୋର୍ଦ୍ଧାରୋଡ ଓ ବ୍ରହ୍ମପୁର ନିକଟ ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଥିଲା।

**ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ପହଞ୍ଚିଲା ଦ୍ୱିତୀୟ ସ୍ୱତନ୍ତ୍ର ଟ୍ରେନ୍**

## 'ଜୀବନ ଦେବୁ ପଛେ ବନ୍ଦ କରାଇ ଦେବୁନି'

**ପୁରୀ ଅଫିସ, ୪।୫**



ଶହ ଶହ ବର୍ଷ ଧରି ଶ୍ରୀକ୍ଷେତ୍ରରେ ପାଳିତ ହୋଇଆସୁଛି ଯମୁନା ଗାଧୁଆ ପରମ୍ପରା। ମାତ୍ର ଏହାକୁ ବନ୍ଦ କରିବା ଲାଗି ପ୍ରଶାସନିକ ଷଡ଼ଯନ୍ତ୍ର ହେଉଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହାକୁ ବିରୋଧକରି ସୋମବାର ଅଞ୍ଚଳବାସୀ ମଙ୍ଗଳାଘାଟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜୀବନ ଦେବୁପଛେ, କିନ୍ତୁ ଯମୁନା ଗାଧୁଆ ପରମ୍ପରା ବନ୍ଦ କରାଇଦେବୁ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଶ୍ରୀକୃଷ୍ଣଙ୍କ ଜନ୍ମରାତ୍ରରୁ ତା' ପରଦିନ ଅର୍ଥାତ ଦୁଇଦିନ ଧରି ଯମୁନା ଗାଧୁଆ ପରମ୍ପରା ଚାଲେ। ମଙ୍ଗଳା ନଦୀ ବା ଯମୁନା ନଦୀ କୂଳରେ ଏହି ଉତ୍ସବ ପାଳନ କରାଯାଏ। ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମ ନୀତି ପରେ ଯମୁନା ନଦୀରେ ନନ୍ଦୋତ୍ସବ ପାଳନ ହୋଇଥାଏ। ଏହି ସମୟରେ ସାତସାହି ବୟାଳିଶ କନ୍ଦିରୁ ତଥା ପଞ୍ଚକୋଶରୁ ବହୁ ଭକ୍ତଙ୍କ ସମାଗମ ହୁଏ। ଏଥିସହ ନାଗାମେଢ, ବାଡ଼ି ଖେଳ, ଲଉଡ଼ି ଖେଳ, ସମରକଳା, ଗୋଟିପୁଅ ନୃତ୍ୟ ଆଦି ପରିବେଷଣ କରାଯାଏ। ପାଲା, ଦାସକାଠିଆ, ସଂକୀର୍ତ୍ତନ ମଧ କରାଯାଏ।

ଐତିହାସିକ ତଥ୍ୟ ଅନୁଯାୟୀ, ନନ୍ଦୋତ୍ସବ ସହ ଶ୍ରୀମନ୍ଦିର ଆକ୍ରମଣ ସମୟରେ ମହାପ୍ରଭୁଙ୍କୁ ବିଭିନ୍ନ ସମୟରେ ମଙ୍ଗଳା ଘାଟରେ ମଙ୍ଗଳା ନଦୀ ପାର ହୋଇ ଅନେକ ଜାଗାକୁ ନିଆଯାଇଥିଲା। ୧୨୦୦ ମସିହାରେ ଏହି ନଦୀର ଅବସ୍ଥିତି ଥିଲା ଏବଂ ଏଠାରେ ମଙ୍ଗଳା ମନ୍ଦିର ଥିବା ଜଣାଯାଏ। ୨୦୦ ବର୍ଷ ପୂର୍ବେ ପ୍ରସିଦ୍ଧ ଯୋଗୀ ତୋତାପୁରୀ ମହାରାଜ ବା ଲଙ୍ଗୁଳି ବାବା ପୁରୀର ଗିରିନାରୀବନ୍ତଠାରେ ତପସ୍ୟା କରି ସିଦ୍ଧି ଲାଭ କରିବା ପରେ ମଙ୍ଗଳା ନଦୀକୁ ଯମୁନା ନଦୀ ବୋଲି ଆସ୍ଥା ଓ ବିଶ୍ୱାସ ପ୍ରକଟ କରିଥିଲେ। ସେ ପ୍ରଥମେ ଜନ୍ମାଷ୍ଟମୀରେ ଏହି ନଦୀକୁ ଯମୁନା ଭାବି ସ୍ନାନ କରିଥିବାରୁ ସେହି ବିଧି ବର୍ତ୍ତମାନ ସୁଦ୍ଧା ପ୍ରଚଳିତ ରହିଛି। ଏହାକୁ ଏକ ପ୍ରାଚୀନ କୀର୍ତ୍ତିରାଜି ଭାବେ ସରକାର ଘୋଷଣା କରି ଏହାର ଇତିହାସ ତିନୋଟି ଭାଷାରେ ଲେଖି ଏକ ସାଇନ୍‌ବୋର୍ଡ ମଧ ଲଗାଇଛନ୍ତି। ପରମ୍ପରା ଅନୁଯାୟୀ ଯମୁନା ଗାଧୁଆକୁ ବନ୍ଦ କରାଯାଇପାରିବ ନାହିଁ। ଗଜପତି ମହାରାଜା ଘାଟ ମଙ୍ଗଳା ଠାକୁରାଣୀଙ୍କ ପାଇଁ ସ୍ୱତନ୍ତ୍ର ଖଞ୍ଜା କରାଇଥିଲେ ଓ ଘାଟରେ ପାରି ହେବା ଲାଗି ଏକ ଚଉତରା ନିର୍ମାଣ କରିଥିଲେ, ଯାହା ରାଣୀ ଚଉତରା ନାମରେ ଖ୍ୟାତ ଥିଲା। ଏବେ ଏହି ମହାନ ପରମ୍ପରାକୁ ବନ୍ଦ କରିବା ଲାଗି ଷଡ଼ଯନ୍ତ୍ର କରାଯାଉଛି। ଏହି ଜାଗାକୁ ଏକ ଫାଉଣ୍ଡେଶନକୁ ହସ୍ତାନ୍ତର କରିବା ଲାଗି ଯୋଜନା ହୋଇଛି। କିନ୍ତୁ ସେମାନେ ଜୀବନ ଦେବେ ପଛେ, ହେଲେ ଏହି ପରମ୍ପରାକୁ ବନ୍ଦ କରାଇଦେବେ ନାହିଁ ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସ୍ଥାନୀୟ ଅଞ୍ଚଳବାସୀ ଜଣାଇଛନ୍ତି।

**ଯମୁନା ଗାଧୁଆ ପରମ୍ପରା ବନ୍ଦ ଷଡ଼ଯନ୍ତ୍ରକୁ ବିରୋଧ**

## ସଂକ୍ଷେପରେ

### କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ୩ ଗାଁ ୧୧ ଗାଁକୁ ବଫର ଜୋନ ଘୋଷଣା କଲେ ଜିଲାପାଳ

**ହାଟଡିହୀ, ୪।୫(ଡି.ଏନ.ଏ.):** କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡିହୀ ବ୍ଲକ ପଞ୍ଚୁଗୋଛିଆ ପଞ୍ଚାୟତ ହୀରାପୁର ଗ୍ରାମରେ ରବିବାର ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସେ ମାସକ ପୂର୍ବେ କଲିକତାରୁ ଫେରିଥିଲେ। କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଜିଲାପାଳ ଆଶିଷ ଠାକରେ ହୀରାପୁର, ମୁଗୁପୁର, ସର୍ବେଶ୍ୱରପୁର ଗ୍ରାମକୁ ରବିବାର ସନ୍ଧ୍ୟା ୬ଟାରୁ ଆସନ୍ତା ୪୮ ଘଣ୍ଟା ପାଇଁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିଛନ୍ତି। ପଞ୍ଚୁଗୋଛିଆ ପଞ୍ଚାୟତର ୮ ଟି ଗ୍ରାମ ଓ ପଞ୍ଚୁଗୋଛିଆ ପଞ୍ଚାୟତକୁ ଲାଗିଥିବା ବଞ୍ଚୋ ପଞ୍ଚାୟତର ୩ଟି ଗ୍ରାମକୁ ବଫର ଜୋନ ଭାବେ ଘୋଷଣା କରିଛନ୍ତି। କଣ୍ଟେନମେଣ୍ଟ ଜୋନର ୬ଟି ପ୍ରବେଶ ପଥକୁ ସିଲ୍ କରାଯାଇଛି। ବ୍ଲକ ଓ ଉପଖଣ୍ଡର ଅଧିକାରୀଙ୍କୁ ନେଇ ଗଠିତ ଟିମ୍ ବିଭିନ୍ନ ଦାୟିତ୍ୱରେ ରହିଥିବା ବେଳେ ସ୍ୱାବ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଛି।

### ଲକ୍ଷ୍ମୀ ନୃସିଂହ ଯାତ୍ରା ବନ୍ଦ ନିର୍ଦ୍ଦେଶ

**ହିଞ୍ଜିଳିକାଟୁ,୪।୫(ଡ଼ି.ଏନ୍.ଏ.):** ହିଞ୍ଜିଳିକାଟୁରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଲକ୍ଷ୍ମୀ ନୃସିଂହ ଯାତ୍ରାକୁ ଚଳିତ ବର୍ଷ କରୋନା ପାଇଁ ବନ୍ଦ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ କରାଯାଇଛି। ଏ ନେଇ ଏକ ବୈଠକ ରବିବାର ସନ୍ଧ୍ୟାରେ ମ୍ୟୁନିସିପାଲିଟି ଅଫିସରେ ଅନୁଷ୍ଠିତ ହୋଇଥିଲା। ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସାହୁଙ୍କ ଅଧକ୍ଷତାରେ ତହସିଲଦାର ଗୋପୀନାଥ କୁଅଁର, କେଉଟ ବାଡ଼ ଯାତ୍ରା କମିଟି ସଭାପତି ଭୀମସେନ ବେହେରା, ରଙ୍ଗଣୀ ବାଡ଼ ଯାତ୍ରା କମିଟି ସଭାପତି ବଂଶୀଧର ସାହୁ, ଦେବେନ୍ଦ୍ର ସାହୁ, ମାନସ ବେହେରା, ରାଜେନ୍ଦ୍ର ସାହୁ ଓ ଅରୁଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

### ସମୁଦ୍ରରେ ଡଙ୍ଗା ବୁଡ଼ି ମସ୍ୟଜୀବୀ ମୃତ, ଜଣେ ନିଖୋଜ

**ବାହାନଗା,୪।୫(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ଇଞ୍ଚୁଡି ଗ୍ରାମର ୭ ଜଣ ମସ୍ୟଜୀବୀ ଶୁକ୍ରବାର ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଥିବା ବେଳେ ଝଡ଼ ତୋଫାନ ଯୋଗୁ ଡଙ୍ଗା ବୁଡ଼ି ଯାଇଥିଲା। ସେଦିନ ୫ଜଣଙ୍କୁ ଅନ୍ୟ ମସ୍ୟଜୀବୀମାନେ ପାଣିରୁ ଉଦ୍ଧାର କରିଥିବା ବେଳେ ୨ ଜଣଙ୍କ ପତ୍ତା ମିଳି ନ ଥିଲା। ସୋମବାର ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ନାମ ଗୌରାଙ୍ଗ ଦଳେଇ(୫୫)। ନିଖୋଜ ମସ୍ୟଜୀବୀ ହେଲେ ସନ୍ତୋଷ ମଳିକ।

### କ୍ୱାରାଣ୍ଟାଇନ କେନ୍ଦ୍ରକୁ ଯାଉଛନ୍ତି ସମ୍ପର୍କୀୟ

**ପାଟପୁର,୪।୫:** ସାନଖେମୁଣ୍ଡି ବ୍ଲକକୁ ପ୍ରାୟ ୯୦୦ ଶ୍ରମିକ ବସ ଯୋଗେ ରବିବାର ଓ ସୋମବାର ସୁରଟରୁ ଫେରିଛନ୍ତି। ସେମାନଙ୍କୁ ବ୍ଲକର ୧୩ଟି କ୍ୱାରାଣ୍ଟାଇନ କେନ୍ଦ୍ରରେ ରଖାଯାଇଛି। ମାତ୍ର ବହୁ କେନ୍ଦ୍ରରେ କ୍ୱାରାଣ୍ଟାଇନ୍ ନିୟମ ଉଲ୍ଲଙ୍ଘନ ହେଉଥିବା ଜଣାପଡିଛି। ପ୍ରବାସୀ ଶ୍ରମିକ ଯେତିକି ଚିନ୍ତା ବଢାଉ ନାହାନ୍ତି ତା'ଠାରୁ ଅଧିକ ଚିନ୍ତା ବଢାଉଛନ୍ତି ସେମାନଙ୍କ ସମ୍ପର୍କୀୟ। ପ୍ରବାସୀ ମାନଙ୍କ ସହ ସମ୍ପର୍କୀୟଙ୍କୁ ମିଶାଇବା ଓ ବିଭିନ୍ନ ସାମଗ୍ରୀ ପ୍ରଦାନ କରିବାରେ ସ୍ଥାନୀୟ କେତେକ କୁଜିନେତା ସହଯୋଗ କରୁଛନ୍ତି। ସେମାନେ ବିନା ମାସ୍କରେ କେନ୍ଦ୍ରରେ ପ୍ରବେଶ କରି ଏହିସବୁ କାର୍ଯ୍ୟ କରୁଛନ୍ତି।

# ୨ ଦିନରେ ଟ୍ରେନ୍‌ରେ ଗଞ୍ଜାମ ଆସିଲେ ୫,୫୦୩ ପ୍ରବାସୀ

- କେରଳରୁ ୨, ସୁରଟରୁ ୪ ଟ୍ରେନ ଆସିଲାଣି
- ୩ ଟ୍ରେନ ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିବ ଆଜି

**ଛତ୍ରପୁର,୪।୫(ଡି.ଏନ୍.ଏ.)**

କେରଳ ଓ ସୁରଟରୁ ଗତ ୨ଦିନ ହେଲା ସ୍ୱତନ୍ତ୍ର ଟ୍ରେନ ଯୋଗେ ପ୍ରବାସୀ ଓଡ଼ିଆମାନେ ରାଜ୍ୟକୁ ଫେରୁଛନ୍ତି। ରବିବାର କେରଳ ଓ ସୁରଟରୁ ଗୋଟିଏ ଲେଖାଏ ଟ୍ରେନ ଆସିଥିବା ବେଳେ ସୋମବାର କେରଳରୁ ଗୋଟିଏ ଏବଂ ସୁରଟରୁ ୩ଟି ଟ୍ରେନ ଆସି ଗଞ୍ଜାମ ଜିଲା ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଥିଲା। କେରଳରୁ ଆସୁଥିବା ଟ୍ରେନ ଖୋର୍ଦ୍ଧାରୋଡ଼ ଷ୍ଟେଶନ ପର୍ଯ୍ୟନ୍ତ ଯାଉଛି। ଜଗନ୍ନାଥପୁର ଷ୍ଟେଶନରେ ଗଞ୍ଜାମ ସମେତ ଦକ୍ଷିଣ ଓଡିଶାର ବିଭିନ୍ନ ଜିଲାର ଲୋକେ ଓହ୍ଲାଉଛନ୍ତି। ରବିବାର ଗଞ୍ଜାମ ଜିଲାକୁ ଟ୍ରେନ ଯୋଗେ ୧,୩୨୪ ଓ ସୋମବାର ୪,୧୭୯ ପ୍ରବାସୀ ଓଡ଼ିଆ ଆସିଛନ୍ତି। ଦୁଇ ଦିନରେ ମୋଟ ୫,୫୦୩ ଜଣ ଜିଲାକୁ ଆସିଛନ୍ତି। ମଙ୍ଗଳବାର ସୁରଟରୁ ଆଉ ୩ଟି ଟ୍ରେନରେ ଜିଲାକୁ ଲୋକେ ଫେରିବେ ବୋଲି ସୂଚନା ମିଳିଛି।

ସୋମବାର ସକାଳ ସାଢ଼େ ୫ଟାରେ କେରଳ ଏର୍ନାକୁଲମ- ଖୋର୍ଦ୍ଧାରୋଡ୍ ସ୍ପେଶାଲ ଟ୍ରେନ୍ ଜଗନ୍ନାଥପୁର ଜଙ୍କସନ୍‌ରେ ପହଞ୍ଚିଥିଲା । ଏଥିରେ ୧୯ଟି ଜିଲାର ୧,୧୬୧ ଜଣ ପ୍ରବାସୀ ଓଡିଆ ଆସଥିଲେ। ସେମାନଙ୍କ ମଧ୍ୟରୁ ୬୨୬ ଜଣ କେବଳ ଗଞ୍ଜାମ ଜିଲାର। ଷ୍ଟେଶନରେ ସମସ୍ତଙ୍କ ସ୍କ୍ରିନିଂ ପରେ ୪୧ଟି ବସ୍ ଯୋଗେ ଜିଲାର ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଯାଇଥିଲା। ସେହିପରି ମଧ୍ୟାହ୍ନ ୧୨ଟା ୪୦ରେ ସୁରଟରୁ ଆସି ପହଞ୍ଚିଥିବା ଟ୍ରେନରେ ଗଞ୍ଜାମ ଜିଲାର ୧,୧୮୮ ଜଣ ଆସିଥିଲେ। ସେଥିମଧ୍ୟରେ ବେଗୁନିଆପଡାର ୧୭୩, ବୁଗୁଡାର ୬୩, ଧରାକୋଟର ୩୩୬, ଜଗନ୍ନାଥପ୍ରସାଦର ୫୪, କବିସୂର୍ଯ୍ୟନଗରର ୧୬୨, ଖଲ୍ଲିକୋଟର ୫୪, କୁକୁଡାଖଣ୍ଡିର ୬୧, ପୋଲସରାର ୧୭୭, ପୁରୁଷୋତ୍ତମପୁର ଓ ସାନଖେମୁଣ୍ଡିର ୫୪ ଜଣ ଲେଖାଏଁ ରହିଥିଲେ। ସ୍କ୍ରିନିଂ ପରେ ସେମାନଙ୍କୁ ନିଜ ନିଜ ଅଞ୍ଚଳର କ୍ୱାରାଣ୍ଟାଇନ୍ ସେଣ୍ଟରକୁ ବସ ଯୋଗେ ପଠାଯାଇଥିଲା ।

ସେହିପରି ଅପରାହ୍ନ ୪ଟା ୨୮ରେ ପହଞ୍ଚିଥିବା ଟ୍ରେନରେ ୧,୨୪୩ ଜଣ ଆସିଥିବା ବେଳେ ସେମାନଙ୍କ ମଧ୍ୟରୁ ୧,୧୬୫ ଜଣ ଗଞ୍ଜାମ ଜିଲାର। ସେଥିମଧ୍ୟରେ ଆସିକାର ୫୧, ବେଗୁନିଆପଡାର ୧୮୭, ବେଲଗୁଣ୍ଠାର ୪୨, ଭଞ୍ଜନଗରର ୧୨, ବୁଗୁଡାର ୫୧, ଛତ୍ରପୁରର ୯, ଚିକିଟିର ୧୩, ଧରାକୋଟର ୭୯, ଦିଗପହଣ୍ଡିର ୧୧, ଗଞ୍ଜାମର ୨୧, ହିଞ୍ଜିଳିର ୨୦, ଜଗନ୍ନାଥପ୍ରସାଦର ୧୮, କବିସୂର୍ଯ୍ୟନଗରର ୧୧୨, ଖଲିକୋଟର ୨୧୦, କୁକୁଡାଖଣ୍ଡିର ୧୪, ପାତ୍ରପୁରର ୨୪ ଜଣ, ପୋଲସରାର ୭୫, ପୁରୁଷୋତ୍ତମପୁରର ୧୨୦, ରଙ୍ଗେଇଲୁଣ୍ଡାର ୧୯, ସାନଖେମୁଣ୍ଡିର ୨୩, ଶେରଗଡର ୨୬ ଓ ସୋରଡାର ୨୮ ଜଣ ରହିଛନ୍ତି। ୩୮ଟି ବସ ଯୋଗେ ସେମାନଙ୍କୁ ନିଜ ନିଜ ଅଞ୍ଚଳର କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଯାଇଥିଲା। ସେହିପରି ରାତି ୮ଟା ୩୫ରେ ପହଞ୍ଚିଥିବା ଟ୍ରେନରେ ଜିଲାର ୧୨୦୦ ଜଣ ଆସିଥିବା ସୂଚନା ମିଳିଛି। ତେବେ କେଉଁ ବ୍ଲକକୁ କେତେଜଣ ଆସିଛନ୍ତି, ରିପୋର୍ଟ ଲେଖାଯିବା ସୁଦ୍ଧା ତାହା ଜଣାପଡିନାହିଁ। ବାହାର ରାଜ୍ୟ ଫେରନ୍ତାମାନଙ୍କୁ ମାସ୍କ ଓ ଖାଦ୍ୟ ପୁଡିଆ ପ୍ରଦାନ କରାଯାଇଛି । ପ୍ରଶାସନ ପକ୍ଷରୁ ଷ୍ଟେଶନରେ ୧୨ଟି ସ୍କ୍ରିନିଂ ସେଣ୍ଟର ଖୋଲାଯାଇ ସମସ୍ତଙ୍କ ଥର୍ମାଲ ସ୍କିନିଂ ପରେ କ୍ୱାରାଣ୍ଟାଇନ ସେଣ୍ଟରକୁ ପଠାଯାଉଛି । ପ୍ରତି ଟିମ୍‌ରେ ଡାକ୍ତରଙ୍କ ସହ ୭ ଜଣିଆ ସଦସ୍ୟ ରହି ଘରବାହୁଡାଙ୍କ ସ୍କିନିଂ କରୁଛନ୍ତି। ଷ୍ଟେଶନରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଏସପି ବ୍ରିଜେଶ କୁମାର ରଏ, ଡିଆଇଜିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ବ୍ରହ୍ମପୁର ଉପଜିଲାପାଳ ସିଦ୍ଧେ ଦତାତ୍ରେୟ ଭାଉସାହେବ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟିଙ୍କ ସମେତ ଆରପିଏଫ୍, ଜିଆରପିଏଫ୍, ପୋଲିସ ଉପସ୍ଥିତ ଥିଲେ।



ସାମାଜିକ ଦୂରତା ରଖି ଲୋକେ ଆସିବାକୁ ଅପେକ୍ଷା କରିଛନ୍ତି।

# ବଢ଼ିଲା ୨, ଛୁଇଁଲା ୨୧

## ଭଦ୍ରକରେ କମୁନି କରୋନା

**ଭଦ୍ରକ ଅଫିସ, ୪।୫**

ଭଦ୍ରକ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ବଢି ଚାଲିଛି। ସୋମବାର ଆଉ ୨ ପଜିଟିଭ ଚିହ୍ନଟ ହେବା ପରେ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି। ଏଥିମଧ୍ୟରୁ ପର୍ଯ୍ୟାୟକ୍ରମେ ୧୨ଜଣ ସୁସ୍ଥ ହୋଇ ଘରକୁ ଫେରିଲେଣି। ଦୁଇ ନୂଆ ସଂକ୍ରମିତ ଧାମନଗର ଓ ବାସୁଦେବପୁର ବ୍ଲକ ଅଞ୍ଚଳର ବୋଲି ଜଣାପଡ଼ିଛି। ଆକ୍ରାନ୍ତଙ୍କ ମଧ୍ୟରୁ ୩ ଜଣଙ୍କୁ ବାଦ୍ ଦେଲେ ୧୮ ଜଣଙ୍କ କୋଲକାତା ଲିଙ୍କ୍ ଥିବା ସ୍ପଷ୍ଟ ହୋଇଛି। ସମୁଦାୟ ୨୧ଟି ପଞ୍ଚାୟତ ମଧ୍ୟରୁ ଭଣ୍ଡାରିପୋଖରୀ ବ୍ଲକର ୨ଟି ପଞ୍ଚାୟତକୁ ସୋମବାର ପ୍ରଶାସନ କଣ୍ଟେନମେଣ୍ଟ ମୁକ୍ତ ଘୋଷଣା କରିଛି। ଅପରାହ୍ନରେ ୨ଟି ରୋଗୀ ଚିହ୍ନଟ ହେବା ପରେ ଧାମନଗର ବ୍ଲକର ସାହସପୁର ପଞ୍ଚାୟତକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସେହିଭଳି ବାସୁଦେବପୁର ବ୍ଲକର ନୂଆ କରୋନା ପଜିଟିଭ ଜଣକ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷିତ ପଞ୍ଚାୟତର ବୋଲି ଜଣାପଡ଼ିଛି। ଏହି ପଞ୍ଚାୟତର ସମସ୍ତ ପ୍ରବେଶ ପଥକୁ ସିଲ୍ କରିବା ପାଇଁ ପ୍ରଶାସନ ନିର୍ଦ୍ଦେଶନାମା ଜାରି କରିଛି। ଏହି ପଞ୍ଚାୟତକୁ ମିଶାଇ ରିପୋର୍ଟ ଲେଖାସୁଦ୍ଧା ୨୦ଟି ପଞ୍ଚାୟତରେ କଣ୍ଟେନ୍‌ମେଣ୍ଟ କଟକଣା ବଳବତ୍ତର ରହିବ ବୋଲି କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ଭଦ୍ରକ ବ୍ଲକର ୩ଜଣ, ଧାମନଗର ବ୍ଲକରୁ ୩ ଜଣ, ଭଣ୍ଡାରିପୋଖରୀ ବ୍ଲକର ୨ ଜଣ, ତିହିଡ଼ିରୁ ୨, ବନ୍ତରୁ ଜଣେ, ବାସୁଦେବପୁରରୁ ୧୦ ଜଣ ଏହିଭଳି ମୋଟ ୨୧ ଜଣ ଚିହ୍ନଟ ହୋଇସାରିଥିବା ବେଳେ କେବଳ ଚାନ୍ଦବାଲି ବ୍ଲକକୁ କରୋନା ଛୁଇଁ ନ ଥିବା ଜଣାପଡ଼ିଛି। ଅପରପକ୍ଷରେ ଜିଲା ପ୍ରଶାସନର ସୂଚନା ମୁତାବକ ସୋମବାର ସୁଦ୍ଧା ସରକାରୀ ଭାବେ ୫୮୪ଜଣ ବହିରାଗତ ପ୍ରବାସୀ ଓଡ଼ିଆ ଜିଲାକୁ ଆସିଥିବା ଜଣାପଡ଼ିଛି। ଏଥିମଧ୍ୟରୁ ସୁରଟରୁ ୪୮୪, କେରଳରୁ ୯୮ ଓ କୋଲକାତାରୁ ଜଣେ ଫେରିଥିବା ସୂଚନା ମିଳିଛି।

# ରାଜସ୍ଥାନ କୋଟାରୁ ଆସିଲେ ୩୯ ଛାତ୍ରୀଛାତ୍ର


ଛାତ୍ରୀଛାତ୍ରଙ୍କ ସ୍କ୍ରିନିଂ କରାଯାଉଛି।

## ହୋମ୍‌କ୍ୱାରାଣ୍ଟାଇନ୍‌କୁ ପଠାଇଲା ପ୍ରଶାସନ

**ବ୍ରହ୍ମପୁର ଅଫିସ,୪।୫**

ରାଜସ୍ଥାନ କୋଟାରେ ଇଞ୍ଜିନିୟରିଂ ଓ ମେଡିକାଲ ପରୀକ୍ଷା ଲାଗି କୋଚିଂ ନେଉଥିବା ୩୯ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ସୋମବାର ସନ୍ଧ୍ୟାରେ ଦୁଇଟି ବସ୍ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ ପରିସରରେ ପହଞ୍ଚିଛି। ସେମାନେ ପହଞ୍ଚିବା ପରେ ପୋଲିସ୍, ସ୍ୱାସ୍ଥ୍ୟ କର୍ମୀଙ୍କ ଉପସ୍ଥିତିରେ ସମସ୍ତଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା। ସମସ୍ତଙ୍କୁ ବ୍ରହ୍ମପୁରରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖା ଯାଇଥିବା ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଜଣାପଡିଛି ଯେ, ଏଠାରେ ରହିଲେ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ସୁବିଧା ହେବା ସହ ବ୍ରହ୍ମପୁର ମହାନଗର ପକ୍ଷରୁ ଉନ୍ମୋଚନ କରାଯାଇଥିବା ସ୍ୱାସ୍ଥ୍ୟ ଆପ୍ ଏମାନଙ୍କ ଉପରେ ନଜର ରଖିବ ।

# ଖାସି ମୁଣ୍ଡ ପାଇଁ ଜୀବନ ହାରିଲେ ମହିଳା

**ପାଟଣା,୪।୫(ସ୍ୱ.ପ୍ର.)**

ଖାସି ମୁଣ୍ଡ କିଣି ନ ଆଣିବାରୁ ରବିବାର ବିଳମ୍ବିତ ରାତିରେ ଜଣେ ମହିଳା ଆତ୍ମହତ୍ୟା କରିବା ଘଟଣା କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମୃତକ ହେଲେ ପାର୍ବତୀ ମୁଣ୍ଡା। ସାହାରପଡା ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୩/୨୦) ରୁଜୁ ହୋଇଛି। ପାର୍ବତୀଙ୍କ ସ୍ୱାମୀ ୩ ବର୍ଷ ତଳେ ଭଦ୍ରକ ଅଞ୍ଚଳରେ ଦ୍ୱିତୀୟ ବିବାହ କରି ସେଠାରେ ରହୁଛନ୍ତି। ମହିଳା ଜଣକ ନିଜ ୩ ପିଲା ଓ ଦିଅରଙ୍କ ସହ ରହୁଥିଲେ। ରବିବାର ସାହାରପଡା ସାପ୍ତାହିକ ହାଟରୁ ଏକ ଖାସି ମୁଣ୍ଡ କିଣି ଆଣିବାକୁ ପାର୍ବତୀ ତାଙ୍କ ଦିଅରଙ୍କୁ ଟଙ୍କା ଦେଇ ପଠାଇଥିଲେ। ହେଲେ ଖାସି ମୁଣ୍ଡ ନ ମିଳିବାରୁ ସେ ଘରକୁ ଫେରି ଆସିଥିଲେ। ପରେ ପାର୍ବତୀ ନିଜେ ବଜାରକୁ ଯାଇ ମାଛ ଆଣି ତରକାରୀ କରିଥିଲେ। ଏହି ଘଟଣାକୁ ନେଇ ଉଭୟ ଦିଅର ଓ ଭାଉଜଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ପାର୍ବତୀ ଉତ୍‌କ୍ଷିପ୍ତ ହୋଇ ରାତିରେ ଘରୁ ଚାଲି ଯାଇଥିଲେ। ସକାଳେ ସେ ଘର ପଛ ପାର୍ଶ୍ୱରେ ଏକ ନିମ୍ବ ଗଛରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଘରଲୋକ ଦେଖିଥିଲେ।

# ସୁରଟରୁ ଆସିବା ବାଟରେ ପ୍ରସବ

**ଭଦ୍ରକ ଅଫିସ, ୪।୫**

ସୁରଟରୁ ଭଦ୍ରକ ତିହିଡ଼ି ଅଞ୍ଚଳକୁ ସ୍ୱତନ୍ତ୍ର ବସ୍ ଯୋଗେ ଆସୁଥିବା ୫୨ଜଣ ପ୍ରବାସୀଙ୍କ ମଧ୍ୟରେ ଥିବା ଜଣେ ଗର୍ଭବତୀ ବାଟରେ ସନ୍ତାନ ପ୍ରସବ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପ୍ରବାସୀମାନେ ରବିବାର ସନ୍ଧ୍ୟାରେ ବସ୍‌ରେ ଫେରୁଥିବା ବେଳେ ନାଗପୁରଠାରେ ଉକ୍ତ ମହିଳାଙ୍କର ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। କୌଣସି ଉପାୟ ନ ପାଇ ମହିଳା ଜଣକ ତାଙ୍କ ସ୍ୱାମୀଙ୍କ ସହ ବସ୍‌ରୁ ଓହ୍ଲାଇ ପଡିଥିଲେ। ରାସ୍ତାକଡ଼ରେ ହିଁ ମହିଳା ଜଣକ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ସ୍ଥାନୀୟ ଲୋକେ ଏକ ଆମ୍ବୁଲାନ୍ସ ଡାକି ମହିଳା ଓ ନବଜାତକଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏହାପରେ ବସ୍ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ଛାଡ଼ି ଭଦ୍ରକ ଅଭିମୁଖେ ଆସିଥିଲା। ଦମ୍ପତି ହେଲେ ତିହିଡ଼ି କୁବେରା ଗାଁର ସୁଶାନ୍ତ ବେହେରା ଓ ସ୍ତ୍ରୀ ଲଳିଲତା ବଳ। ତାଙ୍କ ସନ୍ତାନ ସୁସ୍ଥ ଥିବା ଜଣାପଡ଼ିଛି। ଭଦ୍ରକ ଫେରିବା ପାଇଁ ଟଙ୍କା ନ ଥିବାରୁ ସେମାନେ ଭିଡିଓ ମାଧ୍ୟମରେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି।

# ଏମ୍‌କେସିଜିରେ ୩ କରୋନା ସନ୍ଦିଗ୍ଧ ଭର୍ତ୍ତି

**ବ୍ରହ୍ମପୁର ଅଫିସ,୪।୫**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ ସଂଗରୋଧ କକ୍ଷରେ ସୋମବାର ୩ କରୋନା ସନ୍ଦିଗ୍ଧ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ସ୍ୱାବ୍ ନମୂନା ସଂଗ୍ରହ କରାଯାଇ ମାଇକ୍ରୋବାୟୋଲୋଜି ବିଭାଗ ପରୀକ୍ଷା କେନ୍ଦ୍ର ଓ ଭୁବନେଶ୍ୱର ଆରଏମ୍‌ଆରସିକୁ ପଠାଯାଇଛି ବୋଲି ମେଡ଼ିକାଲ ଅଧୀକ୍ଷକ ଡାକ୍ତର ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ସନ୍ଦିଗ୍ଧମାନେ ଜଣେ ଆନ୍ଧ୍ରପ୍ରଦେଶର ହୋଇଥିବା ବେଳେ ଅନ୍ୟଜଣେ ଚେନ୍ନାଇରୁ ଆସାମ ଯାଉଥିବା ବ୍ୟକ୍ତି। ଯାହାଙ୍କ ଗାଡି ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହେବା ପରେ ସେ ଆହତ ହୋଇଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସରେ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ସେହିପରି ଅନ୍ୟଜଣେ ମହାରାଷ୍ଟ୍ରର ବୋଲି ଅଧୀକ୍ଷକ ସୂଚନା ଦେଇଛନ୍ତି। ବର୍ତ୍ତମାନ ମେଡିକାଲରେ ୩ ସନ୍ଦିଗ୍ଧ ରହିଥିବା ବେଳେ ପୂର୍ବରୁ ସେଠାରେ ଥିବା ୪ ଜଣଙ୍କ ସ୍ୱାବ୍ ପରୀକ୍ଷା ରିପୋର୍ଟ ନେଗେଟିଭ ଆସିଥିବାରୁ ସେମାନଙ୍କୁ ଡିସ୍‌ଚାର୍ଜ କରାଯାଇଛି ବୋଲି ସେ କହିଛନ୍ତି। ଅନ୍ୟପଟେ ସୁରଟ, କେରଳ ଓ ବାଙ୍ଗାଲୋରରୁ ହଜାର ହଜାର ପ୍ରବାସୀ ନିଜର ଘରକୁ ଫେରୁଛନ୍ତି। ସେମାନଙ୍କୁ ଜିଲାର ବିଭିନ୍ନ ସଂଗରୋଧ କକ୍ଷରେ ପ୍ରଶାସନ ତରଫରୁ ରଖାଯାଇଛି।

# ମାଲ୍ ଗାଡ଼ିରେ ଲୁଚି ପଳାଉଥିଲେ ୨୦ ଶ୍ରମିକ

**କେନ୍ଦୁଝର, ୪।୫(ଡି.ଏନ୍.ଏ./ସ୍ୱ.ପ୍ର.)**

ସାରା ଦେଶ ସମେତ ଓଡ଼ିଶାରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଆରମ୍ଭ ହୋଇଛି। ଏହାଫଳରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଫସି ରହିଥିବା ଶ୍ରମିକମାନେ କେନ୍ଦୁଝର ଜିଲା ଦେଇ ନିଜ ନିଜ ଗାଁକୁ ପଳାଇ ଯିବାକୁ ଉଦ୍ୟମ ଜାରି ରଖିଛନ୍ତି। ଏଭଳି ପରିସ୍ଥିତିରେ ସୋମବାରଠାରୁ ଲକ୍‌ଡାଉନ୍ ସାମାନ୍ୟ କୋହଳ ହେଉଥିବା ଜାଣି ଝାଡ଼ଖଣ୍ଡ ଓ ବିହାରର ୨୦ଜଣ ଶ୍ରମିକ ଗାଡ଼ି ନ ପାଇବାରୁ କେନ୍ଦୁଝରକୁ ଆସୁଥିବା ଏକ ମାଲବାହୀ ଟ୍ରେନରେ ଇଞ୍ଜିନ ଚାଳକଙ୍କ ଅଜାଣତରେ ଲୁଚି ପଳାଇ ଆସିଥିଲେ। ନରଶପୁରଠାରେ ମାଲବାହୀ ଟ୍ରେନ୍ ଅଟକିବା ଦେଖି ଶ୍ରମିକମାନେ କୌଶଳକ୍ରମେ ଟ୍ରେନରୁ ଓହ୍ଲାଇ ଷ୍ଟେଶନ ପଛପଟ ରାସ୍ତାରେ ପାର ହୋଇ ଚାଲି ଚାଲି କେନ୍ଦୁଝର ସହର ଆଡକୁ ଆସୁଥିବା ସମ୍ପର୍କରେ ପ୍ରଶାସନକୁ ଖବର ମିଳିଥିଲା। ପ୍ରଶାସନିକ ଅଧିକାରୀମାନେ ଖବରପାଇ ସେମାନଙ୍କୁ କେନ୍ଦୁଝର ତହସିଲ ଛକରେ ଅଟକ ରଖି ପଚରାଉଚରା କରିଥିଲେ। ଏହାପରେ ସମସ୍ତ ୨୦ଜଣ ଶ୍ରମିକଙ୍କୁ ଗମ୍ଭାରିଆଠାରେ କରାଯାଇଥିବା ସଙ୍ଗରୋଧ ଗୃହକୁ ପଠାଇ ଦିଆଯାଇଛି। ଏହି ଶ୍ରମିକମାନେ କେନ୍ଦୁଝର ବାଟ ଦେଇ ଚମ୍ପୁଆପଟେ ଝାଡ଼ଖଣ୍ଡ ରାଜ୍ୟକୁ ପଳାଇଯିବାକୁ ଚାହୁଁଥିଲେ ବୋଲି ଜଣାପଡ଼ିଛି। ଏ ବାବଦରେ ଜିଲା ପ୍ରଶାସନ ତରଫରୁ ଝାଡ଼ଖଣ୍ଡ ସରକାରଙ୍କୁ ଅବଗତ କରାଯାଇଛି, ସେଠାରୁ ସୂଚନା ଆସିଲେ ଶ୍ରମିକମାନଙ୍କୁ ଝାଡ଼ଖଣ୍ଡ ପଠାଯିବ ବୋଲି ଜଣାପଡିଛି।

# ଅଧାବାଟରୁ ଓହ୍ଲାଇ ପଳାଇଲେ ସୁରଟ ଫେରନ୍ତା

**ଭଦ୍ରକ ଅଫିସ, ୪।୫**

ସୁରଟରୁ ଫେରନ୍ତାଙ୍କ ମଧ୍ୟରୁ ୨୨ରୁ ଊର୍ଦ୍ଧ୍ୱ ଲୋକ ଭଦ୍ରକ ଜିଲା ବନ୍ତ ଛକ ନିକଟରେ ବସ୍‌ରୁ ଓହ୍ଲାଇ ପଳାଉଥିବା ବେଳେ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଲୋକେ ଅଟକାଇଛନ୍ତି। ଖବରଦାତାମାନେ ପହଞ୍ଚି ବସ୍‌କୁ ଅଟକାଇଥିଲେ। ସେହି ବସ୍‌ରେ ବାଲେଶ୍ୱର ଜିଲାର କେତେକ ଲୋକ ଥିବା ବେଳେ ଭଦ୍ରକ ଜିଲାର ୨୨ ଜଣ ଥିଲେ ବୋଲି ସୂଚନା ମିଳିଛି। ଭଦ୍ରକ ଟାଉନ ପୋଲିସ ବସ୍‌ର କାଗଜପତ୍ର ଯାଞ୍ଚ କରିବା ସହ ବସ୍‌କୁ ଏସ୍କଟ କରି ପୁଣି ଭଣ୍ଡାରିପୋଖରୀ ଆଇଟିଆଇକୁ ପଠାଇଛି। ତେବେ ବସ୍‌ରୁ ଓହ୍ଲାଇ ପଳାଇଥିବା ଲୋକଙ୍କୁ ପୋଲିସ ଖୋଜୁଛି। ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ଆଇଟିଆଇଠାରେ ହୋଇଥିବା ସଙ୍ଗରୋଧ ଗୃହରେ ଭଦ୍ରକ ଲୋକଙ୍କୁ ଛାଡ଼ିବା ପରେ ଅନ୍ୟ ଜିଲାକୁ ଏହି ବସ୍ ଯାଇଥାନ୍ତା। ସେଠାରେ ପ୍ରଶାସନ ଓ ପୋଲିସ ତରଫରୁ ବସ୍‌କୁ ଅଟକାଇବା ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ବସ୍‌ଟି ପଳାଇ ଆସିଥିବା ଯାତ୍ରୀ କହିଛନ୍ତି।

# ପୋଲିସ କବ୍‌ଜାରେ ଆନ୍ତଃ ରାଜ୍ୟ ଗ୍ୟାଙ୍ଗ

- ୨ ବାଇକ୍, ୨୦ ହଜାର ଟଙ୍କା ଜବତ
- ରିମାଣ୍ଡରେ ଆଣିବ ପୋଲିସ

**ବ୍ରହ୍ମପୁର ଅଫିସ,୪।୫**

ଦୀର୍ଘ ବର୍ଷ ଧରି ସହରରେ ବିଭିନ୍ନ ଥାନା ଇଲାକାରେ ମହିଳାଙ୍କ ବେକରୁ ହାର ଲୁଟି ନେଉଥିବା ଗ୍ୟାଙ୍ଗର ପୋଲିସ ପର୍ଦ୍ଦାଫାସ୍ କରିଛି। ୪ ଜଣିଆ ଗ୍ୟାଙ୍ଗ ମଧ୍ୟରୁ ପୋଲିସ ୩ ଜଣଙ୍କୁ ଆସିକା ଝଗଡ଼ାଇ ଅଞ୍ଚଳରୁ ରବିବାର ରାତିରେ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ ଫେରାର ଥିବା ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ ସୂଚନା ଦେଇଛନ୍ତି। ପୋଲିସ ସେମାନଙ୍କ ନିକଟରୁ ଘଟଣା ବେଳେ ଦୁଇଟି ବାଇକ୍ ଓ ୨୦ ହଜାର ଟଙ୍କା ଜବତ କରିଛି। ଅଭିଯୁକ୍ତମାନେ ହେଲେ ଆସିକା ଥାନା ଝଗଡ଼ାଇ ଅଞ୍ଚଳର ଏ. ଗଣେଶ ଦାସ, ଏ. ଦୁର୍ଗା ଦାସ ଓ ନରସିଂହ ଦାସ। ଅଭିଯୁକ୍ତମାନଙ୍କୁ ବଡ଼ବଜାର ଥାନା କେସ୍ ନଂ ୯୯/୨୦ରେ ସୋମବାର କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ଏରଗୁଲା ସମ୍ପ୍ରଦାୟର ହୋଇଥିବା ବେଳେ ସେମାନେ ରାଜ୍ୟ ଓ ବାହାରେ ମଧ୍ୟ ଏଭଳି କାଣ୍ଡ ଘଟାଇଥିବା ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ଏପରିକି କେରଳ ଓ ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ଏହି ଗ୍ୟାଙ୍ଗ ଲୁଟତରାଜ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଏପ୍ରିଲ ୨୬ ଅକ୍ଷୟ ତୃତୀୟା ଦିନ ବଡ଼ବଜାର ଥାନା ଅନ୍ତର୍ଗତ ଗଣପତି ନଗର ଅଞ୍ଚଳର ଏସ୍. ଭାଗ୍ୟଲକ୍ଷ୍ମୀ ମନ୍ଦିରରୁ ଫେରୁଥିବା ବେଳେ ଦୁଇଟି ବାଇକ୍‌ରେ ଆସି ୪ ଜଣ ଯୁବକ ତାଙ୍କ ବେକରୁ ହାର ଝାମ୍ପି ନେଇଥିଲେ। ପରେ ଥାନାରେ ଅଭିଯୋଗ ହୋଇଥିଲା।



ଗିରଫ ଆନ୍ତଃରାଜ୍ୟ ଲୁଟେରା।

# କରୋନା ଭୟ: ମୃତଦେହ ଛୁଇଁଲେନି ଗ୍ରାମବାସୀ

## ସ୍ୱେଚ୍ଛାସେବୀ, ଆତ୍ମୀୟସ୍ୱଜନ କଲେ ସଂସ୍କାର

**ସିମୁଳିଆ, ୪।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଜାମୁଝାଡି ପଞ୍ଚାୟତ ଖଟନଗର ଅଞ୍ଚଳରେ ରବିବାର ଅପରାହ୍ନରେ ମୃତ୍ୟୁ ହୋଇଥିବା ଶ୍ରୀଧର ଦଳାଇ(୫୦) ନାମକ ବ୍ୟକ୍ତିଙ୍କ ମୃତଦେହକୁ କରୋନା ଭୟରେ ଗ୍ରାମବାସୀ ନ ଛୁଇଁବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଫଳରେ ମୃତଦେହ ୨୦ଘଣ୍ଟା ପର୍ଯ୍ୟନ୍ତ ପଡିରହିଥିଲା। ସୋମବାର ଅପରାହ୍ନରେ ଶ୍ରୀଧରଙ୍କ ମୃତଦେହକୁ ତାଙ୍କ ବନ୍ଧୁବାନ୍ଧବ ଓ ପଞ୍ଚାୟତର ପ୍ରଶାନ୍ତ କୁମାର ପଣ୍ଡା, ଅକ୍ଷୟ ବିଶ୍ୱାଳ, ଶ୍ରୀଧର ମହାନ୍ତି, ଅମରେଶ ମହାକୁଡ ପ୍ରମୁଖ ସ୍ୱେଚ୍ଛାସେବୀ ଯୁବକଙ୍କ ସହଯୋଗରେ ଶବ ସଂସ୍କାର କରାଯାଇଥିଲା ।

କୋଲକାତାରୁ ଫେରିଥିବା ଶ୍ରୀଧରଙ୍କ ସ୍ୱାବ ଟେଷ୍ଟ କରାଯାଇ ନ ଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ଆଇନ ସଚେତକ ନୀଳାମ୍ବର ମିଶ୍ର କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ କୈଫୟତ ମାଗିଛନ୍ତି । ଉଲ୍ଲେଖଯୋଗ୍ୟ, ଜାମୁଝାଡି ଖଟନଗର ଅଞ୍ଚଳର ଶ୍ରୀଧର ଦଳାଇ ଗତ ୨୮ତାରିଖରେ କୋଲକାତାରୁ ନିଜ ଅଞ୍ଚଳକୁ ଆସିଥିଲେ। ପରେ ଗ୍ରାମବାସୀଙ୍କ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସ୍ଥାନୀୟ ଅଞ୍ଚଳର ଅଙ୍ଗନୱାଡି କର୍ମୀ ସୀତାଞ୍ଜଳି ସାହୁ ସିମୁଳିଆ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇଥିଲେ । ତେବେ ସ୍ୱାସ୍ଥ୍ୟ ବିଭାଗ ତାଙ୍କ ସ୍ୱାବ ଟେଷ୍ଟ କରାଯାଇ ନ ଥିଲା କିମ୍ବା ତାଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇ ନ ଥିଲା । ଗତ ରବିବାର ଶ୍ରୀଧର ଅସୁସ୍ଥ ହୋଇପଡିବା ପରେ ଅଙ୍ଗନୱାଡି କର୍ମୀ ୧୦୪ ଆମ୍ବୁଲାନ୍ସ ଡକାଇ ବାଲେଶ୍ୱର ଜିଲା ମେଡିକାଲକୁ ପଠାଇଥିଲେ। କରୋନା ଭୟରେ ଶ୍ରୀଧରଙ୍କ ପରିବାରରୁ କାହାରିକୁ ନିଆଯାଇ ନ ଥିଲା। ପରେ ଅପରାହ୍ନରେ ଶ୍ରୀଧରଙ୍କ ମୃତ୍ୟୁ ଘଟିଥିବା ସୂଚନା ଦିଆଯିବା ସହିତ ମେଡିକାଲ ଗାଡି ଆସି ଶ୍ରୀଧରଙ୍କ ପତ୍ନୀ କବିତାଙ୍କୁ ନେଇଯାଇଥିଲା । ଏ ସମ୍ପର୍କରେ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ପଣ୍ଡାଙ୍କୁ ପଚାରିବାରୁ ଶ୍ରୀଧର ଜଣ୍ଡିସ ସହିତ ହେପାଟାଇଟିସ କୋମାରେ ମୃତ୍ୟୁବରଣ କରିଥିବା କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ସସ୍ମିତା ଦାସଙ୍କୁ ପଚାରିବାରୁ ଶ୍ରୀଧର ହୋମ କ୍ୱାରାଣ୍ଟାଇନରେ ଥିଲେ । ସେ ସୁସ୍ଥ ଥିବାରୁ ତାଙ୍କ ସ୍ୱାବ ଟେଷ୍ଟ କରାଯାଇ ନ ଥିବା କହିଛନ୍ତି।



ପଞ୍ଜାବର ସୀମାବର୍ତ୍ତୀ ଅଞ୍ଚଳ କସ୍‌ବା ଖେମକରଣରେ ଜଣେ ବୟସ୍କ ବ୍ୟକ୍ତି ତାଙ୍କ ନାତି ସହିତ ଶ୍ରୀ ହଜୁର ସାହିବ ଯାଇଥିଲେ। କିନ୍ତୁ ସେଠାରୁ ଆସିବା ପରେ ଉଭୟଙ୍କ ଟେଷ୍ଟ ରିପୋର୍ଟରେ କରୋନା ପଜିଟିଭ୍ ଆସିଥିଲା। ତେଣୁ ଉଭୟଙ୍କୁ ଘରକୁ ଯିବାକୁ ଦିଆଯାଇ ନ ଥିଲା ଏବଂ ଡାକ୍ତରଖାନାରେ ଆଇସୋଲେଶନ୍ ୱାର୍ଡରେ ରହିବାକୁ କୁହାଯାଇଥିଲା। ଡାକ୍ତରଖାନାରେ କିନ୍ତୁ ପୁଅକୁ ଏକା ରହିବାକୁ ଦେଇ ନ ଥିଲେ ତାଙ୍କ ମାଆ। ପୁଅ ସହିତ ଆଇସୋଲେଶନ୍ ୱାର୍ଡରେ ରହିବା ପାଇଁ ଜିଦ୍‌ଧରି ବସିଥିଲେ ଓ ସଫଳ ମଧ୍ୟ ହୋଇଥିଲେ।



# ସାବୁନରେ ହାତ ଧୁଅନ୍ତିନି ୬୦% ଭାରତୀୟ

**ନୂଆଦିଲ୍ଲୀ:** ବିଶ୍ୱକୁ କଲବଲ କରୁଛି କରୋନା। ୫ମାସ ଭିତରେ ଭୂତାଣୁଜନିତ ସଂକ୍ରମଣ ମାମଲା ୩୦ଲକ୍ଷ ପାର ହୋଇସାରିଥିବାବେଳେ ସାଢ଼େ ୨ଲକ୍ଷ ଲୋକଙ୍କ ଜୀବନ ଗଲାଣି। ଅଦ୍ୟାବଧି କୋଭିଡ୍-୧୯ର ପ୍ରତିଷେଧକ ବାହାରି ନ ଥିବାବେଳେ ଲକ୍‌ଡାଉନ୍, ସାମାଜିକ ଦୂରତ୍ୱ ଏବଂ ଶାରୀରିକ ସ୍ୱଚ୍ଛତା ହିଁ ଭୂତାଣୁ ପ୍ରତିରୋଧ ଲାଗି ସଫଳ ମାଧ୍ୟମ ବୋଲି କୁହାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ମଧ୍ୟ ନିୟମିତ ବ୍ୟବଧାନରେ ୨୦ ସେକେଣ୍ଡ ଯାଏ ହାତ ଧୋଇବାକୁ ମାର୍ଗଦର୍ଶିକା ଜାରି କରାଯାଇଛି। ଡବ୍ଲ୍ୟୁଏଚ୍‌ଓ ମାନକକୁ ଅନୁସରଣ କଲେ ଜଣେ ବ୍ୟକ୍ତି ଦିନକୁ ହାରାହାରି ୧୦ଥର ହାତ ଧୋଇବ। ଏଥିରେ ପ୍ରତିଥର ୨ଲିଟର ହିସାବରେ ୨୦ଲିଟର ପାଣିର ଆବଶ୍ୟକତା ରହିଛି। ଏହିକ୍ରମରେ ଏକ ୪ଜଣିଆ ପରିବାର ପିଛା ଦିନକୁ ୮୦ ଲିଟର ପାଣି ଆବଶ୍ୟକ। ହେଲେ ଏକ କଠୋର ବାସ୍ତବତା ହେଉଛି ଅଧା ଭାରତୀୟଙ୍କ ହାତପାହାନ୍ତାରେ ପାଣି ସୁବିଧା ନାହିଁ। ହାତ ଧୋଇବା ଲାଗି ପାଣି ହିଁ ଯେତେବେଳେ ସମସ୍ୟା ପାଲଟିଯାଏ, ତେବେ କରୋନାକୁ କିପରି ରୋକାଯିବ ତାହା ଏବେ ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି। ନ୍ୟାଶନାଲ ସାମ୍ପୁଲ ସର୍ଭେ ଅଫିସ (ଏନ୍‌ଏସ୍‌ଏସ୍‌ଓ) ପକ୍ଷରୁ ୨୦୧୮ ଜୁଲାଇରୁ ଡିସେମ୍ବର ମଧ୍ୟରେ କରାଯାଇଥିବା ସର୍ଭେ ଅନୁଯାୟୀ, ଦେଶର ୩୫.୮% ପରିବାର ଖାଇବା ପୂର୍ବରୁ ସାବୁନ, ହ୍ୟାଣ୍ଡୱାଶ କିମ୍ବା ଡିଟରଜେଣ୍ଟରେ ହାତ ଧୋଇଥାନ୍ତି। ହେଲେ ସିଂହଭାଗ ଅର୍ଥାତ୍ ପାଖାପାଖି ୬୦.୪% ପରିବାର ସାବୁନ ବିମୁଖ। ସେମାନେ ଖାଇବା ପୂର୍ବରୁ ସାଧାରଣ ପାଣିରେ ହାତ ଧୋଇଥାନ୍ତି। ଏନ୍‌ଏସ୍‌ଏସ୍‌ଓର ସର୍ଭେରୁ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ଦେଶର ମାତ୍ର ୨୧.୪% ଘରକୁ ପାଇପ ପାଣି ସଂଯୋଗ ସୁବିଧା ରହିଛି। ଏବେ ବି ପାଖାପାଖି ୭୯% ଘରକୁ ସିଧାସଳଖ ପାଣି ପହଞ୍ଚି ପାରିନାହିଁ। ସମ୍ପୃକ୍ତ ପରିବାର ପାଣି ପାଇଁ ନଳକୂପ, ହ୍ୟାଣ୍ଡପମ୍ପ, କୂଅ, ୱାଟର ଟ୍ୟାଙ୍କର ସମେତ ଅନ୍ୟ ଜଳ ଉତ୍ସ ଉପରେ ନିର୍ଭରଶୀଳ। ଦେଶର

## କେମିତି ହାରିବ କରୋନା



୨୦% ଲୋକ ସହରରେ ବାସ କରନ୍ତି। ସହରାଞ୍ଚଳରେ ୪୦.୯% ଘରକୁ ପାନୀୟ ଜଳ ସିଧାସଳଖ ଆସୁଛି। ଏହାର ଅର୍ଥ ୫୯% ପରିବାର ପାଣି ପାଇଁ ଅନ୍ୟ ଉତ୍ସ ଉପରେ ନିର୍ଭର କରନ୍ତି। ଗ୍ରାମ୍ୟ କ୍ଷେତ୍ରରେ ରହୁଥିବା ଜନସାଧାରଣଙ୍କ ଲାଗି ପାନୀୟ ଜଳ ସମସ୍ୟା ଚିର ସହଚର। ଦେଶର ଗ୍ରାମାଞ୍ଚଳରେ ୮୦% ଲୋକ ବାସ କରନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୧୧.୩% ଘରକୁ ପାଇପ୍ ପାଣି ସଂଯୋଗ ଦିଆଯାଇଛି। ଏଠାରେ ୮୯% ପରିବାର ପାଣି ପାଇଁ ଅନ୍ୟ ଉତ୍ସ ଉପରେ ନିର୍ଭରଶୀଳ। ଅପରପକ୍ଷେ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ବର୍ମିଂହାମ୍ ୟୁନିଭର୍ସିଟି ପକ୍ଷରୁ ୬୩ ଦେଶର ଲୋକଙ୍କୁ ନେଇ ନିକଟରେ ଏକ ସର୍ଭେ କରାଯାଇଥିଲା। ଏହାର ରିପୋର୍ଟ ଗତ ମାର୍ଚ୍ଚ ୨୪ରେ ପ୍ରକାଶିତ ହୋଇଛି। ସର୍ଭେରେ ଏକ ପ୍ରଶ୍ନ ଥିଲା। ପାଇଖାନା ବ୍ୟବହାର ପରେ କେତେଜଣ ହାତ ଧୋଇଥାନ୍ତି? ତେବେ ସର୍ଭେରେ ସାମିଲ ହୋଇଥିବା ୪୦% ଭାରତୀୟଙ୍କ ଉତ୍ତର ଅତ୍ୟନ୍ତ ଆଶ୍ଚର୍ଯ୍ୟ କରିଦେବା ଭଳି ଥିଲା। ସମ୍ପୃକ୍ତ ବ୍ୟକ୍ତିମାନେ କହିଥିଲେ, ଶୌଚ ହେବା ପରେ ହାତ ଧୁଅନ୍ତି ନାହିଁ। ସର୍ଭେରେ ଭାରତକୁ ୧୦ମ ସ୍ଥାନ ମିଳିଥିଲା। କରୋନା ଭାଇରସ୍‌ର ଉତ୍ପତ୍ତିସ୍ଥଳ କୁହାଯାଉଥିବା ଚାଇନାରେ ୭୭% ଲୋକ ପାଇଖାନା ବ୍ୟବହାର ପରେ ହାତ ଧୋଉ ନ ଥିବା ସ୍ୱୀକାର କରିଥିଲେ। ଏହି କ୍ରମରେ ଜାପାନରେ ୭୦%, ଦକ୍ଷିଣ କୋରିଆରେ ୬୧%, ନେଦରଲାଣ୍ଡର ୫୦% ଲୋକ ସମାନ କଥା ଦୋହରାଇଥିଲେ। ସର୍ଭେରେ ଆମେରିକାର ସ୍କୋର ସବୁଠାରୁ ଭଲ ଥିଲା। ଏଠାରେ ୨୩% ଲୋକ ପାଇଖାନା ବ୍ୟବହାର ପରେ ଭଲ ଭାବେ ହାତ ଧୋଉ ନ ଥିବା କହିଥିଲେ।

# ସଚେତନତା ହିଁ ସଫଳତାର ପୁଞ୍ଜି

## ବିଶ୍ୱ ଆଜ୍‌ମା ଦିବସ ଆଜି




**ପ୍ର**ତିବର୍ଷ ମେ ମାସ ପ୍ରଥମ ମଙ୍ଗଳବାରକୁ ବିଶ୍ୱ ଆଜ୍‌ମା ଦିବସ ଭାବେ ପାଳନ କରାଯାଇଥାଏ। ଲୋକମାନଙ୍କ ମଧ୍ୟରେ ଆଜ୍‌ମା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି 'ଗ୍ଲୋବାଲ ଇନିସିଏଟିଭ୍ ଫର୍ ଆଜ୍‌ମା(ଜିଆଇଏନ୍‌ଏ)' ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥାଏ। ପ୍ରଥମେ ୧୯୯୮ରେ ଏହି ଅନୁଷ୍ଠାନ ଦ୍ୱାରା ବିଶ୍ୱ ଆଜ୍‌ମା ଦିବସ ପାଳନ କରାଯାଇଥିଲା। ପରେ ବିଶ୍ୱର ବିଭିନ୍ନ ଦେଶରେ ଏହାକୁ ପାଳନ କରାଯାଇଆସୁଛି। ଆଜ୍‌ମାକୁ କିପରି ନିୟନ୍ତ୍ରଣ କରାଯାଇପାରିବ, ସେ ସମ୍ପର୍କରେ ଅଧିକ ଯତ୍ନବାନ ହେବା ଲାଗି ପରାମର୍ଶ ଦିଆଯାଇଥାଏ। ବିଶ୍ୱବ୍ୟାପୀ ପ୍ରାୟ ୨୪ କୋଟି ଲୋକ ଏହି ରୋଗରେ ପୀଡ଼ିତ ଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଦର୍ଶାଯାଇଛି। ସାଧାରଣତଃ ପିଲାମାନଙ୍କ କ୍ଷେତ୍ରରେ ଏହା ଅଧିକ ମାତ୍ରାରେ ଦେଖାଦେଇଥାଏ। ଆଜ୍‌ମା କେବେହେଲେ ଭଲ ହୋଇ ନ ଥାଏ, ହେଲେ ଏହାକୁ ସଠିକ୍ ନିୟନ୍ତ୍ରଣ କରାଯାଇ ପାରିଲେ ଜଣେ ଉନ୍ନତ ମାନର ଜୀବନ ଯାପନ କରିପାରିବ। ଆଜ୍‌ମା ପୀଡ଼ିତମାନଙ୍କ ଛାତି ଓଜନିଆ ଲାଗିବା, କଫ ବାହାରିବା, ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ହେବା ଭଳି ଲକ୍ଷଣ ଦେଖାଦେଇଥାଏ। ଥଣ୍ଡା, ଧୂଳି, ଧୂଆଁ ଏହି ରୋଗର ପ୍ରଧାନ ଶତ୍ରୁ ବୋଲି କୁହାଯାଏ। ବିଭିନ୍ନ ଲୋକଙ୍କ ପାଖରେ ଭିନ୍ନ ଭିନ୍ନ ପ୍ରକାରର ଆଜ୍‌ମା ଲକ୍ଷଣ ଦେଖାଯାଇଥାଏ। ଡାକ୍ତରଙ୍କ ପରାମର୍ଶ ମାନି ଚଳିବା ଓ ସେମାନଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରିବା ଜରୁରୀ। ଦୈନିକ ବ୍ୟାୟାମ କରିବା ଦ୍ୱାରା ଜଣେ ରୋଗୀ ଏଥିରୁ କିଛି ମାତ୍ରାରେ ଉପଶମ ପାଇଥାଏ। ବିଭିନ୍ନ ବର୍ଗର ଲୋକଙ୍କୁ ଆଜ୍‌ମା ଆକ୍ରାନ୍ତ କରିଥାଏ। କିନ୍ତୁ ସଚେତନ ହେବା ଓ ସଂଯମ ହୋଇ କାର୍ଯ୍ୟକଲେ ଜଣେ ସରଳ, ସ୍ୱାଭାବିକ ଓ ସଫଳ ଜୀବନ ଅତିବାହିତ କରିବାରେ କୌଣସି ଅସୁବିଧା ନ ଥାଏ। ଚଳିତବର୍ଷ କରୋନା ଭାଇରସ୍ ବିଶ୍ୱକୁ ଆତଙ୍କିତ କରି ରଖିଥିବା ବେଳେ ସଙ୍ଗଠନ ପକ୍ଷରୁ କୌଣସି କାର୍ଯ୍ୟକ୍ରମ କରାଯିବାର ସମ୍ଭାବନା ନାହିଁ। ତେଣୁ କେବଳ ସଚେତନତା ହିଁ ସବୁକିଛି ବୋଲି ଆମକୁ ମାନିବାକୁ ପଡ଼ିବ।

# ଛେଳି, ଫଳ କରୋନା ପଜିଟିଭ

## ଟେଷ୍ଟ କିଟ୍ ଯାଞ୍ଚ ନିର୍ଦ୍ଦେଶ



**ଦର୍ ଏସ୍ ସଲାମ୍:** ଆଫ୍ରିକୀୟ ଦେଶ ତାଞ୍ଜାନିଆରେ କରୋନା ଟେଷ୍ଟ ପାଇଁ ବ୍ୟବହାର କରାଯାଉଥିବା କିଟ୍‌ଗୁଡିକର ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି ରାଷ୍ଟ୍ରପତି ଜନ୍ ମଗୁଫୁଲି। ସୂଚନାଯୋଗ୍ୟ, ରବିବାର ତାଞ୍ଜାନିଆରେ ଗୋଟିଏ ଛେଳି ଓ ଏକ ଫଳ (ପଓ ପଓ)ରୁ କରୋନା ପଜିଟିଭ ବାହାରିବା ପରେ ସେଠାରେ ବ୍ୟବହାର କରାଯାଉଥିବା ଟେଷ୍ଟ କିଟ୍‌ରେ ତ୍ରୁଟି ଦର୍ଶାଇ ରାଷ୍ଟ୍ରପତି ମଗୁଫୁଲି ଏହାର ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ବିଦେଶରୁ ଆସିଥିବା ଟେଷ୍ଟ କିଟ୍‌କୁ ପରୀକ୍ଷା କରିବାକୁ ଛେଳି ଓ ଫଳର ନମୁନାକୁ ନେଇ ସେଥିରେ ମଣିଷ ପରି ନାଁ ଓ ବୟସ ଲେଖାଯାଇଥିଲା। ଏହାପରେ ତାକୁ ତାଞ୍ଜାନିଆର ଲାବୋରେଟୋରିକୁ ପରୀକ୍ଷା ପାଇଁ ପଠାଯାଇଥିଲା। ପରେ ଏହାର ରିପୋର୍ଟ ପଜିଟିଭ ଆସିବାରୁ ରାଷ୍ଟ୍ରପତି କିଟ୍‌ଗୁଡିକର ଯାଞ୍ଚ ଲାଗି କହିଥିଲେ। ଏବେ ରାଷ୍ଟ୍ରପତି କହିଛନ୍ତି, ଏହି ରିପୋର୍ଟକୁ ଦେଖି ଲାଗୁଛି ଦେଶରେ ଆହୁରି ଅଧିକ ସଂକ୍ରମିତ ରହିଛନ୍ତି। ତେଣୁ ଏହାର ସଠିକ୍ ଯାଞ୍ଚ ହେବା ଦରକାର। କାରଣ ପୂର୍ବରୁ ରାଷ୍ଟ୍ରପତି ମଗୁଫୁଲିଙ୍କ ନାଁରେ ଦିନେ ତାଞ୍ଜାନିଆରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଲୁଚାଉଥିବା ଅଭିଯୋଗ ହୋଇଥିବା ବେଳେ ଏହାକୁ ନେଇ ସେ ସମାଲୋଚନାର ଶିକାର ମଧ୍ୟ ହୋଇଥିଲେ। ଏମିତିକି ସେ ତାଙ୍କ ଦେଶବାସୀଙ୍କୁ କହିଥିଲେ, ପ୍ରାର୍ଥନା କର, ଯେମିତି କରୋନା ଆମ ପାଖ ନ ମାଡୁ। ରବିବାର ସୁଦ୍ଧା ତାଞ୍ଜାନିଆରେ ୪୮୦ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଏମାନଙ୍କ ମଧ୍ୟରୁ ୧୭ ଜଣଙ୍କ ମୃତ୍ୟୁ ହୋଇଛି। ରାଷ୍ଟ୍ରପତି ଆହୁରି ମଧ୍ୟ କହିଛନ୍ତି, ସେ ଏକ ବିମାନ ମାଡାଗାସ୍କର ପଠାଇଛନ୍ତି, ଯେଉଁଥିରେ କରୋନା ଭାଇରସ୍‌ର ଚିକିତ୍ସା ପାଇଁ ହର୍ବାଲ ଔଷଧ ଆସିବ। ହେଲେ ଏହି ଔଷଧ ଦ୍ୱାରା କରୋନା ଠିକ୍ ହେବାର ଦାବି କରାଯାଇ ନାହିଁ। ଏବେ ଆମେରିକା, ୟୁରୋପ ଅପେକ୍ଷା ଆଫ୍ରିକୀୟ ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା କମ୍ ରହିଛି ସତ, ହେଲେ ଏଠାରେ କମ୍ ସଂଖ୍ୟାରେ ଟେଷ୍ଟ କରାଯାଉଥିବାରୁ ସଂକ୍ରମିତଙ୍କ ଅସଲ ତଥ୍ୟ ବାହାରକୁ ଆସିପାରୁ ନାହିଁ ବୋଲି କୁହାଯାଉଛି।

# କାଠବାଘ ଲାଗି ପୋଲିସ ନାକେଦମ୍



## ଉଦ୍ଧାର ପାଇଁ ପହଞ୍ଚିଲା ହେଲିକପ୍ଟର

**ନୂଆଦିଲ୍ଲୀ:** ଏକ କାଠ ତିଆରି ବାଘ ଯୋଗୁ ନାକେଦମ ହୋଇଛି ପୋଲିସ। ଅବିକଳ ବାଘ ଭଳି ଦେଖାଯାଉଥିବା ମୂର୍ତ୍ତିକୁ ଜୀବନ୍ତ ବାଘ ବୋଲି ଭାବି ସଶସ୍ତ୍ର ପୋଲିସ ଫୋର୍ସ, ହେଲିକପ୍ଟର ଏହାକୁ ଉଦ୍ଧାର ପାଇଁ ପହଞ୍ଚିବା ଭଳି ଆଶ୍ଚର୍ଯ୍ୟକର ଘଟଣା ଲଣ୍ଡନର କେଣ୍ଟ ଅଞ୍ଚଳରେ ଦେଖିବାକୁ ମିଳିଛି। କେଣ୍ଟରେ ରହୁଥିବା ମାର୍ଥା ସିମ୍ପସନ ନାମକ ଜଣେ ଟ୍ୱିଟର ବ୍ୟବହାରକାରୀ ଏପରି ଘଟଣା ବିଷୟରେ ଉଲ୍ଲେଖ କରିଛନ୍ତି।

ଗଣମାଧ୍ୟମକୁ ସେ ଦେଇଥିବା ସୂଚନା ମୁତାବକ, ତାଙ୍କ ଜେଜେ ମା' ଜୁଲିଏଟ ସିମ୍ପସନ ଜଣେ ନିଖୁଣ ମୂର୍ତ୍ତି କାରିଗର। ୨୦ ବର୍ଷ ପୂର୍ବେ ଜୁଲିଏଟଙ୍କ ଦ୍ୱାରା ତିଆରି ହୋଇଥିବା ମୂର୍ତ୍ତିଟି ବେଶ ଜୀବନ୍ତ ହୋଇଥିଲା। ଏହା ଘର ନିକଟରେ ଥିବାରୁ ରାସ୍ତାରେ ଯାଉଥିବା କେତେଜଣ ଲୋକ ମୂର୍ତ୍ତିଟିକୁ ସତସତିକା ବାଘ ବୋଲି ଭାବି ନେଇଥିଲେ। ସେମାନେ ଭୟଭୀତ ହେବା ସହ ସଙ୍ଗେ ସଙ୍ଗେ ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ବାଘ ଉଦ୍ଧାର ପାଇଁ ସେଠାରେ ୧୦ ସଶସ୍ତ୍ର ପୋଲିସ ଅଧିକାରୀ ଓ ଏକ ହେଲିକପ୍ଟର ପହଞ୍ଚିଯାଇଥିଲା। ମାର୍ଥା ବାହାରକୁ ଆସି ପୋଲିସ ସେଠାରେ ପହଞ୍ଚିବାର କାରଣ ଜାଣିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପୋଲିସ ମୂର୍ତ୍ତିକୁ ଅତିପାଖରୁ ଦେଖିବା ପରେ ସେଠାରୁ ଚାଲିଯାଇଥିଲା। ତେବେ ଏମିତି ଆଗରୁ କେବେ ଘଟି ନ ଥିବା ବୋଲି ମାର୍ଥା କହିଛନ୍ତି। ଏହି ଘଟଣା ସାମନାକୁ ଆସିବା ପରେ ଅନେକ ଲୋକ ଟୁଇଟ କରି ଏପରି ଆଶ୍ଚର୍ଯ୍ୟକର ମୂର୍ତ୍ତିକାରଙ୍କୁ ଖୁବ୍ ପ୍ରଂଶସା କରିଛନ୍ତି।

# ଟିଆର୍‌ପିରେ ଇତିହାସ ରଚିଲା ରାମାୟଣ



**ନୂଆଦିଲ୍ଲୀ:** କରୋନା ସଂକ୍ରମଣ ଯୋଗୁ ସାରା ଦେଶରେ ଜାରି ରହିଛି ଲକ୍‌ଡାଉନ। ଏହି ସମୟରେ ଘରେ ବସି ରହିଥିବା ଲୋକଙ୍କ ମନୋରଞ୍ଜନ ପାଇଁ ଦୂରଦର୍ଶନରେ ପ୍ରସାରିତ ହୋଇଥିଲା ଧାରାବାହିକ ରାମାୟଣ। ୩ ଦଶକ ପୂର୍ବରୁ ରାମାନନ୍ଦ ସାଗରଙ୍କ ଦ୍ୱାରା ପ୍ରସ୍ତୁତ ଏହି ରାମାୟଣ ଧାରାବାହିକ ଏବେବି ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେଇଛି। ଟିଆର୍‌ପି ଦୌଡରେ ନିଜର ରେକର୍ଡ ଭାଙ୍ଗିଛି ରାମାୟଣ। କେବଳ ସେତିକି ନୁହେଁ ଏହା ବିଶ୍ୱ ରେକର୍ଡ ମଧ୍ୟ କରିଛି। ଧାରାବାହିକ 'ରାମାୟଣ'କୁ ପାଖାପାଖି ୭.୭ କୋଟି ଦର୍ଶକ ଦେଖିଥିବା ଜଣାପଡିଛି। ଯାହା ବିଶ୍ୱର ଅନ୍ୟ ସମସ୍ତ ଶୋ'ଠାରୁ ସର୍ବାଧିକ। ସବୁଠାରୁ ବଡକଥା ହେଲା ଟିଆର୍‌ପିରେ ହଲିଉଡ୍‌ର ସବୁଠାରୁ ଲୋକପ୍ରିୟ ଶୋ' 'ଗେମ୍ ଅଫ୍ ଥ୍ରୋନ୍ସ'କୁ ବି ପଛରେ ପକାଇ ଦେଇଛି 'ରାମାୟଣ'।

# ହେୟାର କଟ୍ କଲେ ଇଲିୟାନା



**ମୁମ୍ବାଇ:** ଲକ୍‌ଡାଉନ୍ ସମୟରେ ବଲିଉଡ୍‌ର ବହୁ ଅଭିନେତା, ଅଭିନେତ୍ରୀ ନିଜ କାମ କରି ସୋସିଆଲ ମିଡିଆରେ ଫଟୋ ଶେୟାର କରୁଥିବା ନଜରକୁ ଆସିଛନ୍ତି। ଏହି ବଲିଉଡ ତାରକାମାନେ ନିଜ ପାର୍ଟନର କିମ୍ବା ଘରର ଅନ୍ୟ ସଦସ୍ୟଙ୍କର ହେୟାର କଟ୍ କରି ବେଶ୍ ଚର୍ଚ୍ଚାରେ ମଧ୍ୟ ରହିଛନ୍ତି। ଏଥିରେ ପ୍ରଥମ ନାମ ଆସୁଛି କ୍ରିକେଟର ବିରାଟ କୋହଲି ଏବଂ ଅନୁଷ୍କା ଶର୍ମାଙ୍କର। ଅନୁଷ୍କା କୋହଲିଙ୍କ ଚୁଟି କାଟି ଫଟୋକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ଫ୍ୟାନ୍‌ମାନେ ଏହାକୁ ବେଶ୍ ପସନ୍ଦ ମଧ୍ୟ କରିଥିଲେ। ଏହାପରେ ଟିସ୍କା ଚୋପଡା ଏବଂ ଶ୍ୱେତା ତିୱାରୀଙ୍କ ନାମ ଥିବାବେଳେ ଏବେ ଏହି ଲିଷ୍ଟରେ ଅଭିନେତ୍ରୀ ଇଲିୟାନା ଡିକ୍ରୁଜ ସାମିଲ ହୋଇଯାଇଛନ୍ତି। ଇଲିୟାନା ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ନିଜର ହେୟାର କଟ୍ କରୁଥିବାର ଫଟୋ ଶେୟାର କରି ଉଲ୍ଲେଖ କରିଛନ୍ତି ଯେ, ମୁଁ ମୋ ନିଜର ଚୁଟି ବେଶ୍ ଭଲ ଭାବେ କାଟିପାରିଲି। ଆପଣମାନେ ମଧ୍ୟ କରିପାରିବେ। ଆପଣଙ୍କୁ କାହା ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। କରୋନା ଭାଇରସ୍ ସଂକ୍ରମଣ ପାଇଁ ସମଗ୍ର ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ସବୁ ପାର୍ଲର ବନ୍ଦ ଥିବାରୁ ମୋତେ ମୋ ହେୟାର ଷ୍ଟାଇଲିଷ୍ଟ ହେବାକୁ ପଡ଼ିଲା। ସେ ଆଉ ମଧ୍ୟ କହିଛନ୍ତି ଯେ, ଏହି ଲକ୍‌ଡାଉନ୍ ସମସ୍ତଙ୍କୁ କାମ କରିବା ଶିଖାଇଦେଲା। ସେ ଯେତେବେଳେ ୭ବର୍ଷର ହୋଇଥିଲେ, ତାଙ୍କ କଣ୍ଢେଇର ଚୁଟି କାଟିଥିଲେ। ଏବେ ସେହିକଥା ମନେ ପଡ଼ିଯାଉଛି ବୋଲି ସେ କହିଛନ୍ତି।

# 'ନିଜଲୋକ ଭଳି ଚିକିତ୍ସା କରୁଥିଲେ'



## ଡାକ୍ତରୀ ଟିମ୍‌ଙ୍କୁ ଧନ୍ୟବାଦ ଜଣାଇଲେ ନୀତୁ

**ମୁମ୍ବାଇ:** ଦୀର୍ଘ ୨ବର୍ଷ ଧରି କ୍ୟାନ୍‌ସର୍ ସହ ଲଢ଼େଇ କରି ଶେଷରେ ଆରପାରିକୁ ଚାଲିଯାଇଛନ୍ତି ବଲିଉଡ୍‌ର ଭେଟେରାନ୍ ଅଭିନେତା ଋଷି କପୁର। ତାଙ୍କ ବିୟୋଗ ପରିବାର ଏବଂ ଫ୍ୟାନ୍‌ମାନଙ୍କୁ ସ୍ତବ୍ଧ କରିଦେଇଛି। ହେଲେ ଦୀର୍ଘ ୨ ବର୍ଷ ଧରି ତାଙ୍କର ଏହି ଲଢ଼େଇରେ ସାହାଯ୍ୟ କରିଥିବା ଏଚ୍‌ଏନ୍ ରିଲାଏନ୍ସ ହସ୍ପିଟାଲର ଡାକ୍ତରୀ ଟିମ୍, ନର୍ସ ଏବଂ ଭାଇମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ସ୍ତ୍ରୀ ତଥା ଅଭିନେତ୍ରୀ ନୀତୁ କପୁର। ସେ ନିଜ ଇନ୍‌ଷ୍ଟା ହ୍ୟାଣ୍ଡଲ୍‌ରେ ଋଷିଙ୍କ ୨ଟି ଫଟୋ ଶେୟାର କରି ଲେଖିଛନ୍ତି ଯେ, ଏହା ଆମ ପାଇଁ ଏକ ବିରାଟ କ୍ଷତି। ତେବେ ଗତ କିଛିମାସର ଏହି ଲଢ଼େଇ କଥା ଯେତେବେଳେ ଆମେ ଏକାଠି ବସି ମନେ ପକାଉଛୁ, ସେତେବେଳେ ତାଙ୍କୁ ନିଜ ଲୋକ ଭଳି ଯତ୍ନ, ଚିକିତ୍ସା ଓ ଉପଦେଶ ଯୋଗାଇ ଦେଇଥିବା ଡା. ତରଙ୍ଗ ଜ୍ଞାନଚନ୍ଦାନି ଏବଂ ଟିମ୍‌କୁ ହୃଦୟରୁ ଧନ୍ୟବାଦ ଜଣାଉଛୁ। ରବିବାର ମଧ୍ୟ ନୀତୁ ଏକ ଫଟୋ ଶେୟାର୍ କରି କ୍ୟାପ୍‌ସନରେ ଲେଖିଛନ୍ତି, 'ଏଣ୍ଡ ଅଫ୍ ଆୱାର୍ ଷ୍ଟୋରି'। ଉଲ୍ଲେଖଯୋଗ୍ୟ, ଋଷି ଲିଉକେମିଆ ରୋଗରେ ପୀଡ଼ିତ ଥିଲେ। ନ୍ୟୁୟର୍କରେ ଚିକିତ୍ସା ପରେ ସେ ୨୦୧୯ ସେପ୍ଟେମ୍ବରରେ ଭାରତ ଫେରିଥିଲେ। ପରେ ମୁମ୍ବାଇରେ ସେ ଚିକିତ୍ସିତ ଥିବାବେଳେ ଏପ୍ରିଲ୍ ୩୦ରେ ତାଙ୍କର ପରଲୋକ ଘଟିଥିଲା।

# ସଲ୍‌ମାନଙ୍କ ବଦାନ୍ୟତା



ମୁମ୍ବାଇ: କରୋନା ବିରୋଧରେ ଚାଲିଥିବା ଲଢ଼େଇରେ ଦେଶବାସୀଙ୍କୁ ତଥା ସରକାରଙ୍କୁ ଆର୍ଥିକ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି ଅନେକ ବଲିଉଡ୍ ତାରକା। ଏଥିମଧ୍ୟରେ ସୁପରଷ୍ଟାର୍ ସଲ୍‌ମାନ ଖାନ୍ ମଧ୍ୟ ସାମିଲ ଅଛନ୍ତି। ଏଭଳି ପରିସ୍ଥିତିରେ ସେ ଲଗାତର ଅଭାବୀ ଲୋକଙ୍କୁ ସାହାଯ୍ୟ କରିଆସୁଛନ୍ତି। ବର୍ତ୍ତମାନ ସେ ତାଙ୍କ ଫାର୍ମ ହାଉସ୍‌ରେ ରହୁଛନ୍ତି। କିନ୍ତୁ ତା' ସତ୍ତ୍ୱେ ସେ ଲୋକଙ୍କୁ ସାହାଯ୍ୟ କରିବାର ସୁଯୋଗ ଛାଡୁନାହାନ୍ତି। ବର୍ତ୍ତମାନ ସୋସିଆଲ ମିଡିଆରେ ତାଙ୍କର ଏକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ସେ ଅଭାବୀ ଲୋକଙ୍କ ପାଇଁ ଖାଦ୍ୟ ସାମଗ୍ରୀକୁ ଟ୍ରାକ୍ଟର, ଟ୍ରଲି ଓ ଶଗଡ଼ ଗାଡ଼ିରେ ଲୋଡ୍‌କରି ବଣ୍ଟନ ପାଇଁ ପଠାଉଥିବା ଦେଖିବାକୁ ମିଳିଛି। ସଲମାନ୍‌ଙ୍କୁ ଏହି କାର୍ଯ୍ୟରେ ତାଙ୍କ ପରିବାର ସଦସ୍ୟ ଏବଂ ଅନ୍ୟମାନେ ସହଯୋଗ କରୁଥିବା ଦେଖିବାକୁ ମିଳିଛି। ବିଶେଷ କଥା ହେଉଛି, ଏହି ଭିଡିଓରେ ୟୁଲିଆ ଭାଣ୍ଟୁର ଏବଂ ଅଭିନେତ୍ରୀ ଜାକ୍‌ଲିନ ଫର୍ଣ୍ଣାଣ୍ଡିଜ୍ ଅଛନ୍ତି। ତାଙ୍କ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ସେ ଏହି ଭିଡିଓକୁ ନିଜ ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ଶେୟାର କରି ଉଲ୍ଲେଖ କରିଛନ୍ତି ଯେ, ସମସ୍ତଙ୍କ ଅବଦାନ ପାଇଁ ଧନ୍ୟବାଦ। ଏହାପୂର୍ବରୁ ସେ ୨୫ହଜାର ଶ୍ରମିକଙ୍କ ଦାୟିତ୍ୱ ନେଇଥିଲେ ଓ ସେମାନଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇଥିଲେ। ସେହିପରି ଫିଲ୍ମ ଇଣ୍ଡଷ୍ଟ୍ରିର ୪୫ ଜୁନିୟର ଆର୍ଟିଷ୍ଟମାନଙ୍କ ଆକାଉଣ୍ଟରେ ୩ ହଜାର ଲେଖାଏ ଟଙ୍କା ଜମା ମଧ୍ୟ କରିଥିଲେ।

# ଡକ୍ଟର ମ୍ୟାଙ୍ଗୋ



ଲକ୍ଷ୍ନୌ: କରୋନା ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ସେବା ଓ ନିଷ୍ଠାପର କାମକୁ ସମ୍ମାନ ଜଣାଇବା ପାଇଁ ଆସିଛି ଡକ୍ଟର ମ୍ୟାଙ୍ଗୋ। କଥାଟା ଶୁଣିବାକୁ ହୁଏତ ଟିକିଏ ଅଡୁଆ ଲାଗିପାରେ। କିନ୍ତୁ ଏଭଳି ଏକ ଆମ୍ବ ଏବେ ବଜାରକୁ ଆସିଛି ଖାସ୍ ଡାକ୍ତରଙ୍କ ସେବାକୁ ମନେପକାଇ ସେମାନଙ୍କୁ ସମ୍ମାନ ଦେବା ପାଇଁ। ଏଭଳି ଏକ ଆମ୍ବ କିସମ ତିଆରି କରିଛନ୍ତି ମ୍ୟାଙ୍ଗୋ ମ୍ୟାନ୍ ହାଜି କାଲିମୁଲ୍ଲା। ସେ ହେଉଛନ୍ତି ଉତ୍ତରପ୍ରଦେଶ ଲକ୍ଷ୍ନୌସ୍ଥିତ ମାଲିହାବାଦର ବାସିନ୍ଦା। ପ୍ରାୟ ୩୦୦ରୁ ଅଧିକ କିସମର ଆମ୍ବ ଚାଷ କରି ସଫଳ ହୋଇଛନ୍ତି ହାଜି। ସେଥିପାଇଁ ମ୍ୟାଙ୍ଗୋ ମ୍ୟାନ୍‌ଭାବେ ସ୍ଥାନୀୟ ଅଞ୍ଚଳରେ ସେ ବେଶ୍ ପରିଚିତ। ସ୍ୱତନ୍ତ୍ର ଭାବରେ ଆମ୍ବଚାଷ କରି ସଫଳତା ହାସଲ କରିଥିବା ଏହି ଆମ୍ବ ଚାଷୀ ଜଣକ ଆଧୁନିକ ପ୍ରଣାଳୀ ଆପଣାଇ ଗୋଟିଏ ଗଛରେ ୩୦୦ ପ୍ରକାରର ଆମ୍ବ ସୃଷ୍ଟି କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେଥିପାଇଁ ତାଙ୍କୁ ପଦ୍ମଶ୍ରୀ ସମ୍ମାନ ବି ମିଳିଛି। ଏବେ ଏହି ମ୍ୟାଙ୍ଗୋ ମଣିଷ ଦଶହରି ଆମ୍ବର ଆଉ ଏକ ନୂଆ କିସମ ସୃଷ୍ଟି କରିଛନ୍ତି, ଯାହାର ନାଁ ରଖିଛନ୍ତି ଡକ୍ଟର ମ୍ୟାଙ୍ଗୋ। ଏଭଳି ନାଁ ରଖି ସେ ଦେଶରେ କରୋନା ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନଙ୍କୁ ସମ୍ମାନ ଜଣାଇବାକୁ ଚାହୁଁଥିବା କହିଛନ୍ତି। ବିଭିନ୍ନ ନୂଆ କିସମ ଆମ୍ବର ସ୍ୱତନ୍ତ୍ର ନାଁ ପାଇଁ ମ୍ୟାଙ୍ଗୋ ମ୍ୟାନ୍ ହାଜି ବେଶ୍ ଜଣାଶୁଣା। ତାଙ୍କର ବିଭିନ୍ନ ପ୍ରକାର ଆମ୍ବର ନାଁ ଯଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହା, ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ସଚିନ୍ ତେନ୍ଦୁଲକର ଆଦି ରହିଛି।



# ସୌନ୍ଦର୍ଯ୍ୟ ବଢ଼ାଏ ଅଣ୍ଡା

**ଅଣ୍ଡାରେ ଭରି ରହିଛି ଏକାଧିକ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଗୁଣ। ତେବେ ଏହାକୁ କିପରି ବ୍ୟବହାର କଲେ ଆପଣଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି ହେବ ଜାଣନ୍ତୁ ସେ ସମ୍ପର୍କରେ...**

- ଅଣ୍ଡାର ଧଳା ଅଂଶ, ମହୁ ଏବଂ ଅଲିଭ୍ ଅଏଲ ପ୍ୟାକ୍ ମଧ୍ୟ ତ୍ୱଚାରୁ ଦାଗ ସମସ୍ୟା ଦୂର କରି ଏହାର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ।
- ସୁନ୍ଦର ଏବଂ ମଜଭୁତ କେଶ ପାଇଁ ଗୋଟିଏ ଅଣ୍ଡାର କେଶର ସହ ଏକ ଚାମଚ ଲେଖାଏଁ ଆଲମଣ୍ଡ ଅଏଲ, ମହୁ ଏବଂ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରି ଲଗାନ୍ତୁ। ଏହାକୁ ଲଗାଇ ୩୦ ମିନିଟ୍ ରଖିବା ପରେ କେଶ ଧୋଇ ଦିଅନ୍ତୁ।
- ଯଦି ଆପଣଙ୍କ ସ୍କିନ୍ ଟୋନ୍ କମ୍, ତେବେ ଅଳ୍ପ କଖାରୁକୁ ଗ୍ରାଇଣ୍ଡ କରି ସେଥିରେ ଅଣ୍ଡା, କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ପ୍ରତିଦିନ ଏହାକୁ ଲଗାନ୍ତୁ। ଖୁବ୍ କମ୍ ଦିନ ମଧ୍ୟରେ ତ୍ୱଚାର ରଙ୍ଗରେ ପରିବର୍ତ୍ତନ ନିଜେ ଜାଣିପାରିବେ।
- କେଶକୁ ପ୍ରାକୃତିକ ଉପାୟରେ କଣ୍ଡିଶନିଂ କରିବାକୁ ଚାହୁଁଥିଲେ ଅଣ୍ଡା କେଶର ସହିତ ଲେମ୍ବୁ ରସ ମିଶାଇ କେଶମୂଳରୁ ଶେଷ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ୩୦ ମିନିଟ ରଖିବା ପରେ ଧୋଇଦିଅନ୍ତୁ।
- ଗୋଟିଏ ଅଣ୍ଡା, ପାଚିଲା କଦଳୀ, ୫ ଚାମଚ ରୋଜ୍ ଅଏଲ ଏବଂ ୧ ଚାମଚ ସୂର୍ଯ୍ୟମୁଖୀ ତେଲକୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ଲଗାଇବା ଦ୍ୱାରା ରୁକ୍ଷ, ଫାଟିବା, ଝଡ଼ିବା ଭଳି କେଶର ବିଭିନ୍ନ ସମସ୍ୟା ଦୂର ହୋଇଥାଏ।
- ରିଙ୍କଲ୍ ମାର୍କ ଏବଂ ଏଜ୍ ଲାଇନ୍ ଦୂର କରିବା ଲାଗି ଅଣ୍ଡା ଉତ୍ତମ । ଅଣ୍ଡାରୁ କେଶର ବାହାର କରି କେବଳ ଧଳା ଅଂଶରେ ଅଳ୍ପ ମହୁ ମିଶାନ୍ତୁ। ଉକ୍ତ ପ୍ୟାକ୍କୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚା ଟାଇଟ୍ ହେବ ଏବଂ ଆକର୍ଷଣୀୟ ୟଙ୍ଗର ଲୁକ୍ ଦେବ।



# ଆକର୍ଷଣୀୟ ଲୁକ୍ ଦିଏ ଲଙ୍ଗ୍ ସ୍କର୍ଟ

**ସମୟ ସହିତ ତାଳ ଦେଇ ଫ୍ୟାଶନ ସବୁବେଳେ ବଦଳୁଛି। ଠିକ୍ ଯେମିତି ବେଶ୍ କିଛି ଦିନ ହେବ ଯୁବତୀ ହୁଅନ୍ତୁ ଅଥବା ମହିଳା, ବିଭିନ୍ନ କଲର ଏବଂ ଡିଜାଇନ୍ର ଲଙ୍ଗ୍ ସ୍କର୍ଟ ପିନ୍ଧିବା ପ୍ରତି ଆଗ୍ରହୀ ହେଉଛନ୍ତି। ଯଦି ଆପଣ ଏହି ଆଉଟ୍ଫିଟ୍ ଟ୍ରାଏ କରିବାକୁ ଚାହାନ୍ତି, ତେବେ ଆପଣଙ୍କ ବଡି ସେପ୍କୁ କେଉଁ ଭଳି ଲଙ୍ଗ୍ ସ୍କର୍ଟ ସହ କିଭଳି ଟପ୍ସ ପେୟାର କରି ପିନ୍ଧିଲେ ଭଲ ମାନିବ ଜାଣିରଖନ୍ତୁ...**



- ପତଳା ଶରୀରକୁ ଲଙ୍ଗ୍ ସ୍କର୍ଟ ଭଲ ମାନି ନ ଥାଏ ବୋଲି ଅନେକଙ୍କ ମନରେ ଧାରଣା ଥାଏ। ହେଲେ ଏହି ଭାବନା ସମ୍ପୂର୍ଣ୍ଣ ଠିକ୍ ନୁହେଁ। କାରଣ ଏହା ସବୁ ପ୍ରକାର ଫିଗରକୁ ଭଲ ଲାଗିଥାଏ। ତେବେ ପତଳା ଶରୀରକୁ ନ୍ୟାରୋ କିମ୍ବା ଫିସ୍ କଟ୍ ଲଙ୍ଗ୍ ସ୍କର୍ଟ ବଦଳରେ ଘେର ଥିବା ଲଙ୍ଗ୍ ସ୍କର୍ଟ ସହିତ ଥ୍ରୀ-ଫୋର୍ଥ ହାତ ଥିବା ଟପ୍ସ ପରଫେକ୍ଟ ସିଲେକ୍ସନ। ମନେରଖନ୍ତୁ ସ୍କର୍ଟ ଏବଂ ଟପ୍ସ ଉଭୟ ସାମାନ୍ୟ ଢିଲା ରଖନ୍ତୁ ନଚେତ୍ ଆପଣ ଅଧିକ ପତଳା ଲାଗିବେ।
- ଯଦି ଆପଣ କମ୍ ଘେରଯୁକ୍ତ ଏ ଲାଇନ୍ ସ୍କର୍ଟ ବାଛୁଛନ୍ତି, ତେବେ ଏହା ସହ ବ୍ଲାକ୍ ଟି ଶାର୍ଟ ଏବଂ କିଛି ଡିଜାଇନ୍ର ଆସେସରିଜ୍ ବାଛନ୍ତୁ। ବିଶେଷକରି ବ୍ରାଇଟ୍ କଲର ପ୍ରିଣ୍ଟେଡ୍ ସ୍କର୍ଟ ସହିତ ସିଙ୍ଗଲ୍ ଡିପ୍ କଲର ଟପ୍ସର କମ୍ବିନେଶନ୍ ବେଶି ଭଲ ଲାଗିଥାଏ। ଆପଣଙ୍କ ଚେହେରା ମୋଟା ହୋଇଥିଲେ ବି ଏହାକୁ ପିନ୍ଧିଲେ ଖରାପ ଲାଗି ନ ଥାଏ।
- ଯଦି ଆପଣଙ୍କ କାନ୍ଧ, ଛାତି ତୁଳନାରେ ଅଣ୍ଟା ଅଧିକ ସରୁ, ତେବେ ଚଉଡ଼ା ଅଣ୍ଟା ପଟିଥିବା ସ୍କର୍ଟ ବାଛନ୍ତୁ। ଏହା ଆରମ୍ଭରୁ ସରୁ ଏବଂ ତଳଆଡ଼କୁ ଅଧିକ କୁଞ୍ଚ ହେବା ପରିବର୍ତ୍ତେ ସମ୍ପୂର୍ଣ୍ଣ କୁଞ୍ଚଯୁକ୍ତ ହେଲେ ଅଧିକ ଭଲ ଲାଗିଥାଏ। ଏହାଦ୍ୱାରା ଆପଣଙ୍କ ଚେହେରା ଆକର୍ଷଣୀୟ ଲାଗିବ।
- ପିଅର ଶେପ୍ ଫିଗରରେ ଅଣ୍ଟାଠାରୁ ତଳ ଅଂଶ ସାଧାରଣତଃ ମୋଟା ଥାଏ। ଏମିତିରେ ଫିଗରକୁ ସ୍ଲିମ୍ ଏବଂ ଷ୍ଟାଇଲିଶ୍ ଲୁକ୍ ଦେବା ପାଇଁ ଲଙ୍ଗ୍ ସ୍କର୍ଟ ସବୁଠୁ ବେଷ୍ଟ ଆଉଟ୍ଫିଟ୍। ଡିପ୍ କଲର କିମ୍ବା ପ୍ରିଣ୍ଟେଡ୍ ଫ୍ଲୋୟୀ ସ୍କର୍ଟ ସହିତ ଶର୍ଟହ୍ୟାଣ୍ଡ ଟପ୍ସ କିମ୍ବା ଟି-ଶାର୍ଟର କମ୍ବିନେଶନ ଆପଣଙ୍କୁ ସୁନ୍ଦର ଲାଗିବ।



## କେମିତି କରିବେ-
# ଫ୍ୟାମିଲି ବଜେଟ

**ଲକ୍ଡାଉନ୍ ପାଇଁ ଦୋହଲି ଯାଇଛି ପରିବାରର ଆର୍ଥିକ ମେରୁଦଣ୍ଡ। ତେଣୁ ଏଭଳି ଏକ ସମୟରେ ଆର୍ଥିକ ଅବସ୍ଥାକୁ ଦୃଷ୍ଟିରେ ରଖି ଘର ଚଳାଇବା ବି କାଠିକର ପାଠ। କେଉଁ ଖର୍ଚ୍ଚକୁ ବାଦ ଦେଇ କାହାକୁ ଗୁରୁତ୍ୱ ଦେବାକୁ ହେବ ସେନେଇ ଚାପରେ ରହୁଛନ୍ତି ଗୃହିଣୀ...**






**ଲ**କ୍ଡାଉନ୍ ପାଇଁ ଏବେ ସାରା ବିଶ୍ୱରେ ଦେଖାଦେଇଛି ଗୁରୁତର ଆର୍ଥିକ ସଙ୍କଟ। ଆଗକୁ ପରିସ୍ଥିତି ଆହୁରି ଭୟଙ୍କର ହେବ ବୋଲି ସମୀକ୍ଷକମାନେ ସୂଚାଇ ଦେଲେଣି। ସେଥିପାଇଁ ତ ଅଧିକାଂଶ କମ୍ପାନୀରେ କର୍ମଚାରୀଙ୍କ ବେତନ କଟାଯାଇଛି ତ ବେପାରବଣିଜ କରୁଥିବା ଲୋକଙ୍କର ଆର୍ଥିକ କାରବାର ପୂରା ବନ୍ଦ। ତେଣୁ ଏଭଳି ସ୍ଥିତିରେ ଗୃହିଣୀଙ୍କ ଚାପ ବହୁତ ବଢ଼ିଯାଇଛି। ଖର୍ଚ୍ଚକାଟ କରି କିଭଳି ଘର ଚଳାଇବେ ସେ ନେଇ ସମସ୍ତେ ଚିନ୍ତାରେ ଅଛନ୍ତି। କିନ୍ତୁ ପରିସ୍ଥିତି ଅନୁସାରେ ନିଜକୁ ଖାପଖୁଆଇ ଚଳିବା ହିଁ ବୁଦ୍ଧିମତୀଙ୍କ କାମ।

- ଆପଣ ଯଦି କାହାଠାରୁ ଋଣ ନେଇଛନ୍ତି ତେବେ ମାସିକ କିସ୍ତି ବା ଋଣ ଠିକ୍ ସମୟରେ ଦିଅନ୍ତୁ। ନଚେତ୍ ପରେ ଆପଣଙ୍କୁ ପେନାଲ୍ଟି ସହିତ ଅଧିକ ଟଙ୍କା ଦେବାକୁ ହେବ।
- କୁହାଯାଏ ଭଗବାନ ଗୋଟିଏ ଦ୍ୱାର ବନ୍ଦ କଲେ ଅନ୍ୟ ଏକ ଦ୍ୱାର ଖୋଲି ଦିଅନ୍ତି। ତେଣୁ ଏ ସମୟରେ ଅନ୍ୟ କିଛି ରୋଜଗାରର ମାଧ୍ୟମ ନେଇ ଚିନ୍ତା କରିବା ଉଚିତ। ବିକଳ୍ପ ବ୍ୟବସ୍ଥା କରିଥିଲେ ଭବିଷ୍ୟତରେ ଅସୁବିଧା ହେବନି।
- ଘରକୁ କୌଣସି ନୂଆ ଜିନିଷ କିଣିବା ପୂର୍ବରୁ ବର୍ତ୍ତମାନ ସମୟରେ ତାହାର ଆବଶ୍ୟକତା କେତେ ସେ ବିଷୟରେ ଚିନ୍ତା କରନ୍ତୁ। ଯଦି ନିହାତି ଆବଶ୍ୟକ ନ ଥାଏ ତେବେ କିଣନ୍ତୁ ନାହିଁ। ଆର୍ଥିକ ପରିସ୍ଥିତି ବଦଳିଗଲେ କିଣିବେ।
- ଖର୍ଚ୍ଚ କରିବା ପୂର୍ବରୁ କିଛିଟା ସଞ୍ଚୟ କରିବାକୁ ଚେଷ୍ଟା କରନ୍ତୁ।
- ପରିସ୍ଥିତି ସବୁବେଳେ ସମାନ ନ ଥାଏ। ତେଣୁ ଏ ପରିସ୍ଥିତିରେ ବି ଆପଣ ଯଦି କାହାକୁ ସହାୟତା କରିବାକୁ ସମର୍ଥ ତେବେ ନିଶ୍ଚୟ କରନ୍ତୁ।

### କିଚେନ ଗାର୍ଡେନ କରିବି

**–ରାଜଶ୍ରୀ ନାୟକ,** (ଗୃହିଣୀ)
*ଦେଉଳବେଡ଼ା କଲୋନୀ, ତାଳଚେର*

**ଅ**ର୍ଥନୈତିକ ସଙ୍କଟ ଯୋଗୁ ଆଗକୁ ପରିବର୍ତ୍ତନ ହେବାକୁ ଥିବା ଜୀବନଶୈଳୀ ପାଇଁ ମୁଁ ବି ଏବେଠାରୁ ପ୍ରସ୍ତୁତ ହେଉଛି। ତେଣୁ ଅଳ୍ପ ଜିନିଷରେ କିପରି ଘର ଚଳେଇ ହେବ ତାହା ଏହି ଲକ୍ଡାଉନ୍ ହିଁ ମୋତେ ଶିଖେଇ ଦେଇଛି। କମ୍ ପ୍ରକାରର ଖାଇବା କିନ୍ତୁ ସ୍ୱାସ୍ଥ୍ୟ ହିତକର ଖାଇବା କଥା ପୂରା ପରିବାର ବି ବୁଝି ପାରିଛନ୍ତି। ପିଲା ଜଙ୍କ୍ ଫୁଡ୍କୁ ଛାଡ଼ି ଆମ ପାରମ୍ପରିକ ଓଡ଼ିଆ ଖାଦ୍ୟକୁ ଆପଣେଇ ନେଇଛନ୍ତି। ବଳକା ଖାଦ୍ୟ ହେଉ ବା ଅନ୍ୟ କିଛି ଆବଶ୍ୟକତା, ପ୍ରତ୍ୟେକ ଜିନିଷର ଠିକ୍ ଉପଯୋଗ କରିବାର ଅଭ୍ୟାସ ହୋଇଗଲାଣି। ଆଗକୁ ଅଗଣାରେ ଗୋଟେ କିଚେନ୍ ଗାର୍ଡେନ୍ କରିବାକୁ ଏବେଠାରୁ ମୁଁ ପ୍ରସ୍ତୁତ ହେଲିଣି। ତେଣୁ ଭବିଷ୍ୟତରେ ହେବାକୁ ଥିବା ଆର୍ଥିକ ଅସୁବିଧାକୁ ସାମ୍ନା କରିବାକୁ ଊଣା ଅଧିକେ ଆମେ ପ୍ରସ୍ତୁତ ଅଛୁ।

### ପିଲା ବୁଝିଲେଣି ଟଙ୍କାର ମୂଲ୍ୟ

**–ବୀତିବାଳା ଆଚାର୍ଯ୍ୟ,**
*ଶିକ୍ଷୟିତ୍ରୀ, ଟାଇମ୍ସ ଗୁରୁକୁଳ*

**ଲ**କ୍ଡାଉନ୍ ଯୋଗୁଁ ସମସ୍ତଙ୍କୁ ତ ଅର୍ଥ ଅଳ୍ପ ବହୁତେ ଚିନ୍ତାରେ ପକାଇଛି। ଅବଶ୍ୟ ଆମର ଠିକ୍ ସମୟରେ ଦରମା ମିଳିଛି ହେଲେ ସାରା ବିଶ୍ୱର ଆର୍ଥିକ ମାନ୍ଦାବସ୍ଥାକୁ ଦେଖିଲେ ଭବିଷ୍ୟତ ନେଇ ଚିନ୍ତା କରିବାକୁ ପଡୁଛି। ତେଣୁ ନିଶ୍ଚିତରୂପେ ଜଣେ ଗୃହିଣୀଭାବେ ଘର ଖର୍ଚ୍ଚ କଲାବେଳେ ଭାବିଚିନ୍ତି କରିବାକୁ ପଡୁଛି। ଆଗରୁ ଯେମିତି ହାତଖୋଲା ଖର୍ଚ୍ଚ କରାଯାଉଥିଲା ତାହା ଏବେ ବନ୍ଦ ହୋଇଯାଇଛି। କାଲି ପାଇଁ କିଛିଟା ସଞ୍ଚୟ କରିବାକୁ ପଡୁଛି। ପିଲାମାନେ ବି ଏବେଠାରୁ ନିଜ ଆବଶ୍ୟକତାକୁ କମ୍ କରି ଖର୍ଚ୍ଚ ନିୟନ୍ତ୍ରଣରେ ସାହାଯ୍ୟ କରୁଛନ୍ତି।




### ସଞ୍ଚୟ ଉପରେ ଗୁରୁତ୍ୱ ଦେଉଛି

**–ମଧୁସ୍ମିତା ସ୍ୱାଇଁ,** *ଅଧ୍ୟାପିକା, ସରକାରୀ ପଲିଟେକ୍ନିକ୍, ଭୁବନେଶ୍ୱର*

**ଲ**କ୍ଡାଉନ୍ ଫଳରେ ବ୍ୟକ୍ତିଗତଭାବେ ଆମର ଆର୍ଥିକ ସମସ୍ୟା ଏପର୍ଯ୍ୟନ୍ତ ଦେଖାଯାଇନି ସତ, କିନ୍ତୁ ଭବିଷ୍ୟତ କଥା ଭାବି ମୁଁ ସଚେତନ ହୋଇଛି। ଜଣେ ଗୃହିଣୀଭାବେ ମୁଁ ଏବେ ଘର ଖର୍ଚ୍ଚକୁ ଭାବିଚିନ୍ତି କରୁଛି। ଏମିତିରେ ବି ଏବେ ମାର୍କେଟ ବନ୍ଦ ଥିବାରୁ ଡ୍ରେସ କିମ୍ବା ଅନ୍ୟ ଫ୍ୟାଶନେବୁଲ୍ ଜିନିଷ କିଣିବାରେ ହେଉଥିବା ଖର୍ଚ୍ଚ କମିଯାଇଛି। କେବଳ ଆବଶ୍ୟକତା ଓ ପରିବାରର ସମସ୍ତଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଚିନ୍ତା କରି ଖର୍ଚ୍ଚ କରୁଛି। ଆଗକୁ ଆର୍ଥିକ ସ୍ଥିତି ଆହୁରି ଖରାପ ହେବ, ତେଣୁ ଖର୍ଚ୍ଚ ନିୟନ୍ତ୍ରଣ କରି କିଛିଟା ସଞ୍ଚୟ କରିବା ଉପରେ ଗୁରୁତ୍ୱ ଦେଉଛି। ଏହାଛଡ଼ା ଘରକୁ କାମବାଲି ଆସୁ ନ ଥିଲେ ବି ତା'କୁ ତା'ର ମାସିକ ଦରମା ଦେଇଛି । ମୋ ନଜରକୁ ଆସୁଥିବା କେହି ଲୋକ ଅସୁବିଧାରେ ଥିବା ଅନୁଭବ କଲେ ଯଥାସମ୍ଭବ ସାହାଯ୍ୟ ବି କରୁଛି।


ବୀତିବାଳା


ମଧୁସ୍ମିତା


ରାଜଶ୍ରୀ

### ଖର୍ଚ୍ଚ ନିୟନ୍ତ୍ରଣ ବୁଦ୍ଧିମତ୍ତାର କାମ

**–ଡ. ସରିତା ସୂପକାର**
*ଚେୟାରପର୍ସନ, ପିଜି କାଉନ୍ସିଲ୍, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ*



**ବି**ଶ୍ୱର ଆର୍ଥିକ ସ୍ଥିତି ଏବେ ସାଂଘାତିକ ଅବସ୍ଥାରେ ବୋଲି କହନ୍ତି ଅର୍ଥନୀତି ବିଶେଷଜ୍ଞ ଡକ୍ଟର ସରିତା ସୂପକାର। ତାଙ୍କ ମତରେ ବର୍ତ୍ତମାନ ସ୍ଥିତିରେ ଉଚ୍ଚବର୍ଗର ଲୋକଙ୍କ ଉପରେ ଆର୍ଥିକ ଅବସ୍ଥାର ପ୍ରଭାବ ପଡ଼ିନାହିଁ। ସେମାନେ ନିଜ ସଞ୍ଚିତ ଅର୍ଥକୁ ଖର୍ଚ୍ଚ କରି ଆରାମରେ ଚଳି ଯାଉଛନ୍ତି। କିନ୍ତୁ ଅସୁବିଧା ଭୋଗୁଛନ୍ତି ନିମ୍ନ ବର୍ଗ ଓ ନିମ୍ନ ମଧ୍ୟବିତ୍ତ ବର୍ଗର ଲୋକେ। ନିମ୍ନ ବର୍ଗର ଲୋକଙ୍କ ମଧ୍ୟରେ ଶ୍ରମିକ ତଥା ଦିନ ମଜୁରିଆ ରହୁଛନ୍ତି। ସେମାନଙ୍କ ପାଖରେ ବର୍ତ୍ତମାନ ବଞ୍ଚିବା ପାଇଁ ମଧ୍ୟ କୌଣସି ସାଧନ ନାହିଁ। ଆଉ ଲଗାତର କିଛି ମାସ ଏପରି ଅବସ୍ଥା ରହିଲେ ଉଚ୍ଚ ବର୍ଗର ଲୋକେ ବି ଆର୍ଥିକ ସମସ୍ୟା ଭୋଗିବେ। ତେଣୁ ଏ ସମୟରେ ଗୃହିଣୀମାନେ ଦୂରଦୃଷ୍ଟିସମ୍ପନ୍ନ ହୋଇ ଖର୍ଚ୍ଚ ନିୟନ୍ତ୍ରଣ କରି ଭବିଷ୍ୟତ ପାଇଁ କିଛିଟା ସଞ୍ଚୟ କରିବା ହିଁ ବୁଦ୍ଧିମାନର କାମ।

# ଫିଟ୍ ରଖେ ଯୋଗ

**ବ୍ୟସ୍ତବହୁଳ ଜୀବନଶୈଳୀରେ କାର୍ଯ୍ୟର ଚାପ ଯୋଗୁ କର୍ମଜୀବୀ ହୁଅନ୍ତୁ ଅବା ଗୃହିଣୀଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଏଣୁ ଏହାକୁ ଦୂର କରିବା ଲାଗି ଦିନଚର୍ଯ୍ୟାରେ ଯୋଗାସନକୁ ସାମିଲ କରିବା କୌଣସି ବରଦାନଠୁ କମ୍ ନୁହେଁ...**

– ଦୈନିକ ଯୋଗ କରିବା ଦ୍ୱାରା ଏହା ପଞ୍ଚ ଇନ୍ଦ୍ରିୟ, ସ୍ନାୟୁତନ୍ତ୍ର, ରକ୍ତନଳୀ, ଶ୍ୱାସକ୍ରିୟା ଆଦିକୁ ସୂଚାରୁରୂପେ ସଞ୍ଚାଳନ କରିବାରେ ସାହାଯ୍ୟ କରିଥାଏ ; ଯାହାକି ଶରୀରକୁ ଫିଟ୍ ରଖିବା ସହ ମାନସିକ ସନ୍ତୁଳନ ରକ୍ଷା କରିଥାଏ। ଫଳରେ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ହୋଇଥାଏ। ଚିଡ଼ିଚିଡ଼ାପଣ, ଅବସାଦ ଆଦି ଦୂର ହୋଇ ମାନସିକ ଶାନ୍ତି ମିଳିଥାଏ।

– ଅଧିକାଂଶ ମହିଳାଙ୍କ ଶିଶୁ ଜନ୍ମ ପରେ ଏବଂ ଋତୁସ୍ରାବ ବିରତି ପରେ ଶରୀରରେ ହରମୋନ୍ ପରିବର୍ତ୍ତନ ଯୋଗୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଆରମ୍ଭ ହୋଇଥାଏ। ଅନେକଙ୍କଠାରେ ଏଥିଲାଗି ଶାରୀରିକ ପୀଡ଼ା ବିଶେଷକରି ପିଠି, ଆଣ୍ଠୁଗଣ୍ଠି,



ବେକ ଆଦି ସ୍ଥାନରେ ଯନ୍ତ୍ରଣା ହୋଇଥାଏ। ହେଲେ ପ୍ରତିଦିନ ଯୋଗ କରିବା ଦ୍ୱାରା ଏହି ସମସ୍ୟା ଦୂର ହେଇଥାଏ।

– ଯୋଗ କରିବା ସମୟରେ ବିଭିନ୍ନ ଯୋଗମୁଦ୍ରା ଏବଂ ଶ୍ୱାସକ୍ରିୟା ମଧ୍ୟରେ ସାମଞ୍ଜସ୍ୟ ଯୋଗୁ ଶରୀରର ରକ୍ତ ସଞ୍ଚାଳନ ପ୍ରକ୍ରିୟା ସୁଚାରୁ ରୂପେ ହୋଇଥାଏ। ଏହା ଦ୍ୱାରା ହୃଦ୍‌ରୋଗ ଆଶଙ୍କା କମ ହୁଏ।

– ଅଧିକ ସମୟ ଧରି ଗୋଟେ ସ୍ଥାନରେ ଠିଆ ହୋଇ ରୋଷେଇ କରୁଥିବା, ଅଧିକ ସମୟ ବସି ଅଫିସ କାମ କରୁଥିବା କିମ୍ବା ଗାଡ଼ି ଚଲାଉଥିବା ମହିଳା ନିୟମିତ ଯୋଗ କରିବା ଦରକାର। କାରଣ ଏହା ସେମାନଙ୍କୁ ଫିଟ୍ ରଖିବାର ସବୁଠୁ ଭଲ ମାଧ୍ୟମ।

– ବର୍ତ୍ତମାନ ମେଦବହୁଳତା ଅଧିକାଂଶ ମହିଳାଙ୍କ ଲାଗି ଏକ ବଡ଼ ସମସ୍ୟ ପାଲଟିଛି। ଆଉ ଏଥିଯୋଗୁଁ ଡାଇବେଟିସ୍, ରକ୍ତଚାପ ଭଳି ସମସ୍ୟା କମାଇ ଫିଟ୍ ରଖିବା ଲାଗି ଯୋଗାସନ ବେଶ୍ ଉପକାରୀ।

– ନିୟମିତ ଯୋଗାଭ୍ୟାସ ଦ୍ୱାରା ଦୃଷ୍ଟିଶକ୍ତି ଏବଂ ପାଚନଶକ୍ତି ବୃଦ୍ଧି ପାଇଥାଏ।

– ଏହା ମାଂସପେଶୀଗୁଡ଼ିକୁ ଶକ୍ତ କରିବା ସହ ମେଦ ହ୍ରାସ ଏବଂ ପତଳା ଶରୀରକୁ ବଳିଷ୍ଠ କରିଥାଏ।

– ମାସିକ ଋତୁସ୍ରାବ ସମୟରେ ଯନ୍ତ୍ରଣା କମାଇବାରେ ମଧ୍ୟ ଯୋଗାସନ ଫଳପ୍ରଦ। କେବଳ ଏତିକି ନୁହେଁ, ନିୟମିତ ଯୋଗ କରିବା ଦ୍ୱାରା ସ୍ତନ କର୍କଟ ଆଶଙ୍କା କମିଥାଏ।

– ଯୋଗ କରିବା ଦ୍ୱାରା ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ। ଚର୍ମ ଚିକ୍କଣ ଏବଂ ସୁନ୍ଦର ରହିବା ସହ କେଶ ମଜଭୁତ ରହିଥାଏ।



## ପୁରୀରେ ପହଞ୍ଚିଲେ ୧୨୭ ପ୍ରବାସୀ

ପୁରୀ ଅଫିସ,୪।୫: କରୋନା କଟକଣାରେ କିଛିଟା କୋହଳ ହେବା ପରେ ସୋମବାର ବାଙ୍ଗାଲୋର ଏବଂ ସୁରଟରୁ ୧୨୭ ପ୍ରବାସୀ ଓଡ଼ିଆ ପୁରୀ ଜିଲାକୁ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ଅସ୍ତରଙ୍ଗ ବ୍ଲକର ୨ଜଣ, ବ୍ରହ୍ମଗିରିର ୧୦, ଡେଲାଙ୍ଗର ୫, ଗୋପର ୭, କାକଟପୁରର ୧୨, କଣାସର ୩୫, କୃଷ୍ଣପ୍ରସାଦର ୧୬, ନିମାପଡ଼ାର ୧୦, ପିପିଲିର ୨, ସତ୍ୟବାଦୀର ୨୬ ଏବଂ ପୁରୀ ପୌରସଂସ୍ଥାର ୨ଜଣ ରହିଛନ୍ତି। ସମସ୍ତଙ୍କର ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସ୍ୱତନ୍ତ୍ର ଗାଡ଼ି ମାଧ୍ୟମରେ ସମ୍ପୃକ୍ତ ବ୍ଲକକୁ ପଠାଯାଇ ଅସ୍ଥାୟୀ ଚିକିତ୍ସା କେନ୍ଦ୍ରରେ ରଖାଯାଇଛି।

# କଟକଣା କୋହଳ ପରେ କୋଳାହଳ


ଲକ୍‌ଡାଉନ୍ କୋହଳ ପରେ ସୋମବାର କଟକ ବାଦାମବାଡ଼ି ମୁଖ୍ୟ ରାସ୍ତାରେ ଗାଡ଼ି ଚଳାଚଳ କରୁଛି।

**ଗ୍ରୀନ୍ ଜୋନ୍‌ରେ କଟକ**

**କଟକ ଅଫିସ,୪।୫**

କୋହଳ ହୋଇଛି କରୋନା କଟକଣା। ୪୩ ଦିନ ପରେ ଚଳଚଞ୍ଚଳ ହୋଇଛି କଟକ। ଗ୍ରୀନ୍ ଜୋନ ମାନ୍ୟତା ପାଇଥିବାରୁ ଏଠାରେ ସାଧାରଣ ଜନଜୀବନ ସୋମବାର ଠାରୁ ସ୍ୱାଭାବିକ ହୋଇଛି। ରବିବାର ରାତିରେ ବିଭିନ୍ନ ଛକରେ ଥିବା ପୋଲିସ ବ୍ୟାରିକେଡକୁ ଉଠାଇ ଦିଆଯାଇଥିଲା। ଦୋକାନ ବଜାର ଖୋଲିବା ସହ ଲୋକଙ୍କ ଭିଡ଼ ଦିନ ତମାମ ଲାଗି ରହିଥିଲା। ହେଲେ ଏଭଳି କୋଳାହଳ କଟକକୁ ପୁଣିଥରେ କରୋନା କଟକଣା ଭିତରକୁ ଠେଲି ଦେବ ବୋଲି ଆଶଙ୍କା କରାଯାଇ ପାରେ। ଦୋକାନ ବଜାର ଖୋଲିବା ସତ୍ତ୍ୱେ ସାମାଜିକ ଦୂରତ୍ୱ ବଜାୟ ରହୁ ନ ଥିବା ଦେଖିବାକୁ ମିଳିଛି।

ଲକ୍‌ଡାଉନ ଓ ସଟ୍‌ଡାଉନ ଭିତରେ ଲୋକଙ୍କ ଜୀବନଚର୍ଯ୍ୟା ସମ୍ପୂର୍ଣ୍ଣ ବଦଳି ଯାଇଥିଲା। କଟକଣା କୋହଳ ହେତୁ ଲୋକଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳିଥିଲା। ସୋମବାର ସକାଳୁ ବିଭିନ୍ନ ଛକରେ ଦୋକାନ ଖୋଲିବା ପରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବିଶେଷକରି ଚୌଧୁରୀବଜାର, ନନ୍ଦିସାହି, ହରିପୁର, ନୟାସଡ଼କ, ଦରଘାବଜାର ଅଞ୍ଚଳରେ ହୋଲ୍‌ସେଲ ଦୋକାନ ଥିବା ହେତୁ ଖୁଚୁରା ବ୍ୟବସାୟୀଙ୍କ ଭିଡ଼ ଲାଗିଥିଲା। କଲେଜଛକ, ରାଣୀହାଟ, ବାଦାମବାଡ଼ି, ଦୋଳମୁଣ୍ଡାଇ, ବକ୍ସିବଜାର ଅଞ୍ଚଳରେ ଥିବା ଦୋକାନ ଓ ଫୁଡ ସେଣ୍ଟରଗୁଡ଼ିକରେ ମଧ୍ୟ ଭିଡ଼ ଦେଖିବାକୁ ମିଳିଥିଲା। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୋକାନ ଖୋଲିବା ପାଇଁ ସିଏମ୍‌ସି ପକ୍ଷରୁ ଅନୁମତି ମିଳିଥିଲା। ହେଲେ ଧାର୍ଯ୍ୟ ସମୟ ପରେ ମଧ୍ୟ ଦୋକାନ ଖୋଲିଥିବା କେତେଜଣ ବ୍ୟବସାୟୀଙ୍କଠାରୁ ସିଏମ୍‌ସି ପକ୍ଷରୁ ଜରିମାନା ଆଦାୟ କରାଯାଇଛି। ସନ୍ଧ୍ୟା ପରେ ସହରର ଚିତ୍ର ପୂର୍ବ ସ୍ଥିତିକୁ ଫେରି ଯାଇଥିଲା। ଅନ୍ୟପକ୍ଷରେ ଛତ୍ରବଜାରରେ ପୂର୍ବଭଳି ଖୁଚୁରା ବେପାରୀଙ୍କ ଭିଡ଼ ଲାଗିବନି ବୋଲି ସ୍ପଷ୍ଟ କରିଛନ୍ତି ଛତ୍ରବଜାର ପୂଜା କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ। ଏବେ ସୁଦ୍ଧା ଖୁଚୁରା ବ୍ୟବସାୟୀଙ୍କୁ ଛତ୍ରବଜାରରେ ବ୍ୟବସାୟ ନିମନ୍ତେ ଅନୁମତି ଦିଆଯାଇନାହିଁ ବୋଲି ସେ କହିଛନ୍ତି। ଯେଉଁ ସ୍ଥାନରେ ପରିବା ବିକ୍ରି ଚାଲିଛି, ସେଠାରେ ହିଁ ଚାଲିବ। ପୋଲିସ ପ୍ରଶାସନ ପକ୍ଷରୁ କୋହଳ ମନୋଭାବ ପୋଷଣ କରାଯାଉଥିବା ଦେଖିବାକୁ ମିଳିଛି। କୌଣସି ଛକରେ ପୋଲିସର ଚେକିଂ ପୋଷ୍ଟ ନାହିଁ। ପୂର୍ବରୁ ଯେଉଁଭଳି ଭାବେ ବାଇକ ଚାଳକଙ୍କୁ ଅଟକାଇ ପଚରା ଉଚରା କରାଯିବା ସହ ଜରିମାନା ଆଦାୟ କରାଯାଉଥିଲା ତାହା ମଧ୍ୟ ବନ୍ଦ ରହିଥିଲା। ଏ ସମ୍ପର୍କରେ ଟ୍ରାଫିକ ଥାନା ଆଇଆଇସି ମନୋଜ ରୋଶନ ବିଲୁଙ୍ଗ କହିଛନ୍ତି, ଟ୍ରାଫିକ ଥାନା ପକ୍ଷରୁ କେବଳ ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରୁଥିବା ଗାଡ଼ି ଚାଳକଙ୍କ ଠାରୁ ଏବେ ଜରିମାନା ଆଦାୟ କରାଯିବ। ପୂର୍ବରୁ ଯେପରି କଡା ପଦକ୍ଷେପ ଗ୍ରହଣ ହୋଇଥିଲା ଏବେ ସେଥିରୁ ପ୍ରତିବନ୍ଧକ ଉଠିଛି।

## ସଂକ୍ଷେପରେ

### ଶ୍ରମିକଙ୍କ ଘର ଫେରିବା ଖର୍ଚ୍ଚ ସରକାର ବହନ କରନ୍ତୁ

**କଟକ ଅଫିସ,୪।୫:** ଅସହାୟ ପ୍ରବାସୀ ଶ୍ରମିକଙ୍କୁ ନିଜ ଘରେ ପହଞ୍ଚାଇବା ପାଇଁ ଆର୍ଥିକ ଦାୟିତ୍ୱ ଗ୍ରହଣ କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରତ୍ୟାଖାନକୁ ଏସୟୁସିଆଇ(ସି) ନିନ୍ଦା କରିଛି। ସରକାର ସେମାନଙ୍କ ଖର୍ଚ୍ଚ ବହନ କରନ୍ତୁ ବୋଲି ସଙ୍ଗଠନର ସାଧାରଣ ସମ୍ପାଦକ ପ୍ରଭାଷ ଘୋଷ ଏକ ପ୍ରେସ୍ ବିବୃତିରେ କହିଛନ୍ତି। ସେ କହିଛନ୍ତି, ଶ୍ରମିକଙ୍କ ଖର୍ଚ୍ଚ ବହନ କରିବାକୁ ରାଜ୍ୟ ସରକାରଗୁଡ଼ିକୁ କେନ୍ଦ୍ର ସରକାର କହିଛନ୍ତି। ଅନ୍ୟପଟେ ଧନୀମାନଙ୍କ ୬୮,୬୦୭ କୋଟି ଟଙ୍କା ରାଇଟ୍‌ଅଫ୍ କରାଯାଇଛି। ଆମେରିକା ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବହୁ କୋଟି ଟଙ୍କା ଅଯଥାରେ ଖର୍ଚ୍ଚ ହେଉଛି। ହେଲେ ବର୍ତ୍ତମାନର ସମୟରେ ସରକାରଙ୍କର ଗରିବ ମାରଣ ଓ ଧନୀ ତୋଷଣ ନୀତି ନିନ୍ଦନୀୟ। ସମସ୍ତ ପ୍ରବାସୀ ଶ୍ରମିକଙ୍କ ଘରକୁ ଫେରିବା ଖର୍ଚ୍ଚ ବହନ ସହ ସମସ୍ତ ପ୍ରକାର ରିଲିଫ ଯୋଗାଇ ଦେବା ପାଇଁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି।

### ପୋଲିସକୁ ସାନିଟାଇଜର, ମାସ୍କ ପ୍ରଦାନ

**କଟକ ଅଫିସ,୪।୫:** କଟକ ଡିସିପି ଅଖିଳେଶ୍ୱର ସିଂଙ୍କୁ ୫୦୦ ବୋତଲ ସାନିଟାଇଜର ଏବଂ ୪ ହଜାର ମାସ୍କ ଆଶ୍ୱସ୍ତି ଫାଉଣ୍ଡେଶନ ପକ୍ଷରୁ ପ୍ରଦାନ କରାଯାଇଛି। ସଙ୍ଗଠନର ରାଜ୍ୟ ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଡିସିପିଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ସାମଗ୍ରୀ ହସ୍ତାନ୍ତର କରିଥିଲେ। ଏହା ପୂର୍ବରୁ କଟକର ବିଭିନ୍ନ ଅଞ୍ଚଳ ବୁଲି ଶୁଖିଲା ଓ ରନ୍ଧା ଖାଦ୍ୟ ଏବଂ ମାସ୍କ ପ୍ରଦାନ ସହ ସଚେତନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ସଭାପତି ସୁଦର୍ଶନ ପତି, ପ୍ରଣବ କୁମାର ବିଶ୍ୱାଳ, ଡ. ବ୍ୟୋମକେଶ କାନୁନ୍‌ଗୋ, ଦିବ୍ୟଜ୍ୟୋତି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରବାସୀ ଓଡ଼ିଆଙ୍କ ଫେରିବା ଖର୍ଚ୍ଚ ଦେବ କଂଗ୍ରେସ

**ନିଶ୍ଚିନ୍ତକୋଇଲି,୪।୫(ସ୍ୱ.ପ୍ର.):** ପ୍ରବାସୀ ଓଡ଼ିଆ ଗାଁକୁ ଫେରିବା ପାଇଁ ଆଶାବାନ୍ଧି ବସିଥିବା ବେଳେ ଜାତୀୟ କଂଗ୍ରେସ ପକ୍ଷରୁ ସହାୟତାର ହାତ ବଢ଼ାଯାଇଛି। ସେମାନଙ୍କ ଗସ୍ତ ଖର୍ଚ୍ଚ ବହନ କରିବା ପାଇଁ ଜାତୀୟ କଂଗ୍ରେସ ଦଳ ଅଧକ୍ଷା ସୋନିଆ ଗାନ୍ଧୀ ଘୋଷଣା କରିବା ପରେ ବହୁ ପ୍ରବାସୀ ଓଡ଼ିଆ ଖୁସିବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ପିସିସି ସମ୍ପାଦକ ପ୍ରଦୀପ୍ତ ଦାସ ସୋମବାର ଅପରାହ୍ନରେ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରିଥିଲେ। ମାହାଙ୍ଗା ନିର୍ବାଚନ ମଣ୍ଡଳୀରୁ ବାହାର ରାଜ୍ୟରେ ଫସିଥିବା ଓଡିଆମାନଙ୍କୁ ଫେରାଇ ଆଣିବା ପାଇଁ କଂଗ୍ରେସ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯିବ। ଏନେଇ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଉଛି ବୋଲି ସେ ଖବରଦାତା ସମ୍ମିଳନୀରେ କହିଥିଲେ। ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ଦିଲୀପ ରାଉତ, ଅମିୟ ବିଶ୍ୱାଳ,ସଞ୍ଜୟ ବେହେରାଙ୍କ ସମେତ ବହୁ ନେତୃ ମଣ୍ଡଳୀ ଯୋଗ ଦେଇଥିଲେ।

### ପିପିଲିରେ ଖୋଲିଲା କୋଭିଡ୍ ଶେଡ, ସମୀକ୍ଷା କଲେ ମନ୍ତ୍ରୀ

**ପିପିଲି,୪।୫(ସ୍ୱ.ପ୍ର.):** ପିପିଲିର ସ୍ଥାନୀୟ ଏକ ଇଞ୍ଜିନିୟରିଂ କଲେଜରେ ପ୍ରବାସୀମାନଙ୍କ ପାଇଁ ପୁରୀ ଜିଲା ଅଭ୍ୟର୍ଥନା କକ୍ଷ(କୋଭିଡ ଶେଡ) ଖୋଲାଯାଇଛି। ପୁରୀକୁ ପ୍ରବାସୀଙ୍କୁ ନେଇ ଆସୁଥିବା ପ୍ରତ୍ୟେକ ବସକୁ ଏଠାରେ ଅଟକା ଯାଇ ଚେକିଂ କରାଯିବ। ଜିଲା ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଏଠାରେ ସମସ୍ତ ବନ୍ଦୋବସ୍ତ କରାଯାଇଛି। ସୋମବାର ଏଠାରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପହଞ୍ଚି ସ୍ଥିତି ଅନୁଧାନ କରିଛନ୍ତି। କକ୍ଷରେ ପ୍ରବାସୀଙ୍କ ରେଜିଷ୍ଟ୍ରେଶନ ଓ ଟେଷ୍ଟ ପାଇଁ କିଭଳି ବ୍ୟବସ୍ଥା କରାଯାଇଛି ତାହା ମନ୍ତ୍ରୀ ବୁଲି ଦେଖିଥିଲେ। ଏହି ସମୟରେ ପୁରୀ ଉପଜିଲାପାଳ ଭବତାରଣ ସାହୁ, ପିପିଲି ତହସିଲଦାର ସପନ କୁମାର ନନ୍ଦ, ବିଡିଓ ଗୌରବମୟ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କଲେଜରେ ପ୍ରବାସୀମାନଙ୍କ ଗାଡି ପହଞ୍ଚିବା ପରେ ସମସ୍ତଙ୍କର ଥର୍ମାଲ ସ୍କ୍ରିନିଂ କରାଯିବା ସହ ଆଣ୍ଟିବଡି ରାପିଡ୍ ଟେଷ୍ଟ କରାଯିବ। ରବିବାର ଗୋଟିଏ ବସରେ ୪୦ଜଣ ପ୍ରବାସୀ ଆସିଥିବା ବେଳେ ସୋମବାର ୪ଟି ଗାଡିରେ ବାଙ୍ଗାଲୋର, ଚେନ୍ନାଇ, ତାମିଲନାଡୁ, ସୁରଟରୁ ମୋଟ ୬୭ଜଣ ପ୍ରବାସୀ ପୁରୀ ଜିଲାକୁ ଆସିଛନ୍ତି।

# ଝାଡ଼ଖଣ୍ଡ ଫେରିଲେ ୮୦ ପ୍ରବାସୀ

**ଖୋର୍ଦ୍ଧା ଅଫିସ,୪।୫:**

ଲକ୍‌ଡାଉନ ଯୋଗୁ ଖୋର୍ଦ୍ଧାରେ ଫସିରହିଥିବା ୮୦ଜଣ ଝାଡ଼ଖଣ୍ଡ ପ୍ରବାସୀ ସୋମବାର ୪ଟି ବସ୍‌ରେ ନିଜ ରାଜ୍ୟ ଅଭିମୁଖେ ଯାତ୍ରା କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଶ୍ରମିକଙ୍କ ସ୍କ୍ରିନିଂ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମସ୍ତଙ୍କୁ ଶୁଖିଲା ଖାଦ୍ୟ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଦିଆଯାଇଥିଲା। ଯାତ୍ରା ସମୟରେ ସାମାଜିକ ଦୂରତା ରକ୍ଷା ସହ ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି ବୋଲି ଉପଜିଲାପାଳ ଶାନ୍ତନୁ କୁମାର ରାଉତ କହିଛନ୍ତି। ସୂଚନା ଅନୁଯାୟୀ, ଝାଡ଼ଖଣ୍ଡର ଶତାଧିକ ଶ୍ରମିକ କାମ ପାଇଁ ଖୋର୍ଦ୍ଧାର ବିଭିନ୍ନ ଅଞ୍ଚଳକୁ ଆସିଥିଲେ। ତେବେ ଲକ୍‌ଡାଉନରେ କାମଧନ୍ଦା ବନ୍ଦ ହଇରାଣ ହେଉଥିଲେ। ପ୍ରଶାସନ ପକ୍ଷରୁ ସେମାନଙ୍କୁ ନିଜ ରାଜ୍ୟକୁ ପଠାଇବା ଲାଗି ପ୍ରକ୍ରିୟା ହୋଇଥିଲା। ଉଭୟ ରାଜ୍ୟର ସହମତି ଭିତ୍ତିରେ ଝାଡ଼ଖଣ୍ଡରୁ ୪ଟି ବସ୍ ରବିବାର ଆସି ଖୋର୍ଦ୍ଧାରେ ପହଞ୍ଚିଥିଲା।

ପ୍ରଥମ ପର୍ଯ୍ୟାୟରେ ଝାଡ଼ଖଣ୍ଡର ୮୦ଜଣ ଫେରିଛନ୍ତି। ସେହିପରି ପଶ୍ଚିମବଙ୍ଗ ଫେରିବାକୁ ୧୫ଜଣ ପ୍ରବାସୀ ଉପଜିଲାପାଳଙ୍କ ସହ ଯୋଗାଯୋଗ କରିଛନ୍ତି। ବାଲୁଗାଁରେ ଫସିଥିବା ତାମିଲନାଡୁର କେତେଜଣ ଶ୍ରମିକ ନିଜସ୍ୱ ବ୍ୟବସ୍ଥାରେ ଫେରିବା ଲାଗି ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଆବେଦନ କରିଛନ୍ତି। ଉପଜିଲାପାଳ ରାଉତ କହିଛନ୍ତି, ଜିଲାକୁ ଫେରିବା ଲାଗି ରବିବାର ସୁଦ୍ଧା ୨୧ହଜାର ଶ୍ରମିକ ନାମ ପଞ୍ଜୀକରଣ କରିଛନ୍ତି। କେରଳରୁ ଆସିଥିବା ଦୁଇଟି ସ୍ୱତନ୍ତ୍ର ଟ୍ରେନରେ ବର୍ତ୍ତମାନ ସୁଦ୍ଧା ଖୋର୍ଦ୍ଧା ଜିଲାକୁ ୬୬ଜଣ ଫେରିଛନ୍ତି।

# କରୋନା ମୁକାବିଲା ପାଇଁ ସଜାଗ ରୁହ: ପଞ୍ଚାୟତିରାଜ ମନ୍ତ୍ରୀ



ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟ ଅଧିକାରୀମାନେ।

**ମାହାଙ୍ଗା/ନିଶ୍ଚିନ୍ତକୋଇଲି, ୪।୫(ସ୍ୱ.ପ୍ର.)–**

କରୋନା ମୁକାବିଲା ନିମନ୍ତେ ମାହାଙ୍ଗା ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ସୋମବାର ନିଜ ନିର୍ବାଚନମଣ୍ଡଳୀରେ ଥିବା ବିଭିନ୍ନ କ୍ୱାରାଣ୍ଟାଇନ କେନ୍ଦ୍ର ପରିଦର୍ଶନ କରିଛନ୍ତି। କରୋନା ଭୟାବହତାକୁ ଲକ୍ଷ୍ୟ କରି ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଜେନା ପୂର୍ବାହ୍ନରେ ନିଶ୍ଚିନ୍ତକୋଇଲି ବ୍ଲକ ଗସ୍ତରେ ଆସି ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ଅବସରରେ ସେ ବ୍ଲକର ବିଭିନ୍ନ ପଞ୍ଚାୟତରେ ରାଶନ କାର୍ଡ ହିତାଧିକାରୀ, ଭିନ୍ନକ୍ଷମ, ବିଧବା ଓ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ବୃଦ୍ଧାବୃଦ୍ଧଙ୍କୁ ସହାୟତା ରାଶି ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ବ୍ଲକରେ ପ୍ରବାସୀ ଓଡିଆଙ୍କ ପାଇଁ ବିଭିନ୍ନ ସ୍କୁଲରେ ୯୪ କ୍ୱାରାଣ୍ଟାଇନ କେନ୍ଦ୍ର ଖୋଲଯାଇଛି। ସେମାନଙ୍କ ମଧ୍ୟରେ ଥିବା ମହିଳାଙ୍କ ପାଇଁ ବ୍ଲକ ପରିସରରେ ସ୍ୱତନ୍ତ୍ର କେନ୍ଦ୍ର ଖୋଲାଯାଇଛି। ଏସବୁ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଥିବା ବେଡ୍ ଓ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ମନ୍ତ୍ରୀ ବୁଝିଥିଲେ। ସେହିପରି ଜେନା ମାହାଙ୍ଗା ବ୍ଲକ ଗସ୍ତ କରି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ସମୀକ୍ଷା ବୈଠକ କରିଥିଲେ। ଲକ୍‌ଡାଉନ୍ ସମୟରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନାରେ ପଞ୍ଜୀକୃତ ଶ୍ରମିକମାନଙ୍କୁ କାମ ଯୋଗାଇ ଦେବାକୁ କହିଥିଲେ। ୪୦୨୪୪ ଜଣ ରାଶନ କାର୍ଡଧାରୀଙ୍କୁ ୪ କୋଟି ୪୫ ହଜାର ୬୦୦ ଟଙ୍କା ,୧୩୧୫୦ ଜଣ ନିର୍ମାଣ ଶ୍ରମିକଙ୍କୁ ୧୯ ଲକ୍ଷ ୭୨ ହଜାର ୫ ଶହ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ଅସହାୟ ,ଦିବ୍ୟାଙ୍ଗ ଓ ପ୍ରବାସୀ ଓଡିଆ ଶ୍ରମିକମାନଙ୍କ ପାଇଁ ଲକଡାଉନ ସମୟରେ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ସେହିପରି ବ୍ଲକରେ ପ୍ରବାସୀ ଓଡିଆଙ୍କ ନିମନ୍ତେ ୬୫ ସଙ୍ଗରୋଧ କେନ୍ଦ୍ର କରାଯିବା ସହ ୨ହଜାର ଶଯ୍ୟା ପ୍ରସ୍ତୁତ କରାଯାଇଛି ବୋଲି ବୈଠକରେ ଆଲୋଚନା ହୋଇଥିଲା।ଏହି ବୈଠକରେ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ସମେତ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## କ୍ୱାରାଣ୍ଟାଇନ କେନ୍ଦ୍ରର ସ୍ଥିତି ପରଖିଲେ ଜିଲାପାଳ

**ଚୌଦ୍ୱାର,୪।୫(ଡି.ଏନ୍.ଏ.)**

କଟକ ଜଲାପାଳ ଭବାନୀ ଶଙ୍କର ଚୟନୀ ସୋମବାର ଚୌଦ୍ୱାର ପୌରପାଳିକା ଓ ବିଭିନ୍ନ ପଞ୍ଚାୟତରେ କରାଯାଇଥିବା କ୍ୱାରାଣ୍ଟାଇନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଗାନ୍ଧୀ ଛକ, ଚୌଦ୍ୱାର ମହାବିଦ୍ୟାଳୟର ମହିଳା ଛାତ୍ରୀ ନିବାସରେ ପ୍ରବାସୀ ଓଡ଼ିଆଙ୍କ ପାଇଁ କରାଯାଇଥିବା କ୍ୱାରାଣ୍ଟାଇନ କେନ୍ଦ୍ରର ସ୍ଥିତି ପରଖିଥିଲେ। ପରେ ପଞ୍ଚାୟତଗୁଡିକରେ ହୋଇଥିବା କେନ୍ଦ୍ର ବୁଲି ଦେଖିଥିଲେ। ପରିମଳ ବ୍ୟବସ୍ଥା ନେଇ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ପଦକ୍ଷେପ ନେବାକୁ ନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସିଏମ୍‌ସି କମିଶନରଙ୍କୁ ଦାବିପତ୍ର

**କଟକ ଅଫିସ,୪।୫**

କଟକ ଉଠା ଦୋକାନୀ ମହାସଂଘ ପକ୍ଷରୁ କଟକ ମହାନଗର ନିଗମ(ସିଏମ୍‌ସି) କମିଶନରଙ୍କୁ ଏକ ଦାବିପତ୍ର ସୋମବାର ପ୍ରଦାନ କରାଯାଇଛି। ମହାସଂଘ ସଭାପତି ସୁରେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କମିଶନର ଅନନ୍ୟା ଦାସଙ୍କୁ ଭେଟିବା ସହ ଉଠାଦୋକାନୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସହରରେ ବହୁ ଉଠାଦୋକାନୀ ପଞ୍ଜୀକରଣ କରି ନ ଥିବାରୁ ସେମାନେ ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କର କିଭଳି ପଞ୍ଜିକରଣ କରାଯାଇପାରିବ ସେ ନେଇ ସଂଘର ପକ୍ଷରୁ ଦାବି କରାଯାଇଛି। ପଞ୍ଜିକରଣ ଦାୟିତ୍ୱରେ ଥିବା ୱାର୍ଡସ୍ତରୀୟ କର୍ମଚାରୀ ସର୍ବସାଧାରଣରେ ତଥ୍ୟ ପ୍ରଦାନ କରିବାକୁ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ମନୋଜ ବେହେରା, ବାପୁଜୀ କର, ହରିଶ ଚନ୍ଦ୍ର ସାହୁ ଓ ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ଧ୍ରରୁ ଗାଁକୁ ଚାଲିଚାଲି ଆସିଲେ ପ୍ରବାସୀ

**ପିପିଲି,୪।୫(ସ୍ୱ.ପ୍ର.)**

ଲକଡାଉନ ବୃଦ୍ଧି ପରେ ଜଣେ ଯୁବକ ଆନ୍ଧ୍ରରୁ ଚାଲି ଚାଲି ପୁରୀ ଜିଲାର ନିଜ ଗ୍ରାମକୁ ଫେରୁଥିବାବେଳେ ସୋମବାର ତାଙ୍କୁ ତେଇଶିପୁର ଛକଠାରେ ପିପିଲିସ୍ଥିତ କୋଭିଡ ଶେଡରେ ରଖାଯାଇଛି। ସେ ହେଲେ ବ୍ରହ୍ମଗିରି ବ୍ଲକ ମାଣପଡ଼ା ପଞ୍ଚାୟତ ଶିସୁପୁର ଗ୍ରାମର ସୁଶାନ୍ତ ପ୍ରଧାନ। ସେଠାରେ ତାଙ୍କ ନାମ ପଞ୍ଜୀକରଣ କରାଯିବା ପରେ ନିଜ ଗାଁକୁ ପଠାଯାଇଛି। ସୂଚନା ଅନୁଯାୟୀ, ସୁଶାନ୍ତ ଆନ୍ଧ୍ରପ୍ରଦେଶର ନେଲୁର ଅଞ୍ଚଳରେ ଶ୍ରମିକ ଭାବେ କାମ କରୁଥିଲେ। ଲକଡାଉନ ଯୋଗୁ କାମ ବନ୍ଦ ହୋଇଯିବା ଓ ଟଙ୍କା ସରିଯିବାରୁ ନିଜ ଗାଁକୁ ଫେରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେ ଆନ୍ଧ୍ରରୁ ଚାଲିଚାଲି ଓ ଲିଫ୍ଟ ମାଗି ଆସି ପ୍ରାୟ ୬ ଦିନ ପରେ ଜଟଣୀ ପର୍ଯ୍ୟନ୍ତ ପହଞ୍ଚିଥିଲେ। ସୋମବାର ସକାଳୁ ଜଟଣୀଠାରୁ ଚାଲିଚାଲି ପିପିଲିରେ ପହଞ୍ଚିବା ପରେ ଜଣେ ବାଇକ ଆରୋହୀ ସହ ମଙ୍ଗଳପୁର ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ଚାଲିଚାଲି ଗାଁକୁ ଯାଉଥିବାବେଳେ ତେଇଶିପୁରରେ ଜଣେ ଖବରଦାତାଙ୍କୁ ଲିଫ୍ଟ ମାଗିଥିଲେ। ଏ ନେଇ ଖବରଦାତା ଜଣକ ପିପିଲି ତହସିଲଦାର ସପନ କୁମାର ନନ୍ଦଙ୍କୁ ଜଣାଇଥିଲେ। ଫଳରେ ତହସିଲଦାରଙ୍କ ନିର୍ଦ୍ଦେଶରେ ସୁଶାନ୍ତଙ୍କୁ ସେଠାରୁ ଉଦ୍ଧାର କରାଯାଇ ପିପିଲି କୋଭିଡ ସେଡକୁ ନିଆଯାଇଥିଲା।

# ଏଯାଏ କ୍ଷତିଗ୍ରସ୍ତଙ୍କୁ ମିଳିନି ଫନୀ ସହାୟତା

**ଜିଲାପାଳଙ୍କୁ ଫେରାଦ ହେଲେ ଜିଲା ପରିଷଦ ସଭ୍ୟା**

**ପୁରୀ ଅଫିସ, ୪।୫:**

ବାତ୍ୟା ଫନୀକୁ ବର୍ଷେ ବିତିଯାଇଛି। ହେଲେ ଏହାର କ୍ଷତ ଏବେ ବି ପୁରୀ ଜିଲାର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳିଛି। କିଏ ଭଙ୍ଗା କୁଡ଼ିଆ ତଳେ ଜୀବନ ବିତାଉଛନ୍ତି ତ ଆଉ କେହି ଏପର୍ଯ୍ୟନ୍ତ ସରକାରୀ ସହାୟତାକୁ ଚାହିଁ ରହିଛନ୍ତି। ବହୁ ଥିଲାବାଲା ଚଞ୍ଚକତା କରି ସରକାରୀ ଟଙ୍କା ହାତେଇ ଥିବାବେଳେ ଅନେକ ବାତ୍ୟା ବିପନ୍ନ ବଞ୍ଚିତ ଅଛନ୍ତି। ଏ ନେଇ ସୋମବାର କୃଷ୍ଣପ୍ରସାଦ ବ୍ଲକ ଜିଲାପରିଷଦ ସଭ୍ୟା ବନ୍ଦନା ପ୍ରଧାନଙ୍କ ସମେତ କେତେଜଣ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସେମାନେ ଜିଲାପାଳଙ୍କୁ ଦେଇଥିବା ସ୍ମାରକପତ୍ରରେ ଦର୍ଶାଇଛନ୍ତି ଯେ, ଫନୀ ଦ୍ୱାରା କ୍ଷତିଗ୍ରସ୍ତ ବ୍ରହ୍ମଗିରି ତହସିଲର ଅନେକ କ୍ଷତିଗ୍ରସ୍ତ ସରକାରଙ୍କ ପକ୍ଷରୁ ଦିଆଯାଇଥିବା କ୍ଷତିପୂରଣ ସହାୟତା ପାଇପାରି ନାହାନ୍ତି। ଆଜିପର୍ଯ୍ୟନ୍ତ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇ ପାରିଲା ନାହିଁ। ଅନେକ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତାରୁ ବଞ୍ଚିତ ରଖାଯାଇଛି। ଅସାଧୁ କର୍ମଚାରୀଙ୍କ ଦ୍ୱାରା କ୍ଷୟକ୍ଷତି ଆକଳନ କରାଯାଇଥିବାରୁ ଏଥିରେ ବ୍ୟାପକ ଅନିୟମିତତା ହୋଇଛି। ଏପରି କି ମନ୍ଦ ଉଦ୍ଦେଶ୍ୟ ରଖି ଅନେକ କ୍ଷତିଗ୍ରସ୍ତଙ୍କ ନାଁ ବାଦ୍ ଦିଆଯାଇଛି। ତେଣୁ ସେମାନେ ଜିଲାପାଳଙ୍କୁ ଫେରାଦ ହେବା ସହିତ ୨ଟି ଦାବି ରଖିଛନ୍ତି। ବାତ୍ୟା ପରେ ଦକ୍ଷ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ପ୍ରଥମ ଦୁଇଟି ତାଲିକାକୁ ଗ୍ରହଣ କରାଯାଇ ଏକ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରି ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଉ। ତହସିଲ ଦ୍ୱାରା ପଠାଯାଇଥିବା ତାଲିକାକୁ ବାତିଲ କରାଯାଉ। ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରି ସହାୟତା ଦେବା ପାଇଁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

# ସନ୍ଧ୍ୟା ୭ ପର୍ଯ୍ୟନ୍ତ ଦୋକାନ ଖୋଲା

**ଖୋର୍ଦ୍ଧା ଅଫିସ, ୪।୫ :**

କରୋନା ଲାଗି କେନ୍ଦ୍ର ସରକାର ତୃତୀୟ ପର୍ଯ୍ୟାୟରେ ଦୁଇ ସପ୍ତାହ ଲାଗି ଲକ୍‌ଡାଉନ ଜାରି କରିଛନ୍ତି। ଏଥିସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ଜିଲାକୁ ୩ଟି ଜୋନରେ ବିଭକ୍ତ କରିଛନ୍ତି। ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଭୁବନେଶ୍ୱର(ବିଏମସି) ରେଡ ଜୋନରେ ରହିଥିବା ବେଳେ ଅନ୍ୟାନ୍ୟ ବ୍ଲକ ଅରେଞ୍ଜ ଜୋନରେ ରହିଛି। ଏ ନେଇ ରାଜ୍ୟ ରିଲିଫ କମିଶନରଙ୍କ ଆଦେଶନାମା ପ୍ରକାରେ ଖୋର୍ଦ୍ଧା ଉପଖଣ୍ଡରେ ଉପଜିଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଉପଜିଲାପାଳଙ୍କ ଚିଠି ନଂ. ୨୨୪/୪.୫.୨୦ ତାରିଖରେ ଦର୍ଶାଯାଇଛି, ବିନା ଅନୁମତିରେ ଆନ୍ତଃ ରାଜ୍ୟ ଓ ଜିଲା ମଧ୍ୟରେ କୌଣସି ବସ୍ ଚଳାଚଳ କରିବ ନାହିଁ। ସ୍ୱାସ୍ଥ୍ୟଗତ ଚିକିତ୍ସା ଲାଗି ଯାଉଥିବା ବ୍ୟକ୍ତିବିଶେଷ ପ୍ରାଧିକୃତ ଅଧିକାରୀଙ୍କଠାରୁ ଅନୁମତି ନେବେ। ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଅନଲାଇନ ଏବଂ ଘରୋଇ ପାଠ୍ୟକ୍ରମ କରିପାରିବେ। ସିନେମା ହଲ, ଶପିଙ୍ଗ ମଲ, ସ୍ପୋର୍ଟ କମ୍ପ୍ଲେକ୍ସ, ବ୍ୟାୟାମଶାଳା, ଆମୋଦପ୍ରମୋଦ ପାର୍କ, ସମ୍ମିଳନୀ କକ୍ଷ (ସର୍ବସାଧାରଣ ସମାଗମ ସ୍ଥାନ) ବନ୍ଦ ରହିବ। ଏଥିସହିତ ସାମାଜିକ, ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟ ବନ୍ଦ ରହିବା ସହ ସମାଗମକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଛି। ଅନ୍ୟପଟେ ଅତ୍ୟାବଶ୍ୟକ ସାମଗ୍ରୀ ଯଥା ଖାଉଟି ସାମଗ୍ରୀ, ମାଛ, ମାଂସ, କ୍ଷୀର, ଗୋଖାଦ୍ୟ ପୂର୍ବ ଭଳି ଚାଲୁ ରହିବ। ସୁନା ଦୋକାନୀ ଅଥବା ମରାମତି ଦୋକାନୀ ସ୍ୱଳ୍ପ ଶ୍ରମିକଙ୍କୁ ନେଇ ଦୋକାନ ଖୋଲା ରଖିବେ। ସେଲୁନ ଗୁଡ଼ିକ ସାମାଜିକ ଦୂରତା ପାଳନ କରିବେ। ସମସ୍ତ ଖୁଚୁରା ଦୋକାନ ଓ ଗୋଦାମ ସକାଳ ୭ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲାରହିବ। ନିୟମ ଉଲ୍ଲଂଘନ ହେଲେ ସଂପୃକ୍ତ ବ୍ୟବସାୟ ପ୍ରତିଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଦୁଇଚକିଆ ଯାନରେ ଚାଳକଙ୍କୁ ମିଶାଇ ୨ଜଣ ଯାଇପାରିବେ। ବେସରକାରୀ କାର୍ଯ୍ୟାଳୟଗୁଡିକ ଶତକଡା ୩୩ ପ୍ରତିଶତ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବେ। ଅନାବଶ୍ୟକ ଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ସନ୍ଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ବିନାନୁମତିରେ ଯାନ ଚଳାଚଳ ବନ୍ଦ ଲାଗି ନିର୍ଦ୍ଦେଶରେ ଦର୍ଶାଯାଇଛି।

## ୨ ବ୍ଲକ ଅଞ୍ଚଳକୁ ଫେରିଲେ ୧୧ ପ୍ରବାସୀ ଓଡ଼ିଆ

**କଣ୍ଟାପଡା/କଟକ ସଦର, ୪।୫ (ଡି.ଏନ୍.ଏ.)**

ଲକ୍‌ଡାଉନ୍ ଯୋଗୁ ଗୁଜରାଟର ସୁରଟ ଅଞ୍ଚଳରେ ଓଡ଼ିଶାର ଅନେକ ଲୋକ ଫସି ରହିଛନ୍ତି। ସେମାନଙ୍କ ମଧ୍ୟରୁ ଫେରିଥିବା କଣ୍ଟାପଡା ବ୍ଲକ ଅଞ୍ଚଳର ୬ଜଣ ପ୍ରବାସୀ ଓଡ଼ିଆଙ୍କୁ ବ୍ଲକ ପ୍ରଶାସନ କ୍ୱାରାଣ୍ଟାଇନ ସେଣ୍ଟରକୁ ପଠାଇଦେଇଛି। ସୋମବାର କଟକ ଜିଲା ପ୍ରଶାସନ ସାଇଲୋ ଝାରପଡା ପଞ୍ଚାୟତର ୫ଜଣ ଓ ଉରାଡ଼ ପଞ୍ଚାୟତର ଜଣଙ୍କୁ ଆଣି କଣ୍ଟାପଡା ବ୍ଲକ ପ୍ରଶାସନକୁ ହସ୍ତାନ୍ତର କରିଥିଲା। ସେମାନଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ସ୍କ୍ରିନିଂ କରାଯାଇଥିଲା। ସେହିପରି କଟକ ସଦର ବ୍ଲକ ଅଞ୍ଚଳକୁ ସୋମବାର ସୁଦ୍ଧା ୫ ଜଣ ପ୍ରବାସୀ ଓଡ଼ିଆ ଫେରିଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ସେମାନଙ୍କ ମଧ୍ୟରେ ପ୍ରହରାଜପୁର ପଞ୍ଚାୟତର ୨, ବ୍ରହ୍ମପୁର ପଞ୍ଚାୟତର ୨ ଓ ଆୟଉପୁର ପଞ୍ଚାୟତର ଜଣେ ପ୍ରବାସୀ ଓଡ଼ିଆ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୨ ଜଣଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି।

# ହାତ ସଫା ପାଇଁ ସାନିଟାଇଜର ନାହିଁ

**ଆଜି ବିଶ୍ୱ ହ୍ୟାଣ୍ଡ ହାଇଜିନ ଡେ'**



- ଥରକରେ ବନ୍ଦ ହେଲା ଏସ୍‌ସିବିରେ ସାନିଟାଇଜର ପ୍ରସ୍ତୁତି
- ବେସରକାରୀ ସଂସ୍ଥାଠାରୁ ଚଢ଼ାଦରରେ କିଣାଯାଉଛି

**କଟକ ଅଫିସ,୪।୫**

ଗତ ଏପ୍ରିଲ ମାସରେ ଏସ୍‌ସିବିର ସମସ୍ତ ବିଭାଗରେ ସାନିଟାଇଜରର ଉତ୍କଟ ଉଭାବ ଦେଖାଯାଇଥିଲା। ଫଳରେ ବିନା ସାନିଟାଇଜରରେ କେମିତି କାମ କରାଯିବ ବୋଲି କର୍ମଚାରୀଙ୍କ ମଧ୍ୟରେ ଭାଳେଣି ପଡିଥିଲା। ଏମିତି ସମୟରେ ଏହି ହସ୍ପିଟାଲର ଫାର୍ମାକୋଲୋଜି ବିଭାଗ ଆଶାର ଆଲୋକ ପାଲଟି ଥିଲା। ଏହି ବିଭାଗର ମୁଖ୍ୟ ଡାକ୍ତର ସବିତା ମହାପାତ୍ରଙ୍କ ନେତୃତ୍ୱରେ ଅଧ୍ୟାପକ ଏବଂ ସ୍ନାତକୋତ୍ତର ଛାତ୍ରୀଛାତ୍ରମାନେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାନ ମାର୍ଗଦର୍ଶିକା ସୂତ୍ର ଆଧାରରେ କିଛି ସାନିଟାଇଜର ନିଜସ୍ୱ ଭାବେ ପ୍ରସ୍ତୁତ କରିଥିଲେ। ସେତେବେଳେ ସମସ୍ତେ ଆଶା କରିଥିଲେ ଯେ ଆଗକୁ ମଧ୍ୟ ଆବଶ୍ୟକ ଅନୁପାତର ସାନିଟାଇଜର ପାଇଁ ହସ୍ପିଟାଲକୁ ଆଉ ବେସରକାରୀ ଯୋଗାଣ ସଂସ୍ଥା ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। କିନ୍ତୁ ମାତ୍ର ଦିନ କେଇଟା ପରେ ସବୁ ଓଲଟପାଲଟ ହୋଇଗଲା। ପ୍ରଥମ ବ୍ୟାଚ ତିଆରି ଜିନିଷ ଦିନ କେଇଟାରେ ସରି ଯିବା ପରେ ଏବେ ବେସରକାରୀ ସଂସ୍ଥାଠାରୁ ଚଢ଼ା ଦରରେ କିଣି ବ୍ୟବହାର କରିବାକୁ ପଡୁଛି। ସାନିଟାଇଜର ପାଇଁ ନିମନ୍ତେ ଯଦି କୌଣସି ବିଭାଗରୁ ୮ଟି ପାଇଁ ଚିଠା ଯାଉଛି ତେବେ ଗୋଟିଏ ବୋତଲ ମିଳୁଛି। ଦେଲାବେଳେ କୁହାଯାଉଛି ଯେ, ଷ୍ଟକ କମ୍ ଅଛି ତେଣୁ ସ୍ପିରିଟ ମିଶାଇ କାମ ଚଳାଅ। ସୋମବାର ଠାରୁ ନିୟମିତ ଭାବେ ଓପିଡି ଠିକ୍‌ଠାକ୍ ଚାଲିବାରୁ ସବୁ ବିଭାଗରେ ରୋଗୀ ବଢିବା ସହ ସାନିଟାଇଜରର ଘୋର ଅଭାବ ଦେଖାଦେଇଛି। ଏଣେ ମଙ୍ଗଳବାରକୁ ବିଶ୍ୱ ହ୍ୟାଣ୍ଡ ହାଇଜିନ ଡେ। ଅଥଚ ହାତ ସଫା କରିବାକୁ ସାନିଟାଇଜର ମାଗିଲେ ମିଳୁ ନାହିଁ ବୋଲି କିଛି ରୋଗୀ ଓ ହସ୍ପିଟାଲ କର୍ମଚାରୀ ଅଭିଯୋଗ କରିଛନ୍ତି। ସାନିଟାଇଜର ପ୍ରସ୍ତୁତି ନ ହୋଇ ପାରିବା ନେଇ ଫାର୍ମାକୋଲୋଜି ବିଭାଗ ମୁଖ୍ୟ ଡାକ୍ତର ସବିତା ମହାପାତ୍ର କହିଛନ୍ତି ଯେ, ଆମେ ସାନିଟାଇଜର ପ୍ରସ୍ତୁତି କରିବା ପାଇଁ ରାଜି ଅଛୁ। କିନ୍ତୁ ଆମକୁ ଆଇସୋପ୍ରୋପାଇଲ ଆଲକହଲ, ହାଇଡ୍ରୋଜେନ ପେରକ୍ସାଇଡ, ଗ୍ଲିସେରଲ ଏବଂ ଡିଷ୍ଟିଲ ୱାଟର ଆଦି ଭେଷଜ ମୂଳ ଉପାଦେୟ (ଏପିଆଇ) ହସ୍ପିଟାଲ କର୍ତ୍ତୃପକ୍ଷ ଯୋଗାଇ ଦେଉ ନାହାନ୍ତି।

## କ୍ୱାରାଣ୍ଟାଇନ୍‌ରେ ରହିଲେ ୪୬ ପ୍ରବାସୀ

ଭାପୁର,୪।୫(ଡି.ଏନ.ଏ.): ଭାପୁର ବ୍ଲକର ୪୬ଜଣ ପ୍ରବାସୀ ସୋମବାର ସୁରଟରୁ ଏକ ସ୍ୱତନ୍ତ୍ର ବସ୍‌ରେ ଆସି ଗୋଳାପୋଖରୀଠାରେ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଚକ୍ରଧରପ୍ରସାଦ ହାଇସ୍କୁଲରେ ଖୋଲାଯାଇଥିବା କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଏଠାରେ ୮୦ଜଣ ରହିବା ବ୍ୟବସ୍ଥା ହୋଇଛି। ସେହିପରି ସ୍ଥାନୀୟ କଲ୍ୟାଣ ମଣ୍ଡପରେ ପ୍ରଶାସନ ପକ୍ଷରୁ ୪୦ଜଣ ରହିବା ବନ୍ଦୋବସ୍ତ କରାଯାଇଛି।

# ସଂକ୍ଷେପରେ

## ବ୍ରାହ୍ମଣୀ ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ରସୁଲପୁର/ଧର୍ମଶାଳା, ୪।୫ (ଡି.ଏନ୍.ଏ.): ରସୁଲପୁର ବ୍ଲକ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ବାରବାଟୀ ପଞ୍ଚାୟତ ଓଡ଼ଙ୍ଗ ଗ୍ରାମ ଗାଧୁଆ ତୁଠ ନିକଟରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ କୁଆଖିଆ ଥାନା ରାଜେନ୍ଦ୍ରପୁର ପଞ୍ଚାୟତ ହାଟସାହି ଗ୍ରାମର କୁଶଦେବ ଦ୍ୱିବେଦୀଙ୍କ ପୁଅ ଅକ୍ଷୟ (୩୦)। ଖବରପାଇ ଧର୍ମଶାଳା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି। ମୃତ ଯୁବକଙ୍କ ବାଇକ୍ ଓଡ଼ଙ୍ଗ ଗ୍ରାମ ନିକଟ ପୋଲ ତଳୁ ଉଦ୍ଧାର କରାଯାଇଛି। ଦୁଇଦିନ ପୂର୍ବେ ଅକ୍ଷୟ ନିଖୋଜ ଥିବା ନେଇ ତାଙ୍କ ପରିବାର ପକ୍ଷରୁ କୁଆଖିଆ ଥାନାରେ ଅଭିଯୋଗ ହୋଇଥିଲା।

## ସଙ୍ଗରୋଧ ଗୃହ ପରିଦର୍ଶନ କଲେ ଏସ୍‌ପି

ରତ୍ନଗିରି, ୪। ୫ (ଡି.ଏନ୍.ଏ.) ବରୀ ବ୍ଲକ ଅଞ୍ଚଳରୁ ୪ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଉକ୍ତ ଅଞ୍ଚଳଗୁଡ଼ିକୁ କଣ୍ଟେନମେଣ୍ଟ ଜୋନ୍ କରାଯାଇ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ସଙ୍ଗରୋଧ ଗୃହରେ ରଖାଯାଇଛି। ତେବେ ସଂଗରୋଧ ଗୃହରେ ରହିବା ପାଇଁ ପ୍ରଶାସନ ପକ୍ଷରୁ ଉପଯୁକ୍ତ ବ୍ୟବସ୍ଥା କରାଯାଇ ନ ଥିବା ଅଭିଯୋଗ ହୋଇଥିବାରୁ ସୋମବାର ଏସ୍‌ପି ଚରଣ ସିଂ ମୀନା କ୍ୱାରାଣ୍ଟାଇନ ସେଣ୍ଟର ପରିଦର୍ଶନ କରି ଫେରିଯାଇଥିବା ଜଣାପଡ଼ିଛି। ଏସ୍‌ପିଙ୍କ ଗସ୍ତ ସମୟରେ ବରୀ ଥାନାଧିକାରୀ ମାର୍କଣ୍ଡ ମିଶ୍ର, ତହସିଲଦାର ସରୋଜକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରସୁଲପୁରରେ ପହଞ୍ଚିଲେ ୨୩ ସୁରଟ ଫେରନ୍ତା

ରସୁଲପୁର, ୪।୫ (ଡି.ଏନ୍.ଏ.): ଗୁଜରାଟ ରାଜ୍ୟର ସୁରଟ ସହରରେ ରହି ବିଭିନ୍ନ କଳକାରଖାନାରେ କାମ କରୁଥିବା ୨୩ ଜଣ ଶ୍ରମିକ ରସୁଲପୁର ବ୍ଲକ ଅଞ୍ଚଳକୁ ଫେରିଛନ୍ତି। ସମସ୍ତଙ୍କର ଡାକ୍ତରୀ ପରୀକ୍ଷା କରାଯିବା ସହ ସଂଗରୋଧ ଗୃହରେ ରଖାଯାଇଛି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ଶନିବାର ରାତିରେ ୩ ଜଣ ଶ୍ରମିକ ଫେରିଥିବା ବେଳେ ରବିବାର ଆଉ ୨୦ଜଣ ସୁରଟରୁ ବସ୍ ଯୋଗେ ଫେରିଥିବା ସୂଚନା ମିଳିଛି।

## ମହିଳାଙ୍କ ଠକେଇ ଧରାପଡ଼ିଲା

କେନ୍ଦ୍ରାପଡ଼ା ଅଫିସ, ୪।୫: କରୋନା ପାଇଁ ତାଲାବନ୍ଦର ସୁଯୋଗ ନେଇ ପାଟକୁରା ଥାନା ମାର୍ଶାଘାଇ ବ୍ଲକ ମେହେନ୍ଦିପୁର ପଞ୍ଚାୟତ ରଙ୍କାଳ ଗ୍ରାମରେ ଜଣେ ମହିଳା ଗାଁଲୋକଙ୍କୁ ଠକୁଥିବାବେଳେ ଧରାପଡିଛନ୍ତି। ଗରଦପୁର ଅଞ୍ଚଳର ଏହି ମହିଳା ରଙ୍କାଳ ଗ୍ରାମର ବିଭିନ୍ନ ଘରେ ପିଲାମାନଙ୍କୁ ଶୁଖିଲା ଖାଦ୍ୟ ଓ ଅନ୍ୟାନ୍ୟ ସହଯୋଗ ସରକାରଙ୍କ ପକ୍ଷରୁ କରାଇଦେବେ କହି ପ୍ରତି ପିଲାଙ୍କ ପିଛା ୨୦୦ ଟଙ୍କା ଆଦାୟ କରୁଥିଲେ। ତେବେ ଗ୍ରାମର କେତେକ ଯୁବକ ଏ ନେଇ ସନ୍ଦେହ ପ୍ରକଟ କରିବା ସହ ସରପଞ୍ଚ ଓ ପାଟକୁରା ଥାନାକୁ ମହିଳାଙ୍କ ସମ୍ପର୍କରେ ଅବଗତ କରାଇଥିଲେ। ସରପଞ୍ଚ ଓ ପୋଲିସଙ୍କ ଉପସ୍ଥିତିରେ ସେ ଭୁଲ୍ ମାନିଯିବାରୁ ତାଙ୍କୁ ଛାଡି ଦିଆଯାଇଥିଲା।

## ଚିନ୍ତାର କାରଣ ଭୁବନେଶ୍ୱର ଫେରନ୍ତା

ନୟାଗଡ଼ ଅଫିସ,୪।୫: ଭୁବନେଶ୍ୱର ଫେରନ୍ତା ଚିନ୍ତାର କାରଣ ପାଲଟିଛନ୍ତି। ରବିବାର ବଲାଙ୍ଗୀରର କେତେଜଣ ଲୋକ ବିନା ସୂଚନାରେ ଭୁବନେଶ୍ୱରରୁ ଚାଲି ଚାଲି ଆସୁଥିଲେ। ଖୋର୍ଦ୍ଧା ଉପଜିଲାପାଳ ଶାନ୍ତନୁ ମହାନ୍ତି ସେମାନଙ୍କୁ ଦେଖି ନୟାଗଡ ପର୍ଯ୍ୟନ୍ତ ଗାଡି ବ୍ୟବସ୍ଥା କରି ପଠାଇଥିଲେ। ନୟାଗଡରେ ପହଞ୍ଚିବା ପରେ ଉପଜିଲାପାଳ ଲଗ୍ନଜିତ ରାଉତଙ୍କ ନିର୍ଦ୍ଦେଶ ଅନୁସାରେ ସେମାନଙ୍କୁ ଭାଟସାହି ପଞ୍ଚାୟତରେ ରଖାଯାଇଥିଲା। ସୋମବାର ସେମାନେ ବଲାଙ୍ଗୀର ଅଭିମୁଖେ ଫେରିଯାଇଛନ୍ତି। ସୂଚନାଯୋଗ୍ୟ, କରୋନା କଟକଣା ଯୋଗୁ ଭୁବନେଶ୍ୱରରେ ରହି କାମ କରୁଥିବା ଲୋକମାନେ କାମ ବନ୍ଦ ଯୋଗୁ ଗାଁକୁ ଚାଲି ଆସୁଛନ୍ତି। ଏଭଳିସ୍ଥଳେ ଭୁବନେଶ୍ୱର ମହାନଗର ନିଗମ ରେଡ୍ ଜୋନରେ ଆସୁଥିବାରୁ ଭୁବନେଶ୍ୱର ଫେରନ୍ତାଙ୍କ ପାଇଁ ସାଧାରଣ ଲୋକ ଭୟଭୀତ ହୋଇ ଅଛନ୍ତି।

# ଦିନରେ ଖୋଲା, ରାତିରେ କର୍ଫ୍ୟୁ

**ଜଗତ୍‌ସିଂହପୁର ଜିଲା**
- ଚା, ପାନ, ମଦ ଦୋକାନ ଖୋଲିବନି
- ୫ରୁ ଅଧିକ ଲୋକଙ୍କୁ ଏକାଠି ଛିଡା ହେବାକୁ ମନା
- କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ନିର୍ଦ୍ଦେଶ

ଜଗତ୍‌ସିଂହପୁର ଅଫିସ, ୪।୫

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ଜଗତ୍‌ସିଂହପୁର ଜିଲାରେ ସୋମବାରଠାରୁ ପ୍ରତ୍ୟହ ସନ୍ଧ୍ୟା ୭ରୁ ସକାଳ ୭ଟା ପର୍ଯ୍ୟନ୍ତ ଦଫା ୧୪୪ ସିଆର୍‌ପିସି (କ୍ରିମିନାଲ ପ୍ରସିଜିଓର୍ କୋଡ୍) ଅନୁଯାୟୀ କର୍ଫ୍ୟୁ ଜାରି କରାଯାଇଛି। ଏହି କର୍ଫ୍ୟୁ ଲକ୍‌ଡାଉନ୍ ସରିବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଜିଲାପାଳ କହିଛନ୍ତି। ଏହି ସମୟ ମଧ୍ୟରେ ଅତ୍ୟାବଶ୍ୟକ ସେବାକୁ ବାଦ୍ ଦେଇ କେହି ଚଲାବୁଲା କରିପାରିବେ ନାହିଁ । କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ସନ୍ଧ୍ୟା ୭ରୁ ସକାଳ ୭ଟା ପର୍ଯ୍ୟନ୍ତ ଜରୁରୀ କାର୍ଯ୍ୟ ବ୍ୟତୀତ କେହି ବାହାରକୁ ଯାଇପାରିବେ ନାହିଁ । ଏଥିସହ ରାଜ୍ୟ ମୁଖ୍ୟ ଶାସନ ସଚିବ ଗତ ୩ ତାରିଖରେ ପ୍ରତ୍ୟେକ ଜିଲାପାଳଙ୍କୁ ପରିସ୍ଥିତି ଅନୁଯାୟୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଗତ୍‌ସିଂହପୁର ଜିଲାକୁ ଗତ ୩ ତାରିଖରୁ ପ୍ରବାସୀ ଓଡ଼ିଆମାନେ ଫେରୁଛନ୍ତି ଏବଂ ଆଗକୁ ଏହି ସଂଖ୍ୟା ବଢ଼ିବ । ତେଣୁ ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏଭଳି ନିର୍ଦ୍ଦେଶନାମା ଜାରି କରିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଡିଆଇପିଆରଓ) କାମିନୀ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି । ସେ କହିଛନ୍ତି, କର୍ଫ୍ୟୁ ସମୟରେ ଜରୁରୀ କାର୍ଯ୍ୟ ବ୍ୟତୀତ ବାହାରେ ବୁଲୁଥିଲେ ପୋଲିସ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଏଥିସହ ମାଦକଦ୍ରବ୍ୟ କାରବାର ଉପରେ ଅଙ୍କୁଶ ଲଗାଯାଇଛି । କୌଣସି ଅବକାରୀ ଦୋକାନ ଖୋଲିପାରିବ ନାହିଁ ବୋଲି ନିର୍ଦ୍ଦେଶ ହୋଇଛି । ଅନୁରୂପ ଭାବେ ଅନ୍ୟ କେତେକ ଦୋକାନ ଖୋଲିବା ଉପରେ ମଧ୍ୟ କଟକଣା ବଳବତ୍ତର ରହିଛି । ସେଗୁଡିକ ମଧ୍ୟରେ ଚା, ପାନ ଦୋକାନ ଆଦି ରହିଛି। ଏହାବ୍ୟତୀତ ଅନୁମତି ପାଇ ନ ଥିବା ହୋଟେଲ, ରେଷ୍ଟୁରାଣ୍ଟ ଉପରେ ମଧ୍ୟ ଏହି ନିୟମ ଲାଗୁ ରହିବ। ଇଲେକ୍ଟ୍ରୋନିକ୍ ଦୋକାନ, ବିଉଟି ପାର୍ଲର, ସେଲୁନ୍, ସ୍ପା, ଜିମ୍, ସୁଇମିଂପୁଲ୍, ଫାଷ୍ଟ ଫୁଡ୍ (ଠେଲା), ଟିଫିନ୍ ଷ୍ଟଲ୍, କପଡ଼ା ଦୋକାନ, ତମାଖୁ, ଗୁଟ୍‌ଖା ଓ ଚୁଇଂ ଗମ୍ ବିକ୍ରି ଦୋକାନ ଖୋଲିପାରିବ ନାହିଁ । କିନ୍ତୁ ଔଷଧ ସମେତ ଜରୁରୀ ସାମଗ୍ରୀ ଦୋକାନ ସକାଳ ୭ରୁ ଅପରାହ୍ନ ୨ଟା ଯାଏ ଖୋଲା ରହିବ । ଏଥିସହ ଦୋକାନୀ ଓ ଲୋକେ ମାସ୍କ, ସାମାଜିକ ଦୂରତା ବଜାୟ ରଖିବେ । କୌଣସି ସ୍ଥାନରେ ୫ରୁ ଅଧିକ ଲୋକ ଛିଡା ହୋଇପାରିବେ ନାହିଁ । ମାଲ ପରିବହନ ଗାଡିଗୁଡିକ ଜରୁରୀ ସେବାରେ ଯାତାୟାତ କରିପାରିବେ । କର୍ଫ୍ୟୁ ନିୟମ କଡାକଡି ପାଳନ କରିବାକୁ ଏସ୍‌ପି ପ୍ରକାଶ ଆର୍ ସୂଚନା ଦେଇଛନ୍ତି।

## ୭୬୧ ଜଣଙ୍କ ସ୍ୱାବ୍ ନମୁନା ସଂଗୃହୀତ



ମେଡିକାଲ ଟିମ୍ ସନ୍ଦିଗ୍ଧଙ୍କ ସ୍ୱାବ୍ ନମୁନା ସଂଗ୍ରହ କରୁଛନ୍ତି।

ରତ୍ନଗିରି, ୪।୫ (ଡି.ଏନ.ଏ.)

ବରୀ ବ୍ଲକରୁ ୪ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କଳାମାଟିଆ ପଞ୍ଚାୟତ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ୬୦ ଜଣଙ୍କ ସ୍ୱାବ ନମୁନା ରବିବାର ସଂଗ୍ରହ କରାଯାଇଥିଲା। ସୋମବାର ସମ୍ପୃକ୍ତ ୬୦ ଜଣଙ୍କ ସଂସ୍ପର୍ଶରେ ଆସିଥିବା ୨୧୯ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି। ଏହାଛଡ଼ା ବାଇଁଶିରିଆ ପଞ୍ଚାୟତରୁ ୧୮୩ ଜଣ ଓ ଉଦୟନାଥପୁର ପଞ୍ଚାୟତରୁ ୩୫୦ ଜଣଙ୍କ ସ୍ୱାବ୍ ନମୁନା ମେଡିକାଲ ଟିମ୍ ପକ୍ଷରୁ ସଂଗ୍ରହ କରାଯାଇଛି। ଏତଦ୍‌ବ୍ୟତୀତ ସୁରଟରୁ ଗତ ୨ ତାରିଖରେ ନିକଟସ୍ଥ ଅନ୍ୟାସୀପୁର ପଞ୍ଚାୟତକୁ ଫେରି ସଂଗରୋଧରେ ଥିବା ୯ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି। ସ୍ୱାବ୍ ସଂଗ୍ରହ ସମୟରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. କୌଶିକ ପାତ୍ର, ଜିନତ ଦାସ, ଭାଗ୍ୟଶ୍ରୀ ଜେନା, କୈଳାସ ଚନ୍ଦ୍ର ପତି, ସ୍ୱାସ୍ଥ୍ୟକର୍ମୀ ମୁକୁନ୍ଦ ନାୟକ, ପ୍ରଶାନ୍ତ କୁମାର ସ୍ୱାଇଁ, ମନୋରଞ୍ଜନ ପୋଥାଳ, ମାନଗୋବିନ୍ଦ ଦାମଲ, ରମାକାନ୍ତ ବାରିକ, ଧୀରେନ ସାହୁ, ଯଶୋଲିନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ରିପୋର୍ଟ ଆସନ୍ତା ୨-୩ ଦିନ ମଧ୍ୟରେ ଆସିବ ବୋଲି ଡା. ପାତ୍ର ସୂଚନା ଦେଇଛନ୍ତି।



ପାରାଦୀପ ପୌରାଞ୍ଚଳରେ କ୍ଲିନର ହୁଇଲ ଗାଡ଼ି ଯୋଗେ କଲୋନୀ ରାସ୍ତାକୁ ସାନିଟାଇଜ୍ କରାଯାଉଛି।

## ସୁରଟରୁ ଫେରିଲେ ୨୦ ଶ୍ରମିକ

ଧର୍ମଶାଳା, ୪।୫ (ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅଞ୍ଚଳରୁ ଗୁଜରାଟର ସୁରଟରୁ ସୋମବାର ସୁଦ୍ଧା ୨୦ ଶ୍ରମିକ ବସ୍ ଯୋଗେ ଫେରିଛନ୍ତି। ରବିବାର ୪ ଜଣ ଫେରିଥିବା ବେଳେ ସୋମବାର ୧୬ ଜଣ ଶ୍ରମିକ ଫେରିଥିବା ଜଣାପଡ଼ିଛି। ଶ୍ରମିକମାନେ ଫେରିବା ପରେ ସେମାନଙ୍କୁ ସଂଗରୋଧ ଗୃହରେ ରଖାଯାଇଛି। ସେଠାରେ ମେଡିକାଲ ଟିମ୍ ପହଞ୍ଚି ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ସେମାନଙ୍କୁ ୧୪ ଦିନ ପାଇଁ କ୍ୱାରାଣ୍ଟାଇନରେ ରହିବାକୁ ପରାମର୍ଶ ଦେଇଛନ୍ତି। ଫେରନ୍ତା ପ୍ରବାସୀମାନେ ସୁରଟସ୍ଥିତ ବିଭିନ୍ନ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଲକ୍‌ଡାଉନ୍ ଯୋଗୁ କମ୍ପାନୀ ବନ୍ଦ ହୋଇଯିବା ପରେ ବିଭିନ୍ନ ସଂଗଠନ ସହଯୋଗରେ ସେମାନେ ସେଠାରେ ରହୁଥିଲେ। ମାତ୍ର କୌଣସି ସରକାରୀ ସୁବିଧା ନ ମିଳିବାରୁ ସେମାନେ ଘରକୁ ଫେରିବା ପାଇଁ ନାମ ପଞ୍ଜୀକୃତ କରିଥିଲେ। ତେବେ ସେମାନେ ଫେରିଥିବା ବସ୍‌ରେ ଜଣ ପିଛା ସାଢ଼େ ୪ ହଜାର ଟଙ୍କା ଲେଖାଏ ଦେଇଥିବା ଶ୍ରମିକମାନେ କହିଛନ୍ତି।

## ଅବ୍ୟବସ୍ଥାରେ ଚାଲିଛି କ୍ୱାରାଣ୍ଟାଇନ କେନ୍ଦ୍ର

ପାରାଦୀପ,୪।୫(ସ୍ୱ.ପ୍ର.)

ପାରାଦୀପରେ ରାଜ୍ୟ ବାହାରୁ ଆସୁଥିବା ନାଗରିକ ଓ କରୋନା ସନ୍ଦିଗ୍ଧଙ୍କ ଲାଗି ୨ଟି କ୍ୱାରାଣ୍ଟାଇନ କେନ୍ଦ୍ର ଖୋଲାଯାଇଛି। ଗୋଟିଏ ମଧୁବନସ୍ଥିତ ପୌରକଲ୍ୟାଣ ମଣ୍ଡପ ଅନ୍ୟଟି ପୋର୍ଟ ଟ୍ରେଡ୍ ସେଣ୍ଟର। ସେଠାରେ ପ୍ରାୟ ୧୦୦୦ ଲୋକଙ୍କ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ଏବେ ସେଠାରେ କେବଳ ୫୦ଜଣ ଲୋକ ଥିବା ଥିବା ବେଳେ ଉଭୟ କେନ୍ଦ୍ର ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ଚାଲୁଥିବା ଅଭିଯୋଗ ହୋଇଛି। ଏହି କେନ୍ଦ୍ରରେ ରହୁଥିବା ଲୋକଙ୍କ ପାଇଁ ସରକାର ପ୍ରତ୍ୟେକଙ୍କୁ ଦୈନିକ ୧୨୦ ଟଙ୍କାର ଖାଦ୍ୟ ଦେବା ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। ଏଥିସହ ଦୈନନ୍ଦିନ ଚଳଣି ପାଇଁ ସାବୁନ, ପେଷ୍ଟ, ବ୍ରଶ, ଶୋଇବା ପାଇଁ ବେଡ୍, ମଶାରି ଓ ବେଡସିଟ୍ ଆଦି ଯୋଗାଇ ଦେଉଛନ୍ତି। ମାତ୍ର ଏହି ୨ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ୨ ବେଳା ଆହାର ବ୍ୟତୀତ ଅନ୍ୟକୌଣସି ସୁବିଧା ମିଳୁ ନ ଥିବା ନେଇ ଅନ୍ତେବାସୀ ବିଶ୍ୱରଞ୍ଜନ ଦାସ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ପୌରନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି କୁହନ୍ତି, ସମସ୍ତଙ୍କୁ ସକାଳେ ଚା, ବିସ୍କୁଟ ଓ ୨ ଥର ଖାଦ୍ୟ ଯୋଗାଇ ଦିଆଯାଉଛି। ଏଥିସହ ଅଭିଯୋଗ ଭିତ୍ତିହୀନ ବୋଲି କହିଥିଲେ।

## ସଙ୍ଗରୋଧ ଗୃହରେ ଅବ୍ୟବସ୍ଥା ଅଭିଯୋଗ

**ସରକାରୀ ନିୟମ ଅନୁସାରେ ସବୁ ବ୍ୟବସ୍ଥା କରାଯାଇଛି-ସରପଞ୍ଚ**

ରତ୍ନଗିରି, ୪।୫ (ଡି.ଏନ୍.ଏ.)

କରୋନା ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖିବାକୁ ବରୀ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲେ ହେଁ ବିଭିନ୍ନ ଅବ୍ୟବସ୍ଥା କାରଣରୁ କଳାମାଟିଆ ପଞ୍ଚାୟତର ସନ୍ଦିଗ୍ଧମାନେ ଘରକୁ ଫେରିଯାଇଥିବା ଜଣାପଡ଼ିଛି। ସନ୍ଦିଗ୍ଧଙ୍କ କହିବା ଅନୁସାରେ, ରବିବାର ସ୍ୱାବ୍ ଟେଷ୍ଟ ପାଇଁ ପ୍ରଶାସନ ଓ ପୋଲିସ ପକ୍ଷରୁ ସେମାନଙ୍କୁ ସ୍ଥାନୀୟ କାଶୀନାଥ ମହାବିଦ୍ୟାଳୟକୁ ଡକାଯାଇଥିଲା। ସେଠାରେ ସ୍ୱାବ୍ ନମୁନା ସଂଗ୍ରହ କରାଯିବା ପରେ ଗେଟ୍ ବାହାରେ ଅପେକ୍ଷା କରାଯିବାକୁ କୁହାଯାଇଥିଲା। ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବାହାରେ ଅପେକ୍ଷା କରିବା ପରେ ନିକଟସ୍ଥ ହାଇସ୍କୁଲରେ ସେମାନଙ୍କ ରହିବା ନିମନ୍ତେ ପଞ୍ଚାୟତ ପକ୍ଷରୁ ବ୍ୟବସ୍ଥା ହୋଇଥିବା ଜଣେ ପୋଲିସ କର୍ମଚାରୀ କହିଥିଲେ। ହେଲେ ସେଠାକୁ ଯିବା ପରେ ସ୍କୁଲ ଗେଟ୍‌ରେ ତାଲା ପଡ଼ିଥିଲା ଓ କୌଣସି ପ୍ରଶାସନିକ ଅଧିକାରୀ ବା ସରପଞ୍ଚ, ୱାର୍ଡମେମ୍ବର ଉପସ୍ଥିତ ନ ଥିଲେ। ତେଣୁ ଲୋକମାନେ ସେଠାରୁ ଫେରି ଘରକୁ ଚାଲି ଆସିଥିଲେ ବୋଲି ସନ୍ଦିଗ୍ଧମାନେ ପ୍ରକାଶ କରିଛନ୍ତି। ତେବେ ସନ୍ଧ୍ୟାରେ ତହସିଲଦାର ଓ ଥାନାଧିକାରୀ କଳାମାଟିଆଠାରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ସେମାନଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଭାରପ୍ରାପ୍ତ ବିଡିଓ ଶାଶ୍ୱତ ଜେନାଙ୍କୁ ପଚାରିବାରେ ଲୋକମାନେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ନ ରହି ମନଇଚ୍ଛା ସେଠାରୁ ପଳାଉଛନ୍ତି। ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖାଯିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏଥିରେ ଗଣମାଧ୍ୟମ ପ୍ରଶାସନକୁ ସହଯୋଗ କରିବା ଦରକାର ବୋଲି ଜେନା କହିଛନ୍ତି। କଳାମାଟିଆ ସରପଞ୍ଚଙ୍କୁ ଏ ନେଇ ପଚାରିବାରେ, ସରକାରୀ ନିୟମ ଅନୁସାରେ ସମସ୍ତ ବ୍ୟବସ୍ଥା କରାଯାଇଛି। ରାଜନୈତିକ ଆକ୍ରୋଶ ରଖି ମୋତେ ବଦନାମ କରିବା ପାଇଁ ଏଭଳି ଅଭିଯୋଗ କରାଯାଉଛି ବୋଲି ସରପଞ୍ଚ କହିଛନ୍ତି। ବରୀ ଥାନାଧିକାରୀ ମାର୍କଣ୍ଡ ମିଶ୍ରଙ୍କୁ ପଚାରିବାରେ, ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ସମସ୍ତ ଉଦ୍ୟମ ଜାରି ରହିଛି ବୋଲି କହିଛନ୍ତି।

## ଭୋକଉପାସରେ ଆଲୁମିନିୟମ ଶିଳ୍ପ କାରିଗର

ଖଣ୍ଡପଡ଼ା,୪।୫(ସ୍ୱ.ପ୍ର.)

ଲକ୍‌ଡାଉନ ଯୋଗୁ ଖଣ୍ଡପଡା ବ୍ଲକ କଣ୍ଟିଲୋ ପଞ୍ଚାୟତର ୧୨ ଢଳେଇ ଆଲୁମିନିୟମ ଶିଳ୍ପରେ କାର୍ଯ୍ୟରତ ୨ଶହରୁ ଊର୍ଦ୍ଧ୍ୱ କାରିଗର ଦୁର୍ଦ୍ଦଶାରେ କାଳ କାଟୁଛନ୍ତି। ଭୂମିହୀନ ଗରିବ ଶ୍ରେଣୀର ଏହି କାରିଗରମାନେ ସ୍ଥାନୀୟ ନାରାୟଣୀ ଲୌହତର ଶିଳ୍ପ ସମବାୟ ସମିତି ଅଧୀନରେ ଦୀର୍ଘ ୫୦ବର୍ଷ ହେଲା କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ମାତ୍ର ସାରା ଦେଶରେ ଲକ୍‌ଡାଉନ ଲାଗୁ କରାଯାଇଥିବାରୁ ଏହି ଶିଳ୍ପ ବନ୍ଦ ରହିଥିବା ଯୋଗୁ କାରିଗରମାନେ କାମଧନ୍ଦା ହରାଇ ଭୋକଉପାସରେ ଜୀବନ ବିତାଉଛନ୍ତି। ଏହି କାରିଗରମାନଙ୍କୁ ଚିହ୍ନଟ କରି ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ନାରାୟଣୀ ଲୌହତର ଶିଳ୍ପ ସମବାୟ ସମିତି ସମ୍ପାଦକ ଶରତ ଚନ୍ଦ୍ର ମହାରଣା ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

## ମହାକାଳପଡ଼ାରେ ହେବ କରୋନା ନମୁନା ସଂଗ୍ରହ କେନ୍ଦ୍ର

କେନ୍ଦ୍ରାପଡ଼ା ଅଫିସ, ୪।୫

ଓଡ଼ିଶା ସରକାରଙ୍କ ଅନୁମତି କ୍ରମେ ବହୁ ପ୍ରବାସୀ କେନ୍ଦ୍ରାପଡା ଜିଲାକୁ ଫେରୁଛନ୍ତି। ଗତ ଦୁଇଦିନ ମଧ୍ୟରେ ଜିଲାକୁ ମୋଟ ୪୦୩ ଜଣ ଫେରିଥିବା ବେଳେ ସେମାନଙ୍କୁ ସଙ୍ଗରୋଧ ଗୃହରେ ରଖାଯାଇଛି । ପ୍ରବାସୀଙ୍କ ଆଗମନ ସଂଖ୍ୟାକୁ ଦୃଷ୍ଟିରେ ରଖି କରୋନା ନମୁନା ସଂଗ୍ରହ କେନ୍ଦ୍ର ବୃଦ୍ଧି କରାଯାଉଛି। ପୂର୍ବରୁ ଜିଲାର ମୁଖ୍ୟ ଚିକିତ୍ସାଳୟ ନିକଟ ଜୟିପୁରା ସ୍କୁଲଠାରେ ନମୁନା ସଂଗ୍ରହ କେନ୍ଦ୍ର ଖୋଲାଯାଇଥିବା ବେଳେ ଏବେ ରାଜକନିକା ଓ ପଟ୍ଟାମୁଣ୍ଡାଇଠାରେ ଏହି କେନ୍ଦ୍ର ୫ ଦିନ ପୂର୍ବେ କାର୍ଯ୍ୟକ୍ଷମ ହୋଇଛି। ସେହିପରି ମହାକାଳପଡାଠାରେ ନମୁନା ସଂଗ୍ରହ କେନ୍ଦ୍ର ଖୋଲିବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରବାସୀଙ୍କ ଆଗମନ ସଂଖ୍ୟା ରାଜନଗରଠାରେ ସର୍ବାଧିକ ଥିବାରୁ ପଟ୍ଟାମୁଣ୍ଡାଇସ୍ଥିତ କେନ୍ଦ୍ରର କର୍ମଚାରୀ ବିଭିନ୍ନ ପଞ୍ଚାୟତର ସଙ୍ଗରୋଧ କେନ୍ଦ୍ରରୁ ସୋମବାର ରକ୍ତ ଓ ସ୍ୱାବ୍ ସଂଗ୍ରହ କରିଛନ୍ତି । ଜିଲାରୁ ସନ୍ଧ୍ୟା ସୁଦ୍ଧା ୬୦ଜଣଙ୍କ ସଂଗୃହୀତ ନମୁନା ଟେଷ୍ଟିଂ ପାଇଁ ଲାବ୍‌କୁ ଯିବ ବୋଲି ଏଡିଏମଓ ଡା. ମିର୍ଜା ବାବର ବେଗ୍ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଜିଲାରୁ ଅଦ୍ୟାବଧି ୧୩୮୦ଟି ନମୁନା ସଂଗ୍ରହ ହୋଇଛି। ଏଥିମଧ୍ୟରୁ ୧୩୨୮ଟିର ରିପୋର୍ଟ ହସ୍ତଗତ ହୋଇଥିବା ବେଳେ ଆଳି ଓ ରାଜନଗର ବ୍ଲକ ଅଞ୍ଚଳର ଜଣେ ଲେଖାଏ ରୋଗୀ ଚିହ୍ନଟ ହୋଇଛନ୍ତି । ଅନ୍ୟସବୁ ରିପୋର୍ଟ ନେଗେଟିଭ ଆସିଛି। ସୂଚନାଯୋଗ୍ୟ ଯେ, କେନ୍ଦ୍ରାପଡା ଜିଲାରୁ ଲକ୍ଷାଧିକ ଲୋକ ଦେଶ ବିଦେଶରେ ଅଛନ୍ତି। ଦେଶରେ ତାଲାବନ୍ଦ ଯୋଗୁ ଏହି ପ୍ରବାସୀ ଜିଲାକୁ ଆସିପାରି ନ ଥିଲେ। ତେବେ ଏପ୍ରିଲ ୨୪ ତାରିଖରୁ ନାମ ପଞ୍ଜୀକରଣ ସହ ଘରକୁ ଫେରିବା ପାଇଁ ପ୍ରାୟ ୯୪ ହଜାର ଲୋକ ଅପେକ୍ଷାରେ ଅଛନ୍ତି । ପ୍ରବାସୀଙ୍କ ସଂଖ୍ୟା ଦୃଷ୍ଟିରୁ କରୋନା ନମୁନା ସଂଗ୍ରହ ତ୍ୱରାନ୍ୱିତ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ବନ୍ଦ ରହିବ ମଦ ଦୋକାନ, ଶପିଂ ମଲ୍

**ସକାଳ ୭ଟାରୁ ୬ ଘଣ୍ଟା ଖୋଲିବ ଦୋକାନ**

ନୟାଗଡ଼ ଅଫିସ,୪।୫

ନୟାଗଡ ଜିଲାରେ ଏ ଯାଏ କରୋନା ରୋଗୀ ବାହାରି ନ ଥିବାରୁ ଏହା ଗ୍ରୀନ ଜୋନ ଅନ୍ତର୍ଭୁକ୍ତ ହୋଇଛି। ତେବେ ଗ୍ରୀନ ଜୋନ୍‌ରେ ମଦ ଦୋକାନ, ସପିଂ ମଲ୍, ଜିମ୍ନାସିୟମ, ସୁଇମିଂ ପୁଲ୍, ପାର୍କ, ସିନେମା ହଲ ବନ୍ଦ ରହିବ। ସେହିପରି ବିବାହ, ବ୍ରତ ପରି ସାମାଜିକ କାର୍ଯ୍ୟ, ଖେଳକୁଦ, ରାଜନୈତିକ କାର୍ଯ୍ୟକ୍ରମରେ ରୋକ ଲାଗିଥିବାବେଳେ ବ୍ୟବସାୟ ପ୍ରତିଷ୍ଠାନ ଖୋଲିବାକୁ ଜିଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲା ରହିବ। ମାସ୍କ ପିନ୍ଧିବା ସହ ସମାଜିକ ଦୂରତା ରଖି କ୍ରେତା ଓ ବକ୍ରେତା କାର୍ଯ୍ୟ କରିବାକୁ କୁହାଯାଇଛି। ଅନ୍ୟପକ୍ଷେ ସନ୍ଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ବାହାରେ ବୁଲାବୁଲି କରିବାକୁ ବାରଣ କରାଯାଇଛି। ତେବେ ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି, ଦଶବର୍ଷରୁ କମ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ଘରେ ରହିବାକୁ ଜିଲାପାଳ ପୋମା ଟୁଡୁ ପରାମର୍ଶ ଦେଇଛନ୍ତି।

## ପୋଖରୀ ବନ୍ଧ ହାଣିବାକୁ ନେଇ ଉତ୍ତେଜନା

ନୟାଗଡ ଅଫିସ/ରଣପୁର୪।୫(ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ବ୍ଲକ ଚମ୍ପାଗଡ ପଞ୍ଚାୟତର ବେଣ୍ଟ ଗ୍ରାମରେ ଥିବା ପୋଖରୀ ବନ୍ଧ ହାଣିଦେବାକୁ ନେଇ ଉତ୍ତେଜନା ଦେଖାଦେଇଛି। ଗତ ମାର୍ଚ୍ଚ ୧୯ରେ ପୋଖରୀ ନିଲାମ ହୋଇଥିଲା। କିନ୍ତୁ ସେତେବେଳେ ଏହାକୁ କେତେଜଣ ଲୋକ ବିରୋଧ କରିଥିଲେ। ସମ୍ପୃକ୍ତ ଲୋକମାନେ ବନ୍ଧ ହାଣିଦେବା ପରେ ସ୍ଥାନୀୟ ଲୋକେ ସ୍ନାନ ଶୌଚାଦି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀ ଏ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।



ପୋଖରୀ ବନ୍ଧ ହାଣି ଦିଆଯାଇଛି।

# ବିକ୍ରି ହୋଇପାରୁନି ପରିବା

- ବିଲରେ ନଷ୍ଟ ହେଲାଣି
- କାମରେ ଆସୁନି ସରକାରୀ ଯୋଜନା
- ୱେବ୍‌ସାଇଟ୍‌ରେ ନାମ ପଞ୍ଜୀକରଣ ପରେ ବି ଆସୁନି ଫୋନ୍

ରସୁଲପୁର,୫।୪(ଡି.ଏନ.ଏ.)

କରୋନା ଯୋଗୁ ପରିବା ଚାଷୀ ଅଧିକ ପ୍ରଭାବିତ ହୋଇଛନ୍ତି। ଏଭଳି ସ୍ଥିତି ଯାଜପୁର ଜିଲାର ରସୁଲପୁର ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ଅଞ୍ଚଳ ଚାଷୀଙ୍କୁ ପରିବା ତୋଳିବା ମୂଲ୍ୟ ମିଳୁ ନ ଥିବାରୁ ସେମାନେ ବିଲକୁ ଯାଉ ନାହାନ୍ତି। ବିଲାତି, କଖାରୁ, ଲଙ୍କା, କାପ୍ସିକମ୍, ବନ୍ଧାକୋବି ଆଦି ବିଲରେ ନଷ୍ଟ ହେଉଛି। ଏହି ଖବର ଜାଣିବା ପରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ (ଡବ୍ଲୁଡବ୍ଲୁଡବ୍ଲୁ.ଓଡ ିହଟ୍‌ମାର୍କେଟିଂ.ଏନଆଇସି.ଇନ)ନାମରେ ଏକ ୱେବସାଇଟ୍ ଖୋଲାଯାଇଛି। ଏହି ୱେବସାଇଟ୍‌ରେ ଚାଷୀ ଓ ବ୍ୟବସାୟୀ ନାଁ ପଞ୍ଜୀକରଣ କରିବେ। ଚାଷୀ ସେମାନଙ୍କ ଉତ୍ପାଦିତ ପନିପରିବା ସମ୍ପର୍କରେ ନିକଟସ୍ଥ ଉଦ୍ୟାନ କୃଷି କାର୍ଯ୍ୟାଳୟରେ ସୂଚନା ଦେବେ। ଏହି ସୂଚନା ସାଇଟ୍‌ରେ ଅପଲୋଡ କରାଯିବ। ଏହି ସୂଚନାରେ ଚାଷୀ ଓ ଉଦ୍ୟାନ କୃଷି ଅଧିକାରୀଙ୍କ ମୋବାଇଲ ନମ୍ବର ପ୍ରଦାନ କରାଯିବ। ଏହି ଜରିଆରେ ବ୍ୟବସାୟୀ ଚାଷୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ପରିବା କିଣିବେ। ହେଲେ ଏହି ଯୋଜନା ଚାଷୀଙ୍କ କାମରେ ଆସୁ ନ ଥିବା ଅଭିଯୋଗ ହୋଇଛି।

ଗତ ୨୦ତାରିଖରେ ଏହି ୱେବ ସାଇଟ୍‌ର ଲୋକାର୍ପିତ ହୋଇଥିଲା। ସପ୍ତାହକ ମଧ୍ୟରେ ବ୍ଲକ ଅଞ୍ଚଳର ଓଡ଼ିଶୋ, ବାରାବାଟୀ, ଭୋଟକା, ସିଂହାପୁର, କଲଣ, ମୁଗୁପାଳ, ବାହାଦଲାପୁର ଆଦି ପଞ୍ଚାୟତରୁ ଶତାଧିକ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଏସବୁ ଅଞ୍ଚଳ ଚାଷୀଙ୍କ ନିକଟରେ କଖାରୁ, ପୋଟଳ, ସାରୁ, ଭେଣ୍ଡି ଭଳି ପରିବା ମହଜୁଦ ରହିଛି। ଉକ୍ତ ପରିବା ବିକ୍ରି ପାଇଁ ଚାଷୀମାନେ ନାମ ପଞ୍ଜୀକରଣ କରିଛନ୍ତି। ମାତ୍ର ଚାଷୀଙ୍କ ନିକଟକୁ କୌଣସି ବ୍ୟବସାୟୀଙ୍କ ଫୋନକଲ ଆସୁ ନ ଥିବା କୁହାଯାଉଛି। ଅପରପକ୍ଷରେ ଉଚ୍ଚୁଡା କ୍ଷେତକୁ ସାଜାଡି ଚାଷୀ ଖରିଫ ଚାଷ ପାଇଁ ପ୍ରସ୍ତୁତ ହେଲାଣି। ତେବେ ରବି ଚାଷରେ କ୍ଷତି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି ବୋଲି ଚାଷୀ ଶ୍ୟାମସୁନ୍ଦର ନାୟକ, କାଳନ୍ଦୀ ନାୟକ, ହେମନ୍ତ ସ୍ୱାଇଁ, ଚୈତନ୍ୟ ମଲିକ, ବସନ୍ତ ସ୍ୱାଇଁ, ବାବୁଲି ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି। ତେଣୁ ଏହି ଅସୁବିଧା ସମୟରେ ସରକାର ହାଟସ୍ଥଳରେ ପରିବାର ସରକାରୀ ଦର ଧାର୍ଯ୍ୟ କରିବା, କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ, କୃଷି ଋଣ ଛାଡ, ରବି ଫସଲ ପାଇଁ ବିନା ସୁଧରେ ଋଣ ପ୍ରଦାନ, ସରକାରୀ ବିହନ ଆଦି ମାଗଣାରେ ଯୋଗାଇ ଦେବା ପାଇଁ ନବନିର୍ମାଣ କୃଷକ ସଂଗଠନର ରସୁଲପୁର ବ୍ଲକ ସଂଯୋଜକ ମୁକୁନ୍ଦଦେବ ମହାନ୍ତି ଦାବି କରିଛନ୍ତି। ଏ ସମ୍ପର୍କରେ ରସୁଲପୁର ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜୟଦେବ ସିଟ୍ କହିଛନ୍ତି, କରୋନା ଯୋଗୁ ପରିବା ଦର କମି ଯାଇଛି। ତେଣୁ ସରକାର ଖୋଲିଥିବା ୱେବସାଇଟ୍ ଜରିଆରେ ଚାଷୀଙ୍କୁ ଲାଭ ପହଞ୍ଚାଇବା ପାଇଁ ଆମେ ବିଭିନ୍ନ ପଞ୍ଚାୟତକୁ ପରିଦର୍ଶନରେ ଯାଉଛୁ। ତେବେ ହାଟସ୍ଥଳରେ ନିୟନ୍ତ୍ରିତ ବାଜର କମିଟି ପକ୍ଷରୁ ମଣ୍ଡିଖୋଲା ଯାଇ ସରକାରୀ ମୂଲ୍ୟ ନିର୍ଦ୍ଧାରଣ ହେଲେ ଚାଷୀମାନେ ଉପକୃତ ହୋଇପାରନ୍ତେ ବୋଲି ସେ ମତ ରଖିଛନ୍ତି।

**ସଂକ୍ଷେପରେ**

## ପ୍ରବାସୀଙ୍କୁ ଆଣିବାକୁ ଯାଉଥିବା ବସ୍ ଓଲଟିଲା



**ଭଦ୍ରକ ଅଫିସ, ୪।୫:** ଟ୍ରେନରେ ଆସୁଥିବା ପ୍ରବାସୀ ଓଡ଼ିଆଙ୍କୁ ଗଞ୍ଜାମରୁ ଆଣିବାକୁ ଯାଉଥିବା ବସ୍ ସୋମବାର ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡିଥିଲା। ୧୬ ନମ୍ବର ଜାତୀୟ ରାଜପଥର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳ ଆସାମ ପେଟ୍ରୋଲ ପମ୍ପ ନିକଟରେ ଏହି ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରେନ ଯୋଗେ ଆସୁଥିବା ପ୍ରବାସୀ ଓଡ଼ିଆଙ୍କୁ ଆଣିବା ପାଇଁ ବାଲେଶ୍ୱର ଜିଲାରୁ ଏକ ଘରୋଇ ବସ୍ ଗଞ୍ଜାମ ଅଭିମୁଖେ ଯାଉଥିଲା। ଭଣ୍ଡାରିପୋଖରୀ ଥାନା ଆସାମ ପେଟ୍ରୋଲ ପମ୍ପ ନିକଟରେ ବସ୍ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଦୁର୍ଘଟଣା ସମୟରେ ବସ୍‌ରେ କେହି ଯାତ୍ରୀ ନ ଥିଲେ। କେବଳ ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଛନ୍ତି।

## ୨ ପଞ୍ଚାୟତରୁ ଉଠିଲା କଣ୍ଟେନ୍‌ମେଣ୍ଟ କଟକଣା

**ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ, ୪।୫(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ତେସିଙ୍ଗା ଓ ରହଣିଆ ପଞ୍ଚାୟତରେ କଣ୍ଟେନମେଣ୍ଟ କଟକଣା ଉଠାଯାଇଛି। ଏହି ଦୁଇ ପଞ୍ଚାୟତରୁ ଦୁଇଟି ପଜିଟିଭ ବାହାରିବା ପରେ ଏପ୍ରିଲ ୨୦ରେ କଣ୍ଟେନମେଣ୍ଟ ଘୋଷଣା କରାଯାଇଥିଲା।

## ଝାଡ଼ଖଣ୍ଡ ଯିବେ ୧୪୨

**ଭଦ୍ରକ ଅଫିସ, ୪।୫:** ଝାଡ଼ଖଣ୍ଡରୁ ୬ଟି ଖାଲି ବସ୍ ସୋମବାର ଭଦ୍ରକରେ ପହଞ୍ଚିଛି। ଭଦ୍ରକରେ ଥିବା ୧୪୨ଜଣ ଲୋକଙ୍କୁ ନେବା ପାଇଁ ସେଠାକାର ପ୍ରଶାସନିକ ଅଧିକାରୀଙ୍କ ସହ ୩ ଜଣିଆ ପୋଲିସ ଟିମ୍ ଏହି ବସ୍‌ରେ ଆସିଛନ୍ତି। ସୋମବାର ରାତି ସୁଦ୍ଧା ଲୋକଙ୍କୁ ନେଇ ବସ୍ ଝାଡ଼ଖଣ୍ଡ ଫେରିଯିବ।

# ସୁରଟରୁ ଫେରିଲେ ୧୨୦ ପ୍ରବାସୀ ଓଡ଼ିଆ

**ଔପଦା, ୪।୫(ଡି.ଏନ୍.ଏ.)**

ସୁରଟରୁ ୧୨୦ଜଣ ପ୍ରବାସୀ ଓଡ଼ିଆ ବସ୍ ଯୋଗେ ସୋମବାର ପହଞ୍ଚିଛନ୍ତି। ଆସିବା ବାଟରେ ଭଦ୍ରକରେ ଜଣେ, ସୋରରେ ୨, ଖଇରା ବ୍ଲକ ତୁଡ଼ିଗଡ଼ିଆରେ ୪ ଓ ଗଣ୍ଡିବେଡ଼ରେ ୨ଜଣ ଓହ୍ଲାଇଥିବା ବେଳେ ବାକି ୧୧୧ଜଣ ଅପରାହ୍ନ ୨ଟା ବେଳେ ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ଇନ୍ଦିରାଗାନ୍ଧୀ ଗୋଲେଇରେ ପହଞ୍ଚିଛନ୍ତି। ସେଥିମଧ୍ୟରୁ ମୟୂରଭଞ୍ଜ ଜିଲାର ୫, କେନ୍ଦୁଝର ଜିଲାର ୫ ଓ ଖଇରା ବ୍ଲକର ୯ଜଣ ଅଛନ୍ତି। ଔପଦା ବ୍ଲକ ଅଞ୍ଚଳରେ କେବଳ ୯୨ଜଣ ପ୍ରବାସୀ ଆସିଛନ୍ତି। ଏମାନଙ୍କୁ ବିଭିନ୍ନ ପଞ୍ଚାୟତରେ ଥିବା କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ପଠାଇବାର ବ୍ୟବସ୍ଥା ହେଉଥିବା ବେଳେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲା ପ୍ରଶାସନ ସହ ଯୋଗାଯୋଗ କରି ସେମାନଙ୍କୁ ନିଜ ନିଜ ଜିଲାକୁ ପଠାଇବା ଲାଗି ବ୍ୟବସ୍ଥା କରାଯାଉଥିବା ଔପଦା ବିଡ଼ିଓ ସନ୍ତୋଷ କୁମାର ପତି, ଔପଦା ଥାନାଧିକାରିଣୀ ସୁଜାତା ଖମାରି ଓ ତହସିଲଦାର ପିତାମ୍ବର ଭୋଇ ସୂଚନା ଦେଇଛନ୍ତି। ସେହିପରି ସୋମବାର ପୂର୍ବାହ୍ନରେ ଔପଦା ବ୍ଲକ ସଦର ତଳକିଆ ପଞ୍ଚାୟତ ବରଖୋଳି ଗ୍ରାମର ପ୍ରବାସୀ ଓଡ଼ିଆ ଶ୍ରମିକ ପ୍ରତାପ ପରିଡ଼ା କୋଲକାତାରୁ ଚାଲି ଚାଲି ଆସି ଔପଦାରେ ପହଞ୍ଚିଛନ୍ତି। ତାଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି।

**କୋଲକାତାରୁ ଜଣେ ଚାଲି ଚାଲି ଆସିଲେ**



ବସ୍‌ରୁ ଓହ୍ଲାଉଛନ୍ତି ସୁରଟ ଫେରନ୍ତା।

# କୋଟାରୁ ଆସିଲେ ୪୨ ଛାତ୍ରୀଛାତ୍ର

**କେନ୍ଦୁଝର/ ଭଦ୍ରକ ଅଫିସ, ୪।୫(ସ୍ୱ.ପ୍ର./ଡି.ଏନ.ଏ.)**

ରାଜସ୍ଥାନ କୋଟାରେ କୋଚିଂ ନେଉଥିବା କେନ୍ଦୁଝର ଓ ଭଦ୍ରକ ଜିଲାର ୪୨ ଛାତ୍ରୀଛାତ୍ର ଏକ ସ୍ୱତନ୍ତ୍ର ବସ୍ ଯୋଗେ ସୋମବାର ନିଜ ନିଜ ଜିଲାରେ ପହଞ୍ଚିଛନ୍ତି। ସେମାନଙ୍କ ମଧ୍ୟରେ ଭଦ୍ରକର ୫ ଅଭିଭାବକଙ୍କ ସମେତ ୨୬ଜଣ ଛାତ୍ରୀଛାତ୍ର ଥିବା ବେଳେ କେନ୍ଦୁଝରର ୬ଜଣ ଅଭିଭାବକଙ୍କ ସମେତ ୨୭ଜଣ ଛାତ୍ରୀଛାତ୍ର ଅଛନ୍ତି। ଭଦ୍ରକରେ ପହଞ୍ଚିଥିବା ଛାତ୍ରୀଛାତ୍ରଙ୍କୁ ନୂଆବସ୍‌ଷ୍ଟାଣ୍ଡସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସ୍କ୍ରିନିଂ ବ୍ୟବସ୍ଥା କରାଯାଇଥିଲା। ଏହାପରେ କେତେକ ଛାତ୍ରୀଛାତ୍ରଙ୍କୁ ହୋମ୍ କ୍ୱାରାଣ୍ଟାଇନକୁ ପଠାଇ ଦିଆଯାଇଛି। ଅନ୍ୟ କେତେକ ଛାତ୍ରୀଛାତ୍ରଙ୍କୁ ସରକାରୀ କ୍ୱାରାଣ୍ଟାଇନରେ ରଖାଯାଇଛି। ସେହିପରି କେନ୍ଦୁଝରରେ ପହଞ୍ଚିଥିବା ଛାତ୍ରୀଛାତ୍ରଙ୍କୁ ପୁରୁଣା ସହରସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ଫିଭର କ୍ଲିନିକରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ହୋମ କ୍ୱାରାଣ୍ଟାଇନରେ ରହିବା ପାଇଁ କୁହାଯାଇଛି।

# 'ଜିଲାରେ ହେଉ କୋଭିଡ୍ ପରୀକ୍ଷଣ କେନ୍ଦ୍ର'

**ବାଲେଶ୍ୱର ଅଫିସ, ୪।୫**

ରାଜ୍ୟର ୩ ଜିଲା ବାଲେଶ୍ୱର, ଭଦ୍ରକ ଓ ଯାଜପୁରକୁ କରୋନା ହଟ୍‌ସ୍ପଟ ଘୋଷଣା କରାଯାଇଛି। ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢୁ ଥିବା ବେଳେ ପ୍ରବାସୀ ଓଡ଼ିଆଙ୍କ ଆଗମନ ସ୍ଥିତିକୁ ଆହୁରି ସଙ୍ଗୀନ କରିପାରେ ବୋଲି ଆଶଙ୍କା କରାଯାଉଛି। ସାରା ଓଡ଼ିଶାରେ ମାତ୍ର ୨ଟି କୋଭିଡ଼ ଟେଷ୍ଟିଂ ଲ୍ୟାବ୍ ରହିଛି। ଏବେ ଏହି ଅଞ୍ଚଳର ସ୍ୱାବ ସାମ୍ପଲ ଭୁବନେଶ୍ୱର କିମ୍ବା କଟକ ପଠାଯାଉ ଥିବା ବେଳେ ଏହାର ରିପୋର୍ଟ ଆସିବାକୁ ବିଳମ୍ବ ହେଉଛି। ଏହାକୁ ଦୃଷ୍ଟିରେ ରଖି ବାଲେଶ୍ୱରରେ କୋଭିଡ ପରୀକ୍ଷଣ କେନ୍ଦ୍ର କରାଯିବା ଲାଗି ସୋମବାର ଭାରତୀୟ ଜନତା ଯୁବମୋର୍ଚ୍ଚାର ଏକ ଜିଲାସ୍ତରୀୟ ପ୍ରତିନିଧି ମଣ୍ଡଳୀ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭେଟି ଦାବି ଜଣାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ଯୁବମୋର୍ଚ୍ଚାର ରାଜ୍ୟ ଉପସଭାପତି ଚନ୍ଦ୍ରଶେଖର ନନ୍ଦ, ଜିଲାସଭାପତି ସମର ଶଙ୍କର କାନୁନ୍‌ଗୋ, ରାଜ୍ୟ ସଂଯୋଜକ ପ୍ରବୀର ଶଙ୍କର ଦାଶ, ଜିଲା ଉପସଭାପତି ରଞ୍ଜିତ ପ୍ରଧାନ, ବିକାଶ ପାଢ଼ୀ, ନଗର ସଭାପତି ଧୀରଜ ମହାନ୍ତି, ବିଧାନସଭା ସଂଯୋଜକ ଅରୂପ ଜେନା, ସ୍ୱାଧୀନ ବିଜୟ ପଣ୍ଡା, ଉତ୍ତମ ଦାସ, ସୁବୋଧ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ୧୦ଦିନ ମଧ୍ୟରେ ଏହାକୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ଜଣାଇଥିଲେ। ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ, କେନ୍ଦ୍ରୀୟ ସ୍ୱାସ୍ଥ୍ୟ ବିଭାଗ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସ୍ଥାନୀୟ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିକଟକୁ ପଠାଯାଇଛି।



ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# କ୍ଷେତରେ ଲହଡ଼ି ମାରୁଛି ବର୍ଷାଜଳ

**ଆରଡି, ୪।୫(ଡି.ଏନ.ଏ.)**

ଲକ୍‌ଡାଉନ ଯୋଗୁ ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ସାଆଁଳପୁର ଗ୍ରାମରେ ପାଚିଲା ଧାନକଟାରେ ସମସ୍ୟା ଉପୁଜିଛି। ଏହା ସାଙ୍ଗକୁ ପ୍ରାୟ ଏକ ସପ୍ତାହ ହେଲା କାଳବୈଶାଖୀ ଯୋଗୁ ଝଡ଼ବର୍ଷା ଲାଗି ରହୁଥିବାରୁ ଚାଷ ଜମିରେ ବର୍ଷାଜଳ ଲହଡ଼ି ମାରୁଛି । ଗ୍ରାମର ଦିବ୍ୟ ରଞ୍ଜନ ମହାନ୍ତି ଚଳିତବର୍ଷ ଧାଡ଼ିରୁଆ ପ୍ରଣାଳୀରେ ୨୦ଏକରରୁ ଅଧିକ ଜମିରେ ରବିଧାନ ଚାଷ କରିଥିଲେ। ଉନ୍ନତ ପ୍ରଣାଳୀରେ ଭଲ ଅମଳ ପାଇବା ଆଶାରେ ସେ ଏହି ଧାନଚାଷରେ ଲକ୍ଷାଧିକ ଟଙ୍କା ବିନିଯୋଗ କରିଥିଲେ। ଚାଷ ପାଇଁ ଋଣ କରିବା ସହ ହାତ ଉଧାରି କରିଥିଲେ । ଚଳିତବର୍ଷ ତାଙ୍କ ଧାନଚାଷ ମଧ୍ୟ ଭଲ ଅମଳ ଦେବା ଉପଯୋଗୀ ହୋଇଥିଲା। ମାତ୍ର କରୋନା ପାଇଁ ଲକ୍‌ଡାଉନ ଯୋଗୁ ପ୍ରଥମେ ଟେକ୍‌ନିସିଆନ ତାଙ୍କ ଜମିକୁ ଆସି ପାରି ନ ଥିଲେ । ପରବର୍ତ୍ତି ସମୟରେ କୃଷି ଶ୍ରମିକଙ୍କ ଅଭାବ ଦେଖା ଦେଇଥିଲା। ଏବେ କାଳବୈଶାଖୀର ପ୍ରଭାବ ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି । ନିଜ ଚାଷ କ୍ଷୟକ୍ଷତି ବିଷୟରେ ସେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ବ୍ଲକ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିଛନ୍ତି। ସେମାନେ କ୍ଷୟକ୍ଷତିର ଆକଳନ କରି ଫେରିଛନ୍ତି। ତାଙ୍କୁ କ୍ଷତିପୂରଣ ସହାୟତା ମିଳିବା ନେଇ ସେ ଆଶାବାଦୀ ଅଛନ୍ତି। ଯଦି ଏହା ତୁରନ୍ତ ମିଳି ଯାଆନ୍ତା ତେବେ ସେ ଋଣମୁକ୍ତ ହେବାସହ ପୁନଶ୍ଚ ଶାରଦ ଚାଷପାଇଁ ପ୍ରସ୍ତୁତ ହୁଅନ୍ତେ ବୋଲି ଦିବ୍ୟ ରଞ୍ଜନ କହିଛନ୍ତି।



ଧାନ ବିଲରେ ଜମି ରହିଥିବା ବର୍ଷାଜଳ।

## ରଟିଣାରେ ୩୪ ଜଣଙ୍କ ସ୍ୱାବ୍ ଟେଷ୍ଟ

**ଖଇରା, ୪।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରଟିଣା ଗ୍ରାମରୁ ରବିବାର ଜଣେ ୩୪ ବର୍ଷୀୟ କଲିକତା ଫେରନ୍ତା କରୋନା ସଂକ୍ରମିତ ଥିବା ଚିହ୍ନଟ ହେବା ପରେ ଏହି ଅଞ୍ଚଳରୁ ସ୍ୱାବ ପରୀକ୍ଷା କାର୍ଯ୍ୟ ଆରମ୍ଭ ହୋଇଛି । ବାଲେଶ୍ୱରରୁ ଆସିଥିବା ମେଡିକାଲ ଟିମ୍ ରଟିଣା ପ୍ରହ୍ଲାଦ ପ୍ରସାଦ ନୋଡାଲ ଉଚ୍ଚ ବିଦ୍ୟାପୀଠରେ ଚାଲୁଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩୫ଜଣଙ୍କଠାରୁ ଏହି ସ୍ୱାବ ସଂଗ୍ରହ କରିଥିଲେ । ସେହିଭଳି ଉକ୍ତ ବିଦ୍ୟାଳୟ ପରିସରକୁ ମଧ୍ୟ ବିଶୋଧନ କରାଯାଇଛି । ତେବେ ବିଦ୍ୟାଳୟ ସଂଲଗ୍ନ ରଟିଣା ଗ୍ରାମକୁ ବିଶୋଧନ କରାଯାଇ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଗ୍ରାମକୁ ବିଶୋଧନ କରିବାକୁ ସରପଞ୍ଚ ସତ୍ୟାନନ୍ଦ ଦାସଙ୍କ ସମେତ ଗ୍ରାମର ଶମ୍ଭୁନାଥ ନାୟକ, ମୂରଲୀଧର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଦାବି କରିଛନ୍ତି ।

**ବ୍ରହ୍ମପୁର**

# ସଙ୍ଗରୋଧ କେନ୍ଦ୍ରରେ ଅସନ୍ତୋଷ

**ବୁଗୁଡା,୪।୫(ଡି.ଏନ.ଏ.)**

**ଖାଦ୍ୟ ଯୋଗାଣରେ ବିଳମ୍ବ**

ବୁଗୁଡ଼ା ବ୍ଲକ ସୋଲଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ସୋମବାର ଖାଦ୍ୟ ଯୋଗାଣରେ ବିଳମ୍ବ ଯୋଗୁ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ତହସିଲ ଓ ପୋଲିସ ପ୍ରଶାସନର ହସ୍ତକ୍ଷେପ ଫଳରେ ଏହାର ସମାଧାନ ହୋଇଥିବା ଜଣାପଡିଛି। ସେଠାରେ ଥିବା ୫୭ ପ୍ରବାସୀ ଓଡ଼ିଆଙ୍କୁ ମଧ୍ୟାହ୍ନଭୋଜନ ଦେବାରେ ବିଳମ୍ବ ହେବାରୁ ପାଟିତୁଣ୍ଡ କରିଥିଲେ। ତହସିଲଦାର ସଂଗ୍ରାମ କେଶରୀ ଜେନା ଓ ଥାନା ଆଇଆଇସି ଚିତ୍ତରଞ୍ଜନ ବେହେରା ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ଏହାର ସମାଧାନ ହୋଇଥିଲା।

# ସହର ଭିତରେ କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ବିରୋଧ



ଉପ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଲୋକେ।

**ଭଞ୍ଜନଗର,୪।୫(ଡି.ଏନ.ଏ.)**

ଭଞ୍ଜନଗର ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ଥିବା ସ୍କୁଲ ଗୁଡ଼ିକରେ କ୍ୱାରାଣ୍ଟାଇନ୍ କେନ୍ଦ୍ର କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଭଞ୍ଜମାର୍ଗର କେତେକ ଯୁବକ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ସୋମବାର ଭେଟି ଜନଗହଳିପୂର୍ଣ୍ଣ ଅଞ୍ଚଳରେ କ୍ୱାରାଣ୍ଟାଇନ୍ କେନ୍ଦ୍ର ନ କରିବାକୁ ଦାବି କରିଛନ୍ତି। ସହରର କେଏସ୍‌ୟୁବି କଲେଜ, ଶ୍ରୀବସ୍ତ ହାଇସ୍କୁଲ, ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟାଉନହଲ୍ ସମେତ ୭ ସ୍ଥାନରେ କ୍ୱାରାଣ୍ଟାଇନ୍ କେନ୍ଦ୍ର କରିବାକୁ ନିଷ୍ପତ୍ତି ହୋଇଛି। ଭଞ୍ଜମାର୍ଗରେ ଥିବା ବିଦ୍ୟାଳୟକୁ କ୍ୱାରାଣ୍ଟାଇନ୍ କେନ୍ଦ୍ର କରିବାକୁ କୌଣସି ନିଷ୍ପତ୍ତି ନିଆଯାଇନାହିଁ ବୋଲି ଏନ୍‌ଏସି ପକ୍ଷରୁ ସୂଚନା ଦିଆଯାଇଛି।

# ହାଇଦ୍ରାବାଦରୁ ଚାଲିଚାଲି ଫେରିଲେ ୨ ଶ୍ରମିକ

**ଦିଗପହଣ୍ଡି/ପାଟପୁର, ୪।୫(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକର ୨ଜଣ ଶ୍ରମିକ ଚାଲିଚାଲି ହାଇଦ୍ରାବାଦରୁ ଆସି ସୋମବାର ଗଞ୍ଜାମରେ ପହଞ୍ଚିଛନ୍ତି। ଏମାନେ ହେଲେ ଏସ୍.ଗୋପାଳପୁର ଗାଁର। ହାଇଦ୍ରାବାଦରେ କାମ କରୁଥିବାବେଳେ ଲକ୍‌ଡାଉନ ଯୋଗୁ ଫସି ରହିଥିଲେ। ପାଣିବୋତଲ ଓ ବିସ୍କୁଟ ଆଦି ଶୁଖିଲା ଖାଦ୍ୟ ଧରି ୬ଦିନ ତଳେ ଏମାନେ ଘର ଅଭିମୁଖେ ବାହାରିଥିଲେ।

ଚାଲି ଚାଲି ଆସୁଥିଲେ ମଧ୍ୟ କୌଣସି ସ୍ଥାନରେ ପୋଲିସ ସେମାନଙ୍କୁ ଅଟକାଇ ନ ଥିବା କହିଛନ୍ତି। ଗାଁରେ ପହଞ୍ଚିଲେ ଯଦି କ୍ୱାରାଣ୍ଟାଇନରେ ରଖାଯିବ ତେବେ ରହିବୁ ବୋଲି ସେମାନେ କହିଥିଲେ। ସାନଖେମୁଣ୍ଡି ବିଡ଼ିଓ ଗାୟତ୍ରିଦତ୍ତ ନାୟକଙ୍କୁ ଏନେଇ ପଚାରିବାରୁ ତାଙ୍କ ନିକଟରେ ଏଭଳି କୌଣସି ଖବର ନଥିବା କହିଛନ୍ତି।

# ଜାରି ହେଲା କ୍ୱାରାଣ୍ଟାଇନ୍ କେନ୍ଦ୍ର ଖାଦ୍ୟ ତାଲିକା

**ଛତ୍ରପୁର,୪।୫(ଡି.ଏନ୍.ଏ.)**

**■ସପ୍ତାହକରେ ୪ ଦିନ ମିଳିବ ଆମିଷ**

**■ଶିଶୁଙ୍କୁ ମିଳିବ କ୍ଷୀର, ହର୍ଲିକ୍ସ**

କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଠିକ୍ ଭାବେ ଖାଦ୍ୟ ଦିଆଯାଉ ନ ଥିବା ଅଭିଯୋଗ କରି ସୁରଟ ଫେରନ୍ତାମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବେଗୁନିଆପଡା ବ୍ଲକର ୨ଟି କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଖାଦ୍ୟ ଅଭାବ ଦର୍ଶାଇ ସୁରଟ ଫେରନ୍ତାମାନେ ସେଠାରୁ ପଳାଉଥିଲେ। ସେହିପରି ଗଞ୍ଜାମର ଗୋଟିଏ କେନ୍ଦ୍ରରେ ସୁରଟ ଫେରନ୍ତାମାନେ ଖାଦ୍ୟ ଫିଙ୍ଗି ଦେଉଥିବା ଭିଡିଓ ଭାଇରାଲ ହୋଇଥିଲା। ଏହାପରେ ପ୍ରଶାସନ ସଜାଗ ହୋଇଛି। କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ସୁରକ୍ଷା କଡାକଡି ହୋଇଥିବା ବେଳେ ବାହାର ଫେରନ୍ତାଙ୍କ ପାଇଁ ସାପ୍ତାହିକ ଖାଦ୍ୟ ତାଲିକା ପ୍ରସ୍ତୁତ କରାଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଥିବା ଲୋକଙ୍କୁ ସପ୍ତାହକରେ ୪ ଦିନ ଆମିଷ ଦେବା ପାଇଁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ୩ ଦିନ ଅଣ୍ଡା ତରକାରି ଓ ଗୋଟିଏ ଦିନ ମାଛ କିମ୍ବା ଚିକେନ ତରକାରି ମଧ୍ୟାହ୍ନଭୋଜନରେ ପରଷା ଯିବ। ନିରାମିଷରେ ଛତୁ କିମ୍ବା ପନିର ତରକାରି ଦିଆଯିବ। ସେହିପରି ସକାଳ ଜଳଖିଆରେ ମଟର ତରକାରି ସହ ପୁରୀ, ଇଡ଼ଲି, ମସଲା ଉପମା, ଚୁଡା ଉପମା ( ଏଥିରୁ ଗୋଟିଏ ) ଏବଂ ସନ୍ଧ୍ୟାରେ ଚା' ସହ ମିକ୍ସଚର, ମୁଢ଼ି, ବିସ୍କୁଟ (ଏଥିରୁ ଗୋଟିଏ) ଦିଆଯିବ। କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ମା'-ବାପାଙ୍କ ସହ ୬ ବର୍ଷ ପର୍ଯ୍ୟନ୍ତ ଶିଶୁ ଥିଲେ ସେମାନଙ୍କୁ ହର୍ଲିକ୍ସ ଓ କ୍ଷୀର ଦିଆଯିବ ବୋଲି ତାଲିକାକୁ କାର୍ଯ୍ୟକାରୀ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

**ପ୍ରବାସୀ ବିଶୃଙ୍ଖଳା କଲେ କାର୍ଯ୍ୟାନୁଷ୍ଠାନ**

ବାହାର ରାଜ୍ୟରୁ ବସ୍ ଓ ଟ୍ରେନରେ ଶତାଧିକ ଓଡ଼ିଆ ଗଞ୍ଜାମ ଜିଲାକୁ ଫେରିବାରେ ଲାଗିଛନ୍ତି। ବାହାର ରାଜ୍ୟଫେରନ୍ତା ନିୟମ ମାନୁ ନାହାନ୍ତି। ଏପରିକି କେତେଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରେ ବିଶୃଙ୍ଖଳା କରୁଛନ୍ତି। ଏଥିରେ ପ୍ରତିକ୍ରିୟା ପ୍ରକାଶ କରିବା ସହ ଏଣିକି ବିଶୃଙ୍ଖଳାକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସରକାର କହିଛନ୍ତି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଏସ୍‌ପି ବ୍ରିଜେଶ କୁମାର ରୟ ବିଶୃଙ୍ଖଳାକାରୀଙ୍କ ଉପରେ କଡା ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି କହିଛନ୍ତି। ଜିଲାପାଳ ଟୁଇଟ କରି କହିଛନ୍ତି, ସମସ୍ତ ଫେରନ୍ତା ପ୍ରବାସୀ ଶୃଙ୍ଖଳା ରଖନ୍ତୁ। ଆମ୍ଭେ ସବୁ ସୁବିଧା ଦେବା ପାଇଁ କଠିନ ପରିଶ୍ରମ କରୁଛୁ। ବାହାର ରାଜ୍ୟ ଫେରନ୍ତାମାନେ ସରକାରଙ୍କ ନିୟମକୁ ମାନନ୍ତୁ। ନଚେତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସେହିପରି ଏସ୍‌ପି ଟୁଇଟ କରି କହିଛନ୍ତି, ଜିଲାକୁ ଫେରିଥିବା ଲୋକମାନେ ସରକାରଙ୍କ କୋଭିଡ-୧୯ ଗାଇଡଲାଇନ ଅନୁଯାୟୀ କ୍ୱାରାଣ୍ଟାଇନ ନିୟମକୁ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଗଞ୍ଜାମରେ ଖୋଲିବନି ମଦ ଦୋକାନ

ସୁରଟରୁ ଫେରିଥିବା ୨ ଜଣଙ୍କଠାରେ କରୋନା ପଜିଟିଭ ଥିବା ରବିବାର ଚିହ୍ନଟ ହୋଇଥିବାରୁ ଗଞ୍ଜାମ ଜିଲା ଅରେଞ୍ଜ ଜୋନ୍‌କୁ ଆସିଛି । ସୋମବାରଠାରୁ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଲାଗୁ ହୋଇଛି । ଜିଲାରେ ଅଫ୍‌ସପ୍, ଅନ୍‌ସପ୍ କିମ୍ବା କୌଣସି ମଦ ଦୋକାନ ଖୋଲିବନି ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମଦ ଦୋକାନ ବନ୍ଦ ରହିବ।

# ରାସ୍ତା କଡ଼ରେ ରାତି କଟାଇଲେ ସୁରଟ ଫେରନ୍ତା

**ପୁରୁଷୋତ୍ତମପୁର,୪।୫(ଡି.ଏନ୍.ଏ.)**

ସୁରଟରୁ ୫୬ଜଣ ପ୍ରବାସୀ ଓଡ଼ିଆଙ୍କୁ ନେଇ ଏକ ବସ୍ ରବିବାର ରାତି ପ୍ରାୟ ୧୧ଟାରେ ପୁରୁଷୋତ୍ତମପୁରରେ ପହଞ୍ଚିଥିଲା। ମାତ୍ର ଏମାନଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରକୁ ନେବାଲାଗି ବ୍ଲକ ପ୍ରଶାସନର ଦେଖା ମିଳି ନ ଥିଲା। ବସ୍‌ରୁ ଓହ୍ଲାଇ ବାହାରେ ବୁଲୁଥିବାରୁ ତହସିଲଦାର ଅରୁଣ କୁମାର ନାୟକଙ୍କୁ ଲୋକେ ଜଣାଇଥିଲେ। ତହସିଲଦାର ଓ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ ପହଞ୍ଚି ଶୁଖିଲା ଖାଦ୍ୟ ଓ ପାଣି ଯୋଗାଇ ଦେଇଥିଲେ ମଧ୍ୟ ବିଡିଓଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ରାତିସାରା ଯାତ୍ରୀମାନେ ରାସ୍ତା କଡରେ ରହିଥିଲେ। ସୋମବାର ସକାଳୁ ବିଡିଓଙ୍କ ସହ ଯୋଗାଯୋଗ କରି ସମସ୍ତଙ୍କୁ ପ୍ରତାପୁର କ୍ୱାରାଣ୍ଟାଇନ ସେଣ୍ଟରକୁ ନିଆଯାଇଥିଲା। ସୋମବାର ସକାଳେ ମଧ୍ୟ ପ୍ରବାସୀ ଓଡ଼ିଆଙ୍କୁ ନେଇ ଆସୁଥିବା ବସ୍‌ଗୁଡିକ ସହର ମଧ୍ୟରେ ବହୁ ସମୟ ଧରି ରହିବାରୁ ଯାତ୍ରୀମାନେ ଗାଡିରୁ ଓହ୍ଲାଇ ଦୋକାନରୁ କିଣାକିଣି କରୁଥିବା ଦେଖିବାକୁ ମିଳିଥିଲା। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।




ରାସ୍ତା କଡ଼ରେ ସୁରଟ ଫେରନ୍ତା।

# ଆନ୍ଧ୍ରରେ ଫସି ରହିଛନ୍ତି ଓଡ଼ିଆ

**ଦିଗପହଣ୍ଡି,୪।୫(ଡି.ଏନ.ଏ.)**

ଲକ୍‌ଡାଉନ ଯୋଗୁ ଆନ୍ଧ୍ରପ୍ରଦେଶ ପ୍ରକାଶମ୍ ଜିଲା ଚେମର୍କୁର୍ତ୍ତି ସହର ନିକଟ ଏକ ଗ୍ରାନାଇଟ କମ୍ପାନୀରେ କାମ ପାଇଁ ଯାଇଥିବା ୧୫ ଶହରୁ ଉର୍ଦ୍ଧ୍ୱ ଓଡ଼ିଆ ଶ୍ରମିକ ଫସି ରହିଛନ୍ତି। ସେମାନେ ଗଞ୍ଜାମ ଜିଲା ସାନଖେମୁଣ୍ଡି, ଦିଗପହଣ୍ଡି ବ୍ଲକ ଅଧୀନ ବିଭିନ୍ନ ଗ୍ରାମର। ଓଡିଶା ଫେରିବାକୁ ଅନ୍‌ଲାଇନ ରେଜିଷ୍ଟ୍ରେସନ କରିଥିଲେ ମଧ୍ୟ ସେଠାକାର ପୋଲିସ ଛାଡୁ ନଥିବା ସେମାନେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଜିଲା ପ୍ରଶାସନକୁ ଲିଖିତ ଭାବେ ଜଣାଇବା ସହ ନିକଟସ୍ଥ ଥାନାକୁ ଯାଇ ଶ୍ରମିକମାନେ ନିଜର ସମସ୍ୟା ଜଣାଇଥିଲେ। ମାତ୍ର କେହି ସହାୟତା କରୁ ନ ଥିବା ସେମାନେ କହିଛନ୍ତି।

# ପୁଣି ୩୨ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନୋଟିସ

**ଦାରିଙ୍ଗବାଡି,୪।୫(ଡି.ଏନ.ଏ.)**

ଲକ୍‌ଡାଉନ୍ ପରେ ସମସ୍ତ ବିଦ୍ୟାଳୟ ସମେତ ଅଙ୍ଗନୱାଡିକେନ୍ଦ୍ର, କଲେଜ ଆଦିକୁ ସରକାର ଛୁଟି ଘୋଷଣା କରିଥିଲେ। ମାତ୍ର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ହେଡକ୍ୱାର୍ଟରରେ ରହିବାକୁ ନିର୍ଦ୍ଦେଶ ରହିଥିଲା। ଏହାକୁ ଅବମାନନା କରି ଦାରିଙ୍ଗବାଡିରେ ଚାକିରି କରିଥିବା ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼ ଆଦି ଜିଲାର ଶିକ୍ଷୟିତ୍ରୀଶିକ୍ଷକମାନେ ଘରକୁ ପଳାଇଥିଲେ। ଶତାଧିକ ଶିକ୍ଷକ ପଳାଇଥିଲେ ମଧ୍ୟ ମାତ୍ର ୮୭ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଥିଲା। ଏ ନେଇ ବିବାଦ ହେବାରୁ କେବଳ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡିଙ୍କ ନିକଟରେ ମଧ୍ୟ ଚଞ୍ଚକତା ନେଇ ଅଭିଯୋଗ ହୋଇଥିଲା। ଏବେ ବିଇଓ ବ୍ରହ୍ମାନନ୍ଦ ରାଉତ ପୁଣି ବଳକା ୩୨ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନୋଟିସ କରିଛନ୍ତି।

# ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ୫୩ଜଣଙ୍କ ସ୍ୱାବ୍ ନେଗେଟିଭ

**ବଲାଙ୍ଗୀର ଜିଲା**
- ସଂସ୍ପର୍ଶରେ ଆସିଥିବା ଅନ୍ୟ ବ୍ୟକ୍ତିଙ୍କ ସ୍ୱାବ୍ ସଂଗ୍ରହ ଜାରି
- ବଲାଙ୍ଗୀର ଜିଲା ଏବେ ଅରେଞ୍ଜ ଜୋନ୍‌ରେ ରହିଛି
- ସତର୍କତା ଓ ସଚେତନତା ଜରୁରୀ
- କେରଳରୁ ଜିଲାକୁ ଫେରୁଛନ୍ତି ୮ ଶ୍ରମିକ

ବଲାଙ୍ଗୀର ଅଫିସ/ଗୁଡଭେଲା, ୪।୫ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଲିଖିରିଆ ଗାଁର ଦୁଇଜଣ ଯୁବକ କରୋନା ସଂକ୍ରମିତ ବୋଲି ଗତ ମେ ୧ ତାରିଖରେ ଜଣାପଡିଥିଲା। ଏହା ପରେ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉଭୟ ସଂକ୍ରମିତଙ୍କ ସଂସ୍ପର୍ଶ ତାଲିକା (କଣ୍ଟାକ୍ଟ ଟ୍ରେସିଂ) ଓ ଭ୍ରମଣ ବୃତ୍ତାନ୍ତ (ଟ୍ରାଭେଲ୍ସ ହିଷ୍ଟ୍ରି) ସଂଗ୍ରହ କରାଯାଇଥିଲା । ସେହି ଦୁଇ ସଂକ୍ରମିତ ଯୁବକଙ୍କ ସହ ସିଧାସଳଖ ସଂସ୍ପର୍ଶରେ ଆସିଥିବା ତାଙ୍କ ପରିବାର ଲୋକଙ୍କ ସମେତ ୫୩ ଜଣଙ୍କୁ ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ କରାଯାଇଥିଲା। ସେ ସମସ୍ତଙ୍କ ସ୍ୱାବ୍ ସଂଗ୍ରହ କରାଯିବା ପରେ ପରୀକ୍ଷା ପାଇଁ ପଠାଯାଇଥିଲା । ଏହି ୫୩ ଜଣଙ୍କ ସ୍ୱାବ୍ ପରୀକ୍ଷା ରିପୋର୍ଟ ନେଗେଟିଭ ଆସିଥିବା ଜିଲାପାଳ ଅରିନ୍ଦମ ଡାକୁଆ ସୂଚନା ଦେଇଛନ୍ତି । ପ୍ରଥମ ପର୍ଯ୍ୟାୟ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ୫୩ ଜଣଙ୍କ ସ୍ୱାବ୍ ରିପୋର୍ଟ ନେଗେଟିଭ ଆସିବା ପରେ ଜିଲା ପ୍ରଶାସନ ଓ ଜିଲାବାସୀ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି। ଏବେ ଦ୍ୱିତୀୟ ପର୍ଯ୍ୟାୟରେ ପଠାଯାଇଥିବା ସ୍ୱାବ୍ ରିପୋର୍ଟକୁ ଅପେକ୍ଷା କରାଯାଉଛି। ପ୍ରଥମ ପର୍ଯ୍ୟାୟ ସ୍ୱାବ୍ ରିପୋର୍ଟ ନେଗେଟିଭ ଆସିବା ପରେ ଖୁସି ଲାଗୁଥିଲେ ମଧ ଏଥିରେ ଆତ୍ମବିଭୋର ହେବା ନାହିଁ ବରଂ ଅଧିକ ସଚେତନ ହେବା ଜରୁରୀ ବୋଲି ଜିଲାପାଳ ଡାକୁଆ ସତର୍କ କରାଇ ଦେଇଛନ୍ତି । ବଲାଙ୍ଗୀର ଜିଲା ଏବେ ଅରେଞ୍ଜ ଜୋନ୍‌ରେ ରହିଛି । ବଲାଙ୍ଗୀର ଜିଲା ଗ୍ରୀନ୍‌ରୁ ଅରେଞ୍ଜ ଜୋନ୍‌କୁ ଯାଇଛି । ଅର୍ଥାତ୍ ସ୍ଥିତିରେ ଅବନତି ଘଟିଛି । ତେଣୁ ସତର୍କତା ଓ ସଚେତନତା ଜରୁରୀ ବୋଲି ସେ କହିଛନ୍ତି । ତାମିଲନାଡୁରୁ ଫେରିଥିବା ଦୁଇ ଯୁବକଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ ଲୋକଙ୍କ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି ଓ ସେମାନଙ୍କଠାରୁ ସ୍ୱାବ୍ ସଂଗ୍ରହ କରାଯାଉଛି ବୋଲି ସୂଚନା ଦେଇଛନ୍ତି । କେରଳରୁ ଫେରୁଥିବା ବଲାଙ୍ଗୀର ଜିଲାର ୮ ଜଣ ଶ୍ରମିକ ସୋମବାର ସନ୍ଧ୍ୟା ସୁଦ୍ଧା ଏଠାରେ ପହଞ୍ଚିବେ। ବେଲପଡା, ମୁରିବାହାଲ ଓ ଟିଟିଲାଗଡ ବ୍ଲକର ଏହି ୮ ଶ୍ରମିକ ନିଜ ନିଜ ପଞ୍ଚାୟତକୁ ସିଧାସଳଖ ଯାଇ ସେଠାରେ ଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ୧୪ଦିନ ପାଇଁ ରହିବେ ବୋଲି ଜିଲାପାଳ ଡାକୁଆ ସୂଚନା ଦେଇଛନ୍ତି।




**ଲକ୍ ଡାଉନ କୋହଳ ପରେ:** ସୋମବାର ସମ୍ବଲପୁର ଓଭର ବ୍ରିଜରେ ସ୍ୱାଭାବିକ ଭାବେ ଯାନବାହନ ଚଳାଚଳ କରୁଛି ।

# ସୁରଟରୁ ଫେରିଲେ ୭୨ ଶ୍ରମିକ

**ଅବ୍ୟବସ୍ଥା ଲାଗି ସହରରେ ଅଟକିଲେ ୫ ଘଣ୍ଟା**

ବୌଦ୍ଧ,୪।୫(ସ୍ୱ.ପ୍ର)

ବୌଦ୍ଧ ଜିଲାକୁ ଏକ ସ୍ୱତନ୍ତ୍ର ବସ୍ ଯୋଗେ ୭୨ ଜଣ ଶ୍ରମିକ ସୁରଟରୁ ଆସି ପହଞ୍ଚିଛନ୍ତି। ରବିବାର ରାତି ପ୍ରାୟ ୩ଟା ସମୟରେ ଏହି ବସ୍ ବୌଦ୍ଧରେ ପହଞ୍ଚିଥିଲା। ତେବେ ଶ୍ରମିକମାନଙ୍କୁ ତୁରନ୍ତ କ୍ୱାରାଣ୍ଟାଇନ ଗୃହ ପର୍ଯ୍ୟନ୍ତ ନେବାକୁ କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ସେମାନେ ସହରର କେନ୍ଦ୍ରସ୍ଥଳ ଏନଏସି ଛକଠାରେ ଏଣେତେଣେ ବୁଲିଥିଲେ। ସୋମବାର ସକାଳ ୬ଟା ପର୍ଯ୍ୟନ୍ତ ଏହି ଶ୍ରମିକମାନେ ବୁଲୁଥିବା ପ୍ରଚାର ହେବା ପରେ ସହରରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ପୋଲିସ ଓ ପ୍ରଶାସନକୁ ସୂଚନା ଦିଆଯାଇଥିଲେ ମଧ୍ୟ ତୁରନ୍ତ କେହି ସେଠାରେ ପହଞ୍ଚି ନ ଥିଲେ। ଶେଷରେ ପୋଲିସ ପିସିଆର ଭ୍ୟାନ ସେଠାକୁ ପହଞ୍ଚି ବସ୍ ସହିତ ଶ୍ରମିକମାନଙ୍କୁ ସହର ବାହାରେ ଥିବା ଏକ ପୋଲ ନିକଟରେ ତିନି ଘଣ୍ଟା ରଖିଥିଲା। ପରେ ସମସ୍ତ ଶ୍ରମିକଙ୍କୁ ହରଭଙ୍ଗା ବ୍ଲକକୁ ପଠାଇ ଦିଆଯାଇଥିଲା। ତିନୋଟି ଜିଲାର ଶ୍ରମିକ ଏକାଠି ଫେରିଥିବାରୁ ସରକାରୀ କାଗଜପତ୍ର ପ୍ରସ୍ତୁତିରେ ବିଳମ୍ବ ଘଟିଥିବା ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ ପ୍ରକାଶ କରିଥିଲେ ।

ସୂଚନାଯୋଗ୍ୟ, ଏହି ବସ୍‌ରେ ଅନଗୁଳ ଜିଲା ଆଠମଲ୍ଲିକ ଅଞ୍ଚଳର ୧୫ ଜଣ ଶ୍ରମିକ ଫେରିଥିବାବେଳେ ବୌଦ୍ଧ ସହରର ୯, ମଥୁରାର ୬, ସାମ୍ପୋଚର ୧୭, ହରଭଙ୍ଗାର ୬, ସଙ୍କୁଲୋଇର ୫, ବାମଣ୍ଡାର ଜଣେ, ରାମଗଡର ୨, ତାଳଗରିର ୨ ଓ ବୀରନରସିଂହପୁର ପଞ୍ଚାୟତର ୩ ଜଣ ରହିଥିବାବେଳେ କନ୍ଧମାଳ ଜିଲା ସୁଦ୍ରୁକୁମ୍ପାର ୪ଜଣ ରହିଥିବା ଜଣାଯାଇଛି। ଶ୍ରମିକମାନଙ୍କୁ ହରଭଙ୍ଗା ବ୍ଲକକୁ ନିଆଯିବା ପରେ ନିଜ ନିଜ ପଞ୍ଚାୟତର କ୍ୱାରାଣ୍ଟାଇନ ଗୃହକୁ ପଠାଇଦିଆଯାଇଥିବା ଜଣାପଡିଛି। ତେବେ ବାହାରୁ ଫେରୁଥିବା ଶ୍ରମିକମାନେ ସଂକ୍ରମଣର କାରଣ ହେବାର ସମ୍ଭାବନା ରହିଛି। ଜିଲାକୁ ଫେରିବା ପରେ ଏଣେତେଣେ ବୁଲିବାର ସୁଯୋଗ ନ ଦେଇ ସେମାନଙ୍କୁ ତୁରନ୍ତ କ୍ୱାରାଣ୍ଟାଇନ ଗୃହ ପର୍ଯ୍ୟନ୍ତ ପଠାଯିବାକୁ ସାଧାରଣରେ ମତପ୍ରକାଶ ପାଉଛି।

**ସଂକ୍ଷେପରେ**

## ଜୁଆ ଆଡ୍ଡାରେ ଚଢ଼ାଉ, ୯ ଗିରଫ

ପାଟଣାଗଡ, ୪।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ପାଟଣାଗଡ଼ ପୋଲିସ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୯ଜଣଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୮୦, ୫୦୦ ଟଙ୍କା, ତାସବିଡ଼ା ଓ ୮ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ନେତ୍ରମଣି ମେହେର, ଆକାଶ ମେହେର, ଯଦୁମଣି ମେହେର, ଟେଣ୍ଡୁକୁ ମେହେର, ଜଗନ୍ନାଥ ମେହେର, କୈଳାସ ମେହେର, ପଞ୍ଚାନନ ମେହେର, ମେଘ ମେହେର, ସୁଶାନ୍ତ ମେହେର। ପରେ ଅଭିଯୁକ୍ତମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ି ଦିଆଯାଇଛି। ଏ ନେଇ ପାଟଣାଗଡ଼ ଥାନାରେ ଏକ ମାମଲା (ନ.୯୧/୨୦)ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ପାଟଣାଗଡ଼ ସହର ମେହେରପଡ଼ାରେ ରବିବାର ବିଳମ୍ବିତ ରାତ୍ରିରେ ଜୁଆଖେଳ ଚାଲିଥିବା ଖବର ପାଇ ପୋଲିସ ଟିମ୍ ଅତର୍କିତ ଚଢାଉ କରିଥିଲା । ଚଢାଉରେ ଏସ୍‌ଆଇ ବିଦେଶୀ ପଧାନ, ଏଏସ୍‌ଆଇ ସୁଦର୍ଶନ ଦୋରା, ଶିବଲାଲ ତାଣ୍ଡି ପ୍ରମୁଖ ସାମିଲ ଥିଲେ।

## ରନ୍ଧନ ଗ୍ୟାସ୍ ସିଲିଣ୍ଡର ପାଇପ୍ ଫାଟି ୩ ଆହତ

ରାଉରକେଲା ଅଫିସ,୪।୫: ସେକ୍ଟର ୫ କବି ସମ୍ରାଟପାଲି ବସ୍ତିରେ ସୋମବାର ଅପରାହ୍ଣରେ ଗ୍ୟାସ୍ ପାଇପ୍ ଫାଟି ଗୋଟିଏ ପରିବାରର ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଗୃହକର୍ତ୍ତା ଅଯୋଧା ସାହୁ, ସ୍ତ୍ରୀ ରୀତାଞ୍ଜଳି ଓ ପୁଅ ଗୁଡୁ। ଏଥିଯୋଗୁ ଘରେ ନିଆଁ ଲାଗି ବହୁ ସାମଗ୍ରୀ ଜଳି ଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଆହତମାନଙ୍କୁ ରାଉରକେଲା ଇସ୍ପାତ୍ ଜେନେରାଲ ହସ୍ପିଟାଲ(ଆଇଜିଏଚ୍)ରେ ଭର୍ତ୍ତି କରାଯାଇଛି।

## ଢାବାରେ କୋଇଲା ଚୋରା କାରବାର କରି ୩ ଗିରଫ

ବଡଗାଁ, ୪।୫ (ଡି.ଏନ.ଏ.): ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ଗାଁ ନିକଟ ୧୦ନମ୍ବର ରାଜ୍ୟ ରାଜପଥ କଡ଼ରେ ଥିବା ଚନ୍ଦନ ଢ଼ାବାରେ ୩ବର୍ଷ ହେଲା ଚୋରା କୋଇଲା କାରବାର ଚାଲିଛି। ହେଲେ ଶେଷରେ ଏହା ରବିବାର ଧରାପଡ଼ିଛି। ବଡଗାଁ ଥାନାରେ ନିଯୁକ୍ତ (ପ୍ରୋବେସନର) ଡିଏସ୍‌ପି ସତ୍ୟବ୍ରତ ଦାସ ଏହି ଚୋରା କାରବାର ହୋଇ ଆସୁଥିବା ଜାଣିବା ପରେ ଧରିବା ପାଇଁ ଜାଲ ବିଛାଇଥିଲେ । ରବିବାର ଏକ ଟ୍ରକ୍ (ନଂ. ଓଆର୍ ୨୩ ଇ- ୧୧୫୧)ରୁ କୋଇଲା ବାହାର କରି ଅନ୍ୟ ଏକ ଟ୍ରାକ୍ଟର (ନଂ. ଓଡି ୧୬ ଏ- ୬୨୦୭)ରେ ଭର୍ତ୍ତି କରାଯାଉଥିଲା। ଏତିକିବେଳେ ଡିଏସ୍‌ପି ଦାସ ଚଢ଼ାଉ କରିଥିଲେ। ଟ୍ରାକ୍ଟର ଡ୍ରାଇଭର ଲେଫ୍ରିପଡା ସୁଆରିଯୋରର ଗଣେଶ ପ୍ରଧାନ, ଢ଼ାବା ମାଲିକ ଚନ୍ଦନ ଠାକୁର, ଟ୍ରକ ଡ୍ରାଇଭର ବିହାର ରାଜ୍ୟ ରାମଗଡ ମହାଲିଡିହିର ବିରବଲ ମହନ୍ତଙ୍କୁ ପୋଲିସ ଗିରଫ କରିଛି।

# ରାତିସାରା ଆମ୍ବୁଲାନ୍ସ ଭିତରେ ରୋଗୀଙ୍କୁ ଅଟକ

- ଭଡ଼ା ଟଙ୍କା ପାଇଁ ଚାଳକଙ୍କ ଅମାନବୀୟ କାର୍ଯ୍ୟ
- ବୁର୍ଲା ଥାନାରେ ମାମଲା ରୁଜୁ

ସମ୍ବଲପୁର, ୪।୫ (ବ୍ୟୁରୋ)

ବୁର୍ଲା ଭିମ୍‌ସାରରେ ଚିକିତ୍ସିତ ହୋଇ ଘରକୁ ଫେରୁଥିବା ଜଣେ ରୋଗୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜଣେ ଆମ୍ବୁଲାନ୍ସ ଡ୍ରାଇଭର ଭଡ଼ା ଟଙ୍କା ପାଇଁ ନିର୍ଯାତନା ଦେଇଥିଲେ । ଏପରିକି ସାରାରାତି ଆମ୍ବୁଲାନ୍ସ ଭିତରେ ତାଲା ପକାଇ ଅଟକ ରଖିଥିବା ଅଭିଯୋଗ ହୋଇଛି। ଏହି ଘଟଣା ସୋମବାର ସାମ୍ନାକୁ ଆସିବା ପରେ ବୁର୍ଲାରେ ଚାପା ଉତ୍ତେଜନା ପ୍ରକାଶ ପାଇଛି । ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ବୁର୍ଲା ଥାନାରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି ।

ମିଳିଥିବା ସୂଚନା ଅନୁଯାୟୀ, ନୂଆପଡା ଜିଲା ରାଜଖଡ଼ିଆଳର ସର୍ବେଶ୍ୱର ମାଝି ଏପ୍ରିଲ ୧୫ରୁ ଯକ୍ଷ୍ମା ରୋଗରେ ପୀଡିତ ହୋଇ ଭିମ୍‌ସାରରେ ଚିକିତ୍ସିତ ହେଉଥିଲେ। ତାଙ୍କ ପାଖରେ ସ୍ତ୍ରୀ ଓ ୫ବର୍ଷର ପୁଅ ଥିଲେ । ମେ ୨ ରେ ଡାକ୍ତର ତାଙ୍କୁ ଡିସ୍‌ଚାର୍ଜ କରିଥିଲେ । ହେଲେ ଭଡା ଟଙ୍କା ପାଖରେ ନ ଥିବାରୁ ସର୍ବେଶ୍ୱର ଧାର କରଜ କରି ରବିବାର ଘରକୁ ଯିବାକୁ ବାହାରିଥିଲେ । ଏଥିପାଇଁ ଏକ ଆମ୍ବୁଲାନ୍ସ ଚାଳକଙ୍କ ସହ ସେ ଯୋଗାଯୋଗ କରିଥିଲେ । ବୁର୍ଲା ଭିମ୍‌ସାରରୁ ରାଜଖଡ଼ିଆଳ ଯିବା ପାଇଁ ୫ହଜାର ୨ଶହ ଟଙ୍କା ଭଡା ଛିଡି ଥିଲା । ପରିବାର ସଦସ୍ୟଙ୍କ ସହ ସର୍ବେଶ୍ୱର ସେହି ଆମ୍ବୁଲାନ୍ସରେ ଘରକୁ ଫେରୁଥିଲେ । ରାସ୍ତାରେ ତେଲ ଭରିବା ପାଇଁ ଚାଳକ ୧୫ଶହ ଟଙ୍କା ଓ ଟୋଲଗେଟ ପାଇଁ ଶହେ ଟଙ୍କା ନେଇଥିଲେ । ଘରେ ପହଞ୍ଚିବା ପରେ ବାକି ୩୬ଶହ ଟଙ୍କା ଆମ୍ବୁଲାନ୍ସ ଡ୍ରାଇଭର ସର୍ବେଶ୍ୱରଙ୍କୁ ମାଗିଥିଲେ। ହେଲେ ତାଙ୍କ ପାଖରେ ଟଙ୍କା ନ ଥିବାରୁ ସେ ଆଉ ଜଣେ ସମ୍ପର୍କୀୟଙ୍କଠାରୁ ୩୬ ଶହ ଟଙ୍କା ଧାର ମାଗିଛନ୍ତି, ଟିକେ ଅପେକ୍ଷା କରିବାକୁ ଆମ୍ବୁଲାନ୍ସ ଚାଳକଙ୍କୁ କହିଥିଲେ । ହେଲେ ଟଙ୍କା ଦେବାରେ ବିଳମ୍ବ ହେବାରୁ ଆମ୍ବୁଲାନ୍ସ ଚାଳକ ବିରକ୍ତି ହୋଇ ସର୍ବେଶ୍ୱର ଓ ତାଙ୍କ ସ୍ତ୍ରୀ,ପୁଅଙ୍କୁ ଗାଡିରେ ବସାଇ ପୁଣି ବୁର୍ଲା ଫେରାଇ ଆଣିଥିଲେ। ରାତି ପ୍ରାୟ ୧୨ଟାରେ ଆମ୍ବୁଲାନ୍ସ ବୁର୍ଲାରେ ପହଞ୍ଚି ଥିଲା । ଚାଳକ ସ୍ଥାନୀୟ ଏକ ଶୌଚାଳୟ ପାଖରେ ଆମ୍ବୁଲାନ୍ସ ରଖି ସେମାନଙ୍କୁ ବାହାର ପଟୁ ତାଲା ପକାଇ ଫେରାର ହୋଇଯାଇଥିଲେ। ସୋମବାର ସକାଳେ ସେମାନଙ୍କ ଆକୁଳ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ପାଖରେ ରୁଣ୍ଡ ହୋଇଯାଇଥିଲେ। ଘଟଣା ସ୍ଥଳରେ ଭିମ୍‌ସାର ଡାକ୍ତର, ପୋଲିସ ଓ ସ୍ଥାନୀୟ ଲୋକ ପହଞ୍ଚି ଡ୍ରାଇଭରଙ୍କୁ ଡାକି ସମସ୍ତଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ବୁର୍ଲା ଥାନା ଅଧିକାରୀ ବି.ବି. ଭୋଇ କହିଛନ୍ତି, ସର୍ବେଶ୍ୱରଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ କରାଯାଉଛି। ଭିମ୍‌ସାରରେ କାର୍ଯ୍ୟରତ ଡା. ଶଙ୍କର ରାମଚନ୍ଦାନୀ ଓ ତାଙ୍କ ସହକର୍ମୀଙ୍କ ସହଯୋଗରେ ଅନ୍ୟ ଏକ ଗାଡି ଭଡା କରି ସର୍ବେଶ୍ୱରଙ୍କ ପରିବାରକୁ ରାଜଖଡ଼ିଆଳ ପଠାଯାଇଛି ।



ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କ ସହ ସର୍ବେଶ୍ୱର ମାଝି, ତାଙ୍କ ସ୍ତ୍ରୀ ଓ ପୁଅ ।

# ପାସ୍ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉତ୍ତେଜନା

- ଅତିରିକ୍ତ ଜିଲାପାଳଙ୍କ କଥା ମାନିଲେନି
- ଲୋକଙ୍କୁ ଘଉଡାଇଲା ପୋଲିସ

ଝାରସୁଗୁଡ଼ା ଅଫିସ,୪।୫

କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ସମଗ୍ର ଦେଶରେ ଲକ୍‌ଡାଉନ କଟକଣା ଜାରି ରହିଛି । ତଥାପି ଭିନ୍ନ ଭିନ୍ନ ଜୋନ ପାଇଁ ସେହି କଟକଣା କୋହଳ କରାଯାଇଛି। ହେଲେ ପ୍ରଶାସନିକ ଅବହେଳା କାରଣରୁ ଏ ସମ୍ପର୍କରେ ଲୋକେ ଜାଣିପାରୁନାହାନ୍ତି। ଫଳରେ ପାସ୍ ପାଇଁ ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟରେ ରୁଣ୍ଡ ହେଉଛନ୍ତି । ଏହାକୁ ନେଇ ସୋମବାର ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକ ପାଖରେ ଲୋକେ ଭିଡ ଜମାଇଥିଲେ । କାର୍ଯ୍ୟାଳୟ ଭିତରକୁ ସିକ୍ୟୁରିଟି ଗାର୍ଡ ଛାଡି ନ ଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ କଥା କଟାକଟି ଓ ପାଟିତୁଣ୍ଡ ଜାରି ରହିଥିଲା। ପରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଉତ୍ତେଜିତ ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ହେଲେ ଲୋକେ ବୁଝିବାକୁ ପ୍ରସ୍ତୁତ ନ ଥିଲେ । ପରେ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ଲୋକଙ୍କୁ ଘଉଡାଇବା ସହିତ ସାମାଜିକ ଦୂରତା ଅବଲମ୍ବନ କରି ପାସ୍ ପାଇଁ ଆବେଦନ କରିବାକୁ କହିଥିଲା । ଏହାପରେ ପରିସ୍ଥିତି ଶାନ୍ତ ପଡିଥିଲା ।



ପାସ୍ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଲୋକଙ୍କ ଭିଡ ।

## ଶ୍ରମିକଙ୍କୁ ଛାଡି ସୁରଟ ଫେରୁଥିବା ବସ୍ ଧକ୍କାରେ ବୃଦ୍ଧ ମୃତ

ବାଉଁଶୁଣୀ,୪।୫(ଡି.ଏନ.ଏ)

ପ୍ରବାସୀ ଶ୍ରମିକଙ୍କୁ ଗଞ୍ଜାମ ଜିଲାରେ ଛାଡି ସୁରଟ ଫେରୁଥିବା ଏକ ବସ୍ ଧକ୍କାରେ ସୋମବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବୌଦ୍ଧ ଜିଲା ବାଉଁଶୁଣୀ ଡିମିରିପୋଲି ଗ୍ରାମର ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ କ୍ଷେତ୍ରବାସୀ ଦେହୁରୀ (୭୬)। ସେ ଗ୍ୟାସ୍ ଅଫିସରୁ କାମ ସାରି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ବୌଦ୍ଧ ପଟରୁ ଫେରୁଥିବା ଗୁଜୁରାଟର ଉକ୍ତ ବସ୍ ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥର ବାଉଁଶୁଣୀ ଷ୍ଟେଟବ୍ୟାଙ୍କ ନିକଟରେ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ କ୍ଷେତ୍ରବାସୀଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ମୃତଦେହ ରଖି ଉତ୍ତ୍ୟକ୍ତ ଲୋକମାନେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଅତିରିକ୍ତ ତହସିଲଦାର ମଙ୍ଗଲୁ ଭୁଏ ଓ ଥାନାଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସେଠାକୁ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

# ରାଞ୍ଚିକୁ ଚାଲି ଚାଲି ଯାଉଛନ୍ତି ଶ୍ରମିକ

ସରଣ୍ଡା,୪।୫(ଡି.ଏନ.ଏ)

କରୋନା ପାଇଁ ହୋଇଥିବା ଲକ୍ ଡାଉନ୍ କଟକଣା ଯୋଗୁ ପ୍ରବାସୀ ଶ୍ରମିକମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ରୋଜଗାର ବନ୍ଦ ହୋଇଯାଇ ଥିବାବେଳେ ସେମାନେ ଖାଇବାକୁ ମଧ୍ୟ ଠିକ୍ ଭାବେ ପାଉ ନାହାନ୍ତି । ଏପରିକି ଘରକୁ ଫେରିବାକୁ ଚାହୁଁଥିଲେ ସୁଦ୍ଧା ସେମାନଙ୍କୁ ହଟହଟା ହେବାକୁ ପଡୁଛି। ଏଭଳି ଭାବେ ନାଗପୁରରୁ ବରଗଡ଼ ଦେଇ ରାଞ୍ଚିକୁ ୧୧ଜଣ ଶ୍ରମିକ ଚାଲି ଚାଲି ଫେରୁଥିବା ଦେଖିବାକୁ ମିଳିଛି। ଶ୍ରମିକମାନେ ସୋମବାର ମଧ୍ୟାହ୍ନରେ ଅତାବିରାରେ ପହଞ୍ଚିଥିଲେ। ସେମାନଙ୍କୁ ପଚାରିବାରୁ କହିଥିଲେ, ସେମାନେ ସମସ୍ତେ ଜଣେ ଜଣେ ରାଜମିସ୍ତ୍ରୀ । ନାଗପୁରରେ ରହି କାମ କରୁଥିଲେ । ଲକ୍ ଡାଉନ୍ ଯୋଗୁ କାମଧନ୍ଦା ବନ୍ଦ ହେବାରୁ ସେମାନେ ରାଞ୍ଚିସ୍ଥିତ ଘର ଅଭିମୁଖେ ଫେରୁଥିବା କହିଥିଲେ । ଏହି ଶ୍ରମିକମାନେ ଆହୁରି କହିଥିଲେ, ନାଗପୁରରୁ ସେମାନେ ସମୁଦାୟ ୩୪ଜଣ ଗତ ୨୮ତାରିଖରୁ ବାହାରିଛନ୍ତି । ଫେରିବା ବାଟରେ ସୋହେଲା ସୀମାନ୍ତ ଲୁହୁରାଚଟିରେ ସେମାନଙ୍କୁ ଅଟକାଇ ସେଠାରେ ୪ ଦିନ ରଖାଯାଇଥିଲା ଏବଂ ଖାଇବାକୁ ମଧ୍ୟ ଦିଆଯାଇଥିଲା।

# ବଲାଙ୍ଗୀରରେ ନୂଆ ନିର୍ଦ୍ଦେଶନାମା ଜାରି

- ମଦ, ପାନ, ଷ୍ଟ୍ରିଟ୍ ଭେଣ୍ଡର, ଚା ଦୋକାନ ବନ୍ଦ ରହିବ
- ଶପିଂ ମଲ, ସିନେମା ହଲ, ସ୍କୁଲ, କଲେଜ ଖୋଲିବନି
- ଅପରାହ୍ଣ ୨ରୁ ସକାଳ ୭ଟା ପର୍ଯ୍ୟନ୍ତ ଯାତାୟାତ ଉପରେ କଟକଣା
- ପୋଲିସ କାର୍ଯ୍ୟାନୁଷ୍ଠାନ ପରେ ବଣିକ ସଂଘର ପ୍ରତିକ୍ରିୟା

ବଲାଙ୍ଗୀର ଅଫିସ, ୪।୫

ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଛି । ଆନ୍ତଃ ଜିଲା ଯାତ୍ରୀବାହୀ ବସ୍ ଚଳାଚଳ, ସ୍କୁଲ କଲେଜ, କୋଚିଂ ସେଣ୍ଟର ଓ ତାଲିମ କେନ୍ଦ୍ରଗୁଡିକ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସିନେମା ହଲ, ଶପିଂ ମଲ, ଜିମ୍ନାସିୟମ୍, ସ୍ପୋର୍ଟିଂ କମ୍ପ୍ଲେକ୍ସ, ସୁଇମିଂ ପୁଲ, ପାର୍କ, ଥିଏଟର, ବାର୍, ଅଡିଟୋରିୟମ୍ ବନ୍ଦ ରହିବ । ଏହା ସହିତ ମଦ, ପାନ, ଗୁଟଖା, ସିଗାରେଟ୍, ଚା ଓ କଫି ଦୋକାନ, ଷ୍ଟ୍ରିଟ୍‌ଭେଣ୍ଡର ଦୋକାନ ବନ୍ଦ ରହିବ। ଏହି ନିର୍ଦ୍ଦେଶନାମାରେ ଦୁଇଚକିଆ ଯାନରେ ଜଣେ ମାତ୍ର ବ୍ୟକ୍ତି ଯିବାଆସିବା କରିପାରିବେ। ଟ୍ୟାକ୍ସି ଓ କ୍ୟାବ୍‌ରେ ଜଣେ ଡ୍ରାଇଭର ସହ ଦୁଇଜଣ ପାସେଞ୍ଜର ଯାଇପାରିବେ। ତେବେ ଦିନ ୨ଟାରୁ ତା'ପରଦିନ ସକାଳ ୭ଟା ପର୍ଯ୍ୟନ୍ତ ସମସ୍ତ ପ୍ରକାର ଅତ୍ୟାବଶ୍ୟକ ବିହୀନ ଜନସାଧାରଣଙ୍କ ଯାତାୟାତକୁ ବାରଣ କରାଯାଇଛି । ଏହା ସହିତ କୋଭିଡ୍-୧୯ ନିୟମକୁ କଡାକଡି ପାଳନ କରାଯିବା ସହ ସାମାଜିକ ଦୂରତ୍ୱ ବଜାୟ ରଖିବା ଓ ମାସ୍କ ପିନ୍ଧିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ଏହି ସମସ୍ତ ନିୟମ ଉଲ୍ଲଂଘନ କରିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନର ଜରୁରୀ ଶାଖା ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଲକ୍‌ଡାଉନ୍ ସମୟରେ ରେଡ, ଅରେଞ୍ଜ ଓ ଗ୍ରୀନ୍ ଜୋନ୍‌ରେ କେଉଁ ସବୁ ଦୋକାନ ବଜାର ଖୋଲିବ ଓ କ'ଣ ବନ୍ଦ ରହିବ ସୂଚନା ଦିଆଯାଇଥିଲା। ଗଣମାଧ୍ୟମ ଖବରକୁ ଭିତ୍ତିକରି ବଲାଙ୍ଗୀରର କେତେଜଣ କପଡା ବ୍ୟବସାୟୀ ସୋମବାର ସକାଳେ ଦୋକାନ ଖୋଲିଥିଲେ। ଏହାପରେ ଟାଉନ୍ ପୋଲିସ କେତେଜଣ କପଡା ବ୍ୟବସାୟୀଙ୍କୁ ଥାନାକୁ ଆଣିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଜିଲା ବଣିକ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରାହୀ ଓ ଅନ୍ୟ ସଦସ୍ୟମାନେ ଥାନାକୁ ଆସିଥିଲେ । ଥାନାର ଅଭ୍ୟର୍ଥନା କକ୍ଷରେ ୬ କପଡା ବ୍ୟବସାୟୀଙ୍କୁ ରଖି ଗେଟ୍ ବନ୍ଦ କରି ଦେଇଥିବା ଘଟଣାକୁ ନେଇ ସଂଘ ସଦସ୍ୟମାନେ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ସେମାନଙ୍କୁ ହାଜତରେ ରଖିଲା ଭଳି କାହିଁକି ରଖାଯାଇଛି ବୋଲି କହିଥିଲେ । ଏହାପରେ ପୋଲିସ ସେମାନଙ୍କୁ ଛାଡି ଦେଇଥିଲା। ଏହି ଘଟଣା ପରେ ଜିଲା ପ୍ରଶାସନ ପକ୍ଷରୁ ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଥିଲା ।

# ଚଢ଼ା ଦରରେ କିରୋସିନ ବିକ୍ରି ଘଟଣାର କାର୍ଯ୍ୟାନୁଷ୍ଠାନ ଦାବି

ବଡଗାଁ, ୪।୫ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକର କେତେକ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ଖାଉଟିଙ୍କୁ ମିଳୁଥିବା ସୁଲଭ ମୂଲ୍ୟର କିରୋସିନ ଚଢ଼ା ଦରରେ ବିକ୍ରି କରାଯାଇଛି। ହେଲେ ଏଭଳି ଅଭିଯୋଗ ପରେ କେତେକ ପଞ୍ଚାୟତର ଖାଉଟିଙ୍କୁ ଟଙ୍କା ଫେରାଇ ଦିଆଯାଇଛି। ତେବେ ଏଥିରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଏବେ ଦାବି ହେଉଛି। ୧୫ ଦିନ ମଧ୍ୟରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନ ହେଲେ ୨୧ ତରିଖ ବ୍ଲକ ଅଫିସ ସମ୍ମୁଖରେ ଗଣବିକ୍ଷୋଭ ସହ ଧାରଣା ଦିଆଯିବ। ତୁଡାଲଗା ପଞ୍ଚାୟତର ପୂର୍ବତନ ସରପଞ୍ଚ ସନ୍ତୋଷ ଧନୁଆର ଏଭଳି ଚରମ ଚେତାବନୀ ଦେଇଛନ୍ତି ।

## ୬୩ ଜଣଙ୍କ ସଂସ୍ପର୍ଶରେ ଆସିଛନ୍ତି ଝାରସୁଗୁଡ଼ା ଦ୍ୱିତୀୟ ଆକ୍ରାନ୍ତ

ଝାରସୁଗୁଡ଼ା ଅଫିସ,୪।୫

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଡହଲଡେରର ଜଣେ ମହିଳା ଜିଲାର ଦ୍ୱିତୀୟ କରୋନା ରୋଗୀ ବୋଲି ରବିବାର ଚିହ୍ନଟ ହୋଇଥିଲେ । ତାଙ୍କୁ ଝାରସୁଗୁଡ଼ା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସମ୍ପୃକ୍ତା ମହିଳା ମୋଟ ୬୩ ଜଣଙ୍କ ସଂସ୍ପର୍ଶରେ ଆସିଥିବା ତଦନ୍ତରୁ ଜଣାପଡିଛି। ସେମାନଙ୍କ ମଧ୍ୟରେ ତାଙ୍କ ପରିବାର ସଦସ୍ୟ ଓ ସୁନ୍ଦରଗଡ ଜିଲାର ତାଙ୍କ ସମ୍ପର୍କୀୟମାନେ ରହିଛନ୍ତି । ସମସ୍ତ ୬୩ ଜଣଙ୍କୁ ହୋମ କ୍ୱାରାଣ୍ଟାଇନରେ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେମାନଙ୍କ ସ୍ୱାବ୍ ଟେଷ୍ଟ ପାଇଁ ମଧ ପଦକ୍ଷେପ ନିଆଯାଇଛି। ସୂଚନାଯୋଗ୍ୟ, ସଂପୃକ୍ତ ମହିଳା ଗତ ୨୧ ତାରିଖରେ ସୁନ୍ଦରଗଡ଼ ଜିଲା ବନ୍ଦପଲିସ୍ଥିତ ନିଜ ଭଉଣୀଙ୍କ ଘରକୁ ଯାଇଥିଲେ। ସେଦିନ ତାଙ୍କ ଭଉଣୀଙ୍କ ଝିଅଙ୍କ ପ୍ରସବ ବେଦନା ହେବାରୁ ସେ ସୁନ୍ଦରଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରୁ ସଂପୃକ୍ତା ମହିଳା ୨୬ ତାରିଖରେ ଘରକୁ ଫେରିଥିଲେ। ତାଙ୍କର କୌଣସି କରୋନା ଲକ୍ଷଣ ଜଣାପଡୁ ନ ଥିଲା। ଅନ୍ୟ ଜିଲାକୁ ଯାଇଥିବାରୁ ଗତ ଗୁରୁବାର ତାଙ୍କର ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିଲା।

# ଅଧିକ ଶ୍ରମ ଦିବସ ସୃଷ୍ଟି ଉପରେ ଗୁରୁତ୍ୱ

ବରଗଡ଼ ଅଫିସ,୪।୫

**ବରଗଡ଼ ଜିଲା: ସ୍ଥିତି ସମୀକ୍ଷା କଲେ କୋଭିଡ୍ ପର୍ଯ୍ୟବେକ୍ଷକ**


କୋଭିଡ୍ ପର୍ଯ୍ୟବେକ୍ଷକଙ୍କ ପ୍ରସ୍ତୁତି ବୈଠକ ।

ବରଗଡ଼ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ସୋମବାର ଅପରାହ୍ନ ସାଢ଼େ ୩ଟା ସମୟରେ ବରଗଡ଼ ଜିଲା କୋଭିଡ୍ ପର୍ଯ୍ୟବେକ୍ଷକ ସୁଶୀଲ କୁମାର ଲୋହାନୀ ଜିଲାରେ କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ ପାଇଁ ପ୍ରସ୍ତୁତି ଉପରେ ଏକ ସମୀକ୍ଷା ବୈଠକ କରିଥିଲେ । ବୈଠକରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଏସ୍‌ପି ପଦ୍ମିନୀ ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ବରଗଡ଼ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବି. ବି ମେହେରଙ୍କ ସମେତ କୋଭିଡ୍ ସମ୍ପର୍କୀତ କାର୍ଯ୍ୟର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

ଲୋହାନୀ କରୋନା ସ୍ୱାବ୍ ଟେଷ୍ଟିଂ ଉପରେ ଗୁରୁତ୍ୱାରୋପ କରିବା ସହିତ ଜିଲାର କ୍ୱାରାଣ୍ଟାଇନ ସ୍ଥିତି ପଚାରି ବୁଝିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ କୋଭିଡ୍ ଚିକିତ୍ସାଳୟ, କୋଭିଡ୍ କେୟାର ସେଣ୍ଟର, ରାପିଡ୍ ରେସପନ୍ସ ଟିମ୍‌ର କାର୍ଯ୍ୟକାରିତା ଉପରେ ସୂଚନା ଦେଇଥିଲେ। ବରଗଡ଼ ଜିଲା କୃଷିପ୍ରଧାନ ହୋଇଥିବାରୁ ରବି ଫସଲ ଅମଳ ଏବଂ କୃଷିଜନିତ ସମସ୍ୟା ଉପରେ ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ ବିବରଣୀ ରଖିଥିଲେ। ଶ୍ରମିକଙ୍କ କାର୍ଯ୍ୟରେ ଯେଭଳି କୌଣସି ଅସୁବିଧା ନ ହୁଏ, ସେ ଦିଗରେ କାମ କରିବାକୁ ଲୋହାନୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଟିଏମ୍‌ସି ପ୍ରସ୍ତୁତି, ପରିଚାଳନା ଏବଂ ପନିପରିବାର ମାର୍କେଟିଂ, ମାଛ, ଦୁଗ୍ଧଜାତୀୟ ଦ୍ରବ୍ୟ ଗୁଡ଼ିକର ମାର୍କେଟିଂ ଯେଭଳି ସୁବିଧାରେ ହୋଇ ପାରିବ, ତାକୁ ସେ ଗୁରୁତ୍ୱ ଦେଇଥିଲେ ।

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଯେଭଳି ଅଧିକ ଶ୍ରମ ଦିବସ ସୃଷ୍ଟି କରାଯାଇ ପାରିବ, ତାହା ନିଶ୍ଚିତ କରିବା ପାଇଁ ଲୋହାନୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବରଗଡ଼ ଜିଲାକୁ ଆସିବାକୁ ଥିବା ପ୍ରବାସୀ ଓଡ଼ିଆ ଏବଂ ଏଠାରୁ ରାଜ୍ୟ ବାହାରକୁ ଯିବାକୁ ଚାହୁଁଥିବା ପ୍ରବାସୀଙ୍କ ସୁବିଧା କରାଯାଇପାରିବ, ସେଥିପ୍ରତି ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ହିତାଧିକାରୀଙ୍କୁ ପିଡିଏସ ସାମଗ୍ରୀ, ଭତ୍ତା, ନିର୍ମାଣ ଶ୍ରମିକ ଭତ୍ତା ପ୍ରଦାନ ସ୍ଥିତି ଉପରେ ମଧ୍ୟ ସେ ପଚାରି ବୁଝିଥିଲେ । ପୂର୍ବାହ୍ନରେ ଲୋହାନୀ ଏବଂ ଅନ୍ୟତମ ଅଧିକାରୀ ବେଣୁଧର ବେହେରା ପଦ୍ମପୁର ଉପଖଣ୍ଡର ବିଭିନ୍ନ ଅସ୍ଥାୟୀ କ୍ୱାରାଣ୍ଟାଇନ ସେଣ୍ଟର ପରିଦର୍ଶନ କରିଥିଲେ । ସେହିପରି ସୋହେଲା ବ୍ଲକର ଲୁହୁରାଚଟିଠାରେ ରହିଥିବା ଆନ୍ତଃ ରାଜ୍ୟ ସୀମାନ୍ତ ପରିଦର୍ଶନ କରି ପଞ୍ଜୀକରଣ, ସ୍ୱାସ୍ଥ୍ୟ ପରୀକ୍ଷଣ, ଷ୍ଟାମ୍ପିଂ ଆଦି ବ୍ୟବସ୍ଥା ଦେଖିବା ସହିତ ବରଗଡ଼ ଜିଲା କୋଭିଡ୍ ହସ୍ପିଟାଲ ଏବଂ ସେବାକେନ୍ଦ୍ର ପ୍ରସ୍ତୁତି ବୁଲି ଦେଖିଥିଲେ । ଶେଷରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅମାନିଆ ବାହାର ରାଜ୍ୟ ଫେରନ୍ତା ଶ୍ରମିକ

ଜହ୍ନାପଙ୍କ, ୪।୫ (ଡି.ଏନ.ଏ)

ଗତ ୩ ଦିନ ହେଲା ବୌଦ୍ଧର ଜାତୀୟ ରାଜପଥ ନଂ-୫୭ରେ ଶହ ଶହ ଶ୍ରମିକ ବସ୍ ଯୋଗେ ଗୁଜୁରାଟରୁ ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳକୁ ଫେରୁଛନ୍ତି। ଏହି ବସ୍‌ଗୁଡିକ ଜିଲାର ବିଭିନ୍ନ ସ୍ଥାନରେ ରହୁଥିବାରୁ ଶ୍ରମିକମାନେ ଗାଡିରୁ ଓହ୍ଲାଇ ଗହଳି କରୁଥିବା ଦେଖିବାକୁ ମିଳୁଛି । ସେମାନେ ବିଭିନ୍ନ ଦୋକାନରୁ ଖାଦ୍ୟ ସାମଗ୍ରୀ ଓ ଜଳଖିଆ କିଣି ସର୍ବସାଧାରଣ ସ୍ଥାନରେ ବସି ଖାଉଛନ୍ତି। ନାଳ, ପୋଖରୀରେ ସ୍ନାନଶୌଚ କରୁଥିବା ମଧ ଦେଖିବାକୁ ମିଳୁଛି। ଗୁଜୁରାଟରୁ ଫେରୁଥିବା ବାହାର ଜିଲାର ଶ୍ରମିକମାନେ ଏହି ଅଞ୍ଚଳରେ ଅଟକି ଅବାଧ ବିଚରଣ କରୁଥିବା ଯୋଗୁ ସାଧାରଣ ଲୋକେ ଭୟଭୀତ ହୋଇପଡିଛନ୍ତି। ସେମାନଙ୍କ ଅବାଧ ବିଚରଣ ସର୍ବସାଧାରଣ ସ୍ଥାନରେ ହେଉଥିବାରୁ ପ୍ରଶାସନ କଟକଣା କରିବା ସହିତ ସେହି ଅଞ୍ଚଳକୁ ବିଶୋଧନ କରିବାକୁ ଜନସାଧାରଣରେ ଦାବି ହେଉଛି ।

## ପ୍ରବାସୀଙ୍କୁ ସ୍ୱାଗତ ପାଇଁ ଚେକ୍ ପୋଷ୍ଟ


ମନମୁଣ୍ଡାରେ ଖୋଲିଥିବା ଚେକ୍ ପୋଷ୍ଟ ।

ମନମୁଣ୍ଡା, ୪।୫ (ଡି.ଏନ.ଏ)

ପ୍ରବାସୀ ଓଡିଆଙ୍କ ଗନ୍ତବ୍ୟ ସ୍ଥଳକୁ ଦିଗ୍‌ଦର୍ଶନ ଦେବା ପାଇଁ ବୌଦ୍ଧ ପ୍ରଶାସନ ଏବଂ ପୋଲିସର ମିଳିତ ସହଯୋଗରେ ମନମୁଣ୍ଡା-ବାସୁଦେବପାଲି ଡାକବଙ୍ଗଳା ନିକଟରେ ସୋମବାର ଏକ ଚେକ୍ ପୋଷ୍ଟ ସ୍ଥାପନ କରାଯାଇଛି । କିଛି ଦିନ ହେବ ସୁରଟରୁ ପ୍ରତ୍ୟକ ଦିନ ବହୁ ସଂଖ୍ୟକ ବସ୍ ପ୍ରବାସୀ ଓଡିଆଙ୍କୁ ଧରି କଟକ, ବ୍ରହ୍ମପୁର, ଗଞ୍ଜାମ ଆଦି ଅଞ୍ଚଳକୁ ମନମୁଣ୍ଡା ରାସ୍ତା ଦେଇ ଯାଉଛି । ରାଜ୍ୟ ବାହାରୁ ପ୍ରବାସୀ ଓଡିଆଙ୍କୁ ନେଇ ଆସୁଥିବା ସମସ୍ତ ବସ୍ ବୌଦ୍ଧ ଜିଲା ମନମୁଣ୍ଡା ଦେଇ ଯିବାର ଥିବାରୁ ଏଣିକି ଏହି ଚେକ୍ ପୋଷ୍ଟରେ ସମସ୍ତ ବସ୍‌ର ଗନ୍ତବ୍ୟସ୍ଥଳ ପଚରାଯାଇ ସେମାନଙ୍କୁ ଦିଗଦର୍ଶନ ଦିଆଯିବ । ଏହାସହିତ ବାହାରୁ ଆସୁଥିବା ବୌଦ୍ଧ ଜିଲାର ଲୋକଙ୍କୁ ଏଠାରେ ଓହ୍ଲାଯାଇ ଜିଲା ପ୍ରଶାସନ ତରଫରୁ ସେମାନଙ୍କୁ ସଙ୍ଗରୋଧ କେନ୍ଦ୍ରକୁ ପଠାଯିବ ବୋଲି ଜିଲାପାଳ ଲଲାଟେନ୍ଦୁ ମିଶ୍ର କହିଛନ୍ତି । ପୋଲିସ ଏବଂ ପ୍ରଶାସନିକ ଅଧିକାରୀ ଏହି ଚେକ୍ ପୋଷ୍ଟରେ ଡ୍ୟୁଟି କରିବେ । ଏପରିକି କନ୍ଧମାଳ ପଟକୁ ଯିବାକୁ ଥିବା ପ୍ରବାସୀ ଓଡିଆଙ୍କୁ ମଧ ଏହି ଚେକ୍ ପୋଷ୍ଟରେ ଅଟକିବାକୁ ପଡିବ ବୋଲି କୁହାଯାଇଛି । ମନମୁଣ୍ଡା ତେଲନଦୀ ପୋଲ ପରେ ପଡୁଥିବା ଗାନ୍ଧୀ ଛକରୁ କାଳେ କେହି ପ୍ରବାସୀ ଓଡିଆ ରିପୋର୍ଟ ନ କରି କନ୍ଧମାଳକୁ ଯେପରି ପଳାଇ ନ ଯାଆନ୍ତି ସେଥିପାଇଁ ଉକ୍ତ ଛକରେ ପୋଲିସ ମୁତୟନ କରାଯାଇଛି। ଆଇଆଇସି ଗୋପୀନାଥ ପ୍ରଧାନ ପ୍ରତ୍ୟେକ ରାଜ୍ୟ ବାହାର ବସ୍‌ଯାତ୍ରୀଙ୍କୁ ସତର୍କ ଓ ସଚେତନ କରି ଛାଡୁଥିବା ଦେଖିବାକୁ ମିଳିଛି । ସୋମବାର ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଏସ୍‌ପି ଭି. ରଘୁନାଥ ରାଓ, ଏଡିଏମଓ ଲକ୍ଷ୍ମୀଧର ସାହୁ, ପିଡି ଶଶାଙ୍କ ଶେଖର ଦାସ, ଡେପୁଟି କଲେକ୍ଟର ଅବିନାଶ ପାଣ୍ଡିଆ ଚେକ୍ ପୋଷ୍ଟରେ କାର୍ଯ୍ୟ ତଦାରଖ କରିଥିଲେ।

## ନୋଇଡ଼ାରେ ଫସିଛନ୍ତି ବରଗଡ଼ର ୪୨ ଛାତ୍ରୀଛାତ୍ର

ବରଗଡ଼ ଅଫିସ,୪।୫


ନୋଇଡ଼ାରେ ଫସି ରହିଥିବା ଛାତ୍ରୀମାନେ ।

କରୋନା (କୋଭିଡ୍-୧୯) ଭୂତାଣୁ ସଂକ୍ରମଣ ଯୋଗୁ ସାରା ଦେଶରେ ଲକ୍ ଡାଉନ୍ କଟକଣା ଲାଗୁ ରହିଛି । ଏଭଳି ପରିସ୍ଥିତିରେ ଉତ୍ତର ପ୍ରଦେଶ ରାଜ୍ୟର ନୋଇଡ଼ାସ୍ଥିତ ଆର୍ଷ ଗୁରୁକୁଳରେ ବରଗଡ଼ ଜିଲାର ୪୨ଜଣ ଛାତ୍ରୀଛାତ୍ର ଫସି ରହିଥିବା ଜଣାପଡ଼ିଛି। ସେମାନଙ୍କୁ ଘରକୁ ପହଞ୍ଚାଇବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ବରଗଡ଼ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଖବର ପାଇବା ପରେ ବରଗଡ଼ ଜିଲା ଯୋଖିପାଲି ଗ୍ରାମର ସାମାଜିକ କର୍ମୀ ଦିବସ କୁମାର ସାହୁ ମଧ୍ୟ ସେ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଉଭୟ ଓଡ଼ିଶା ଏବଂ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ବରଗଡ଼ ଜିଲା ସୋହେଲା ଓ ପଦ୍ମପୁର ଅଞ୍ଚଳର ୪୨ଜଣ ଛାତ୍ରୀଛାତ୍ର ନୋଇଡ଼ାର ଆର୍ଷ ଗୁରୁକୁଳରେ ପାଠ ପଢୁଥିଲେ । ଲକ୍ ଡାଉନ୍ କଟକଣା ଯୋଗୁ ସେଠାରେ ପାଠପଢ଼ା ବନ୍ଦ ହୋଇଯାଇଛି । ସେହିପରି ସେମାନେ ରହୁଥିବା ଛାତ୍ରାବାସ, ଛାତ୍ରୀ ନିବାସକୁ ମଧ୍ୟ ବନ୍ଦ କରି ଦିଆଯାଇଛି । ଫଳରେ ସେମାନେ ଘରକୁ ଫେରିବା ପାଇଁ ଚାହୁଁଛନ୍ତି। ଏ ନେଇ ଛାତ୍ରୀଛାତ୍ର ଆବଶ୍ୟକ ପଞ୍ଜୀକରଣ ମଧ୍ୟ କରିଥିବା ସେମାନଙ୍କ ଅଭିଭାବକମାନେ କହିବା ସହିତ ଛାତ୍ରୀଛାତ୍ରଙ୍କୁ ଘରକୁ ପହଞ୍ଚାଇବାରେ ସହଯୋଗ କରିବାକୁ ନିବେଦନ କରିଛନ୍ତି ।

## କାଳବୈଶାଖୀରେ କ୍ଷୟକ୍ଷତି

ପଡିଆବାହାଲ, ୪।୫ (ଡି.ଏନ.ଏ)

ସମ୍ବଲପୁର ଜିଲା ପଡିଆବାହାଲ ଓ ଏହାର ଆଖପାଖ ଅଞ୍ଚଳରେ ସୋମବାର ସକାଳ ପ୍ରାୟ ସାଢ଼େ ୯ଟା ବେଳେ କାଳବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି । ଘୂର୍ଣ୍ଣିବାୟୁ ଓ ବର୍ଷା ଫଳରେ ବହୁ ଗଛ ଭାଙ୍ଗିବା ସହ ଘର ଛପର ଉଡାଇ ନେଇଛି । ବର୍ଷା ଓ କୁଆପଥର ମାଡ ଯୋଗୁ ପନିପରିବା ଓ ଧାନ ଚାଷ ମଧ କ୍ଷତି ହୋଇଛି । ଜୟଦୁର୍ଗା କଲେଜ ସମ୍ମୁଖରେ ଗଛ ଭାଙ୍ଗି ବିଦ୍ୟୁତ ତାରରେ ପଡିବାରୁ ଲଶଇନ ସଂଯୋଗ ବିଚ୍ଛିନ୍ନ ହୋଇଛି ।

## ଝୁଲନ୍ତା ଅବସ୍ଥାରେ ୨ ମୃତଦେହ ଉଦ୍ଧାର

ବଲାଙ୍ଗୀର ଅଫିସ, ୪।୫

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଖୁଜେନପାଲି ଏଫ୍‌ସିଆଇ ଗୋଦାମ ନିକଟ ଏକ ପଳାଶ ଗଛରୁ ଜଣେ ୨୫ବର୍ଷୀୟ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ବଲାଙ୍ଗୀର ସହର ସାଲେପାଲିର ପ୍ରଦୀପ ଛତା(୨୪)। ଘଟଣାସ୍ଥଳରେ ଏକ ସାଇକେଲ ପଡି ରହିଛି। ସେହି ଖୁଜେନପାଲି ପଞ୍ଚାୟତ ଅନ୍ତର୍ଗତ ବାଗଭାଡି ଗ୍ରାମ ସ୍କୁଲ ନିକଟରେ ଏକ ଆମ୍ବଗଛରୁ ଜଣେ ବିବାହିତାଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି । ମୃତାଙ୍କ ନାଁ ଭାନୁମତୀ ସାହୁ। ଏହି ଦୁଇ ମୃତଦେହ ଉଦ୍ଧାର କରିବା ପରେ ପୋଲିସ ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇଛି । ଏ ନେଇ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ସଦର ଥାନା ଆଇଆଇସି ତୋଫାନ ବାଗ ସୂଚନା ଦେଇଛନ୍ତି।

## ଶ୍ରମିକ ଅଭାବ, ଧାନ ଅମଳ ବ୍ୟାହତ

ଅତାବିରା, ୪।୫ (ଡି.ଏନ.ଏ)

ବରଗଡ ଜିଲା ଅତାବିରା ଓ ଭେଡେନ ବ୍ଲକ ଅଞ୍ଚଳରେ ରବିଧାନ ଅମଳ ଆରମ୍ଭ ହୋଇଛି । ଲକ୍ ଡାଉନ ପାଇଁ ରବିଧାନ ଅମଳ ପାଇଁ ଆରମ୍ଭରୁ ଶ୍ରମିକ ଅଭାବ ଦେଖାଦେଇଛି । ଫଳରେ ଚାଷୀମାନେ କିପରି ରବିଧାନ ଅମଳ କରିବେ ଚିନ୍ତାରେ ପଡିଛନ୍ତି। ଅନେକ ଚାଷୀଙ୍କ ଧାନ ଅମଳକ୍ଷମ ହୋଇଥିଲେ ମଧ ଶ୍ରମିକ ଅଭାବରୁ ତାହା ହୋଇ ପାରୁନାହିଁ । ଯେଉଁ ଚାଷୀ ଧାନ ଅମଳ କରି ସାରିଛନ୍ତି, ମଣ୍ଡି ଖୋଲି ନ ଥିବାରୁ ବେପାରୀଙ୍କୁ ଅଣ୍ଡରରେଟରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଚାଷୀ ଭି. ଏଙ୍କେନା, କ୍ଷୀରସାଗର କର୍ଣ୍ଣ, ବି. ସୁବାରାଓ ପ୍ରମୁଖ ଦାବି କରିଛନ୍ତି। ଏଥିପ୍ରତି ଦୃଷ୍ଟି ନ ଦେଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।


ଚାଷୀମାନେ ଧାନ ଅମଳ କରି ବସ୍ତାରେ ଭର୍ତ୍ତି କରୁଛନ୍ତି ।

## କୋଟାରୁ ଫେରିଥିବା ଛାତ୍ରୀଛାତ୍ରଙ୍କ ସ୍ୱାବ୍ ସଂଗ୍ରହ

ସୋନପୁର,୪।୫(ନି.ପ୍ର.)



ରାଜସ୍ଥାନର କୋଟାରୁ ଫେରିଥିବା ଛାତ୍ରୀଛାତ୍ର ।

ଲକ୍‌ଡାଉନ୍ ଯୋଗୁ ରାଜସ୍ଥାନର କୋଟାରେ ଫସି ରହିଥିବା ସୁବର୍ଣ୍ଣପୁର ଜିଲାର ୩୭ ଛାତ୍ରୀଛାତ୍ର ସୋମବାର ସୋନପୁରରେ ପହଞ୍ଚିଛନ୍ତି। ୨ଟି ସ୍ୱତନ୍ତ୍ର ବସ୍‌ରେ ମେଡିକାଲ କୋଚିଂ ନେଉଥିବା ଛାତ୍ରୀଛାତ୍ର ପହଞ୍ଚିବା ପରେ ସେମାନଙ୍କୁ ସିଧାସଳଖ ସରକାରୀ ଆଇଟିଆଇସ୍ଥିତ ଅସ୍ଥାୟୀ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ସ୍ୱାବ୍ ସଂଗ୍ରହ ହୋଇଛି। ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଓ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକଙ୍କୁ ସଚେତନ କରାଇଥିଲେ। ଏହି ଛାତ୍ରୀଛାତ୍ରମାନେ ନିଜ ଘରେ ଯତ୍ନରେ ୧୪ଦିନିଆ କ୍ୱାରାଣ୍ଟାଇନ୍‌ରେ ରହିବେ। ଦେଶରେ ଲକ୍‌ଡାଉନ୍ ଘୋଷଣା ହେବା ପରେ କୋଟାରେ ମେଡିକାଲ କୋଚିଂ ବନ୍ଦ ହୋଇଥିଲା। ଛାତ୍ରାବାସରେ ଅନ୍ତେବାସୀଙ୍କୁ ଠିକ୍ ଭାବେ ଖାଇବାକୁ ମିଳି ନ ଥିଲା। ଓଡ଼ିଶାର ଛାତ୍ରୀଛାତ୍ରମାନେ ମାନସିକ ଚାପରେ ଥିଲେ। ସରକାରଙ୍କ ଅନୁମତି ପରେ ଅଭିଭାବକଙ୍କ ଅନୁରୋଧକ୍ରମେ ସୁବର୍ଣ୍ଣପୁର ଜିଲାପାଳ ବାନାର୍ଜୀ କୋଟାରେ ଥିବା ଛାତ୍ରୀଛାତ୍ରଙ୍କୁ ଆଣିବା ପାଇଁ ଉଦ୍ୟମ କରିଥିଲେ। ଅଭିଭାବକମାନେ ନିଜ ଖର୍ଚ୍ଚରେ ସେମାନଙ୍କ ପିଲାମାନଙ୍କୁ ଆଣିଥିଲେ। ଅନ୍ୟପକ୍ଷେ ସୁବର୍ଣ୍ଣପୁରରେ ଫସି ରହିଥିବା ରାଜସ୍ଥାନର ୩୩ ଶ୍ରମିକ ସୋମବାର ରାତିରେ ସେହି ବସ୍‌ରେ ନିଜ ଘର ଅଭିମୁଖେ ଯାଇଛନ୍ତି।

## କୋଟାରୁ ଫେରିଲେ ଦେବଗଡ଼ ଛାତ୍ରୀଛାତ୍ର

ଦେବଗଡ,୪।୫(ଡି.ଏନ.ଏ)

ରାଜସ୍ଥାନର କୋଟାକୁ ପାଠ ପଢିବା ପାଇଁ ଯାଇ ଲକଡାଉନ ଯୋଗୁ ଅଟକି ରହିଥିବା ଦେବଗଡ ଜିଲାର ୬ ଛାତ୍ରଛାତ୍ରୀ ଏବଂ ଜଣେ ଅଭିଭାବକ ସୋମବାର ଅପରାହ୍ନରେ ଏକ ବସ୍ ଯୋଗେ ଆସି ଜିଲା ସଦର ମହକୁମାଠାରେ ପହଞ୍ଚିଛନ୍ତି। ସେମାନେ ପହଞ୍ଚିବା ପରେ ସେମାନଙ୍କୁ ସ୍ଥାନୀୟ କଲ୍ୟାଣ ମଣ୍ଡପକୁ ନିଆଯାଇ ପ୍ରଶାସନ ପକ୍ଷରୁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ସହରର ୨ ଛାତ୍ରଛାତ୍ର ଏକ ହୋଟେଲରେ କ୍ୱାରାଣ୍ଟାଇନରେ ରହିଥିବାବେଳେ ବାରକୋଟର ଅନ୍ୟ ୪ ଛାତ୍ରୀଛାତ୍ର ସଙ୍ଗରୋଧରେ ରହିବା ନିମନ୍ତେ ନିଜ ବ୍ଲକକୁ ଯାତ୍ରା କରିବା ପାଇଁ ବ୍ୟବସ୍ଥା କରାଯାଇଛି। କଲ୍ୟାଣ ମଣ୍ଡପଠାରେ ପୌର ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନ, ପୌରାଞ୍ଚଳର ଅନ୍ୟ କର୍ମଚାରୀ ଏବଂ ପୋଲିସ ଉପସ୍ଥିତ ଥିଲେ।

## ଏଏସ୍‌ଆଇ ନିଲମ୍ବିତ

- ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ
- ଚୋରି ଘଟଣାରେ ଯୁବକଙ୍କୁ ନିସ୍ତୁକ ପିଟିଥିଲେ
- କୋମା ଅବସ୍ଥାରେ ଭିମ୍‌ସାରରେ ଭର୍ତ୍ତି

ଝାରସୁଗୁଡ଼ା ଅଫିସ,୪।୫

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅଧୀନ ଗାନ୍ଧୀ ଛକ ଫାଣ୍ଡି ଅଞ୍ଚଳରେ ଜଣେ ଯୁବକଙ୍କୁ ମାଡ ମାରି ଲହୁଲୁହାଣ କରିଥିବା ଜଣେ ପୋଲିସ ଅଧିକାରୀଙ୍କୁ ସୋମବାର ନିଲମ୍ବନ କରାଯାଇଛି। ନିଲମ୍ବିତ ଅଧିକାରୀ ଜଣକ ହେଲେ ଏଏସଆଇ ହୀରାଧର ବେହେରା। ଏ ନେଇ ଝାରସୁଗୁଡା ଏସପି ରାହୁଲ ପିଆର ସୂଚନା ଦେଇଛନ୍ତି।

ବ୍ରଜରାଜନଗର ଥାନା ଅଧୀନ ଚନ୍ଦନିମାଲ ଗ୍ରାମରେ ଥିବା ଏକ ଗଭୀର ନଳକୂପର ବିଦ୍ୟୁତ୍ ଚାଳିତ ମୋଟର ଶନିବାର ଚୋରି ହୋଇଯାଇଥିଲା। ପୋଲିସ ଏକ ମାମଲା (ନଂ.୧୬୬/୨୦)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେଠାରେ ସୁରକ୍ଷା କର୍ମୀ ଭାବେ କାମ କରୁଥିବା ସୁଧାଂଶୁ ସେଠଙ୍କୁ ରବିବାର ପୋଲିସ ଏ ସଂକ୍ରାନ୍ତରେ ପଚରାଉଚୁରା କରିଥିଲା । ହେଲେ କଥା ଆଦାୟ ଆଳରେ ପୋଲିସ ସୁଧାଂଶୁଙ୍କୁ ନିସ୍ତୁକ ମାଡ଼ ମାରି ଲହୁଲୁହାଣ କରିଥିଲା । ପୋଲିସର ଏପରି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ ସୁଧାଂଶୁ ଅଚେତ ହୋଇପଡିଥିଲେ। ଏ କଥା ଜାଣିବା ପରେ ପରିବାର ଲୋକେ ତାଙ୍କୁ କୋମା ଅବସ୍ଥାରେ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରାଇଥିଲେ। ଏନେଇ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା । ଅଭିଯୋଗକୁ ଭିତ୍ତି କରି ଏସ୍‌ପି ଘଟଣାର ତଦନ୍ତ ପାଇଁ ବ୍ରଜରାଜନଗର ଏସ୍‌ଡିପିଓ ଦିଲୀପ କୁମାର ଦାସଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ଏସ୍‌ଡିପିଓଙ୍କ ରିପୋର୍ଟକୁ ଭିତ୍ତି କରି ଏଏସଆଇ ବେହେରାଙ୍କୁ ଏସ୍‌ପି ରାହୁଲ ପିଆର ନିଲମ୍ବିତ କରିଛନ୍ତି।

# ସୁବର୍ଣ୍ଣପୁର ଜିଲା : ଫେରିବା ଅପେକ୍ଷାରେ ପ୍ରବାସୀ ଓଡ଼ିଆ

ସୋନପୁର,୪।୫(ନି.ପ୍ର.)

- ଘରକୁ ଫେରିବେ ୧୩୫୮୮
- ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରର ମାତ୍ର ୪ହଜାର ଶଯ୍ୟା
- ପଦାକୁ ଆସିଲା ଦାଦନର ଅସଲ ଚିତ୍ର
- ସରକାରୀ ଭାବେ ୧୮ ଜଣ ତାମିଲନାଡୁକୁ ଯାଇଛନ୍ତି

ଲକ୍‌ଡାଉନ୍ ପାଇଁ ଲକ୍ଷାଧିକ ଓଡିଆ ରାଜ୍ୟ ବାହାରେ ଫସି ରହିଛନ୍ତି। ଘରକୁ ଫେରିବାକୁ ପ୍ରବାସୀ ଓଡିଆ ବ୍ୟାକୁଳ। କିଛିଦିନ ଭିତରେ ବାହାର ରାଜ୍ୟରେ ଅଟକି ଥିବା ପ୍ରବାସୀ ଓଡିଆଙ୍କର ଘରକୁ ଫେରିବା ସୁଅ ଛୁଟିବ। ଅନ୍ୟପକ୍ଷେ ସଂକ୍ରମଣ ଆଶଙ୍କାରେ ସୁବର୍ଣ୍ଣପୁର ଜିଲାବାସୀ ଆତଙ୍କିତ ହୋଇପଡିଛନ୍ତି। ତେବେ କରୋନା ସଂକ୍ରମଣର ଆଶଙ୍କା ଥିବାରୁ ଘରକୁ ଫେରିବା ପାଇଁ ପଞ୍ଜୀକରଣକୁ ବାଧ୍ୟତାମୂଳକ କରିଛନ୍ତି ସରକାର। ଗତ ୨୬ ତାରିଖଠାରୁ ଏ ନେଇ ଏକ ସ୍ୱତନ୍ତ୍ର ପୋର୍ଟାଲ ମଧ ଖୋଲାଯାଇଛି। ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବା ପରେ ସୋମବାର ମଧ୍ୟାହ୍ନ ସୁଦ୍ଧା ସୁବର୍ଣ୍ଣପୁର ଜିଲାରେ ୯୪୯୫ ପ୍ରବାସୀ ଓଡିଆ(ପରିବାର ସଂଖ୍ୟା ୧୩୫୮୮) ଘରକୁ ଫେରିବାକୁ ଆବେଦନ କରିଛନ୍ତି। ଜିଲା ପ୍ରଶାସନର ସୂଚନା ଅନୁଯାୟୀ, କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ସାରା ଦେଶ ଲକ୍‌ଡାଉନ୍ ଫଳରେ ଦେଶର ବିଭିନ୍ନ ରାଜ୍ୟରେ ଶ୍ରମିକ, ଛାତ୍ରୀଛାତ୍ର ବିଭିନ୍ନ ବୃତ୍ତିଧାରୀଙ୍କଠାରୁ ଆରମ୍ଭ କରି ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ଅଟକି ରହିଛନ୍ତି। ସେଠାରେ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇ ଘରକୁ ଫେରିବା ପାଇଁ ବ୍ୟାକୁଳ ହେଲେଣି। ତେଣୁ ସେମାନଙ୍କୁ ନିରାପଦ ଭାବେ ଫେରାଇ ଆଣିବାକୁ ସରକାରୀସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ମଧ ଏହାକୁ ସଫଳ ରୂପେ ସମ୍ପାଦନ କରିବା ପାଇଁ ଉଦ୍ୟମରତ ଅଛନ୍ତି। ତେବେ ଅନଲାଇନ ମାଧ୍ୟମରେ ୧୩୫୮୮ଜଣ ପ୍ରବାସୀ ଓଡିଆ ଘରକୁ ଫେରିବା ପାଇଁ ପଞ୍ଜୀକରଣ କରିଛନ୍ତି। ଏତେ ସଂଖ୍ୟାରେ ପଞ୍ଜୀକରଣ ଜିଲା ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇଛି। ଏହି ପ୍ରବାସୀ ଶ୍ରମିକ ଓ ଅନ୍ୟ ବୃତ୍ତିଧାରୀ ଲୋକ ଜିଲାକୁ ଫେରିଲେ ସେମାନଙ୍କୁ ୧୪ଦିନିଆ କ୍ୱାରାଣ୍ଟାଇନ୍‌ରେ ରଖାଯିବା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସଦୃଶ ହୋଇଛି। ସୋନପୁର ବ୍ଲକରୁ ୨୦୮୧ଜଣ, ବୀରମହାରାଜପୁର ବ୍ଲକରୁ ୧୩୪୮, ତରଭା ବ୍ଲକରୁ ୨୪୪୭, ବିନିକା ବ୍ଲକରୁ ୩୦୩୧, ଡୁଙ୍ଗୁରିପାଲିରୁ ୨୮୨୭, ଉଲୁଣ୍ଡା ବ୍ଲକରୁ ୧୩୬୯, ସୁବର୍ଣ୍ଣପୁର ମ୍ୟୁନିସିପାଲିଟିରୁ ୧୬୮, ତରଭା ଏନଏସିରୁ ୯୦ ଓ ବିନିକା ଏନଏସିରୁ ୨୨୭ଜଣ ପଞ୍ଜୀକରଣ କରିଥିବା ଜଣାପଡିଛି । ଲକ୍‌ଡାଉନ୍ ଅବଧି ବୃଦ୍ଧି ପରେ ପ୍ରବାସୀ ଓଡିଆଙ୍କର ରାଜ୍ୟକୁ ଫେରିବା ନେଇ ବ୍ୟାପକ ପ୍ରସ୍ତୁତି ଚାଲିଛି। ଜିଲାର ପଞ୍ଚାୟତସ୍ତରରେ ୧୫୦ଟି ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଓ ୩ଟି ସହରରେ ୧୨ଟି ଶିବିରର ବ୍ୟବସ୍ଥା ହୋଇଛି। ଯେଉଁଥିରେ ମାତ୍ର ୪ହଜାର ଶଯ୍ୟା ଅଛି। ଏତେ ସଂଖ୍ୟକ ଲୋକଙ୍କୁ ଅସ୍ଥାୟୀ ଶିବିରରେ ସଙ୍ଗରୋଧ କରି ରଖିବା ସମ୍ଭବ ନୁହଁ। ତେଣୁ ବର୍ତ୍ତମାନ ପଞ୍ଜୀକୃତ ହାରକୁ ଦେଖି ଅଧିକ ୪ହଜାର ଶଯ୍ୟା ବୃଦ୍ଧି କରିବାକୁ ପଡିବ। ସେହି ଅନୁସାରେ ପ୍ରତି ପଞ୍ଚାୟତରେ ଶଯ୍ୟା ସଂଖ୍ୟା ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପଡିଲେ ଆହୁରି ବୃଦ୍ଧି କରାଯିବ। ଅନ୍ୟପକ୍ଷେ ସୁବର୍ଣ୍ଣପୁର ଜିଲାରୁ ରାଜ୍ୟ ବାହାରକୁ ପ୍ରାୟତଃ ଦାଦନ ଖଟି ଯାଉ ନ ଥିବା ପ୍ରଶାସନ ପକ୍ଷରୁ ବାହୁସ୍ଫୋଟ ମରାଯାଉଥିଲା। ବର୍ତ୍ତମାନର ଲକ୍‌ଡାଉନ୍‌ଜନିତ ସ୍ଥିତିରୁ ଦାଦନ ସମସ୍ୟାର ଅସଲ ଚିତ୍ର ପଦାକୁ ଆସିଛି। କୃଷି ପ୍ରଧାନ ଏହି ଜିଲାରୁ ବହୁ ସଂଖ୍ୟକ ଯୁବକ କାମ ପାଇଁ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର, ଗୁଜରାଟ, କେରଳ, ପଶ୍ଚିମବଙ୍ଗ ଓ ଛତିଶଗଡକୁ ଯାଇଛନ୍ତି। ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖାଙ୍କ ତଥ୍ୟ ମୁତାବକ ଚଳିତବର୍ଷ ବୀରମହାରାଜପୁର ଅଞ୍ଚଳରୁ ଦାଦନ ସର୍ଦ୍ଦାରଙ୍କ ଜରିଆରେ ପଞ୍ଜୀକୃତ ହୋଇ ମାତ୍ର ୧୮ଜଣ ତାମିଲନାଡୁ ଯାଇଛନ୍ତି। ଏବେ ଏତେ ସଂଖ୍ୟକ ପ୍ରବାସୀ ଶ୍ରମିକଙ୍କ ରେଜିଷ୍ଟ୍ରେଶନରୁ ଶ୍ରମ ବିଭାଗର ମିଥ୍ୟା ତଥ୍ୟ ପଦାରେ ପଡିଛି। କେବଳ ୭ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ତାମିଲନାଡୁରେ କାମ କରୁଥିବା ସ୍ପଷ୍ଟ ହୋଇଛି। ସରକାରୀ ଯୋଜନା ଠିକ୍‌ଭାବେ କାର୍ଯ୍ୟକାରୀ ହେଲେ, ଲୋକଙ୍କୁ ନିଜ ଅଞ୍ଚଳରେ କାମ ମିଳିଲେ ଓ ଜଳସେଚନର ସୁବ୍ୟବସ୍ଥା ହୋଇ ପାରିଲେ ଜିଲାରୁ ଦାଦନ ଶ୍ରମିକ ହଟିବ ବୋଲି ମତପ୍ରକାଶ ପାଇଛି।

## ସଂକ୍ଷେପରେ

### ନିଯୁକ୍ତିର ସୁରକ୍ଷା, ଅସହାୟଙ୍କୁ ଖାଦ୍ୟ ଦାବି

ଅନୁଗୋଳ ଅଫିସ, ୪।୫- ଅନୁଗୋଳ ଶିକ୍ଷକପଡାସ୍ଥିତ ଜିଲା ଅଫିସଠାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି (ଅଲ୍ ଇଣ୍ଡିଆ ୟୁନାଇଟେଡ ଟ୍ରେଡ୍ ୟୁନିୟନ ସେଣ୍ଟର) ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦୈନିକ ୮ ଘଣ୍ଟିଆ ଶ୍ରମ ନିର୍ଘଣ୍ଟ, ନିଯୁକ୍ତିର ସୁରକ୍ଷା ଓ ଅସହାୟଙ୍କୁ ଖାଦ୍ୟ ଯୋଗାଇଦେବା ଆଦି ଏଆଇୟୁଟିୟୁସି ପକ୍ଷରୁ ଦାବି କରାଯାଇଥିଲା। ଏସ୍‌ୟୁସିଆଇ ରାଜ୍ୟ କମିଟି ସଭ୍ୟ ତଥା ଏଆଇୟୁଟିୟୁସି ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ଏସ୍‌ୟୁସିଆଇ ଜିଲା କମିଟି ସଭ୍ୟ ତୀର୍ଥବାସୀ ଭୋଇ, ସୁବାସ ପ୍ରଧାନ, ମାନସ ପାଳ, ସରୋଜିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସଚେତନତା କାର୍ଯ୍ୟକ୍ରମ

ଛେଣ୍ଡିପଦା,୪।୫(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାତ୍ରପଡା ଗ୍ରାମବାସୀଙ୍କୁ ପଞ୍ଚାୟତ ପକ୍ଷରୁ ସାବୁନ ଓ ଡେଟଲ ପ୍ରଦାନ କରାଯାଇଛି। ସରପଞ୍ଚ ଯୋଗେଶ୍ୱର ସାହୁ ସହଯୋଗୀଙ୍କ ସହ ଘରକୁ ଘର ବୁଲି ଏହା ପ୍ରଦାନ କରିଥିଲେ। ଏଥିସହ ସମସ୍ତଙ୍କୁ ହାତ ଧୋଇବା, ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରକ୍ଷା କରିବା ସମ୍ପର୍କରେ ସଚେତନ କରାଇଥିଲେ।

### ବଳାତ୍କାର ଅଭିଯୋଗ

ଅନୁଗୋଳ ଅଫିସ, ୪।୫- ଅନୁଗୋଳ ସହର ଉପକଣ୍ଠର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ନାବାଳିକାଙ୍କ ମା' ଏତଲା ଦେବା ପରେ ଏ ନେଇ ପୋଲିସ ତନାଘନା କରିବା ସହ ଅଭିଯୁକ୍ତ ନାବାଳକଙ୍କୁ ଗିରଫ ପରେ ବାଳ ସୁଧାର ଗୃହକୁ ପଠାଇ ଦେଇଥିବା ଥାନା ପକ୍ଷରୁ ସୂଚନା ମିଳିଛି।

### ନିଜ ରାଜ୍ୟକୁ ଯିବାକୁ ପଞ୍ଜୀକରଣ କଲେଣି ୧୩୨

ଅନୁଗୋଳ ଅଫିସ, ୪।୫- ଅନୁଗୋଳ ଜିଲାରେ ରହିଥିବା ବିଭିନ୍ନ ରାଜ୍ୟର ଶ୍ରମିକମାନେ ସେମାନଙ୍କ ଘରକୁ ଫେରିଯିବାକୁ ନାମ ପଞ୍ଜୀକରଣ କରୁଛନ୍ତି। ସରକାର ଲକ୍‌ଡାଉନ୍ କଟକଣା କୋହଳ କରିବା ପରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଛତିଶଗଡ଼ ଅଞ୍ଚଳର ଶ୍ରମିକମାନେ ନିୟମାନୁଯାୟୀ ନାମ ପଞ୍ଜୀକରଣ କରୁଥିବା ଜଣାପଡିଛି। ଅନୁଗୋଳରେ ଥିବା ପଶ୍ଚିମବଙ୍ଗର ୧୧୪ ଜଣ, ଝାଡ଼ଖଣ୍ଡର ୧୦ ଓ ଛତିଶଗଡ଼ର ୮ ଜଣ ଶ୍ରମିକ ସେମାନଙ୍କ ନାଁ ପଞ୍ଜୀକରଣ କରିଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଆଜି ଅନୁଗୋଳ ଆସିବେ କୋଭିଡ-୧୯ ନୋଡାଲ ଅଫିସର

ଅନୁଗୋଳ ଅଫିସ, ୪।୫- ରାଜ୍ୟରେ କୋଭିଡ-୧୯ ଦାୟିତ୍ୱରେ ଥିବା ନୋଡାଲ ଅଫିସର ବିଷ୍ଣୁପଦ ସେଠୀ ମଙ୍ଗଳବାର ଅନୁଗୋଳ ଆସୁଥିବା ସୂଚନା ମିଳିଛି। ଜିଲାରେ ମହାମାରୀ କରୋନାର ମୁକାବିଲା ପାଇଁ କିପରି ପଦକ୍ଷେପ ନିଆଯାଇଛି ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ ହେଉଛି କି ନାହିଁ ତାହାର ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଛି। ଆବଶ୍ୟକ ପଡ଼ିଲେ କୋଭିଡ୍ ମେଡିକାଲ, ଆଇସୋଲେସନ୍ ଓ କ୍ୱାରେଣ୍ଟାଇନ୍ ସେଣ୍ଟର ଅନୁଧ୍ୟାନ କରିବେ ବୋଲି ସୂଚନା ମିଳିଛି।

# କୋହଳ ପରେ ଗହଳି



କଟକଣା କୋହଳ ପରେ ସୋମବାର ଅନୁଗୋଳ ବଜାରରେ ପ୍ରବଳ ଭିଡ଼ ହୋଇଛି।

- ରଖିଲେନି ସାମାଜିକ ଦୂରତ୍ୱ
- ମାସ୍କ ନ ପିନ୍ଧି ଗଣିଲେ ଜରିମାନା
- ଚାଲିପାରିବ ଟ୍ୟାକ୍ସି, ଅଟୋ

**ଅନୁଗୋଳ ଅଫିସ, ୪।୫**

ଅନୁଗୋଳ ଜିଲା ଗ୍ରୀନ୍ ଜୋନ୍‌ରେ ଥିବାରୁ ଜିଲା ପ୍ରଶାସନ ପକ୍ଷରୁ ଲକ୍‌ଡାଉନ ନିୟମ କୋହଳ କରାଯାଇଛି। ଫଳରେ ସୋମବାରଠାରୁ ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିବାକୁ ଅନୁମତି ଦିଆଯାଇଛି। ତେବେ ମଦ ଦୋକାନକୁ ଅନୁମତି ମିଳିନାହିଁ। ପ୍ରଶାସନ ଏ ନେଇ ରବିବାର ଘୋଷଣା କରିବା ପରେ ଅନୁଗୋଳ ବଜାରରେ ଭିଡ଼ ବଢ଼ିଯାଇଥିଲା। ଏପରି କି କେତେକ ସ୍ଥାନରେ ସାମାଜିକ ଦୂରତ୍ୱ ରହି ନ ଥିବାବେଳେ ଅନେକ ଲୋକ ମାସ୍କ ମଧ୍ୟ ପିନ୍ଧି ନ ଥିବା ଦେଖାଯାଇଥିଲା।

ସକାଳୁ ସହରରେ ପ୍ରବଳ ଗହଳି ଆରମ୍ଭ ହୋଇଯାଇଥିଲା। ଏତେ ସଂଖ୍ୟକ ଲୋକ ବଜାର ଆସିଥିଲେ ଯେ ଗାଡ଼ି ରଖିବାକୁ ଦୋକାନ ଆଗରେ ସ୍ଥାନ ମିଳି ନ ଥିଲା। ବାଧ୍ୟ ହୋଇ ଲୋକେ ରାସ୍ତା ଉପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଗାଡ଼ି ପାର୍କିଂ କରିଥିଲେ। ଏପରି ଭିଡ଼ ଯୋଗୁ ବହୁ ଦୋକାନରେ ସାମାଜିକ ଦୂରତ୍ୱ ରକ୍ଷା ନିୟମ ପାଳନ ହୋଇ ନ ଥିଲା। ସେହିପରି ମାସ୍କ ପିନ୍ଧି ନ ଥିବା ଲୋକଙ୍କ ନିକଟରୁ ଅନୁଗୋଳ ପୋଲିସ ଜରିମାନା ଆଦାୟ କରିଥିଲା। କଟକଣା କୋହଳ ହୋଇଥିଲେ ବି ପୂର୍ବଭଳି ସିନେମା ହଲ୍, ଶପିଂ ମଲ୍, ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସୁଇମିଂ ପୁଲ୍ ଆଦି ବନ୍ଦ ରହିବ। ସମସ୍ତ ସାମାଜିକ, ରାଜନୈତିକ, କ୍ରୀଡ଼ା, ମନୋରଞ୍ଜନ, ପାଠ୍ୟ ସମ୍ବନ୍ଧୀୟ, ସାଂସ୍କୃତିକ, ଧାର୍ମିକ ସମାବେଶକୁ ମଧ୍ୟ ବାରଣ କରାଯାଇଛି। ସେହିପରି ଜିଲା ଭିତରେ ଟାକ୍ସି, ଅଟୋରିକ୍ସା, କାର୍ ଓ ଦୁଇ ଚକିଆ ଯାନ ଚଳାଚଳ କରିହେବ। ହୋଟେଲ୍ ଓ ରେଷ୍ଟୁରାଣ୍ଟ ଗୁଡ଼ିକ ପାର୍ସଲ ଦେଇପାରିବ। ରେଳ ଲାଇନ କାର୍ଯ୍ୟ ସହିତ ଜାତୀୟ ରାଜପଥ, ସରକାରୀ ଓ ବେସରକାରୀ ଗୃହ ନିର୍ମାଣ କାର୍ଯ୍ୟ ଚାଲିପାରିବ। ପାଇପ୍ ମିସ୍ତ୍ରି, ଇଲେକ୍ଟ୍ରିସିଆନ୍, କମ୍ପ୍ୟୁଟର ଯନ୍ତ୍ରାଂଶ ମରାମତି କରୁଥିବା ବ୍ୟକ୍ତି, ମୋଟର ସାଇକେଲ ମେକାନିକ୍ ଓ ବଢ଼େଇ ମଧ୍ୟ ଘରକୁ ଯାଇ କାମ କରିପାରିବେ। ରାଜ୍ୟ ବାହାରକୁ ଯିବାକୁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ଉପଜିଲାପାଳଙ୍କ ଠାରୁ ଅନୁମତି ନେଇ ଯିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୧୦ ବର୍ଷରୁ କମ୍ ଶିଶୁ, ଗର୍ଭବତୀ ମହିଳା ଓ ବୃଦ୍ଧାବୃଦ୍ଧମାନେ ବାହାରକୁ ନ ବାହାରିବାକୁ ପରାମର୍ଶ ଦିଆଯାଇଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## ସୁରଟ, କୋଟାରୁ ଆସିଲେ ୧୦୫



କୋଟାରୁ ଛାତ୍ରୀଛାତ୍ରଙ୍କୁ ନେଇ ଆସିଥିବା ବସ୍।

**ଅନୁଗୋଳ ଅଫିସ, ୪।୫**

ସୁରଟ୍ ଓ କୋଟାରୁ ଦୁଇଟି ବସ୍‌ରେ ଆସିଥିବା ପ୍ରବାସୀମାନେ ସୋମବାର ଅନୁଗୋଳରେ ପହଞ୍ଚିଛନ୍ତି। ସୁରଟ୍‌ରୁ ଗୋଟିଏ ବସ୍‌ରେ ୬୬ ଜଣ ଓ କୋଟାରୁ ୩୯ ଛାତ୍ରୀଛାତ୍ର ଆସିଥିବା ପ୍ରଶାସନ ସୂଚନା ଦେଇଛି। ସୁରଟ୍‌ରୁ ଆସିଥିବା ବସ୍ ଭୋର ସମୟରେ ପଞ୍ଚମହଲାସ୍ଥିତ ଆରଟିଓ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏହାପରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଗାଡ଼ିରେ ପ୍ରବାସୀମାନଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରକୁ ନିଆଯାଇଥିଲା। ସେହିପରି କୋଟାରୁ ୩୯ ଜଣ ଛାତ୍ରୀଛାତ୍ରଙ୍କୁ ଧରି ଆସିଥିବା ବସ୍ ଅପରାହ୍ନରେ ଅନୁଗୋଳରେ ପହଞ୍ଚିଥିଲା। ସେମାନଙ୍କ ମଧ୍ୟରୁ ୩୫ ଜଣଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌କୁ ପଠାଯାଇଥିବାବେଳେ ୩ ଜଣଙ୍କୁ ପେଡ୍ କ୍ୱାରାଣ୍ଟାଇନ୍ ଓ ଜଣଙ୍କୁ ପଞ୍ଚାୟତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ଅନ୍ୟପକ୍ଷରେ ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ଥିବା ୫୬ ଜଣ ଶ୍ରମିକଙ୍କୁ ଦୁଇଟି ବସ୍‌ରେ ଝାଡ଼ଖଣ୍ଡକୁ ପଠାଯାଇଛି।

## କ୍ଷୀର ବିକି ନ ପାରି ଫେରିଲେ ଚାଷୀ

**ମାଧପୁର, ୪।୫**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକରେ ଥିବା ବିଭିନ୍ନ ଦୁଗ୍ଧ ସମବାୟ ସମିତିରେ ଚାଷୀମାନେ କ୍ଷୀର ବିକି ନ ପାରି ସୋମବାର ଫେରି ଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସେମାନେ ଚିନ୍ତାରେ ପଡିଛନ୍ତି। ଚାଷୀଙ୍କ ଅଭିଯୋଗ ମୁତାବକ, ଆଠମଲ୍ଲିକରେ ଥିବା ଏକମାତ୍ର ଦୁଗ୍ଧ ଶୀତଳୀକରଣ କେନ୍ଦ୍ରରେ ମେସିନରେ ଯାନ୍ତ୍ରିକ ତ୍ରୁଟି ଥିବାରୁ ସେମାନଙ୍କଠାରୁ କ୍ଷୀର ରଖାଯାଇନାହିଁ। ସୋମବାର ଅପରାହ୍ନରୁ ମେସିନ ଠିକ ନ ହେବା ପର୍ଯ୍ୟନ୍ତ କ୍ଷୀର ନିଆଯିବ ନାହିଁ ବୋଲି କେନ୍ଦ୍ର ପକ୍ଷରୁ ଚାଷୀଙ୍କୁ କୁହାଯାଇଛି। ଲକ୍‌ଡାଉନ ଯୋଗୁ ଦୁଗ୍ଧ ଚାଷୀ କ୍ଷତି ସହୁଥିବାବେଳେ ଏବେ ସମବାୟ ସମିତରେ କ୍ଷୀର ନ ରଖାଯିବା ନେଇ ସେମାନେ ଚିନ୍ତାରେ ପଡିଛନ୍ତି। ପୂର୍ବରୁ ବ୍ଲକର କୁନ୍ଦନାଳୀ, ଓଏଡା ଦୁଗ୍ଧ ଶୀତଳୀକରଣ କେନ୍ଦ୍ରରେ ମେସିନ ଖରାପ ହୋଇଯାଇଥିବାବେଳେ ଏବେ ଆଠମଲ୍ଲିକ କେନ୍ଦ୍ରରେ ସମାନ ସ୍ଥିତି ସୃଷ୍ଟି ହୋଇଛି। ତୁରନ୍ତ ପ୍ରତିକାର କରାଯିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଅନୁଗୋଳ ଓମ୍‌ଫେଡ ଜିଏମ୍‌ଙ୍କ ସହ ନଂ. ୮୨୪୯୧୨୬୬୦୬ରେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ନ ଉଠାଇବାରୁ ମତାମତ ମିଳିପାରିନାହିଁ।

## ହୋହଲ୍ଲା କଲେ ଶ୍ରମିକ

**ଅନୁଗୋଳ ଅଫିସ, ୪।୫**

ଅନୁଗୋଳ ବାଳିକା ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରେ କଳାହାଣ୍ଡି ଓ ବଲାଙ୍ଗୀର ଜିଲାର ମୋଟ୍ ୩୫ ଜଣ ଶ୍ରମିକ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କ କ୍ୱାରାଣ୍ଟାଇନ୍ ଅବଧି ଶେଷ ହୋଇଛି। ତଥାପି ସେମାନଙ୍କୁ ଛଡ଼ା ନ ଯିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଆବଶ୍ୟକ ପଡ଼ିଲେ ଅନଶନ କରିବେ ବୋଲି ଶ୍ରମିକମାନେ ଚେତାବନୀ ମଧ୍ୟ ଦେଇଛନ୍ତି। ତେବେ ସମସ୍ତ ଶ୍ରମିକଙ୍କୁ ଗୋଟିଏ ବସ୍‌ରେ ଘରକୁ ପଠାଇବାକୁ ଜିଲା ପ୍ରଶାସନ ଯୋଜନା କରିଛି। ଆସନ୍ତା ୮ ତାରିଖରେ ଅବଶିଷ୍ଟ ୨୩ ଜଣଙ୍କ କ୍ୱାରାଣ୍ଟାଇନ୍ ଶେଷ ହେବ ବୋଲି ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି।

### ଫଟୋରେ ଖବର



ଦୀର୍ଘଦିନ ପରେ ଲକ୍‌ଡାଉନ୍ କୋହଳ କରାଯିବାରୁ ସୋମବାର ଅନୁଗୋଳ ସହରରେ ଥିବା ସେଲୁନଗୁଡ଼ିକ ଖୋଲିଛି। (ଫଟୋ- ବୁଟୁ)

## ଶିବିରରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ


ଜଣେ ବିଜେଡି କର୍ମୀ ରକ୍ତ ଦାନ କରୁଛନ୍ତି।

**ବଅଁରପାଳ,୪।୫(ଡି.ଏନ.ଏ.)**

ବଅଁରପାଳ ବ୍ଲକ ଗିରାଙ୍ଗ ବିଜେଡି ପକ୍ଷରୁ ସୋମବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ ଓ ଯୁବନେତା ଅରୁନଭ ସିଂ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ୍ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ରକ୍ତ ଭଣ୍ଡାର ଦାୟିତ୍ୱରେ ଥିବା ଡାକ୍ତର ସୌମ୍ୟକାନ୍ତ ବିଶୋଇ ଓ କର୍ମଚାରୀମାନେ ଶିବିର ପରିଚାଳନା କରିଥିଲେ। ଗିରାଙ୍ଗ ବିଜୁ ଜନତା ଦଳର କାଳୀଚରଣ କର, ପ୍ରିୟଜିତ ଦେହୁରି, କୁନା ବେହେରା, ସୁସେନ ଗଡ଼ନାୟକ, ପ୍ରଦ୍ୟୁମ୍ନ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

## ଚଢ଼ାଉ, ଜରିମାନା ଆଦାୟ

**ବଇଣ୍ଡା,୪।୫(ଡି.ଏନ.ଏ.)**

ହଣ୍ଡପା ଓ ଠାକୁରଗଡ଼ ପୋଲିସ ପକ୍ଷରୁ ସୋମବାର ବଇଣ୍ଡା, ହଣ୍ଡପା, ପେଡିପଥର, ସାନହୁଲା, ଠାକୁରଗଡ଼ ଆଦି ଅଞ୍ଚଳରେ ଚଢାଉ କରାଯାଇ ମାସ୍କ ପିନ୍ଧି ନ ଥିବା ୨୭ ଜଣ ଯୁବକଙ୍କଠାରୁ ୫ ହଜାର ୪୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଠାକୁରଗଡ଼ ପୋଲିସ ପେଡିପଥରଠାରେ ହେଲମେଟ ଚେକିଂ କରି ବାଇକ୍ ଆରୋହୀଙ୍କଠାରୁ ୧୬ ହଜାର ଟଙ୍କା ଜରିମାନା ଆଦାୟ କରିଛି। ଠାକୁରଗଡ଼ ଥାନା ସେକେଣ୍ଡ ଅଫିସର ସୁରେଶ ଚନ୍ଦ୍ର ବେହେରା, ହଣ୍ଡପା ଥାନା ଏଏସଆଇ କୁନି ବାରିକ, ପିକେ ଆଇଚ ଯାଞ୍ଚ କରିଥିଲେ।

## ରିଲିଫ ପାଣ୍ଠିକୁ ସହାୟତା


କର୍ମୀମାନେ ବିଧାୟକଙ୍କ ଜରିଆରେ ସହାୟତା ପ୍ରଦାନ କରୁଛନ୍ତି।

**ବଇଣ୍ଡା,୪।୫(ଡି.ଏନ.ଏ.)**

କରୋନା ମୁକାବିଲା ପାଇଁ ସୋମବାର ପୁରୁଣାକୋଟ ପଞ୍ଚାୟତ ବିଜେଡି କର୍ମୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୯ ହଜାର ଟଙ୍କା ବିଧାୟକଙ୍କ ଜରିଆରେ ଦାନ କରାଯାଇଛି। ଆମ୍ବଶରମୁଣ୍ଡା ପଞ୍ଚାୟତ ପୋଡାପଦରସ୍ଥିତ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ବାସଭବନଠାରେ ବରିଷ୍ଠ ବିଜେଡି ନେତା ନବକିଶୋର ସାହୁଙ୍କ ସମେତ ଅନ୍ୟ କର୍ମୀମାନେ ପହଞ୍ଚି ଉକ୍ତ ଅର୍ଥ ପ୍ରଦାନ କରିଥିଲେ।

## ସଙ୍ଗରୋଧରେ ପ୍ରବାସୀ ଶ୍ରମିକ

**ଛେଣ୍ଡିପଦା/ମାଧପୁର/ ଆଠମଲ୍ଲିକ,୪।୫(ସ୍ୱ.ପ୍ର.)**

ବାହାର ରାଜ୍ୟରେ ଶ୍ରମିକ ଭାବେ କାମ କରୁଥିବା ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ୩୫ ଜଣଙ୍କୁ ସରକାର ଫେରାଇ ଆଣି ବିଭିନ୍ନ ପଞ୍ଚାୟତର ସଙ୍ଗରୋଧ କେନ୍ଦ୍ରରେ ରଖିଛନ୍ତି। ଫେରିଥିବା ପ୍ରବାସୀଙ୍କ ମଧ୍ୟରୁ ଓଗୀ ପଞ୍ଚାୟତରେ ୧୭ ଜଣ, ପରା ପଞ୍ଚାୟତରେ ୬, ଜେରେଙ୍ଗ ଦେହୁରୀ ସାହି ପଞ୍ଚାୟତରେ ୪, ବରପଦା ପଞ୍ଚାୟତରେ ୨, କଙ୍କରେଇ ପଞ୍ଚାୟତରେ ୨ ଜଣ ଓ ଡୁକୁଡା, ବାଲିପଟା, କୋରାଡା, କତଡା ପଞ୍ଚାୟତରେ ଜଣେ ଲେଖାଏ ରହିଛନ୍ତି। ସଙ୍ଗରୋଧ ଗୃହରେ ସେମାନଙ୍କ ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଛି ବୋଲି ଛେଣ୍ଡିପଦା ବିଡିଓ ସୁନୀଲ କେରକେଟା ପ୍ରକାଶ କରିଛନ୍ତି। ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତକୁ ରବିବାର ୩ ଜଣ ଏବଂ ସୋମବାର ୨ ଜଣ ପ୍ରବାସୀ ଓଡ଼ିଆ ଫେରିଛନ୍ତି। ସେମାନଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିବା ମାଧପୁର ନୋଡାଲ ଅଫିସର ରାଜ ତିଳକ ବେହେରା ସୂଚନା ଦେଇଛନ୍ତି। ସୋମବାର ତାମିଲନାଡୁରୁ ଆଠମଲ୍ଲିକ ଫେରିଥିବା ୭ଜଣ ଯୁବକଙ୍କୁ ପୁରୁଣାମାଣିତ୍ରି ହାଇସ୍କୁଲ କ୍ୱାରାଣ୍ଟାଇନ ଗୃହରେ ରଖାଯାଇଛି। ତେବେ ଆଠମଲ୍ଲିକ ବ୍ଲକ ପ୍ରଶାସନ ପକ୍ଷରୁ ବାହାର ରାଜ୍ୟ ଫେରନ୍ତାଙ୍କ ବିଷୟରେ ତଥ୍ୟ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଏ ଦିଗରେ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଗେଷ୍ଟ ହାଉସ୍‌ରେ ବିଶାଖାପାଟଣା ଫେରନ୍ତା

**ଅନୁଗୋଳ ଅଫିସ, ୪।୫**

ଅନୁଗୋଳ ରେଲୱେର ଜଣେ ଯନ୍ତ୍ରୀ ବିଶାଖାପାଟଣାରୁ ଆସି ରେଳ ବିଭାଗ ଗେଷ୍ଟ ହାଉସରେ ଥିବା ଅଭିଯୋଗ ହୋଇଛି। ତାଙ୍କୁ ରାଣୀଗୋଡ଼ା ପଞ୍ଚାୟତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଥିଲା। କିନ୍ତୁ ପ୍ରଶାସନିକ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଛାଡ଼ି ଦିଆଯିବା ପରେ ସେ ପୁଣି ଗେଷ୍ଟ ହାଉସ୍‌ରେ ଆସି ରହିଥିବା ସୂଚନା ମିଳିଛି। ରାଣୀଗୋଡ଼ା ସରପଞ୍ଚ ମମତା ସାହୁ କହିଛନ୍ତି, ବିଡିଓ ପଞ୍ଚାୟତ ସେକ୍ରେଟେରୀଙ୍କୁ ନିର୍ଦ୍ଦେଶ ଦେବା ପରେ ଯନ୍ତ୍ରୀଙ୍କୁ ଛାଡ଼ି ଦିଆଯାଇଥିଲା।

# ୧୨ ଘଣ୍ଟା ପରେ ବାଇକ୍‌ରେ ଗଲେ ୬ ପ୍ରବାସୀ

**ଅନୁଗୋଳ ଅଫିସ, ୪।୫**

- ଫେରିବା ସମ୍ପର୍କରେ ଜଣାଇ ନ ଥିଲେ
- ସହାୟତା କଲାନି ପ୍ରଶାସନ, ପୋଲିସ
- ଘର ଲୋକଙ୍କ ସହ ଯାଇ ରହିଲେ କ୍ୱାରାଣ୍ଟାଇନରେ

ଓଡ଼ିଶା ଫେରିବାକୁ ଚାହୁଁଥିବା ପ୍ରବାସୀମାନଙ୍କୁ କିପରି ଅଣାଯାଇ କ୍ୱାରାଣ୍ଟାଇନ୍‌ରେ ରଖାଯିବ ସେ ନେଇ ରାଜ୍ୟ ସରକାର ସ୍ୱତନ୍ତ୍ର ଯୋଜନା କରିଛନ୍ତି। ଯେଉଁମାନେ ଏଥିପାଇଁ ପଞ୍ଜୀକରଣ କରିନାହାନ୍ତି ସେମାନଙ୍କୁ ରାଜ୍ୟ ସୀମାନ୍ତ ଚେକ୍‌ଗେଟ୍‌ରେ ପଞ୍ଜୀକୃତ କରାଯାଇ ନିଜ ଅଞ୍ଚଳର ସଙ୍ଗରୋଧ କେନ୍ଦ୍ରରେ ରଖିବାର ବ୍ୟବସ୍ଥା ରହିଛି। କିନ୍ତୁ ଜିଲା ପ୍ରଶାସନକୁ ନ ଜଣାଇ ରବିବାର ସୁରଟ୍‌ରୁ ଫେରିଥିବା ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅଞ୍ଚଳର ୬ଜଣ ଯୁବକଙ୍କୁ ଅନୁଗୋଳ ଜିଲା ପ୍ରଶାସନ କିଛି ବି ସହାୟତା କରି ନ ଥିବା ଅଭିଯୋଗ ହୋଇଛି। ଦୀର୍ଘ ୧୨ ଘଣ୍ଟା ଧରି ସେମାନେ କିଆକଟା ଥାନା ସମ୍ମୁଖରେ ବସି ରହିବା ପରେ ଶେଷରେ ଘର ଲୋକଙ୍କ ସହ ବାଇକ୍‌ରେ ଯିବା ଜିଲାବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି।

ସୂଚନା ଅନୁଯାୟୀ, ସୋନପୁର ଓ ବୌଦ୍ଧ ଜିଲାର ଲୋକମାନେ ନିଜ ଖର୍ଚ୍ଚରେ ସୁରଟରୁ ଏକ ବସ୍‌ରେ ଆସିଥିଲେ। ସେମାନଙ୍କ ସହ ଆଠମଲ୍ଲିକ ବ୍ଲକ ଅଞ୍ଚଳର ସମ୍ପୃକ୍ତ ୬ ଜଣ ଥିଲେ। ସମସ୍ତଙ୍କ ନିକଟରେ ରେଢ଼ାଖୋଲ ପର୍ଯ୍ୟନ୍ତ ଆସିବାର ଅନୁମତି ଥିଲା। ଏହାଛଡ଼ା ଅନୁଗୋଳ ଆସୁଥିବା ନେଇ ସେମାନେ ପ୍ରଶାସନକୁ ଅବଗତ କରି ନ ଥିଲେ। ବସ୍ ସୋନପୁର ଓ ବୌଦ୍ଧ ଜିଲାର ଲୋକଙ୍କୁ ଓହ୍ଲାଇଦେବା ପରେ ଆଠମଲ୍ଲିକର ୬ଜଣଙ୍କୁ କିଆକଟା ଥାନା ଯାଏ ଆଣିଥିଲା। ପୂର୍ବାହ୍ନ ୧୦ଟାରେ ସମ୍ପୃକ୍ତ ୬ଜଣ ଓହ୍ଲାଇ ଥାନାକୁ ଯାଇଥିଲେ। କିନ୍ତୁ ପୋଲିସ ଏ କାର୍ଯ୍ୟ ପ୍ରଶାସନର କହି ଚୁପ୍ ବସିଯାଇଥିଲା। ନିରାଶ ହୋଇ ପ୍ରବାସୀମାନେ ଚାଲି ଚାଲି ଗାଁ ଅଭିମୁଖେ ଯାଉଥିବା ବେଳେ ବାଟରେ ଅନ୍ୟ ଗ୍ରାମବାସୀ ଅଟକାଇ ସେମାନଙ୍କୁ ଫେରାଇ ଦେଇଥିଲେ। ଫଳରେ ସେମାନେ ପୁନର୍ବାର ଥାନାର ଦ୍ୱାରସ୍ଥ ହେବା ସହ ରାସ୍ତା ପାର୍ଶ୍ୱରେ ବସି ରହିଥିଲେ। ନଅଗାଁ ସରପଞ୍ଚ, ଆଠମଲ୍ଲିକ ବିଡିଓଙ୍କ ସହାୟତା ଲୋଡିଥିଲେ। କିନ୍ତୁ ସହାୟତା ନ ମିଳିବାରୁ ରାତି ୧୦ଟାରେ ପ୍ରବାସୀମାନେ ଘର ଲୋକଙ୍କ ସହ ୩ଟି ବାଇକ୍‌ରେ ଗାଁକୁ ଫେରିଥିଲେ। ଏହାପରେ ସେମାନଙ୍କୁ ନିକଟସ୍ଥ ବିଦ୍ୟାଳୟରେ ହୋଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି।


କିଆକଟା ଥାନା ଆଗରେ ଅପେକ୍ଷାରତ ପ୍ରବାସୀମାନେ।

ଏ ସମ୍ପର୍କରେ ଆଠମଲ୍ଲିକ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ କହିଛନ୍ତି, ପ୍ରଶାସନର ଜ୍ଞାତସାରରେ ଆସୁଥିବା ପ୍ରବାସୀଙ୍କୁ ସହଯୋଗ କରାଯିବ। ସୁରଟ୍ ଫେରନ୍ତାମାନେ ଏ ନେଇ ଆଗୁଆ ଜଣାଇ ନ ଥିଲେ। ଅନୁଗୋଳ ଜିଲା କରୋନା ନୋଡାଲ ଅଧିକାରୀ ତଥା ପିଡି ଅତୁଲ୍ୟ କୁମାର ଚମ୍ପତିରାୟ କହିଛନ୍ତି, ପ୍ରବାସୀମାନେ ଫେରୁଥିବା ସମ୍ପର୍କରେ ପ୍ରଶାସନକୁ ଅବଗତ କରିଥିଲେ ଏପରି ଅସୁବିଧା ହୋଇ ନ ଥାନ୍ତା। ତଥାପି ଘଟଣା ସମ୍ପର୍କରେ ଅନୁଧ୍ୟାନ କରାଯିବ ବୋଲି ନୋଡାଲ ଅଧିକାରୀ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଫେରିଲେ ୪୪ ପ୍ରବାସୀ

**ଢେଙ୍କାନାଳ ଅଫିସ, ୪।୫:** ଦେଶରେ କରୋନା ପ୍ରାଦୁର୍ଭାବ ବଢୁଥିବାବେଳେ ଓଡ଼ିଶା ମୁହାଁ ହୋଇଛନ୍ତି ପ୍ରବାସୀ ଓଡ଼ିଆ। ଲକ୍‌ଡାଉନ୍ ଯୋଗୁ ସେମାନେ ବିଭିନ୍ନ ସ୍ଥାନରେ ଫସି ରହିଥିଲେ। ରାଜ୍ୟ ସରକାରଙ୍କ ଅନୁମତିକ୍ରମେ ସେମାନେ ଏବେ ଘରକୁ ଫେରୁଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ସକାଳେ କେରଳରୁ ୩ଜଣ, ଅପରାହ୍ନରେ ବାଙ୍ଗାଲୋରରୁ ୨୫ଜଣ ଏବଂ ରାତି ସାଢ଼େ ୮ଟାରେ ରାଜସ୍ଥାନର କୋଟାରୁ ୧୬ଜଣ ଢେଙ୍କାନାଳରେ ପହଞ୍ଚିଛନ୍ତି। ଖୋର୍ଦ୍ଧା ଯାଏ ଟ୍ରେନ୍‌ରେ ଆସିବା ପରେ ପ୍ରଶାସନ ପକ୍ଷରୁ କରାଯାଇଥିବା ଏକ ବସ୍‌ରେ ବାଙ୍ଗାଲୋର ଫେରନ୍ତା ଢେଙ୍କାନାଳ ଆସିଥିଲେ। ସମ୍ପୃକ୍ତ ବ୍ଲକର ବିଡିଓମାନେ ସ୍ୱତନ୍ତ୍ର ଗାଡିରେ ସେମାନଙ୍କୁ ନେବା ବ୍ୟବସ୍ଥା କରିଥିଲେ। ପଞ୍ଚାୟତରେ ହୋଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ସମସ୍ତଙ୍କୁ ରଖାଯାଇଥିବା ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ସୂଚନା ଦେଇଛନ୍ତି। କେରଳ ଫେରାନ୍ତା ମଧ ଅନୁରୂପ ଭାବେ ଆସିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ ପରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି। ସେହିପରି କୋଟାରୁ ପହଞ୍ଚିଥିବା ୧୩ଜଣ ଛାତ୍ର ଏବଂ ୩ଜଣ ଅଭିଭାବକଙ୍କୁ ପ୍ରଶାସନ ପକ୍ଷରୁ କ୍ୱାରାଣ୍ଟାଇନ୍ ହୋମ୍‌ରେ ରଖାଯାଇଛି।

### ସଙ୍ଗରୋଧ କେନ୍ଦ୍ର ସ୍ଥିତି ପରଖିଲେ

**ଢେଙ୍କାନାଳ ଅଫିସ, ୪।୫** ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଦୌରାଜଜ୍ ମଳୟ ରଞ୍ଜନ ଦାଶଙ୍କ ନିର୍ଦ୍ଦେଶରେ ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ସୋମବାର କୋଭିଡ୍ ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ କରିଛନ୍ତି। ସ୍ଥାନୀୟ ଜର୍ଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ପୌରସଂସ୍ଥା କଲ୍ୟାଣମଣ୍ଡପରେ ପ୍ରଶାସନ ପକ୍ଷରୁ ହୋଇଥିବା ଅସ୍ଥାୟୀ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଥିବା ୧୮ଜଣ ଶ୍ରମିକଙ୍କ ଅଭାବ ଅସୁବିଧା ପଚାରି ବୁଝିଥିଲେ। ଏଥିସହ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ନିର୍ଦ୍ଦେଶାବଳୀକୁ ମାନି ଚଳିବା ପାଇଁ ପରାମର୍ଶ ଦେଇଥିଲେ।

### ହୋଲ୍‌ଡିଂ ଟ୍ୟାକ୍ସ ଛାଡ଼ ଦାବି

ଢେଙ୍କାନାଳ ଅଫିସ, ୪।୫ କରୋନା ମାଡ଼ରେ ଦୋହଲିଯାଇଛି ଗରିବ ଏବଂ ମଧବିତ୍ତ ପରିବାରର ଆର୍ଥିକ ଅବସ୍ଥା। ଏପରି ବିପତ୍ତି ସମୟରେ ବିଦ୍ୟୁତ୍ ବିଲ୍, ଜଳକର, ହୋଲ୍ଡିଂ ଟ୍ୟାକ୍ସ ଏବଂ ସ୍କୁଲ ଫି' ଛାଡ଼ କରିବାକୁ ଦାବି କରିଛି ବୁଦ୍ଧିଜୀବୀ ସଙ୍ଗଠନ। ଏକବର୍ଷ ଯାଏ ୨୦୦ ୟୁନିଟ୍ ଯାଏ ବିଦ୍ୟୁତ୍ ଶୁଳ୍କ, ପିଏଚ୍‌ଡି ପକ୍ଷରୁ ଯୋଗାଣ କରାଯାଉଥିବା ପାଣି ବିଲ୍, ପୌରାଞ୍ଚଳ ଏବଂ ବିଜ୍ଞପିତ ଅଞ୍ଚଳରେ ୨୦୦୦ ଟଙ୍କା ଯାଏ ହୋଲ୍‌ଡିଂ ଟ୍ୟାକ୍ସ, ସରକାରୀ ଶିକ୍ଷାନୁଷ୍ଠାନରେ ୫୦% ଫି' ଛାଡ଼ କରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏଥିସହ ଏକ ବର୍ଷ ଯାଏ ଚାଷଜମି ଉପରେ ଖଜଣା ଓ ଜଳକର ଛାଡ଼ ହେଲେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ସଙ୍ଗଠନର ପ୍ରତିଷ୍ଠାତା ସଦସ୍ୟ ଡା. ତୁଷାରକାନ୍ତି ନାୟକ, ରୁଦ୍ରପ୍ରକାଶ ଶରଣ ସୂଚନା ଦେଇଛନ୍ତି।

### ରେଡ୍ ଜୋନ୍‌ରେ ବାଲିମାଫିଆଙ୍କ ରାଜୁତି

ବରୀ, ୪।୫ (ସ୍ୱ.ପ୍ର.) କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଯାଜପୁର ଜିଲାକୁ ରେଡ୍ ଜୋନରେ ରଖାଯାଇଛି। ଇତିମଧରେ ବରୀ ବ୍ଲକ ଅଞ୍ଚଳରୁ ୪ ଜଣ ସଂକ୍ରମିତ ଚିହ୍ନଟ ହେବା ପରେ ୫ଟି ରାଜସ୍ୱ ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏହାର ସୁଯୋଗ ନେଇ ବରୀ ଅଞ୍ଚଳରେ ବାଲି ଚୋରା ବ୍ୟବସାୟୀମାନେ ସକ୍ରିୟ ହୋଇ ଉଠିଛନ୍ତି। ବାଲିମାଫିଆମାନେ ଦୈନନ୍ଦିନ ବ୍ରାହ୍ମଣୀ, ବିରୂପା, ଖରସ୍ରୋତା, ଚିଙ୍ଗୁଡ଼ିଆ ନଦୀରୁ ଶହ ଶହ ବାଲି ଟ୍ରିପ୍ ଚୋରାରେ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଶନିବାର ମନ୍ଦାରୀ ଆର୍.ଆଇ ଅଫିସ୍ ନିକଟରୁ ମାତ୍ର ୧୦୦ ମିଟର ଦୂର ବ୍ରାହ୍ମଣୀ ନଦୀ ଘାଟରୁ ଦୁଇଟି ଟ୍ରାକ୍ଟରରେ ବାଲି ଚାଲାଣ ହେଉଥିବା ବେଳେ ତହସିଲ ପକ୍ଷରୁ ଚଢ଼ାଉ କରାଯାଇଥିଲା। ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ସେହିପରି ଗତ ମଙ୍ଗଳବାର ଏକ ମାଟି ବୋଝେଇ ଜେସିବିକୁ ତହସିଲ ପକ୍ଷରୁ ଧରାଯାଇ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ବାଲିମାଫିଆଙ୍କ ସହ ସ୍ଥାନୀୟ ଆର୍‌ଆଇ ଓ ତହସିଲଦାରଙ୍କ ସଲାସୁତରରେ ବେଆଇନ ଭାବେ ମାଟି ବାଲି ଚାଲାଣ ହେଉଛି ବୋଲି ଅଭିଯୋଗ ହୋଇଛି। ଫଳରେ ସରକାର ଦୈନିକ ହଜାର ହଜାର ଟଙ୍କାର ରାଜସ୍ୱ ହରାଉଛନ୍ତି। ଏ ସଂକ୍ରାନ୍ତରେ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ପଚାରିବାରେ ମନ୍ଦାରୀ ନିକଟରୁ ଜବତ ବାଲିଗାଡ଼ି କୋଭିଡ୍-୧୯ ପାଇଁ ପାଇଖାନା ନିର୍ମାଣରେ ବ୍ୟବହାର ହେବାକୁ ନିଆଯାଉଥିବାରୁ ଏହାକୁ ଛାଡ଼ି ଦିଆଯାଇଥିଲା ବୋଲି କହିଛନ୍ତି।

# ୧୨ ଘଣ୍ଟିଆ ୧୪୪ ଧାରା

**ଢେଙ୍କାନାଳ ଅଫିସ, ୪।୫**

- ଚିନ୍ତା ବଢ଼ାଇଛି ପଡ଼ୋଶୀ ଜିଲାର ସଂକ୍ରମଣ
- ସନ୍ଧ୍ୟା ୭ରୁ ସକାଳ ୭ଯାଏ ଲାଗୁ ହେବ
- ଦୋକାନ ଖୋଲିବା ସମୟ ଘଣ୍ଟାଏ ବଢ଼ିଲା
- ସହରାଞ୍ଚଳରେ ନିର୍ମାଣ କାର୍ଯ୍ୟ, ଶିଳ୍ପସଂସ୍ଥାକୁ ଅନୁମତି
- କାର, ଅଟୋରିକ୍ସାରେ ୩ଜଣ ଯାଇପାରିବେ


ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା।

କରୋନା ପ୍ରଭାବିତ ଢେଙ୍କାନାଳ ଜିଲାକୁ ଅରେଞ୍ଜ ଜୋନ୍‌ରେ ରଖାଯାଇଛି। ଜିଲା ସଦରରେ ଜଣେ ମହିଳାଙ୍କ ନିକଟରୁ ଏପ୍ରିଲ୍ ୯ରେ କୋଭିଡ୍-୧୯ ଭୂତାଣୁଠାବ କରାଯାଇଥିଲା। ଏହାପରେ ନୂଆ ମାମଲା ଆସିନାହିଁ। ଏହାସତ୍ତ୍ୱେ ପଡୋଶୀ ଯାଜପୁର ଏବଂ କେନ୍ଦୁଝର ଜିଲାରେ ସଂକ୍ରମଣ ବଢୁଥିବାରୁ ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାବାସୀଙ୍କୁ ସୁରକ୍ଷିତ ରଖିବାକୁ ସୋମବାର ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ନୂଆ ଗାଇଡ୍‌ଲାଇନ ଜାରି କରିଛନ୍ତି। ଏହା ୧୭ ତାରିଖ ଯାଏ ବଳବତ୍ତର ରହିବ।

ଗାଇଡ୍ ଲାଇନ୍ ଅନୁଯାୟୀ, ଜିଲାରେ ସନ୍ଧ୍ୟା ୭ଟାରୁ ସକାଳ ୭ଟା ଯାଏ ୧୪୪ ଧାରା ଜାରି କରାଯାଇଛି। ଏହି ସମୟ ମଧରେ କୌଣସି ଜରୁରୀ କାର୍ଯ୍ୟ ନ ଥିଲେ ଲୋକମାନେ ପଦାକୁ ବାହାରିପାରିବେ ନାହିଁ। ଗାଡି ଏବଂ ବାଇକ ଚଳାଚଳକୁ ନିଷେଧ କରାଯିବ। ସହରାଞ୍ଚଳରେ ପୂର୍ବ ନିର୍ଦ୍ଦେଶନାମା ଅନୁଯାୟୀ ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହୁଥିଲା। ଏଥିରେ ପରିବର୍ତ୍ତନ କରାଯାଇଛି। ଏଣିକି ଦୋକାନଗୁଡ଼ିକ ଅପରାହ୍ନ ୨ଟା ଯାଏ ଖୋଲାରହିବ। ଔଷଧ ଦୋକାନକୁ କଟକଣା ମୁକ୍ତ କରାଯାଇଛି। ସେହିପରି ଜରୁରୀ କାର୍ଯ୍ୟରେ ଅନ୍ୟ ଜିଲାକୁ ଯିବାକୁ ଚାହୁଁଥିଲେ ଜିଲାପାଳଙ୍କ ପାସ୍ ଆବଶ୍ୟକ ପଡ଼ିବ ନାହିଁ। ରାଜ୍ୟ ବାହାରକୁ ଗଲେ ଢେଙ୍କାନାଳ ସଦର ଲାଗି ଜିଲାପାଳ ଏବଂ କାମାକ୍ଷାନଗର ଓ ହିନ୍ଦୋଳ ଉପଖଣ୍ଡବାସୀଙ୍କ ସ୍ଥାନୀୟ ଉପଜିଲାପାଳଙ୍କଠାରୁ ପାସ୍ ନେବାକୁ ପଡ଼ିବ। ସହରାଞ୍ଚଳରେ ନିର୍ମାଣ କାର୍ଯ୍ୟ ସହିତ ଶିଳ୍ପାନୁଷ୍ଠାନ ଚାଲିବ। କାର୍ ଏବଂ ଅଟୋରିକ୍ସାରେ ଚାଳକଙ୍କୁ ମିଶାଇ ୩ଜଣ ଯାତ୍ରୀ ଯାଇପାରିବେ। ବାଇକ୍‌ରେ ଆରୋହୀଙ୍କ ସମେତ ଜଣେ ମହିଳା ଯାତ୍ରା କରିପାରିବେ। ଏଥିପାଇଁ ଫାଇନ୍ ଆଦାୟ କରାଯିବନାହିଁ। ମଦ ଦୋକାନ, ବସ୍, ସିନେମା ହଲ୍, ଶପିଂ ମଲ୍, ଜିମ୍ନାସିୟମ, ସ୍ପୋର୍ଟସ କମ୍ପ୍ଲେକ୍ସ, ସୁଇମିଂପୁଲ ବନ୍ଦ ରହିବ। ସାମାଜିକ, ରାଜନୈତିକ, ସାଂସ୍କୃତିକ କାର୍ଯ୍ୟକ୍ରମ, କ୍ରୀଡ଼ା ଆୟୋଜନ ସାଙ୍ଗକୁ ଧର୍ମୀୟ ପୀଠ ଉପରେ ଶ୍ରଦ୍ଧାଳୁଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି। ରେଷ୍ଟୁରାଣ୍ଟ, ଚା ଓ ପାନ ଦୋକାନ, ସେଲୁନ, ବିୟୁଟି ପାର୍ଲର, ଜୁସ୍ ସେଣ୍ଟର, ସୁନା ଦୋକାନ, ଠେଲାଗାଡ଼ି ଖାଦ୍ୟକୁ ଅନୁମତି ଦିଆଯାଇନାହିଁ। ୬୫ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ, ଗର୍ଭବତୀ, ୧୦ବର୍ଷରୁ କମ୍ ପିଲାଙ୍କୁ ଘରେ ରହିବା ପାଇଁ ପରାମର୍ଶ ଦିଆଯାଇଛି। ଲୋକମାନଙ୍କ ସୁବିଧାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ବହୁବିଧ ସୁବିଧା ପ୍ରଦାନ କରାଯାଇଛି। ଏହାକୁ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏବେ ଲୋକମାନେ ପ୍ରଶାସନକୁ ସହଯୋଗ କରନ୍ତୁ। ସାମାଜିକ ଦୂରତ୍ୱ, ମାସ୍କ ପିନ୍ଧିବା ଉପରେ ଗୁରୁତ୍ୱ ଦିଅନ୍ତୁ। ଏହା ହେଲେ କରୋନାକୁ ରୋକିହେବ ବୋଲି ଜିଲାପାଳ ଆହ୍ୱାନ ଦେଇଛନ୍ତି।

# ୫.୯୧ ଲକ୍ଷ ଟଙ୍କା ସହାୟତା ସଂଗ୍ରହ


ବ୍ଲକ କାର୍ଯ୍ୟାଳୟରେ ଟଙ୍କା ଗଣତି କରାଯାଉଛି।

**ଭୁବନ, ୪।୫(ଡି.ଏନ୍.ଏ.)**

କରୋନା ସଙ୍କଟ ସମୟରେ ରାଜ୍ୟ ସରକାରଙ୍କୁ ସହାୟତାର ହାତ ବଢ଼ାଇବାକୁ ଢେଙ୍କାନାଳ ଜିଲା ଭୁବନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଅଭିଯାନ। ବ୍ଲକ ଅଧକ୍ଷ ଗାଁ ଗାଁ ବୁଲି ସହାୟତା କରିବାକୁ ନିବେଦନ କରିଥିଲେ। ସୋମବାର ସଂଗୃହୀତ ଅର୍ଥରାଶି ଗଣାଯାଇଛି। ଦୁଇଟି ବାକ୍ସରେ ଆଦାୟ କରାଯାଇଥିବା ଟଙ୍କାକୁ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଖୋଲାଯାଇଥିଲା। ଗଣତି ପରେ ୫ଲକ୍ଷ ୯୧ ହଜାର ୫୧ ଟଙ୍କା ସଂଗୃହୀତ ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ଏହାକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯିବ ବୋଲି ବ୍ଲକ ଅଧକ୍ଷ ସୂଚନା ଦେଇଛନ୍ତି। ବ୍ଲକ କାର୍ଯ୍ୟାଳୟରେ ଟଙ୍କା ଗଣତି ସମୟରେ ତହସିଲଦାର ଶକ୍ତିକାନ୍ତ ରାଏ, ବିଡିଓ ଆଶୀର୍ବାଦ ପରିଡ଼ା, ଥାନାଧିକାରୀ ନିର୍ମଳା ଗୋଛାୟତଙ୍କ ସମେତ ଜନପ୍ରତିନିଧି ଉପସ୍ଥିତ ଥିଲେ।

# ସେଲୁନ୍ ଦୋକାନୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ



ଦୋକାନୀଙ୍କୁ ଖାଦ୍ୟ ସାମଗ୍ରୀ ଦିଆଯାଉଛି।

**ଭୁବନ, ୪।୫(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ବିଜେଡି ପକ୍ଷରୁ ସୋମବାର ଅଞ୍ଚଳର ୨୨ଜଣ ସେଲୁନ ଦୋକାନୀଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ଏନ୍‌ଏସିର ପୂର୍ବତନ ଅଧକ୍ଷ ନନ୍ଦକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା, ଛାତ୍ର ବିଜେଡି ସାଧାରଣ ସମ୍ପାଦକ ସଞ୍ଜୀବ ପୃଷ୍ଟି, ଜିଲା ସମ୍ପାଦକ ସୁଶାନ୍ତ କୁମାର ପୃଷ୍ଟି, ବରିଷ୍ଠ କର୍ମକର୍ତ୍ତା ପ୍ରଭାକର ସାହୁ, ପ୍ରକାଶ ମହାରଣା, ଅଜୟ ସେଠୀ, ବିପିନ ବିହାରୀ ଦାସ, ଟିଙ୍କୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କରୋନା ଲଢ଼େଇରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ତହସିଲଦାର ଶକ୍ତିକାନ୍ତ ରାଏ, ବିଡିଓ ଆଶୀର୍ବାଦ ପରିଡ଼ା, ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରମୋଦ ବରାଳ, ଥାନାଧିକାରୀ ନିର୍ମଳା ଗୋଛାୟତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କୂଅରେ ଗଲା ମା'ପୁଅଙ୍କ ଜୀବନ

**ପରଜଙ୍ଗ, ୪।୫(ଡି.ଏନ.ଏ.)**



ପୋଲିସ ଘଟଣାର ତଦନ୍ତ କରୁଛି।

- ଖସିପଡ଼ିଥିଲା ୩ବର୍ଷ ଶିଶୁପୁତ୍ର
- ବଞ୍ଚାଇବାକୁ ଡେଇଁପଡ଼ିଲେ ମା'
- ବର୍ଷକ ଭିତରେ ମା'ବାପା, ସ୍ତ୍ରୀ, ପୁଅଙ୍କୁ ହରାଇଲେ ନବକିଶୋର

ମା' ସାମ୍ନାରେ କୂଅ ଭିତରେ ଖସିପଡ଼ିଲା ୩ବର୍ଷର ଶିଶୁପୁତ୍ର। ନିଜ ଆଖି ଆଗରେ ପୁଅର ମୃତ୍ୟୁକୁ କେମିତିବା ଦେଖିଥାନ୍ତା ମା'? ପୁଅକୁ ରକ୍ଷା କରିବାକୁ ଜୀବନକୁ ବାଜି ଲଗାଇ ସେ ଡେଇଁପଡ଼ିଲେ କୂଅ ଭିତରକୁ। ହେଲେ ମୃତ୍ୟୁର ଗର୍ଭରୁ ପୁଅକୁ ତ ବଞ୍ଚାଇ ପାରିଲେନି, ଓଲଟି ନିଜେ ଛନ୍ଦି ହୋଇଗଲେ ମୃତ୍ୟୁଫାଶରେ। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅଧୀନ ତୋରଡ଼ାନାଳୀ ଗ୍ରାମରେ ସୋମବାର ଘଟିଛି ଏପରି ଅଭାବନୀୟ ଘଟଣା।

ତୋରଡ଼ାନାଳୀ ଗ୍ରାମର ଜୟନ୍ତୀ ସାହୁ ଡିହଡୋଳ ଗ୍ରାମର ନବକିଶୋର ସାହୁଙ୍କୁ ବିବାହ କରିଥିଲେ। ତେବେ କ୍ୟାନ୍‌ସର ପୀଡ଼ିତା ମା'ଙ୍କ ସେବା କରିବାକୁ ଜୟନ୍ତୀ ସ୍ୱାମୀ, ପୁଅ ପ୍ରିନ୍ସଙ୍କ ସହ ୨ମାସ ହେଲା ବାପଘରେ ରହୁଥିଲେ। ସୋମବାର ପୂର୍ବାହ୍ନ ୯ଟାରେ ଜୟନ୍ତୀ ଘର ପାଖରେ ଥିବା କୂଅକୁ ଲୁଗା ସଫା କରିବାକୁ ଯାଇଥିଲେ। ସାଙ୍ଗରେ ପ୍ରିନ୍ସ ମଧ ଥିଲେ। ଅସାବଧାନତାବଶତଃ ପୁଅ କୂଅରେ ଖସି ପଡ଼ିଥିଲେ। ଶିଶୁକୁ ବଞ୍ଚାଇବାକୁ ଯାଇ ଜୟନ୍ତୀ ମଧ କୂଅକୁ ଡେଇଁ ପଡ଼ିଥିଲେ। ତେବେ ଅଧିକ ପାଣି ଥିବାରୁ ଉଭୟ ମା', ପୁଅ ବୁଡ଼ି ଯାଇଥିଲେ। ଦୁହେଁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଏହି ସମୟରେ ପ୍ରିନ୍ସଙ୍କ ମୃତଦେହ କୂଅରେ ଭାସୁଥିଲା। ଜୟନ୍ତୀ ଗଭୀର ପାଣି ଭିତରକୁ ଚାଲିଯାଇଥିବାରୁ ସେ ବୁଡ଼ିଯାଇଥିବା ଜଣାପଡ଼ି ନ ଥିଲା। ନବକିଶୋର ଶିଶୁକୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଜୟନ୍ତୀଙ୍କୁ ମଧ ଉଦ୍ଧାର କରି ଡାକ୍ତରଖାନାକୁ ଅଣାଯାଇଥିଲା। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଚଳିତବର୍ଷ କିଛିଦିନ ବ୍ୟବଧାନରେ ନବକିଶୋରଙ୍କ ମା'ବାପାଙ୍କୁ ହରାଇଥିଲେ। ଏବେ ସ୍ତ୍ରୀ ଏବଂ ପୁଅଙ୍କ ମୃତ୍ୟୁରେ ସେ ଭାଙ୍ଗିପଡ଼ିଛନ୍ତି।

ଥାନାଧିକାରୀ ସନ୍ତୋଷ ପ୍ରଧାନ, ମହାବିରୋଡ଼ ଫାଣ୍ଡି ଅଧିକାରୀ ସରୋଜ ସେଠୀ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ.୧୦/୨୦ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବର୍ଷା ଉଜାଡ଼ିଲା ମୁଗ ଫସଲ

**ଆଳି, ୪।୫ (ଡି.ଏନ୍.ଏ.)**

ଗତ କିଛିଦିନ ହେବ ଚାଷ କାର୍ଯ୍ୟକୁ ଲକ୍‌ଡାଉନ୍ କଟକଣାରୁ ବାଦ୍ ଦିଆଯାଇଥିଲେ ବି ଆଳି ବ୍ଲକ ଅଞ୍ଚଳରେ କାଳବୈଶାଖୀ ଚାଷୀଙ୍କ ପାଇଁ ନୂଆ ସମସ୍ୟା ଭାବେ ଉଭା ହୋଇଛି। କଟକଣା ହଟିବା ପରେ ଚାଷୀମାନେ ମୁଗ ଅମଳ କାର୍ଯ୍ୟ ଆରମ୍ଭ କରିଥିଲେ ବି କାଳବୈଶାଖୀ ଯୋଗୁ ବର୍ଷା ହେବାରୁ ବିଲରେ ପାଣି ଜମିଯାଇଛି। ଫଳରେ କେତେକ କିଆରିରେ ମୁଗ ଗଛ ପାଣିରେ ଭିଜି ଗଜା ହୋଇଗଲାଣି। ଏଥିସହ କେତେକ ବିଲରେ ପୋକ ଲାଗି ମୁଗ ପସଲ ନଷ୍ଟ କରୁଛନ୍ତି। ବ୍ଲକ ଅଧୀନ ବେତା, କଳଦିଆ, ବଡାମ୍ବିଳା, ଦଶିପୁର, ନୁଆଗାଁ, ବାଲିଅଡା, ସାହୁପଡା, ଗମ୍ଭାରିଆ, ଅଟାଳ, କୋଚିଲା, ମହୁ, କୋଳିଡିହ, ବାଳକାଟି, ଅରେହିକଣା, ମାଣିକପାଟଣା, ଚଣ୍ଡିଆଗଡି, ନିଆଳ, ଦେମାଳ, ମେଣ୍ଟପୁର ଆଦି ଅଞ୍ଚଳରେ ପ୍ରାୟ ୧୨ ଶହ ଏକର ଜମିରେ ମୁଗ ଚାଷ କରାଯାଇଥିଲେ ବି ଅଧିକାଂଶ ଜମିରେ ଫସଲ ନଷ୍ଟ ହେବା ଆରମ୍ଭ ହୋଇଗଲାଣି। ସେହିପରି ଧୋୟାଞ୍ଚଳର ଦେସାହି, କେତୁଆପାଳ, ପାଳିମି ଓ ଏରଡଙ୍ଗ ଆଦି ପଞ୍ଚାୟତର ମୁଗ ଚାଷୀ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି। ବିଲରୁ ବର୍ଷାପାଣି ନିଷ୍କାସିତ ହେଉ ନ ଥିବାରୁ ଅମଳ କରିବା ଅସମ୍ଭବ ବୋଲି ଚାଷୀମାନେ କହିଛନ୍ତି। ଚାଷୀମାନେ ଋଣ ଓ ଧାରକରଜ କରି ଚାଷ କାର୍ଯ୍ୟ କରିଥିବାରୁ ଫସଲ ନଷ୍ଟ ହେବା ପରେ ଋଣ ପରିଶୋଧ ନେଇ ସେମାନଙ୍କର ଚିନ୍ତା ବଢ଼ିଯାଇଛି। ରାଜ୍ୟ ସରକାର ଓ ବିଭାଗୀୟ କର୍ତ୍ତୃପକ୍ଷ ଚାଷୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଚନ୍ଦନ ନଗର ଗ୍ରାମର ଶରତ କୁମାର ବେହୁରା, ଉମେଶ ଚନ୍ଦ୍ର ପାତ୍ର, ଅଲେଖ ସାହୁ, ଗଣେଶ୍ୱର ସାମଲ, ପରମାନନ୍ଦ ସାମଲ ପ୍ରମୁଖ ଚାଷୀ ନିବେଦନ କରିଛନ୍ତି।



### ମୃତଦେହ ଉଦ୍ଧାର

**ନରାଜ,୪।୫ (ଡି.ଏନ୍.ଏ.)**

ବାରଙ୍ଗ ଥାନା ଅନ୍ତର୍ଗତ ରାମଦାସପୁର ପଞ୍ଚାୟତ ଅଧୀନ କାଜୁ ଜଙ୍ଗଲ ପାହାଡରୁ ସୋମବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଗୋଡିସାହି ଫାଣ୍ଡି ପୋଲିସ ଉଦ୍ଧାର କରିଛି। ସେ ହେଲେ ବିହାର ଅଞ୍ଚଳର ନବୀନ କୁମାର ଠାକୁର (୨୮)। ସେ ଏକ କମ୍ପାନୀରେ ସୁପରଭାଇଜର ଭାବେ କାମ କରୁଥିଲେ। ଏସ୍‌ଆଇ ସମୀର ମହାପାତ୍ର ଘଟଣାର ତଦନ୍ତ କରୁଛନ୍ତି।

# ଫେରନ୍ତା ପ୍ରବାସୀଙ୍କ ପାଇଁ ପ୍ରସ୍ତୁତି

**ବରୀ, ୪।୫ (ସ୍ୱ.ପ୍ର.)**

ବାହାର ରାଜ୍ୟରୁ ଆସୁଥିବା ପ୍ରବାସୀ ଓଡ଼ିଆଙ୍କ ପାଇଁ ବରୀ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ସୁବିଧା କରାଯାଇଛି। ସୋମବାର ସୁଦ୍ଧା ୧୮୮୦ ଲୋକଙ୍କ ନିମନ୍ତେ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ଏଥିସହ ବିଭିନ୍ନ ପଞ୍ଚାୟତ ଅଧୀନ ୧୨୦ ବିଦ୍ୟାଳୟରେ ପ୍ରବାସୀଙ୍କ ରହିବାର ବ୍ୟବସ୍ଥା କରାଯାଇଥିବା ବିଡିଓ ଶାଶ୍ୱତ କୁମାର ଜେନା ସୂଚନା ଦେଇଛନ୍ତି। ଏହାଛଡ଼ା ରାମଚନ୍ଦ୍ରପୁରସ୍ଥିତ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟରେ ୧୦୦ ଶଯ୍ୟା ପକାଯାଇଛି। ସେହିପରି ରାଜାତୋଟାସ୍ଥିତ କାଦମ୍ବିନୀ ପାଳ ମହିଳା ବିଦ୍ୟାଳୟରେ ୮୦ ଶଯ୍ୟା ଓ ବାଲିଆସ୍ଥିତ ଅଭିମନ୍ୟୁ ସାମନ୍ତସିଂହାର ମହାବିଦ୍ୟାଳୟରେ ୭୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର କୋଭିଡ୍-୧୯ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରସ୍ତୁତ ହୋଇଛି। ଶଯ୍ୟା ସମସ୍ୟା ଏଡାଇବାକୁ ସପ, ତକିଆ ଓ ବିଛଣା ଚାଦର ଯୋଗାଇ ଦିଆଯିବ ବୋଲି ବିଡିଓ କହିଛନ୍ତି। ସମସ୍ତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟଜଳ, ବିଦ୍ୟୁତ୍ ଓ ଶୌଚାଳୟ ବ୍ୟବସ୍ଥା କରାଯାଇଛି। ମୋଟ ୩୨୧ଜଣଙ୍କୁ ସ୍ୱେଚ୍ଛାସେବୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୩ ବେଳା ଖାଦ୍ୟ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଫଟୋରେ ଖବର



ଢେଙ୍କାନାଳ ଛାତ୍ର ବିଜେଡି ପକ୍ଷରୁ ସଦର ବ୍ଲକ ତରଭା ଓ ନୂଆଗାଁ ପଞ୍ଚାୟତରେ ସୋମବାର ସାନିଟାଇଜ୍ କରାଯାଉଛି।

## ସଂକ୍ଷେପରେ

### ତେଲଙ୍ଗାନାରୁ ଫେରିଲେ ୩୬ ଶ୍ରମିକ

ଡାବୁଗାଁ,୪।୫(ଡି.ଏନ୍.ଏ.): ତେଲଙ୍ଗାନାରୁ ୩୬ ଶ୍ରମିକ ଆସି ରବିବାର ନବରଙ୍ଗପୁର ଜିଲା ଡାବୁଗାଁରେ ପହଞ୍ଚିଛନ୍ତି। ଡାବୁଗାଁ ବ୍ଲକ୍ ଅଧୀନ ଜବାଗୁଡ଼ା, ବୋରିଗାଁ ଓ ବଡ଼ଓଲମା ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୩୬ ଶ୍ରମିକ ତେଲଙ୍ଗାନା ରାଜ୍ୟର ଗୋଦାବରୀ ଜିଲାରେ କାମ କରୁଥିଲେ। ଲକ୍‌ଡାଉନ୍ ଯୋଗୁ ସେଠାରେ କାମ ବନ୍ଦ ହୋଇଯାଇଥିଲା। ବହୁ କଷ୍ଟରେ ସେଠାରେ ରହିଥିବାବେଳେ ଏବେ ବାଧ ହୋଇ ନିଜସ୍ୱ ଉଦ୍ୟମରେ ଏକ ଟାଟା ମ୍ୟାଜିକ୍ ଭଡ଼ା କରି ଗାଁକୁ ଫେରିଛନ୍ତି। ସମସ୍ତ ପ୍ରମାଣପତ୍ର ଧରି ସେମାନେ ଫେରିଛନ୍ତି। ଏଠାରେ ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଶ୍ରମିକମାନଙ୍କୁ ଜବାଗୁଡ଼ା ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଙ୍ଗରୋଧରେ ରଖାଯାଇଛି। ଏମାନଙ୍କ ମଧ୍ୟରେ ଜବାଗୁଡ଼ା ପଞ୍ଚାୟତର ୧୩ ମହିଳା ଓ ୫ ପୁରୁଷ, ବୋରିଗାଁ ପଞ୍ଚାୟତର ୪ ମହିଳା ଏବଂ ବଡ଼ଓଲମା ପଞ୍ଚାୟତର ୧୨ ମହିଳା ଓ ୨ ଜଣ ପୁରୁଷ ରହିଛନ୍ତି।

### ଅନୁପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ଝରିଗାଁ,୪।୫(ସ୍ୱ.ପ୍ର.)- ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଜ ମହକୁମାରେ ରହି କରୋନା ମୁକାବିଲା କରିବା କାର୍ଯ୍ୟରେ ପ୍ରଶାସନକୁ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ସରକାରଙ୍କ ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରିଛନ୍ତି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକର ୨୦୯ ଶିକ୍ଷୟିତ୍ରୀ ଶିକ୍ଷକ। ଶିକ୍ଷା ବିଭାଗର ବିନା ଅନୁମତିରେ ସେମାନେ ଅନ୍ୟ ଜିଲାକୁ ଚାଲିଯାଇଛନ୍ତି । ଏହା ଜାଣିବା ପରେ ଅନୁପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ନବରଙ୍ଗପୁର ଜିଲା ଶିକ୍ଷା ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ବିନା ଅନୁମତିରେ ନିଜ ମହକୁମା ଛାଡି ଘରକୁ ଯାଇଥିବା ୨୦୯ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏଥିସହ ଏପ୍ରିଲ ମାସର ଦରମା ବନ୍ଦ କରାଯାଇଥିବା ବିଇଓ ସୁରେଶ ଚନ୍ଦ୍ର ନାଏକ କହିଛନ୍ତି। ସେହିପରି ଝରିଗାଁ ବ୍ଲକରେ ୩୪ ଜଣ ହାଇସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ଅନୁପସ୍ଥିତ ରହିଥିବା ନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ବିଇଓ ଲିଖିତ ଜଣାଇଛନ୍ତି।

### ନୋଡାଲ ସଚିବଙ୍କ କୋଭିଡ୍ ସମ୍ପର୍କିତ ସମୀକ୍ଷା

ନବରଙ୍ଗପୁର,୪।୫ବି.ପ୍ର.)- କରୋନା ଭୂତାଣୁ ପ୍ରତିହତ ପାଇଁ ନବରଙ୍ଗପୁର ଜିଲାରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ସ୍ଥାନୀୟ ସର୍କିଟ ହାଉସ ଠାରେ କୋଭିଡ-୧୯ ନୋଡାଲ ସଚିବ ବୀର ବିକ୍ରମ ଯ୍ୟାଦବ ସୋମବାର ସମୀକ୍ଷା କରିଥିଲେ। ପରେ ବିଏଡ କଲେଜ ଠାରେ କୋଭିଡ-୧୯ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଏହା ପରେ ଡିଗ୍ରୀ କଲେଜ ଠାରେ ଥିବା ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ କରିଥିଲେ । ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଜୟପୁର,୪।୫(ଡି.ଏନ୍.ଏ.): କୋରାପୁଟ ଜିଲା ଜୟପୁର ପାୱାର ହାଉସ ବାଇପାସ ରୋଡରେ ଥିବା ଏକ ଘରୁ ସୋମବାର ଟାଉନ ଥାନା ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସେ ହେଲେ ଅଶ୍ୱିନୀ ସାନ୍ତ୍ରା(୩୦)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସୂଚନା ଅନୁଯାୟୀ, ଗତ ଦୁଇବର୍ଷ ପୂର୍ବେ ଅଶ୍ୱିନୀ ବିବାହ କରଥିଲେ। ସୋମବାର ସକାଳେ ତାଙ୍କ ମୃତଦେହ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ଜୟପୁର ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# କ୍ୱାରାଣ୍ଟାଇନ ପରେ ଗାଁରେ ପହଞ୍ଚାଇଲାନି ପ୍ରଶାସନ

- ରାତିରେ ଅଧାରାସ୍ତାରେ ଛାଡ଼ିଗଲେ ଡ୍ରାଇଭର
- ଆଇଆଇସି ଦେଖାଇଲେ ମାନବିକତା

ମାଲକାନଗିରି,୪।୫(ଡି.ଏନ୍.ଏ.)

କରୋନା ଭୂତାଣୁର ମୁକାବିଲା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣକରି ଚାଲିଛନ୍ତି। ମାଲକାନଗିରି ଜିଲା ପ୍ରଶାସନ ଏହି ନିୟମକୁ କଡ଼ାକଡ଼ି ପାଳନ କରୁଛି। ବାହାର ରାଜ୍ୟରୁ ଆସୁଥିବା ଶ୍ରମିକଙ୍କୁ ସଙ୍ଗରୋଧ ଗୃହରେ ୧୪ ଦିନ ରଖିବା ପରେ ଛଡ଼ାଯାଉଛି। ତେବେ ସଙ୍ଗରୋଧ ଗୃହରେ ଧାର୍ଯ୍ୟ ସମୟ ବିତାଇବା ପରେ କେତେଜଣ ଶ୍ରମିକଙ୍କୁ ସେମାନଙ୍କ ଗ୍ରାମକୁ ପଠାଇବା କ୍ଷେତ୍ରରେ ପ୍ରଶାସନ ପଦକ୍ଷେପ ନେଉନି। ଏପରି ଦେଖିବାକୁ ମିଳିଛି ଜିଲାର ମହାରାଜପାଲି ପଞ୍ଚାୟତ ଏମ୍‌ପିଭି-୮୧ ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ଥିବା ଶ୍ରମିକମାନଙ୍କ କ୍ଷେତ୍ରରେ। ଖବରରୁ ଜଣାପଡ଼ିଛି ଖଇରପୁଟ ବ୍ଲକ କଦମଗୁଡ଼ା ପଞ୍ଚାୟତ ପୁରିଗୁଡ଼ା ଗ୍ରାମର ହାଡି କିର୍ଷାନ,ଲକ୍ଷ୍ମୀ କିର୍ଷାନି, ମାଥିଲି ବ୍ଲକ ସାଲିମି ପଞ୍ଚାୟତର ରତନ ନାୟକ, ଆନ୍ଧ୍ରର ବିଜୟୱାଡା ଏବଂ କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ପଞ୍ଚାୟତ ଏମ୍‌ଭି-୩୭ ଗ୍ରାମର ହୀରାମଣି ବିଶ୍ୱାସ ହାଇଦ୍ରାବାଦ କାମ କରିବାକୁ ଯାଇଥିଲେ। ଲକ୍‌ଡାଉନ୍ ଘୋଷଣା ପରେ ସେମାନେ ଗ୍ରାମକୁ ଫେରିପାରି ନ ଥିଲେ। ପାଖରେ ଥିବା ଅର୍ଥ ଖର୍ଚ୍ଚ ହୋଇଯିବା ପରେ ଚଳିବା ପାଇଁ ଅସୁବିଧାରେ ପଡ଼ିଥିଲେ। ବାଧ ହୋଇ ନିଜ ଗ୍ରାମକୁ ଚାଲିଚାଲି ଆସୁଥିବା ବେଳେ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମୋଟୁଠାରେ ଯାଞ୍ଚ ବେଳେ ସେମାନଙ୍କୁ ଅଟକରଖାଯାଇ ପରେ ମହାରାଜପାଲି ସଙ୍ଗରୋଧ ଗୃହରେ ରଖାଯାଇଥିଲା । ରବିବାର ସେମାନଙ୍କ ୧୪ଦିନ ଅବଧି ଶେଷହେବା ପରେ ଏକ ଗାଡ଼ିରେ ନିଜ ଗ୍ରାମକୁ ପଠାଯାଇଥିଲା । ତେବେ ରାତି ସାଢେ଼୧୦ଟାରେ ଗାଡ଼ି ଡ୍ରାଇଭର ସେମାନଙ୍କୁ ମାଲକାନଗିରି ବାଲିମେଳା ଛକରେ ଓହ୍ଲାଇ ଦେଇ ପଳାଇଥିଲେ। ଏ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଇ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ମାଲକାନଗିରି ଥାନା ଭାରପ୍ରାପ୍ତ ନିରୀକ୍ଷକ ରାମପ୍ରସାଦ ନାଗ ଖବର ପାଇ ସେମାନଙ୍କୁ ରହିବା ଲାଗି ବ୍ୟବସ୍ଥା କରିଥିଲେ। ସୋମବାର ସେମାନଙ୍କୁ ଗାଡ଼ି ବ୍ୟବସ୍ଥା କରି ନିଜ ଗ୍ରାମକୁ ପଠାଇଛନ୍ତି।



ଘରେ ନ ପହଞ୍ଚାଇ ୪ ଶ୍ରମିକଙ୍କୁ ଅଧାବାଟରେ ଛାଡିଦେଇ ଯାଇଥିବା ଗାଡ଼ି ଡ୍ରାଇଭର ।

### ପ୍ରବାସୀ ଓଡ଼ିଆଙ୍କ ପାଇଁ ପଞ୍ଜୀକରଣ ବ୍ୟବସ୍ଥା

ଚିତ୍ରକୋଣ୍ଡା,୪।୫(ଡି.ଏନ୍.ଏ.)

ଚିତ୍ରକୋଣ୍ଡା ବ୍ଲକ ପକ୍ଷରୁ ତହସିଲଦାରଙ୍କ କାର୍ଯ୍ୟାଳୟଠାରେ ବାହାରୁ ଫେରୁଥିବା ପ୍ରବାସୀ ଓଡ଼ିଆଙ୍କ ନାମ ପଞ୍ଜୀକରଣ ବ୍ୟବସ୍ଥା ହୋଇଛି। ଏନେଇ ଏକ ୨୪ଘଣ୍ଟିଆ କ୍ୟାମ୍ପ ଖୋଲାଯାଇଛି। ବିଡିଓ ଲରିମନ ଖରସେଲଙ୍କ ନେତୃତ୍ୱରେ ଜିପିଓ ଧୀରେନ କୁମାର ଖଣ୍ଡାଗିରି, ପିଇଓ ନାରାୟଣ ଚନ୍ଦ୍ର ମିର୍ଦ୍ଧା, ସିପି ସୁଧାମୟ ମଣ୍ଡଳ, କନିଷ୍ଠ ଯନ୍ତ୍ରୀ ଶିବାଶିଷ ବିଶ୍ୱାସଙ୍କ ସହ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଛନ୍ତି। ସୋମବାର ଆନ୍ଧ୍ର ଓ ତେଲଙ୍ଗାନା ଅଞ୍ଚଳରୁ ଆସିଥିବା ୩୬ପ୍ରବାସୀ ଓଡ଼ିଆଙ୍କୁ ଓଡ଼ିଶା ସୀମାନ୍ତ ରାଜଲକୋଣ୍ଡାରୁ ପୋଲିସ ଚିତ୍ରକୋଣ୍ଡା ପ୍ରବାସୀ କ୍ୟାମ୍ପକୁ ପଠାଇଥିଲା। କ୍ୟାମ୍ପରେ ସେମାନଙ୍କ ନାମ ପଞ୍ଜୀକରଣ, ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ଖଇରପୁଟକୁ ୨୧ ଏବଂ ମାଥିଲି ବ୍ଲକ କତାମେଟାକୁ ୧୫ ଜଣଙ୍କୁ ପଠାଯାଇଥିଲା।

## ୩ ବ୍ଲକରେ କାଳବୈଶାଖୀ
## ବିଭିନ୍ନ ସ୍ଥାନରେ ଭାଙ୍ଗିଲା ଗଛ, ଘର

ଝରିଗାଁ/ତେନ୍ତୁଲିଖୁଣ୍ଟି,୪।୫(ସ୍ୱ.ପ୍ର./ଡି.ଏନ.ଏ)

ନବରଙ୍ଗପୁର ଜିଲା ଝରିଗାଁ ଓ ତେନ୍ତୁଲିଖୁଣ୍ଟି ବ୍ଲକରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି। ପ୍ରବଳ ବେଗରେ ପବନ ବହିବା ସହ ବର୍ଷା ହୋଇ ବହୁ ଘରର ଛପର ଉଡିଯିବା ସହ ଗଛ ଭାଙ୍ଗିଯାଇଛି। ବିଦ୍ୟୁତ ତାର ଛିଣ୍ଡି ଯିବାରୁ ବିଜୁଳି ସରବରାହ ବ୍ୟାହତ ହୋଇଛି। ଝରିଗାଁ ବ୍ଲକ ବାଘବେଡା ମାଥିଲି ସାହିରେ ଆସୁ ସାନ୍ତାଙ୍କ ଘରର ଆଜବେଷ୍ଟସ ଉଡିଯିବା ସହ କେତେ ଜଣଙ୍କ ଘରର ଛପର ଉଡିଯାଇଛି । ସେହିପରି ତେନ୍ତୁଲିଖୁଣ୍ଟି ବ୍ଲକ ପୂଜାରିଗୁଡା ପଞ୍ଚାୟତର ନୂଆଗୁଡା ପ୍ରାଥମିକ ବିଦ୍ୟାଳୟ ପାର୍ଶ୍ୱରେ ଥିବା ଏକ ଗଛ ଭାଙ୍ଗି ଯିବାରୁ ରାସ୍ତା ଅବରୋଧ ହୋଇଥିଲା । ରାସ୍ତା ଅବରୋଧ ଯୋଗୁ ୭ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଛ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସେହିଭଳି କାମତା ଗ୍ରାମରେ ଗଛ ପଡି କିଛି ଘର ଆଂଶିକ ଭାଙ୍ଗି ଯାଇଛି।
ପଡିଆ, (ଡି.ଏନ.ଏ.): ମାଲକାନଗିରି ଜିଲା ସୀମାନ୍ତ ପଡିଆ ବ୍ଲକ ଅଞ୍ଚଳରେ ରବିବାର ରାତିରେ ହଠାତ୍ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା।





ତେନ୍ତୁଲିଖୁଣ୍ଟିରେ ରାସ୍ତାରେ ଗଛ ପଡିଛି । କାଲିମେଳାରେ ବିଦ୍ୟୁତ୍ ତାର ଉପରେ ଗଛ ।

ଏହାର ପ୍ରଭାବରେ ଅଙ୍ଗନୱାଡି କେନ୍ଦ୍ର ନିକଟରେ ଥିବା ବହୁ ପୁରୁଣା ତେନ୍ତୁଳି ଗଛ ଉପୁଡିପଡି କେନ୍ଦ୍ରର ପାଚେରି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ସେହିପରି କାଲିମେଳାରୁ ପଡିଆ ମୁଖ୍ୟ ରାସ୍ତା ଉପରେ ବଡବଡ ଗଛମାନ ପଡିଯାଇଥିଲା । ମଟୁମ୍‌ଗୁଡ଼ା ଗ୍ରାମ ଏବଂ ପାମ୍‌ଗେଟା ଗ୍ରାମ ରାସ୍ତାରେ ମଧ୍ୟ ଗଛ ପଡି ରାସ୍ତା ବନ୍ଦ ହୋଇଥିଲା। ସୋମବାର ସକାଳେ ପଡିଆ ଅଗ୍ନିଶ୍ରମ ବିଭାଗ ଅଧିକାରୀ ବୀରେନ୍ଦ୍ର କୁମାର ସିଂ କର୍ମଚାରୀଙ୍କୁ ନେଇ ସମସ୍ତ ଅଞ୍ଚଳକୁ ଯାଇ ଗଛଗୁଡ଼ିକ କାଟି ରାସ୍ତା ସଫା କରିଛନ୍ତି।
କାଲିମେଳା, (ଡି.ଏନ.ଏ.): ମାଲକାନଗିରି ଜିଲା କାଲିମେଳା ବ୍ଲକରେ ରବିବାର ସଂନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ହୋଇଛି। ଫଳରେ ବ୍ଲକର ବିଭିନ୍ନ ସ୍ଥାନରେ ଗଛପଡି ଲୋକଙ୍କ ଘର ଭାଙ୍ଗିଛି। ଏଥିସହ ଅଧିକ ବେଗରେ ପବନ ହେବାରୁ ବିଦ୍ୟୁତ ଖୁଣ୍ଟ ଓ ତାର କ୍ଷତି ହୋଇଛି। ଫଳରେ ସୋମବାର କାଲିମେଳା ସମେତ ଏମଭି-୭୯, ମୋଟୁ ଏବଂ ପଡିଆ ବ୍ଲକରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ବନ୍ଦ ରହିଛି। କାଙ୍ଗୁରୁକୋଣ୍ଡା ମେନରୋଡ ଛକ, ଏମଭି-୬୦/୧୦ ଗ୍ରାମ, କାଲିମେଳା ଡାକ୍ତରଖାନା ପରିସରରେ ଗଛ ପଡି ତାର ଛିଣ୍ଡିଯାଇଛି। ସେହିପରି ଏମପିଭି-୨୩ ଗ୍ରାମ ନିକଟରେ ୪/୫ଟି ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ପଡିଥିବା ଦେଖିବାକୁ ମିଳିଛି। କାଲିମେଳା ବିଦ୍ୟୁତ ବିଭାଗ କର୍ମଚାରୀ ବିଦ୍ୟୁତ ସଂଯୋଗ ପାଇଁ ଉଦ୍ୟମ ଜାରି ରଖିଛନ୍ତି। କାଲିମେଳାର ଅଗ୍ନିଶମ କର୍ମଚାରୀ ବିଭିନ୍ନ ସ୍ଥାନରେ ପଡିଥିବା ଗଛଗୁଡିକୁ କାଟି ସଫା କରିଛନ୍ତି। ପବନ ପ୍ରଭାବରେ ଏମଭି-୭୦ ଗ୍ରାମର ସମିର ସିଆଳି,ଏମପିଭି-୩୨ ଗ୍ରାମର ଶ୍ୟାମଲ ସରଦାର, ଶଙ୍କର ସରକାର, ଭୁଲାନାଥ ମଣ୍ଡଳଙ୍କ ସମେତ ଅନ୍ୟ ୩ଜଣଙ୍କ ଘର ଭାଙ୍ଗିଯାଇଛ। ପିଇଓ ସୁନାଧର ଗୋଲରି ସମସ୍ତ କ୍ଷତିଗ୍ରସ୍ତ ଘରଗୁଡିକ ବୁଲି ଦେଖିବା ସହ ଏ ନେଇ ପ୍ରଶାସନକୁ ରିପୋର୍ଟ କରିବେ ବୋଲି କହିଛନ୍ତି । ତହସିଲଦାର ଆଲୋକ କୁମାର ଅନୁଗୁଳିଆଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ରିପୋର୍ଟ ଆସିଲା ପରେ ସରକାରୀ ସହାୟତା ନେଇ ବ୍ୟବସ୍ଥା କରାଯିବ।

### ଖଇରପୁଟକୁ ଆସିଲେ ୨୦୦ ଶ୍ରମିକ

ଖଇରପୁଟ,୪।୫(ଡି.ଏନ୍.ଏ.): ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୨୦୦ ପ୍ରବାସୀ ଓଡ଼ିଆ ସୋମବାର ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍‌କୁ ଆସି ପହଞ୍ଚିଛନ୍ତି। ବିଡିଓ ହୃଦାନନ୍ଦ ସାହୁ ସେମାନଙ୍କୁ ନେଇ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ରଖିଛନ୍ତି। କେନ୍ଦ୍ରର ନୀତି ନିୟମ ସମ୍ପର୍କରେ ସେମାନଙ୍କୁ ବୁଝାଇଛନ୍ତି।

### ବିଧାୟକ ପାଣ୍ଠିରୁ ଦେଲେ ୨୧ ଲକ୍ଷ

ମାଲକାନଗିରି,୪।୫(ଡି.ଏନ୍.ଏ.)

ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି ସୋମବାର ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ବିଧାୟକ ପାଣ୍ଠିରୁ ୨୧ ଲକ୍ଷ ଟଙ୍କାର ଅନୁଦାନ ଦେଇଛନ୍ତି। କୋଭିଡ୍-୧୯ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୧ ହଜାର ଶଯ୍ୟା କିଣିବା ଲାଗି ସେ ପରାମର୍ଶ ଦେଇଛନ୍ତି।

### ବିନା ପାସ୍‌ରେ ଜିଲାକୁ ପ୍ରବେଶ ମନା

ରାୟଗଡ଼ା ଅଫିସ,୪।୫

କରୋନା ପାଇଁ ଆନ୍ଧ୍ର-ଓଡ଼ିଶା ସୀମାରେ କଟକଣାକୁ କଡ଼ାକଡ଼ି କରାଯାଇଛି। ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ରବିବାର କେରେଡ଼ା ଚେକ୍ ପଏଣ୍ଟ ପରିଦର୍ଶନ କରିଛନ୍ତି। ଏଣିକି ବିନା ପାସ୍‌ରେ ବାହାରୁ କୌଣସି ଯାନବାହନ ଏବଂ ବ୍ୟକ୍ତି ବିନା ପାସ୍ ଜିଲା ମଧ୍ୟକୁ ପ୍ରବେଶ କରିପାରିବେନି ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ସବୁଠି ସାମାଜିକ ଦୂରତାକୁ ବେଖାତିର

ଟିକିରି,୪।୫

ସରକାର ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଯେତେ ସଚେତନ କରାଗଲେ ମଧ୍ୟ ଲୋକେ ବୁଝିବାକୁ ନାରାଜ। ରାଜ୍ୟରେ ଗୋଟିଏ ପରେ ଗୋଟିଏ ଜିଲାକୁ ମାଡ଼ି ଚାଲିଛି କରୋନା। ତଥାପି ଲୋକେ ସାମାଜିକ ଦୂରତାକୁ ବେଖାତିର କରୁଛନ୍ତି। ରାୟଗଡ଼ା ଜିଲା କାଶିପୁର ବ୍ଲକ୍‌ରେ ଦେଖିବାକୁ ମିଳିଛି ଏପରି ସ୍ଥିତି। ପରିବା ବଜାର, ତେଜରାତି ଦୋକାନ, ଆମିଷ ଦୋକାନଗୁଡ଼ିକରେ ଲୋକେ ଦୂରତା ରଖୁ ନ ଥିବାବେଳେ ସରକାରୀ ରାଶନ ନେବା ସମୟରେ ମଧ୍ୟ ଲୋକେ ସାମାଜିକ ଦୂରତାକୁ ଭୁଲିଯାଇଥିବା ନଜରକୁ ଆସିଛି। ଟିକିରିସ୍ଥିତ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ସୋମବାର ହିତାଧିକାରୀମାନେ ଚାଉଳ ନେବା ସମୟରେ ସାମାଜିକ ଦୂରତା ରଖି ନ ଥିଲେ। ଗୋଟିଏ ସ୍ଥାନରେ ଲୋକେ ଜମା ହୋଇଥିବାବେଳେ ଅନେକ ଲୋକଙ୍କ ମୁହଁରେ ମାସ୍କ ମଧ୍ୟ ନ ଥିବା ଦେଖିବାକୁ ମିଳିଥିଲା। ସେହିପରି ପ୍ରଶାସନ ପକ୍ଷରୁ ସକାଳ ସାଢ଼େ ୬ଟାରୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲିବାକୁ ଅନୁମତି ମିଳିଥିବାବେଳେ ସବୁଠି ସାମାଜିକ ଦୂରତାକୁ ଅଣଦେଖା କରାଯାଉଥିବା ଦେଖାଯାଇଛି। ଏହାଦ୍ୱାରା କରୋନା ବ୍ୟାପିବା ଆଶଙ୍କା ରହିଛି । ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ମତପ୍ରକାଶ ପାଇଛି।



ଚାଉଳ ନେବାକୁ ଆସିଥିବା ମହିଳାମାନେ ସାମାଜିକ ଦୂରତା ରକ୍ଷା କରିନାହାନ୍ତି ।

## ସଚିବଙ୍କ କୋଭିଡ ହସ୍ପିଟାଲ ପରିଦର୍ଶନ

ଜୟପୁର,୪।୫(ନି.ପ୍ର./ଡି.ଏନ.ଏ.)

କୋରାପୁଟ ଜିଲା ଜୟପୁରସ୍ଥିତ କୋଭିଡ୍ ହସ୍ପିଟାଲ ପରିଦର୍ଶନ କରିଛନ୍ତି ନୋଡାଲ୍ ସଚିବ ଭି. ଭି ଯାଦବ। ସଚିବ ଯାଦବ ହସ୍ପିଟାଲରେ ପହଞ୍ଚି ଉପସ୍ଥିତ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମୀକ୍ଷା କରିଥିଲେ। ୧୫୦ବେଡ୍ ବିଶିଷ୍ଟ ଏହି ହସ୍ପିଟାଲକୁ ପରିଦର୍ଶନ କରିବା ସହ ସମୀକ୍ଷା କରିଥିଲେ। ବେଡ୍ ବ୍ୟବସ୍ଥା, ଭେଣ୍ଟିଲେଟର, ଆଇସିୟୁ ଏବଂ ସମସ୍ତ କକ୍ଷ ବୁଲି ଦେଖିବା ସହ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କୋରାପୁଟ ଜିଲା ଅରେଞ୍ଜ ଜୋନରେ ଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଗୁଆ ପଦେକ୍ଷପ ନେଇ କୋଭିଡ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଛି। ସଚିବଙ୍କ ସମୀକ୍ଷା ସମୟରେ ଅତିରିକ୍ତ ଜିଲାପାଳ ଦେବନ ପ୍ରଧାନ, ଜିଲା ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ରାମ ମହାନ୍ତି, ଜୟପୁର ଉପ ଜିଲାପାଳ ଲୋକନାଥ ଦଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




କୋଭିଡ ହସ୍ପିଟାଲ ପରିଦର୍ଶନ କରୁଛନ୍ତି ସଚିବ ।

### କ୍ୱାରାଣ୍ଟାଇନ କେନ୍ଦ୍ର ବୁଲିଲେ ଆରକ୍ଷୀ ଉପ ମହାନିର୍ଦ୍ଦେଶକ

ପଟ୍ଟାଙ୍ଗି,୪।୫(ଡି.ଏନ୍.ଏ.)

କରୋନା ଲକ୍‌ଡାଉନ ଯୋଗୁ ବିଭିନ୍ନ ରାଜ୍ୟର ଲୋକେ ଓ ଛାତ୍ରୀଛାତ୍ର ଅନ୍ୟ ରାଜ୍ୟରେ ଫସିରହିଛନ୍ତି। ଏବେ ଏମାନଙ୍କୁ ଫେରାଇ ଆଣିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ପଟ୍ଟାଙ୍ଗି ବ୍ଲକର ଆନ୍ଧ୍ର ସୀମାନ୍ତ ସୁଙ୍କି ପଞ୍ଚାୟତକୁ ଜିଲାସ୍ତରୀୟ ଅଧିକାରୀମାନେ ଗସ୍ତ କରି ହୋଇଥିବା ବ୍ୟବସ୍ଥାର ତଦାରଖ କରିଛନ୍ତି। ମିଳିଛି। ସୋମବାର ଆରକ୍ଷୀ ଉପ ମହାନିର୍ଦ୍ଦେଶକ ସଫିନ. ଅହମ୍ମଦ କେ ଏବଂ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୋ ପ୍ରବାସୀ ଓଡ଼ିଆଙ୍କ ପାଇଁ ହୋଇଥିବା କ୍ୱାରାଣ୍ଟାଇନ କେନ୍ଦ୍ର ବୁଲି ଦେଖିଥିଲେ। ବିଡିଓ ମୋନାଲିସା ଦେବତା, ଅତିରିକ୍ତ ତହସିଲଦାର ମହାଦେବ ଭତ୍ରା, ସରପଞ୍ଚ ସିମାଦ୍ରି ଜାନି,ଏସ୍‌ଡିପିଓ ନିରଞ୍ଜନ ବେହେରା, ଥାନା ଅଧିକାରୀ ବିଜୟ ରାଜ ମାଝି ଉପସ୍ଥିତ ଥିଲେ।

## କୋଟାରୁ ଫେରିଲେ ୨୮ ଛାତ୍ରୀଛାତ୍ର

ନବରଙ୍ଗପୁର/ ଜୟପୁର, ୪।୫ (ବି.ପ୍ର./ ନି.ପ୍ର)

ଲକ୍‌ଡାଉନ ଯୋଗୁଁ ରାଜସ୍ଥାନ କୋଟାରେ ଫସି ରହିଥିବା କୋରାପୁଟ ଓ ନବରଙ୍ଗପୁର ଜିଲାର ୨୮ ଛାତ୍ରୀଛାତ୍ର ଏକ ବସରେ ସୋମବାର ଘରକୁ ଫେରିଛନ୍ତି। ସେମାନଙ୍କ ମଧ୍ୟରେ ୧୯ ଜଣ କୋରାପୁଟ ଜିଲାର ହୋଇଥିବା ବେଳେ ନବରଙ୍ଗପୁର ଜିଲାର ୯ ଜଣ ରହିଥିବା ଜଣାପଡିଛି। କୋରାପୁଟ ଜିଲା ବୋରିଗୁମ୍ମାରେ ବସ ପହଞ୍ଚିବା ପରେ ନବରଙ୍ଗପୁର ଜିଲାର ୯ ଛାତ୍ରୀଛାତ୍ରଙ୍କୁ ୩ଟି ବୋଲେରୋ ଗାଡିରେ ଅଣାଯାଇଥିଲା। ନବରଙ୍ଗପୁର ପ୍ରବେଶପଥ ଇନ୍ଦ୍ରାବତୀ ପୋଲ ନିକଟରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସ୍ୱାବ୍ ସଂଗ୍ରହ କରାଯାଇଥିଲା । ଛାତ୍ରୀଛାତ୍ରଙ୍କ ଅଭିଭାବକ ଲିଖିତ ଭାବେ ଏକ ସର୍ତ୍ତ ଦେବା ପରେ ସେମାନଙ୍କୁ ହୋମ କ୍ୱାରାଣ୍ଟାଇନରେ ରହିବା ପାଇଁ ପରାମର୍ଶ ଦିଆଯାଇଛି । ସେହିପରି କୋରାପୁଟ ଜିଲାର ଛାତ୍ରୀଛାତ୍ରଙ୍କୁ କ୍ୱାରାଣ୍ଟାଇନ ଗୃହରେ ରଖାଯାଇଛି। ଛାତ୍ରୀଛାତ୍ରମାନେ ଜଣଙ୍କ ପିଛା ୩,୧୫୫ ଟଙ୍କା ଲେଖାଏଁ ବସ ଭଡା ଦେଇ ୨ରେ କୋଟାରୁ ବାହାରିଥିଲେ।

### ଦୋକାନରେ ଅଗ୍ନିକାଣ୍ଡ

ମାଲକାନଗିରି,୪।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ମୁଖ୍ୟ ରାସ୍ତାରେ ଥିବା ଗ୍ଲୋବାଲ ଆଇଟି ମୋବାଇଲ ଦୋକାନରେ ସୋମବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି। ସନ୍ଧ୍ୟାରେ ଏହି ଦୋକାନ ଭିତରୁ ଧୂଆଁ ବାହାରୁଥିବା ଦେଖି ମଙ୍ଗରାଜ ସୋମାନି ଦୋକାନ ମାଲିକ ପି. ଅନିଲ କୁମାରଙ୍କୁ ଜଣାଇଥିଲେ। ପରେ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲା।

### ୯ କୁଇଣ୍ଟାଲ ୯୭ କେଜି ଗଞ୍ଜେଇ ଜବତ

ବୈପାରିଗୁଡ଼ା,୪।୫(ଡି.ଏନ୍.ଏ.)

ବୈପାରିଗୁଡା ପୋଲିସ ସୋମବାର ବାଟିରିପୁଟ ଛକରୁ ୯କୁଇଣ୍ଟାଲ ୯୭କେଜି ଗଞ୍ଜେଇ ସହ ଏକ ଟ୍ରକ ଜବତ କରିଛି। ଏ ନେଇ ବୈପାରିଗୁଡ଼ା ଥାନାରେ ଏକ ମାମଲା (ନଂ.୬୭/୨୦) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଏକ ଟ୍ରକ(ଓଆର-୧୦ଜେ-୮୮୯୭) ଟାଙ୍ଗିଣିଗୁଡା ପଟୁ ବୈପାରିଗୁଡା ଅଭିମୁଖେ ଯାଉଥିଲା। ବାଟିରିପୁଟ ଛକ ନିକଟରେ ପୋଲିସ ପାଟ୍ରୋଲିଂ ଗାଡିକୁ ଦେଖି ଟ୍ରକ ଡ୍ରାଇଭର ଗାଡିକୁ ରାସ୍ତାରେ ରଖି ଖସି ପଳାଇଥିଲେ। ପୋଲିସ ପହଞ୍ଚି ଗଞ୍ଜେଇ ସହ ଟ୍ରକକୁ ଜବତ କରି ଥାନାକୁ ଆଣିଥିଲେ। ସ୍ଥାନୀୟ ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ଜୟପୁର ଏସ୍‌ଡିପିଓ ବିମଳକାନ୍ତ ବ୍ରହ୍ମା, ଥାନା ଅଧିକାରୀ ଅଂଶୁମାନ ଦ୍ୱିବେଦୀ,ଏସ୍‌ଆଇ ଘାସିରାମ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



## କରୋନା ମାଡ଼: ଜମିରେ ପଚୁଛି ପରିବା

- କ୍ଷତିପୂରଣ ଦାବି କଲେ ଚାଷୀ
- ୬୫ ହଜାର ଦେଇ ଜମି ଲିଜ୍ ନେଇଛନ୍ତି, ଆଦାୟ ହୋଇନି ୧୦ ହଜାର
- କରଜ ଶୁଝିବାକୁ ନାହିଁ ସମ୍ବଳ

ରାୟଗଡ଼ା ଅଫିସ,୪।୫

ଲକ୍‌ଡାଉନ୍ ଯୋଗୁ ପ୍ରତ୍ୟେକ ବର୍ଗର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ହେଲେ ସବୁଠାରୁ ଅଧିକ କ୍ଷତି ସହୁଛି ଚାଷୀ। ବର୍ଷକର ଚାଷରେ ପରିବାର ବଞ୍ଚିଥାଏ। ହେଲେ କରୋନା ମାଡ଼ରେ ଚାଷୀର ମେରୁଦଣ୍ଡ ଦୋହଲି ଯାଇଛି। ଏଥିରୁ ବର୍ତ୍ତିନାହାନ୍ତି ରାୟଗଡ଼ା ଜିଲା କୋଲନରା ବ୍ଲକ୍ ପେଣ୍ଟା ପଞ୍ଚାୟତ ଅଧୀନ ଝିଲିବାଡ଼ି ଗ୍ରାମର ପରିବା ଚାଷୀ ଦାମ ବିଶ୍ୱାଳ ଓ ଯୋଗୀ ନାହକ। ଦୁହିଁଙ୍କ ପରିବାରର ପ୍ରତିପୋଷଣ ବର୍ଷକର ଫସଲ ଉପରେ ନିର୍ଭର କରିଥାଏ। ନିଜର ଜମି ନ ଥିବାରୁ ୫ ଏକର ଜମି ଲିଜ୍ ନେଇ ଦୁହେଁ ଚାଷ କରନ୍ତି। ସେଥିରେ ବନ୍ଧାକୋବି, ଝୁଡ଼ଙ୍ଗ, ବାଇଗଣ, ମକା, ପୋଟଳ, କୁନ୍ଦୁରି ଆଦି ପରିବା ଚାଷ କରିଥାଆନ୍ତି। ଜମି ବାବଦକୁ ମାଲିକଙ୍କୁ ବର୍ଷକୁ ଏକର ପିଛା ୧୩ହଜାର ଟଙ୍କା ହିସାବରେ ମୋଟ ୬୫ ହଜାର ଟଙ୍କା ଦେଇଥାନ୍ତି। ଜମି ନିଜର ହୋଇ ନ ଥିବାରୁ ଋଣ ମଧ୍ୟ ମିଳୁନାହିଁ। ତେଣୁ ଧାର କରଜ କରି ଏ ବର୍ଷ ପ୍ରାୟ ୧ଲକ୍ଷ ଟଙ୍କା ବ୍ୟୟରେ ପରିବା ଚାଷ କରିଥିଲେ। ହେଲେ ଏଥିରୁ ୧୦ ହଜାର ଟଙ୍କା ମଧ୍ୟ ଆଦାୟ ହୋଇ ନ ଥିବା ଦାମ କହିଛନ୍ତି। ପୂର୍ବରୁ ଏଠାରୁ ପରିବା ଜିଲାର ବିଷମକଟକ, ରାୟଗଡ଼ା, ଜେକେପୁର ଏବଂ ନିକଟ ଅଞ୍ଚଳର ବଜାରକୁ ଯାଉଥିଲା। ମାତ୍ର ଲକ୍‌ଡାଉନ୍ ପରେ ବ୍ୟବସାୟ ଠପ୍ ହୋଇଥିଲା। ବାଇଗଣ, ଝୁଡ଼ଙ୍ଗ ଓ ପୋଟଳ ଗଛରେ ଜମିରେ ହିଁ ନଷ୍ଟ ହୋଇଗଲା। ଏବେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୁଣି ବଜାର ଆରମ୍ଭ ହୋଇଛି। ହେଲେ ପୁଣି ଚାଷ କରିବା ପାଇଁ ଏମାନଙ୍କ ପାଖରେ ମୂଳଧନ ନାହିଁ। ତେଣୁ ସରକାର କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବାକୁ ଦୁହେଁ ଅନୁରୋଧ କରିଛନ୍ତି। ଏ ନେଇ ରାୟଗଡ଼ା ଅତିରିକ୍ତ ଉପଉଦ୍ୟାନ କୃଷି ନିର୍ଦ୍ଦେଶକ ଜଗନ୍ନାଥ ବିନ୍ଧାଣିଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ।



ଜମିରେ ନଷ୍ଟ ହୋଇଥିବା ବାଇଗଣକୁ ଜଣେ ଚାଷୀ ଦେଖାଉଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ମଙ୍ଗଳବାର, ମେ ୫/୨୦୨୦ Tuesday, May 5/2020

## ସଂକ୍ଷେପରେ

### ପେଟ୍ରୋଲ ବିକ୍ରି ୬୧%, ଡିଜେଲ ୫୭% ହ୍ରାସ

**ନୂଆଦିଲ୍ଲୀ,୪। ୫:** ଚଳିତ ବର୍ଷ ଏପ୍ରିଲ ମାସରେ ପେଟ୍ରୋଲ ଓ ଡିଜେଲ ବିକ୍ରି ଯଥାକ୍ରମେ ୬୧% ଏବଂ ୫୭% ହ୍ରାସ ଘଟିଛି। କେତେକ କ୍ଷେତ୍ରରେ ଔଦ୍ୟୋଗିକ ଉତ୍ପାଦନ ଏବଂ ପରିବହନକୁ ଅନୁମତି ପ୍ରଦାନ କରାଯାଇଥିବାରୁ ଇନ୍ଧନ ବିକ୍ରିରେ ସାମାନ୍ୟ ପରିବର୍ତ୍ତନ ଆସିଥିବା ଶିଳ୍ପ ସୂତ୍ରରୁ ସାମ୍ନାକୁ ଆସିଛି। ଦେଶରେ ଥିବା ମୋଟ୍ ଫୁଏଲ ରିଟେଲ ଆଉଟଲେଟଗୁଡ଼ିକ ମଧ୍ୟରେ ୩ ପ୍ରମୁଖ ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକର ଅଂଶ ୯୦% ରହିଛି। ଏହି କମ୍ପାନୀଗୁଡ଼ିକର ରିଟେଲରଙ୍କ ଏପ୍ରିଲ ମାସ ପ୍ରଥମ ୧୫ ଦିନରେ ପେଟ୍ରୋଲ ଏବଂ ଡିଜେଲ ବିକ୍ରି ଯଥାକ୍ରମେ ୬୧% ଏବଂ ୬୪% ହ୍ରାସ ଘଟିଥିଲା। ଗତ ବର୍ଷ ସମାନ ସମୟକୁ ବିଚାର କଲେ ବର୍ତ୍ତମାନ ମୋଟ ଇନ୍ଧନ ବିକ୍ରି ୫୦% ଖସିଛି ବୋଲି ତୈଳ ଶିଳ୍ପ ସହ ଜଡିତ ଜଣେ ଅଧିକାରି ସୂଚନା ଦେଇଛନ୍ତି। ଦେଶର ମୋଟ ଇନ୍ଧନ ଚାହିଦା ମଧ୍ୟରେ ଏଲ୍‌ପିଜି, ପେଟ୍ରୋଲ, ଡିଜେଲ, ବିଟୁମେନ୍ ଭଳି ଇନ୍ଧନ ସାମିଲ ରହିଛି। ଏପ୍ରିଲରେ ବିମାନ ଇନ୍ଧନ ବା ଇଏଟିଏଫ୍ ବିକ୍ରି ପ୍ରାୟ ୯୨% ଖସିଥିବା ଶିଳ୍ପ ଡାଟାରୁ ସାମ୍ନାକୁ ଆସିଛି।

### ଜିଓରେ ୧.୧୫% ଅଂଶଧନ କିଣିଲା ସିଲଭର ଲେକ୍

**ନୂଆଦିଲ୍ଲୀ,୪।୫:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଜିଓ ପ୍ଲାଟ୍‌ଫର୍ମରେ ଆମେରିକାଭିତ୍ତିକ ଘରୋଇ ଇକ୍ୱିଟି ଫାର୍ମ ସିଲ୍‌ଭର ଲେକ୍ ୧.୧୫% ଅଂଶଧନ କ୍ରୟ କରିଛି। ଏଥିଲାଗି ଉକ୍ତ କମ୍ପାନୀ ୫,୬୫୫.୭୫ କୋଟି ନିବେଶ କରିଥିବା ଜଣାପଡ଼ିଛି। ଜିଓର ୯.୯୯% ଅଂଶଧନ ଫେସ୍‌ବୁକ୍ କିଣିବା ପରେ ଗତ ୧୫ ଦିନ ମଧ୍ୟରେ ଏହା ଅନ୍ୟ ଏକ ବଡ଼ ନିବେଶ। ନୂଆ ନିବେଶ ଦ୍ୱାରା ଜିଓର କ୍ରେଡିଟ ପଜିଟିଭ ରହିବ ବୋଲି ରେଟିଂ ଏଜେନ୍ସି ମୁଡିସ ପ୍ରକାଶ କରିଛି।

# ବାଣିଜ୍ୟ ଯୁଦ୍ଧମୁହାଁ ଆମେରିକା–ଚାଇନା

**ନୂଆଦିଲ୍ଲୀ,୪।୫**



- କରୋନା ପ୍ରସଙ୍ଗରେ ତିକ୍ତତା ବଢୁଛି
- ଚାଇନା ସାମଗ୍ରୀ ଉପରେ ଅଧିକ ଟିକସ ଲାଗିପାରେ
- ସୋର୍ସିଂ ନିର୍ଭରତା, ମାନୁଫାକ୍ଚରିଂ ସ୍ଥାନାନ୍ତର କରିବାକୁ ପ୍ରସ୍ତୁତି

କରୋନା ଭୂତାଣୁକୁ ନେଇ ଆମେରିକା ଏବଂ ଚାଇନା ମଧ୍ୟରେ ତିକ୍ତତା ଧୀରେ ଧୀରେ ବଢୁଛି। ଚାଇନା ଉପରେ କଟକଣା ଲଗାଇବା ଲାଗି ଆମେରିକା ପୁଣି ଥରେ ପ୍ରସ୍ତୁତ ହେଉଥିବା ଜଣାପଡିଛି। ବିଶ୍ୱ ସ୍ତରର ଯୋଗାଣ ଚେନ୍‌ରେ ଚାଇନାର ଆଧିପତ୍ୟ ଲାଗି ରହିଛି। ଏହାକୁ କମ୍ କରି ଚାଇନାକୁ ଝଟ୍‌କା ଦେବା ଲାଗି ଆମେରିକା ପ୍ରସ୍ତୁତି ଆରମ୍ଭକରି ଦେଇଛି। ଚାଇନାରୁ ସୋର୍ସିଂ କମ୍ କରିବା ଏବଂ ମାନୁଫାକ୍ଚରିଂ ବେସ୍ ହଟାଇବାକୁ ବିଭିନ୍ନ କମ୍ପାନୀକୁ ଆମେରିକା କହିପାରେ। ଆମେରିକାର ବାଣିଜ୍ୟ ବିଭାଗ ସହ ଅନ୍ୟ ପ୍ରମୁଖ ଏଜେନ୍ସିଗୁଡିକ ଏ ସମ୍ପର୍କିତ ବିଭିନ୍ନ ଦିଗକୁ ବିଚାର କରୁଥିବା ଏକ ରିପୋର୍ଟରେ ପ୍ରକାଶ ପାଉଛି।

ଆମେରିକାକୁ ଆସୁଥିବା ଚାଇନା ସାମଗ୍ରୀ ଉପରେ ଅଧିକ ଟିକସ ଲଗାଇବା ଦିଗରେ ଏବେ ବିଚାର କରାଯାଉଛି ବୋଲି ଟ୍ରମ୍ପ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଆଗକୁ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଛି। ନିକଟରେ ଅନୁଷ୍ଠିତ ଏକ ସଭାରେ ଚାଇନାକୁ ଟ୍ରମ୍ପ ଟାର୍ଗେଟ କରିବା ସହ ସେଠାରୁ ମାନୁଫାକ୍ଚରିଂକୁ ହଟାଇବାକୁ କହିଥିଲେ। କରୋନା ଭାଇରସ୍ ଯୋଗୁ ଆମେରିକା ଅର୍ଥ ବ୍ୟବସ୍ଥା ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ଆମେରିକାର ଯେଉଁ ୟୁନିଟଗୁଡିକ ଉତ୍ପାଦନ ଲାଗି ଚାଇନା ଉପରେ ନିର୍ଭର କରୁଛନ୍ତି ତାକୁ ସମ୍ପୂର୍ଣ୍ଣ ଭାବେ ବାଦ୍ ଦେବାକୁ ବିଚାର ହେଉଛି। ସେହିଭଳି ଆମେରିକା ଏ କ୍ଷେତ୍ରରେ ଅନ୍ୟ ବନ୍ଧୁ ରାଷ୍ଟ୍ରଗୁଡିକ ଉପରେ ଫୋକସ କରିବ। ଚାଇନା ଉପରେ ନିର୍ଭରଶୀଳତା କମାଇବା ଲାଗି ଅନେକ ଦିନ ଧରି ପ୍ରୟାସ ଜାରି ରହିଛି। ହେଲେ ବର୍ତ୍ତମାନ ଏ ଦିଗରେ ଠୋସ୍ ପଦକ୍ଷେପ ନିଆଯିବ ବୋଲି ଆମେରିକାର ଅର୍ଥନୈତିକ ଅଭିବୃଦ୍ଧି ବିଭାଗ ଅଣ୍ଡର ସେକ୍ରେଟାରି କୈଥ କ୍ରାଚ୍ କହିଛନ୍ତି।

ଆମେରିକା ଏକ ନୂଆ ଯୋଜନା ହାତକୁ ନେବ ବୋଲି ଜଣାଯାଇଛି। ଯେଉଁ କମ୍ପାନୀଗୁଡିକ ଚାଇନା ବାହାରୁ ମାନୁଫାକ୍ଚରିଂ ଏବଂ ସୋର୍ସିଂକୁ ଗୁରୁତ୍ୱ ଦେବେ ସେମାନଙ୍କୁ ଟିକସ ରିହାତି, ସବ୍‌ସିଡି ଭଳି ଅନ୍ୟ ପ୍ରୋତ୍ସାହନ ସୁବିଧା ଦେବାକୁ ବିଚାର ହେଉଛି। ଚାଇନା ବାହାରୁ କିଭଳି ସାମଗ୍ରୀ ଉତ୍ପାଦନ ହେବ ତାକୁ ଆମେରିକା ଏବେ ଧ୍ୟାନରେ ରଖିଛି। ଟ୍ରମ୍ପ ଏବଂ ଚାଇନା ମଧ୍ୟରେ ପୂର୍ବରୁ ବାଣିଜ୍ୟ ନେଇ ତିକ୍ତତା ଲାଗି ରହିଛି। କରୋନା ପାଇଁ ଆମେରିକା ଅର୍ଥ ବ୍ୟବସ୍ଥା ଗଭୀର ପ୍ରଭାବିତ ହୋଇଥିବାରୁ ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଆହୁରି ବିଗିଡ଼ିଛି। ୩୭୦ ବିଲିୟନ ଡଲାରର ଚାଇନା ସାମଗ୍ରୀ ଉପରେ ନୂଆ ଟିକସ ଲାଗୁ କରିବା ଦିଗରେ କାର୍ଯ୍ୟପନ୍ଥା ହାତକୁ ନିଆଯାଉଛି। ଚାଇନାକୁ ଚକମା ଦେବା ଲାଗି ଏହାର ବନ୍ଧୁରାଷ୍ଟ୍ରଗୁଡିକ ନେଇ ଏକ ଇକୋନୋମିକ ପ୍ରସ୍‌ପେରିଟି ନେଟ୍‌ୱର୍କ ଗଠନ ସପକ୍ଷରେ ମଧ୍ୟ ରହିଛି।

ଅଷ୍ଟ୍ରେଲିଆ, ଭାରତ, ଜାପାନ, ନ୍ୟୁଜିଲାଣ୍ଡ, ଦକ୍ଷିଣ କୋରିଆ,ଭିଏତ୍‌ନାମ ଭଳି ଦେଶଗୁଡିକୁ ଏକତ୍ରକରି ବିଶ୍ୱ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଆମେରିକାର ସେକ୍ରେଟାରି ଅଫ୍ ଷ୍ଟେଟସ ମାଇକ ପାମ୍ପେଓ ନିକଟରେ କହିଥିଲେ। ଏ ଦିଗରେ ଲାଟିନ ଆମେରିକା ଦେଶଗୁଡିକ ପ୍ରମୁଖ ଭୂମିକା ନେଇପାରନ୍ତି। ୨୦୧୦ରେ ମାନୁଫାକ୍ଚରିଂ କ୍ଷେତ୍ରରେ ଚାଇନା ଆମେରିକାକୁ ଟପିଯାଇଥିଲା। ଜାତିସଂଘ ଡାଟା ମୁତାବକ ବିଶ୍ୱର ମୋଟ ଉତ୍ପାଦନ ମଧ୍ୟରୁ ଚାଇନାର ଅଂଶ ଏବେ ୨୮% ରହିଛି। ଚାଇନାର ବହୁଳ ଜନସଂଖ୍ୟାକୁ ଦେଖି ଆମେରିକା କମ୍ପାନୀଗୁଡିକ ସେଠାରେ ବହୁଳ ପରିମାଣର ନିବେଶ କରିଛନ୍ତି। ଅନ୍ୟ ସ୍ଥାନକୁ ମାନୁଫାକ୍ଚରିଂ ଫାସିଲିଟି ଉଠାଇବା ସମୟ ସାପେକ୍ଷ ଏବଂ ବହୁଳ ନିବେଶ ପ୍ରସଙ୍ଗ ରହିଥିବାରୁ କମ୍ପାନୀଗୁଡିକ ଲାଗି କଷ୍ଟକର ବୋଲି ଜଣେ ବିଶେଷଜ୍ଞ କହିଛନ୍ତି।

### ଫେକ୍ ନ୍ୟୁଜ ରୋକିବାକୁ ହ୍ୱାଟ୍ସଆପ୍‌ର ପଦକ୍ଷେପ

**ନୂଆଦିଲ୍ଲୀ, ୪।୫:** ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ଫେକ୍ ନ୍ୟୁଜ ବା ମିଥ୍ୟା ସୂଚନାର ପ୍ରସାର ବ୍ୟାପିଛି। ହ୍ୱାଟ୍ସଆପ୍ ଭଳି ଅନ୍ୟ ସୋସିଆଲ ସାଇଟଗୁଡିକରେ ଫେକ୍ ନ୍ୟୁଜ ଫରୱାର୍ଡ ହେଉଥିବା ଦେଖାଯାଉଛି। ଏହାକୁ ବିଚାରକରି ହ୍ୱାଟ୍ସଅପ୍ ପକ୍ଷରୁ ଫେକ୍ ନ୍ୟୁଜ ଫରୱାର୍ଡ ରୋକିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। କମ୍ପାନୀ ଏଥିଲାଗି ଏକ ଚାଟ୍‌ବୁଟ ଶୁଭାରମ୍ଭ କରିଛି। ଫେକ୍ ନ୍ୟୁଜ ଠାବକରିବାରେ ଏହା ସହାୟକ ହୋଇପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଥିଲାଗି କମ୍ପାନୀ ପଲିଣ୍ଟର ଇନ୍‌ଷ୍ଟିଚ୍ୟୁଟର ଫ୍ୟାକ୍ଟ ଚେକିଂ ନେଟ୍‌ୱର୍କ ସହ ଚୁକ୍ତି କରିଛି। ଏହି କମ୍ପାନୀକୁ ହ୍ୱାଟ୍ସଆପ୍ ୧୦ ଲକ୍ଷ ଡଲାର ଗ୍ରାଣ୍ଟ ଭାବେ ପ୍ରଦାନ କରିଛି। ଦୁଇ କମ୍ପାନୀର ମିଳିତ ପ୍ରୟାସରେ ହ୍ୱାଟ୍ସଆପ୍ ପ୍ଲାଟ୍‌ଫର୍ମରେ ମିଥ୍ୟା ଖବର ପ୍ରସାରଣକୁ ରୋକାଯିବା ନେଇ ବଳିଷ୍ଠ ପଦକ୍ଷେପ ହେବ ବୋଲି ବିଶେଷଜ୍ଞ କହିଛନ୍ତି। ଯୋଜନା ଅନ୍ତର୍ଗତ ସାରା ବିଶ୍ୱର ୭୦ ଦେଶରେ ରହିଥିବା ସ୍ୱାଧୀନ ଫ୍ୟାକ୍ଟ ଚେକରଙ୍କୁ ଯୋଡିଯିବ। ଏହି ବ୍ୟକ୍ତିବିଶେଷ ଭୁଲ୍ ସୂଚନାକୁ ଚିହ୍ନଟ କରିବାରେ ଅଗ୍ରଦୂତ ହେବେ।

## ରେକର୍ଡ ନିମ୍ନ ସ୍ତରକୁ ଖସିଲା ମାନୁଫାକ୍ଚରିଂ



**ନୂଆଦିଲ୍ଲୀ, ୪।୫:** ଏପ୍ରିଲରେ ଦେଶର ମାନୁଫାକ୍ଚରିଂ କାର୍ଯ୍ୟକଳାପ ରେକର୍ଡ ନିମ୍ନ ସ୍ତରକୁ ଖସିଯାଇଛି। ଆଇଏଚ୍‌ଏସ୍ ମାର୍କିଟ୍ ଦ୍ୱାରା ପ୍ରକାଶିତ ନିକେଇ ମାନୁଫାକ୍ଚରିଂ ପରଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ ଏପ୍ରିଲରେ ୨୭.୪%କୁ ଖସିଛି। ଏହା ମାର୍ଚ୍ଚରେ ୫୧.୮ ରହିଥିଲା। ୨୦୦୫ ମାର୍ଚ୍ଚ ପରଠାରୁ ଏହା ସବୁଠୁ ନିମ୍ନ ସ୍ତର। ଏହି ସୂଚକାଙ୍କ ବର୍ତ୍ତମାନ ୫୦ ଅଙ୍କ ନିମ୍ନକୁ କେବେ ଖସି ନ ଥିଲା। ମୋଟାମୋଟି ଭାବେ କହିବାକୁ ଗଲେ ମାନୁଫାକ୍ଚରିଂ କାର୍ଯ୍ୟକଳାପ ୩୦ ବର୍ଷ ତଳକୁ ଖସିଛି। କରୋନା ଭାରତ ବଜାରର କାରବାରକୁ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ କରିଥିବା ଆଇଏଚ୍‌ଏସ୍ ମାର୍କିଟର ଇକୋନୋମିଷ୍ଟ ଇଲିୟଟ କେର୍ ସୂଚନା ଦେଇଛନ୍ତି।

# ନିବେଶକଙ୍କ କ୍ଷତି ୫.୮୨ ଲକ୍ଷ କୋଟି

**ନୂଆଦିଲ୍ଲୀ, ୪।୫:** ସୋମବାର ଦେଶର ପୁଞ୍ଜିବଜାର କାରବାର କ୍ଷତିଗ୍ରସ୍ତ ସ୍ଥିତିରେ ରହିଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍‌ସେକ୍ସ ୨୦୦୨ ପଏଣ୍ଟ ଖସିବା ଯୋଗୁ ନିବେଶକଙ୍କ ସମ୍ପତ୍ତିରେ ୫.୮୨ ଲକ୍ଷ କୋଟି ଟଙ୍କା ହ୍ରାସ ହୋଇଥିବା ଦେଖାଯାଇଛି। ସୂଚକାଙ୍କ ୨,୦୦୨. ୨୭ ପଏଣ୍ଟ ବା ୫.୯୪% ଖସିବା ଫଳରେ ୩୧,୭୧୫.୩୫ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଦିନ ମଧ୍ୟରେ ୩୧,୬୩୨.୦୨ ପଏଣ୍ଟ ସ୍ତରକୁ ଖସିଥିବା ନଜରକୁ ଆସିଥିଲା। ଆମେରିକା ଏବଂ ଚାଇନା ମଧ୍ୟରେ ପୁଣି ଥରେ ବାଣିଜ୍ୟ ଯୁଦ୍ଧ ଘନଉଥିବାରୁ ଏହାର ପ୍ରଭାବ ଭାରତୀୟ ଶେୟାର ବଜାର ଉପରେ ପଡ଼ିଛି। ଏଥିଯୋଗୁ ନିବେଶକଙ୍କ ମନୋଭାବରେ ପରିବର୍ତ୍ତନ ଦେଖାଯାଇଛି ବୋଲି ମୋତିଲାଲ ଓସ୍‌ୱାଲ ଫାଇନାନ୍ସିଆଲ ସର୍ଭିସେସ୍



ଲିମିଟେଡ୍‌ର ରିଟେଲ ରିସର୍ଚ୍ଚ ମୁଖ୍ୟ ସିଦ୍ଧାର୍ଥ ଖେମ୍‌କା ସୂଚନା ଦେଇଛନ୍ତି। କରୋନା ବ୍ୟାପିବା ପ୍ରସଙ୍ଗକୁ ବିଚାରକରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଚାଇନା ଉପରେ ବ୍ୟାପାର କଟକଣା ଲାଗୁ କରିବାକୁ ଯାଉଚି। ବିଶେଷ କରି ଟାରିଫ ଉପରେ ଆମେରିକା ନୂଆ ଆଭିମୁଖ୍ୟ ଗ୍ରହଣ କରିବ ବୋଲି ଜଣାପଡିଛି।

ଏହାବାଦ ଘରୋଇ ବଜାର ସ୍ଥିତି ମଧ୍ୟ ଶେୟାର ବଜାରକୁ ପ୍ରଭାବିତ କରିଛି। କମ୍ପାନୀଙ୍କ ତ୍ରୈମାସିକ ଲାଭ ହ୍ରାସ, ଅଟୋ କମ୍ପାନୀଙ୍କ ବିକ୍ରି ଠପ୍, ଲକ୍‌ଡାଉନ ଆଉ ସପ୍ତାହ ବଢିବା ଏବଂ ମାନୁଫାକଚରିଂ କାର୍ଯ୍ୟକଳାପ କମିବା ଯୋଗୁ ଏହା ନିବେଶକଙ୍କ ଉପରେ ପ୍ରଭାବ ପକାଇଛି। ଆଇସିଆଇସିଆଇ ବ୍ୟାଙ୍କ, ବଜାଜ ଫାଇନାନ୍ସ, ଏଚ୍‌ଡିଏଫ୍‌ସି ଏବଂ ଇଣ୍ଡସଇଣ୍ଡ ବ୍ୟାଙ୍କର ଶେୟାର କାରବାର ଏହି ସମୟରେ ସବୁଠାରୁ କ୍ଷତିଗ୍ରସ୍ତ ହୋଇଛି। ବିଏସ୍‌ଇ ଇଣ୍ଡେକ୍ସରେ ଭାରତୀ ଏୟାରଟେଲ ଏବଂ ସନ୍‌ଫାର୍ମାର କାରବାର କେବଳ ଉନ୍ନତ ରହିଛି। ଫାଇନାନ୍ସ, ବ୍ୟାଙ୍କ, ମେଟାଲ, କଞ୍ଜ୍ୟୁମର ଡ୍ୟୁରେବଲ, ରିୟଲିଟି ଏବଂ ଅଟୋସେକ୍ଟର ଶେୟାର ୮.୨୬% କମିଛି।

## ଖେଳ ଖବର

### ଫ୍ରିଜ୍ ଜିତିଲେ ‘ଷ୍ଟେ ଆଟ୍ ହୋମ୍ ସ୍ଲାମ୍’



**ଲସ୍‌ଏଞ୍ଜେଲ୍ସ, ୪।୫ (ଏଏଫ୍‌ପି):** ଯୁକ୍ତରାଷ୍ଟ୍ର ଆମେରିକାର ଭୋକିଲା ଶିଶୁମାନଙ୍କ ଲାଗି ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ ଷ୍ଟାର ଖେଳାଳିମାନଙ୍କୁ ନେଇ ଆୟୋଜିତ ଏକ ଅନ୍‌ଲାଇନ୍ ଟେନିସ୍ ଟୁର୍ନାମେଣ୍ଟରୁ ୧ ନିୟୁତ ଡଲାର ଆୟ ହୋଇପାରିଛି। ଏଥିରେ ସେରେନା ୱିଲିୟମ୍ସ ଓ ମାରିଆ ଶାରାପୋଭାଙ୍କୁ ପଛରେ ପକାଇ ଆମେରିକାର ଟେଲର ଫ୍ରିଜ୍ ବିଜୟ ଲାଭ କରିଛନ୍ତି। ବିଶ୍ୱର ୨୪ ନମ୍ବର ମାନ୍ୟତାପ୍ରାପ୍ତ ଫ୍ରିଜ୍ ଓ ସୋସିଆଲ ମିଡିଆ ଷ୍ଟାର ଆଡିସନ ରେ’ ଜାପାନର କେଇ ନିଶିକୋରୀ ଏବଂ ଡିଜେ ଷ୍ଟିଭ୍ ଆକୋଇଙ୍କୁ ପରାସ୍ତ କରି ‘ଷ୍ଟେ ଆଟ୍ ହୋମ୍ ସ୍ଲାମ୍’ ଟାଇଟଲ ଜିତିଛନ୍ତି। କରୋନା ଭାଇରସ ଯୋଗୁ ଖେଳାଳିମାନେ ଏବେ ଗୃହାବଦ୍ଧ ଥିବାରୁ ଭେନସ ୱିଲିୟମ୍ସ ଓ ନାଓମି ଓସାକାଙ୍କ ସମେତ ଅନ୍ୟ ଟେନିସ ଖେଳାଳିମାନେ ସେମାନଙ୍କ ଘରେ ରହି ଏବଂ ମଡେଲ ଗିଗି ହାଦିଦ୍ ଓ ହେଲି ବିବର ମଧ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଜନ୍ ମ୍ୟାକ୍‌ନ୍‌ରୋ କମେଣ୍ଟ୍ରି କରିଥିଲେ। ପ୍ରକୃତ ମ୍ୟାଚ ଖେଳିବା ଅପେକ୍ଷା ଏହି ଚ୍ୟାରିଟି ମ୍ୟାଚରେ ସେ ଅଧିକ ନର୍ଭସ ଅନୁଭବ କରିଥିବା ଫ୍ରିଜ୍ ପ୍ରକାଶ କରିଛନ୍ତି। ଫ୍ରିଜ୍ ଓ ରେ’ ସେମାନଙ୍କ ପୁରସ୍କାର ରାଶିକୁ ‘ନୋ କିଡ୍ ହଙ୍ଗ୍ରି’ ଚ୍ୟାରିଟିକୁ ପ୍ରଦାନ କରିଥିଲେ। ଏହି ସଂସ୍ଥା ଯୁକ୍ତରାଷ୍ଟ୍ର ଆମେରିକାରେ ଖାଦ୍ୟ ପାଇଁ ସଂଘର୍ଷ କରୁଥିବା ପିଲାମାନଙ୍କ ଥଇଥାନ କ୍ଷେତ୍ରରେ କାର୍ଯ୍ୟ କରୁଛି।

# ଭାରତ ପାଇଁ ସୁଯୋଗ: ମିଥାଲି

**ନୂଆଦିଲ୍ଲୀ, ୪।୫**

ଆସନ୍ତା ବର୍ଷ ପ୍ରାରମ୍ଭରେ ମହିଳା କ୍ରିକେଟ ବିଶ୍ୱକପ ଅନୁଷ୍ଠିତ ହେବ। ମାତ୍ର କୋଭିଡ୍–୧୯ ଯୋଗୁ ଏହି ମେଗା ଇଭେଣ୍ଟ ପାଇଁ କୌଣସି ଦଳ ପ୍ରସ୍ତୁତି ଆରମ୍ଭ କରିପାରି ନାହାନ୍ତି। ତେଣୁ ଆଗାମୀ ଟୁର୍ନାମେଣ୍ଟ ପାଇଁ କୌଣସି ଦଳ ଫେଭରାଇଟ ନୁହନ୍ତି, ପ୍ରତିଯୋଗିତା ସମସ୍ତଙ୍କ ପାଇଁ ଓପନ ରହିବ ବୋଲି ଅନୁଭବ କରୁଛନ୍ତି ଭାରତୀୟ ଦଳର ଅଧିନାୟିକା ମିଥାଲି ରାଜ। ‘‘ଏବେ ଟ୍ରେନିଂ ବନ୍ଦ, ଜିମ୍‌କୁ ଯିବା ମଧ୍ୟ ମନା। ତେଣୁ ୨୦୨୧ ଆଇସିସି ମହିଳା ବିଶ୍ୱକପ ପାଇଁ କେହି ଫେଭରାଇଟ ବିବେଚିତ ହେବେନାହିଁ। ତେଣୁ ଭାରତ ପାଇଁ ମଧ୍ୟ ସୁଯୋଗ ରହିବ’’ ବୋଲି ମିଥାଲି କହିଛନ୍ତି। ୨୦୧୭ ବିଶ୍ୱକପର ଫାଇନାଲରେ ଭାରତ ଦୁର୍ଭାଗ୍ୟଜନକଭାବେ ଇଂଲଣ୍ଡଠାରୁ



ହାରିଯାଇଥିଲା। ଏଥର କିନ୍ତୁ ଦଳ ପୂର୍ବାପେକ୍ଷା ଶକ୍ତିଶାଳୀ। ‘‘ଆମକୁ ଏବେ କୌଣସି ଦଳ ହାଲ୍‌କାଭାବେ ନେଇ ପାରିବେ ନାହିଁ। କ୍ରମାଗତଭାବେ ଆମେ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକୁ ହରାଇ ଆସୁଥିବାରୁ ଖେଳାଳିଙ୍କ ଆତ୍ମବିଶ୍ୱାସ ବଢ଼ିଛି। ଆମେ ମଧ୍ୟ ଯେ କୌଣସି ଦଳକୁ ହରାଇ ପାରିବା ହୃଦ୍‌ବୋଧ ହୋଇଛି’’ ବୋଲି ମିଥାଲି ପ୍ରକାଶ କରିଛନ୍ତି।

**୨୦୨୧ ମହିଳା କ୍ରିକେଟ ବିଶ୍ୱକପ**

ଆୟୋଜକ ନ୍ୟୁଜିଲାଣ୍ଡ ସମେତ ଆଇସିସି ମହିଳା ଚାମ୍ପିୟନଶିପ୍‌ର ଶ୍ରେଷ୍ଠ ୪ ଦଳଭାବେ ଭାରତ ସ୍ୱାଭାବିକଭାବେ ବିଶ୍ୱକପ ଯୋଗ୍ୟତା ହାସଲ କରିଛି। ଭାରତ ୨୦୦୫ ଓ ୨୦୧୭ରେ ଫାଇନାଲରେ ପ୍ରବେଶ କରିଥିଲେ ହେଁ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲା। ନିଜ ନେତୃତ୍ୱରେ ଭାରତକୁ ବିଶ୍ୱକପ ଜିତାଇବାକୁ ଚାହାନ୍ତି ମିଥାଲି। ଟି୨୦ କ୍ରିକେଟରୁ ଅବସର ନେଇ ସେ କେବଳ ଏକଦିବସୀୟ କ୍ରିକେଟ ଉପରେ ଫୋକସ କରୁଛନ୍ତି। ଗୋଟିଏ ଫର୍ମାଟରେ ଖେଳୁଥିବାରୁ ଟୁର୍ନାମେଣ୍ଟ ପାଇଁ ଫିଟ୍‌ନେସ ବଜାୟ ରଖିବା କେତେ ଗୁରୁତ୍ୱପୂର୍ଣ୍ଣ ତାହା ସେ ଭଲଭାବେ ଜାଣନ୍ତି। ‘‘ ମୋ ବୟସରେ ଫିଟ୍‌ନେସ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ନିଜ ଉପରେ ମୋ ଭରସା ରହିଛି। ଏବେ ମଧ୍ୟ ଅନେକ କିଛି କରିବାର ମନୋବଳ ମୋ ନିକଟରେ ଅଛି। ରିଦିମ ପାଇଁ ମୁଁ କିଛି ସେସନ ଅଭ୍ୟାସ ଆବଶ୍ୟକ କରୁଛି’’ ବୋଲି ମିଥାଲି ପ୍ରକାଶ କରିଛନ୍ତି। ୨୦୧୭ ବିଶ୍ୱକପର ଫାଇନାଲରେ ଇଂଲଣ୍ଡ ୭ ଉଇକେଟ ହରାଇ ୨୨୮ରନ କରିଥିବାବେଳେ ଭାରତ ୪୮.୪ ଓଭରରେ ୨୧୯ ରନରେ ଅଲଆଉଟ ହୋଇ ମାତ୍ର ୯ ରନରେ ପରାଜିତ ହୋଇଥିଲା।

### କରାଟେ ଆସୋସିଏଶନ ଅଫ୍ ଇଣ୍ଡିଆର ଫିଟ୍‌ନେସ ପ୍ରତିଯୋଗିତା

**ଭୁବନେଶ୍ୱର, ୪।୫ (କ୍ରୀଡ଼ା ପ୍ରତିନିଧି):** ଲକ୍‌ଡାଉନ୍ ପାଇଁ କରାଟେକାମାନେ ଟ୍ରେନିଂ ସେଣ୍ଟରକୁ ଆସିପାରୁ ନହାନ୍ତି। ଫିଟ୍‌ନେସ ବଜାୟ ରଖିବା ଏମାନଙ୍କ ଲାଗି କଷ୍ଟକର ହୋଇଛି। ଏଥିଲାଗି କରାଟେ ଆସୋସିଏଶନ ଅଫ ଇଣ୍ଡିଆ ଅନୁମୋଦନକ୍ରମେ ଉତ୍କଳ କରାଟେ ସ୍କୁଲ ପକ୍ଷରୁ ଏକ ଜାତୀୟ ଫିଟ୍‌ନେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ ପର୍ଯ୍ୟାୟରେ ‘ପୁଶ୍–ଅପ୍’ ଏବଂ ‘ଜମ୍ପ ନି ଟୁ ଚେଷ୍ଟ’ ପ୍ରତିଯୋଗିତା କରାଯାଇଛି। ମହିଳା, ପୁରୁଷ, ବାଳିକା ଓ ବାଳକ ବିଭାଗରେ ୩୫୦ କରାଟେକା ଭାଗ ନେଇଥିଲେ। ପ୍ରଥମ ୩ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୧୦୦୦, ୭୫୦ ଓ ୫୦୦ ଟଙ୍କାର ପୁରସ୍କାର ଦିଆଯାଇଥିଲା। ପ୍ରତିଯୋଗିତା ଏବଂ ପୁରସ୍କାର ରାଶି କରାଟେକାଙ୍କୁ ପ୍ରୋତ୍ସାହିତ କରିବ ବୋଲି ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।

**ପୁରସ୍କାର ବିଜେତା**

ପୁଶ୍‌ଅପ୍–ମହିଳା: ୧–ଅନୁପମା ସ୍ୱାଇଁ, ୨–ପ୍ରିୟଦର୍ଶନୀ, ୩–ଗୌରୀ ମହାନ୍ତି । ପୁରୁଷ: ୧–ରଜନୀ ବିଶି, ୨–ଦୀପକ ଗୋପାଳ, ୩–ରାଜୀବ, ମହେଶ, ଦୀପକ ଓ କୃଷ୍ଣଚନ୍ଦ୍ର । ବାଳିକା: ୧–ମଧୁପ୍ରିୟା, ୨–ଅରିନଜିତା, ୩–ସାହିନୁର । ବାଳକ: ୧–ୟସୁ, ୨–ଅମିୟ ବିଶ୍ୱାସ, ୩– ଯୁବରାଜ । ନି ଟୁ ଚେଷ୍ଟ–ମହିଳା: ଈପ୍‌ସିତା ଶ, ଅନୁପମା ସ୍ୱାଇଁ, ଅନନ୍ୟା । ପୁରୁଷ: ୧–ଶୀତଲ ଟପ୍ପୋ, ୨–କୃଷ୍ଣ ମହାରଣା, ପ୍ରୀତମ ଦାସ । ବାଳିକା: ୧–ପ୍ରତୀକ୍ଷା, ୨–ବିଧିତା ରୟ, ୩–ବ୍ରତୀ ପରୀକ୍ଷା । ବାଳକ: ୧–ଶିବମ୍ ପୋଦ୍ଦାର, ୨–ନିଖିଲ ଦାସ, ୩–ଆର୍ଯ୍ୟନ ରାଉତ ।

## ଚହଲଙ୍କୁ ମୁସ୍ତାକ ଅହମ୍ମଦଙ୍କ ପରାମର୍ଶ

**ନୂଆଦିଲ୍ଲୀ, ୪।୫ (ପି.ଟି.):** ବର୍ତ୍ତମାନ ଅନ୍ତର୍ଜାତୀୟ କ୍ରିକେଟରେ ଶ୍ରେଷ୍ଠ ଲେଗ୍ ସ୍ପିନରଙ୍କ ମଧ୍ୟରେ ଯୁଜବେନ୍ଦ୍ର ଚହଲ ଅନ୍ୟତମ ବୋଲି କହିଛନ୍ତି ପୂର୍ବତନ ପାକିସ୍ତାନ ସ୍ପିନର ମୁସ୍ତାକ ଅହମ୍ମଦ। ହ୍ୱାଇଟ୍ ବଲ୍ କ୍ରିକେଟରେ ଚହଲଙ୍କ ବ୍ୟତୀତ ଅନ୍ୟ ଦୁଇ ଜଣ ଶ୍ରେଷ୍ଠ ସ୍ପିନ୍ ବୋଲର ହେଲେ ଅଷ୍ଟ୍ରେଲିଆର ଆଡାମ ଜାମ୍ପା ଓ ପାକିସ୍ତାନର ଶାଦାବ ଖାଁ। ଚହଲ ଯଦି କ୍ରିଜ୍‌ରେ ଅଧିକ ଉପଯୋଗ କରିବେ ଅଧିକ ଫଳପ୍ରଦ ସାବ୍ୟସ୍ତ ହୋଇପାରିବେ। ଅହମ୍ମଦ ବିଶ୍ୱବ୍ୟାପୀ ଅନେକ ଦେଶରେ ବୋଲିଂ କୋଚ୍ ଭାବେ କାର୍ଯ୍ୟ କରିସାରିଛନ୍ତି। ବର୍ତ୍ତମାନ ନିଜ ଦେଶରେ ପରାମର୍ଶଦାତା ଅଛନ୍ତି। ସେ କହିଛନ୍ତି ଚହଲ ଓ କୁଲଦୀପ ଯାଦବଙ୍କ ଯୋଗୁ ଭାରତ ସୀମିତ ଓଭର କ୍ରିକେଟରେ ମିଡ୍‌ଲ ଓଭରଗୁଡ଼ିକରେ ଉଇକେଟ ହାସଲ କରିବାରେ ସଫଳ ହୋଇପାରୁଛି। ୨୦୧୭ ଚାମ୍ପିୟନ୍ସ ଟ୍ରଫି ପରେ ଏହି ଦୁଇ ରିଷ୍ଟ ସ୍ପିନର ଭାରତର ସୀମିତ ଓଭର ସେଟ୍‌ଅପ୍‌ରେ ସ୍ଥାନ ପାଇଛନ୍ତି। ଚହଲ ଓ କୁଲଦୀପଙ୍କୁ ବିଳମ୍ବରେ ଦଳରେ ଏକାଠି ଖେଳାଳିବାରେ ଅବଶ୍ୟ ବିଳମ୍ବ ଘଟିଛି। ପିଚ୍‌ର ଲକ୍ଷଣକୁ ଅନୁଧ୍ୟାନ କରି ବୋଲିଂ କରିବାକୁ



ହୋଇଥାଏ। ବେଳେ ବେଳେ ଚହଲଙ୍କ ବଲ୍ କ୍ରିଜରେ ୱାଇଡ୍ ହୋଇ ଯାଇଥାଏ। ଏକ ଫ୍ଲାଟ୍ ପିଚ୍‌ରେ ଷ୍ଟମ୍ପକୁ ଷ୍ଟମ୍ପ ବୋଲିଂ କରିବାକୁ ହୋଇଥାଏ ବୋଲି ପାକିସ୍ତାନର ଅନ୍ୟତମ ଶ୍ରେଷ୍ଠ ସ୍ପିନର ମୁସ୍ତାକ କହିଛନ୍ତି। ବଲ୍ ଯଦି ଭଲରୂପେ ଗ୍ରିପିଂ କରିହେଉଛି ୱାଇଡ୍ ଅଫ୍ ଦି କ୍ରିଜ୍ ବୋଲିଂ କରିହେବ। ଏହାଦ୍ୱାରା ଶ୍ରେଷ୍ଠ ବ୍ୟାଟ୍ସମ୍ୟାନମାନଙ୍କୁ ଅସୁବିଧାରେ ପକାଇ ପାରିବ। ସେତେବେଳେ ଗୁଗ୍‌ଲି ପକାଇଲେ ବଲ୍ ସେତେଟା ଟର୍ନ କରି ନ ଥାଏ ଯାହା ଜଣେ ବ୍ୟାଟ୍ସମ୍ୟାନ ଆଶା କରିଥାଏ। ଚହଲ ଇତିମଧ୍ୟରେ ୫୨ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳି ୨୫.୮୩ ଆଭରେଜରେ ୯୧ ଉଇକେଟ ଅକ୍ତିଆର କରିସାରିଛନ୍ତି। ସେହିପରି ୨୪.୩୪ ଆଭରେଜରେ ୪୨ ଟି୨୦ ମ୍ୟାଚରେ ୫୫ ଉଇକେଟ ନେଇ ସାରିଛନ୍ତି।

### ୨୦ ଲକ୍ଷ ଟଙ୍କା ସଂଗ୍ରହ କଲା ଭାରତୀୟ ମହିଳା ହକି ଦଳ

**ବେଙ୍ଗାଲୁରୁ, ୪।୫ (ପି.ଟି.):** କୋଭିଡ୍–୧୯ ମହାମାରୀ ଦ୍ୱାରା ପ୍ରଭାବିତ ହୋଇଥିବା ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଭାରତୀୟ ମହିଳା ହକି ଦଳ ୨୦ ଲକ୍ଷ ଟଙ୍କାର ପାଣ୍ଠି ସଂଗ୍ରହ କରିଛି। ୧୮ ଦିନ ଧରି ହୋଇଥିବା ଏକ ଫିଟ୍‌ନେସ ଚ୍ୟାଲେଞ୍ଜ୍ ମଧ୍ୟମରେ ଦଳ ଏହି ପାଣ୍ଠି ସଂଗ୍ରହ କରିଛି। ମେ ୩ରେ ଏହି ଫିଟ୍‌ନେସ ଚ୍ୟାଲେଞ୍ଜ୍ ଶେଷ ହୋଇଥିଲା। ଏହା ଦ୍ୱାରା ୨୦, ୦୧, ୧୩୦ ଟଙ୍କା ସଂଗ୍ରହ କରାଯାଇଛି। ଦିଲ୍ଲୀର ଏକ ଏନ୍‌ଜିଓ ‘ଉଦୟ ଫାଉଣ୍ଡେଶନ’କୁ ଏହି ଅର୍ଥ ଦିଆଯାଇଛି। ପ୍ରବାସୀ ଶ୍ରମିକ, ବସ୍ତି ବାସିନ୍ଦା, ରୋଗୀଙ୍କ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯିବ। ଏହି ଫିଟ୍‌ନେସ ଚ୍ୟାଲେଞ୍ଜ୍ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଥିଲା। ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଭାରତୀୟ ହକି ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିଥିଲେ ଓ ଅର୍ଥ ଦାନ କରିଥିଲେ। ଭାରତୀୟ ଦଳ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ବୋଲି ଅଧିନାୟିକା ରାନୀ ରାମପାଲ କହିଛନ୍ତି। ପ୍ରତ୍ୟେକ ଦିନ ଜଣେ ଖେଳାଳି ଏକ ନୂଆ ଚ୍ୟାଲେଞ୍ଜ୍ ଦେଇଥାନ୍ତି। ସୋସିଆଲ ମିଡିଆରେ ଖେଳାଳି ନିଜ ହ୍ୟାଣ୍ଡଲରେ ୧୦ଜଣ ଲୋକଙ୍କୁ ଟ୍ୟାଗ୍ କରିଥାନ୍ତି, ଚ୍ୟାଲେଞ୍ଜ୍ ଗ୍ରହଣ କରିବାକୁ ଓ ୧୦୦ ଟଙ୍କା ଦାନ କରିବାକୁ ୧୦ଜଣଙ୍କୁ ଆହ୍ୱାନ ଦେଇଥାନ୍ତି।

## ମ୍ୟାଗ୍ନସ କାର୍ଲସେନ ଚାମ୍ପିୟନ

**ଓସୋଲୋ,୪।୫**

ସର୍ବପ୍ରଥମ ମ୍ୟାଗ୍ନସ କାର୍ଲସେନ ଆମନ୍ତ୍ରଣୀୟ ଚେସ୍ ଟୁର୍ନାମେଣ୍ଟ ଏପ୍ରିଲ ୧୮ରୁ ମେ ୩ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶକ୍ତିଶାଳୀ ଅନ୍‌ଲାଇନ୍ ଟୁର୍ନାମେଣ୍ଟରେ ନରୱେ ଗ୍ରାଣ୍ଡମାଷ୍ଟର କାର୍ଲସେନ ନିଜେ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେ ଗ୍ରାଣ୍ଡମାଷ୍ଟର ହିକାରୁ ନାକାମୁରାଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱଚାମ୍ପିୟନ

**ଆମନ୍ତ୍ରଣୀୟ ଅନ୍‌ଲାଇନ୍ ଚେସ୍**

କାର୍ଲସେନ ନିଜେ ଏହି ଟୁର୍ନାମେଣ୍ଟ ଆୟୋଜନ କରିଥିଲେ। ଏଥିରେ ବିଶ୍ୱର ଶକ୍ତିଶାଳୀ ୮ ଗ୍ରାଣ୍ଡମାଷ୍ଟର ଅଂଶଗ୍ରହଣ କରିଥିଲେ। ଚାମ୍ପିୟନ ହେବା ଫଳରେ କାର୍ଲସେନ ୨୫୦,୦୦୦ ଡଲାର ପୁରସ୍କାର ରାଶି ହାସଲ କରିଛନ୍ତି । ଏଥିରେ ଭାଗ ନେଇଥିବା ଅନ୍ୟ ଗ୍ରାଣ୍ଡମାଷ୍ଟରମାନେ ହେଲେ ଆମେରିକାର ଫାବିଆନୋ କାରୁଆନା, ଚାଇନାର ଲିରେନ ଡିଙ୍ଗ୍, ରୁଷିଆନ ଇଆନ ନେପୋମନିଆଚି, ଫ୍ରାନ୍ସର ମାକ୍ସିମ ଭାଚିଏର–



ଲାଗ୍ରାଭେ, ନେଦରଲାଣ୍ଡ୍ସର ଅନିଶ ଗିରି, ଆମେରିକାର ହିକାରୁ ନାକାମୁରା ଏବଂ ଫିଡେ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଇରାନର ଆଲିରେଜା ଫିରୋଉଜା। ପ୍ରଥମ ପର୍ଯ୍ୟାୟରେ ଅନେକ ପ୍ରଶଂସକଙ୍କ ନଜର ଆଲିରେଜାଙ୍କ ଉପରେ ରହିଥିଲା। କାରଣ ଏହି ଇଭେଣ୍ଟର କିଛିଦିନ ପୂର୍ବରୁ ୧୨୮ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ବେଷ୍ଟର ବ୍ଲିଜ୍ କପ୍‌ରେ ଆଲିରେଜା ୮.୫–୭.୫ ପଏଣ୍ଟରେ କାର୍ଲସେନଙ୍କୁ ପରାସ୍ତ କରିଥିଲେ ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ